ବର୍ଷ-୫୩ : ସଂଖ୍ୟା-୪ ଏପ୍ରିଲ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ସତର୍କତା | ... | ଶ୍ରୀମା | ... | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ଷୋଡ଼ଶ ଅଧ୍ୟାୟ) | | | | |
| ଅଧ୍ୟାତ୍ମ୍ କର୍ମର ପରିପୂର୍ଣ୍ଣତା | ... | ଶେଖ ଅବଦୁଲ କାଶମ | ... | ୭ |
| ଅନନ୍ୟା (କବିତା) | ... | ଝରଣା ଘୋଷାଲ | ... | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୫) | ... | ... | ... | ୧୧ |
| ପାଠଚକ୍ର ଓ ଛାତ୍ର-ସମାଜ ସମ୍ବନ୍ଧରେ ପ୍ରଶ୍ନୋତ୍ତର | ... | ରାମକୃଷ୍ଣ ଦାସ | ... | ୧୫ |
| ମୁକ୍ତ ଜୀବନ (କବିତା) | ... | ସନ୍ତୋଷ ରଥ | ... | ୧୮ |
| ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ | ... | ପ୍ରପତ୍ତି | ... | ୧୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୨ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୭) | ... | ସାହାନା ଦେବୀ | ... | ୨୫ |
| ସମତା ସମ୍ପର୍କରେ (୧) | ... | କୁମାର ଚନ୍ଦ୍ର ମିଶ୍ର | ... | ୨୭ |
| କବି ନିଶିକାନ୍ତ (୧୯) | ... | ... | ... | ୩୪ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୨୧) | ... | ଗୟାଧର ଦାଶ | ... | ୪୦ |
| ଅଭିସାର (କବିତା) | ... | ମଦନ ମୋହନ ପ୍ରଧାନ | ... | ୪୨ |
| ନବଜୀବନ ଶିକ୍ଷା ସଂସଦ | ... | ପ୍ରସାଦ ତ୍ରିପାଠୀ | ... | ୪୩ |
| ଗତକାଲି ଓ ଆଜି | ... | କାଲିଲ୍ ଜିବ୍ରାନ୍ | ... | ୪୬ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ମୃତ୍ୟୁ-ପ୍ରାଙ୍ଗଣର ଶେଷବଳି | ... | ମନୋଜ ଦାସ | ... | ୪୯ |
| ତୁଷାର କଣା ଓ ଲାଲ ଗୋଲାପ | ... | ... | ... | ୫୧ |
| ଅମାୟିକ ଅଥଚ ଦୃଢ଼ପ୍ରତିଜ୍ଞ ଭୋଲେଶ୍ୱର ବାବୁ | ... | ଗୋପାଳଚନ୍ଦ୍ର ମାହାନା | ... | ୫୫ |
| ''ଜୀବନ ପାତ୍ର ମୋ ଭରିଛ କେତେ ମତେ...'' | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଥରେ ତୁମ ପରମ ପ୍ରଜ୍ଞା ରାଜ୍ୟର ପ୍ରବେଶ ଦ୍ୱାରକୁ ଅତିକ୍ରମ କରିବା ପରେ, ଯେତେ ଥର ମାନସ ଜଗତକୁ ପ୍ରତ୍ୟାବର୍ତ୍ତନ କଲେ ତହିଁ ଜଣକ ଭିତରେ ଆସୁଥିବା ପ୍ରତ୍ୟେକ ଭାବନା ଆଶ୍ଚର୍ଯ୍ୟଜନକ ଏବଂ ଅପରିମେୟ ସମସ୍ୟା ରୂପେ ପ୍ରତୀୟମାନ ହୁଏ – ଯାହା ପୂର୍ବରୁ ଥାଏ ସ୍ୱପ୍ନାତୀତ ।

ଉର୍ଦ୍ଧ୍ୱରେ, କୌଣସି ପ୍ରଶ୍ନର ଅବକାଶ ନଥାଏ; ସେ ପ୍ରଶାନ୍ତ ନୀରବତାରେ ସବୁକିଛି ଶାଶ୍ୱତ କାଳାବଧି ଜ୍ଞାତ । ନିମ୍ନରେ, ସବୁକିଛି ଅଭିନବ, ଅଜ୍ଞାତ, ଅପ୍ରତ୍ୟାଶିତ ।

ଏବଂ ଏକ ଏକକ ଚେତନାରେ ଏ ଉଭୟର ମିଳନ ଆଣିଦିଏ ଏକ ଆଶ୍ଚାମୟ ବିସ୍ମୟାନୁଭବ, ଯାହା ଶାନ୍ତି ଓ ଆଲୋକ ଏବଂ ଆନନ୍ଦର ଉତ୍ସ ।

ଏପ୍ରିଲ ୯, ୧୯୧୭ — ଶ୍ରୀମା



My children,

We are united towards the same goal and for the same accomplishment – for a work unique and new, that the divine Grace has given us to accomplish. I hope that more and more you will understand the exceptional importance of this work and that you will sense in yourselves the sublime joy that the accomplishment will give you.

The divine force is with you – feel its presence more and more and be careful never to betray it.

Feel, wish, act, that you may be new beings for the realisation of a new world and for this my blessings shall always be with you.

*24 April 1961* – The Mother

ମୋର ସନ୍ତାନଗଣ,

ଏକହିଁ ଲକ୍ଷ୍ୟ ଦିଗରେ, ଏକହିଁ କର୍ମ ସମ୍ପାଦନ ନିମିତ୍ତ ଆମେମାନେ ଐକ୍ୟବଦ୍ଧ ହୋଇଛେ – ସେ କର୍ମଟି ଦିବ୍ୟକୃପା ଆମମାନଙ୍କୁ ସଂପାଦନ କରିବା ନିମନ୍ତେ ପ୍ରଦାନ କରିଛି, ଯାହା ଏକ ଅଦ୍ୱିତୀୟ ଏବଂ ନୂତନ କର୍ମ । ମୁଁ ଆଶା କରୁଛି ଏଇ କର୍ମର ଅସାଧାରଣ ଗୁରୁତ୍ୱକୁ ତୁମେମାନେ ଅଧିକରୁ ଅଧିକ ହୃଦୟଙ୍ଗମ କରିବ ଏବଂ ଏହି କର୍ମ ସମ୍ପାଦନ ଫଳରେ ଯେଉଁ ମହାନ୍ ଆନନ୍ଦ ମିଳିବ ତାହାକୁ ତୁମେମାନେ ଆପଣା ଅନ୍ତରରେ ଅନୁଭବ କରିବ ।

ଦିବ୍ୟଶକ୍ତି ତୁମମାନଙ୍କ ସହିତ ରହିଛି – ଏହାର ଉପସ୍ଥିତିକୁ ଅଧିକରୁ ଅଧିକ ଅନୁଭବ କର ଏବଂ ଏହାକୁ କେବେ ବି ପ୍ରତାରିତ ନ କରିବାକୁ ସାବଧାନ ରୁହ ।

ଅନୁଭବ କର, ଇଚ୍ଛା କର ଓ କାର୍ଯ୍ୟ କର ଯେପରି ଏକ ନୂତନ ଜଗତର ଉପଲବ୍‌ଧି ନିମନ୍ତେ ତୁମେମାନେ ହୋଇପାର ନୂତନ ସତ୍ତା ଏବଂ ସେଥିପାଇଁ ମୋର ଆଶୀର୍ବାଦ ତୁମମାନଙ୍କ ସହ ନିରନ୍ତର ରହିବ ।

୨୪ ଏପ୍ରିଲ, ୧୯୬୧ – ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୫)

## ଶ୍ରୀଅରବିନ୍ଦ

A prudent treasurer of its ignorance,
It shrinks from adventure,
blinks at glorious hope,
Preferring a safe foothold upon things
To the dangerous joy of wideness and of height.

ଆପଣା ଅଜ୍ଞାନର ଏକ ସାବଧାନୀ ଭଣ୍ଡାର ରକ୍ଷକ, ଦୁଃସାହସିକ ଅଭିଯାନରୁ ଶଙ୍କିତ ହୋଇ ସେ ହଟି ଆସେ, ଗୌରବୋଜ୍ଜ୍ୱଳ ଆଶାକୁ ସହି ନପାରି ପଲକପାତ କରେ, ବିସ୍ତୃତି ଓ ଉଚ୍ଚତାର ବିପଦସଙ୍କୁଳ ଆନନ୍ଦ ଅପେକ୍ଷା ବସ୍ତୁସକଳ ଉପରେ ଏକ ନିର୍ବିଘ୍ନ ସୁରକ୍ଷିତ ସ୍ଥିତିକୁ ଅଗ୍ରାଧିକାର ଦିଏ ।

The world's slow impressions
on its labouring mind,
Tardy imprints almost indelible,
Increase their value by their poverty;
The old sure memories are its capital stock:
Only what sense can grasp seems absolute:
External fact it figures as sole truth,
Wisdom identifies with the earthward look,
And things long known and actions always done
Are to its clinging hold a balustrade
Of safety on the perilous stair of Time.

ତାହାର ଶ୍ରମରତ ମନ ଉପରେ ଜଗତର ମନ୍ଥର ଛାପମାନ, ପ୍ରାୟଶଃ ଅଲିଭା ଧୀର ମୁଦ୍ରାଙ୍କନଚୟ, ସେସବୁର ନିଃସ୍ୱତାହିଁ ବଢ଼ାଉ ଥାଏ ସେଗୁଡ଼ିକର ମୂଲ୍ୟ; ପୁରାତନ ସୁନିଶ୍ଚିତ ସ୍ମୃତିରାଜି ତା'ର ପୁଞ୍ଜି : ଯାହା କେବଳ ଇନ୍ଦ୍ରିୟ ଅଧିଗମ୍ୟ ତାହାହିଁ ନିଃସନ୍ଦିଗ୍ଧ ବୋଲି ପ୍ରତୀୟମାନ ହୁଏ : ବାହ୍ୟ ଘଟଣାକୁ ସେ ଧରିନିଏ ଏକମାତ୍ର ସତ୍ୟ ରୂପେ, ପୃଥ୍ୱୀମୁଖୀ ଦୃଷ୍ଟି ସହିତ ପ୍ରଜ୍ଞାର ଅଭିନ୍ନତା ପ୍ରତିପାଦନ କରେ, ଏବଂ ବହୁ ପୂର୍ବରୁ ଜ୍ଞାତ ବସ୍ତୁସକଳ ଓ ନିୟତ କୃତ କର୍ମାବଳୀକୁ ସେ ମହାକାଳର ବିପଜ୍ଜନକ ସୋପାନଶ୍ରେଣୀ ଉପରେ ନିରାପତ୍ତାର ଏକ ଆଶ୍ରୟଦଣ୍ଡ ରୂପେ ଜାବୁଡ଼ି ଧରେ ।

Heaven's trust to it are the
established ancient ways,
Immutable laws man has no right to change,
A sacred legacy from the great dead past
Or the one road that God has made for life,
A firm shape of Nature never to be changed,
Part of the huge routine of the universe.

ତା' ପାଇଁ ସ୍ୱର୍ଗର ଆସ୍ଥା (ଅର୍ଥାତ୍ ଭଗବାନଙ୍କ ଉପରେ ନିର୍ଭର) ହେଉଛି ସୁପ୍ରତିଷ୍ଠିତ ପ୍ରାଚୀନ ଧାରାସକଳ, ଅଟଳ ନିୟମାବଳୀ ଯାହାର ପରିବର୍ତ୍ତନ ମଣିଷର ଅଧିକାରଭୁକ୍ତ ନୁହେଁ, ମହାନ୍ ମୃତ ଅତୀତରୁ ପ୍ରାପ୍ତ ଏକ ପବିତ୍ର ଉତ୍ତରାଧିକାର, ଅଥବା ଜୀବନ ପାଇଁ ଈଶ୍ୱର ପ୍ରସ୍ତୁତ କରିଥିବା ଏକମାତ୍ର ପଥ, ପ୍ରକୃତିର ଏକ ସ୍ଥିର ଦୃଢ଼ ରୂପ ଯାହାକୁ କଦାପି ବଦଳାଯାଇ ପାରିବ ନାହିଁ, ବିଶ୍ୱର ସୁବିଶାଳ କର୍ମସୂଚୀର ଅଂଶବିଶେଷ ।

A smile from the Preserver of the Worlds
Sent down of old this guardian Mind to earth
That all might stand in their fixed changeless type
And from their secular posture never move.

ବ୍ରହ୍ମାଣ୍ଡ ସକଳର ସଂରକ୍ଷକଙ୍କଠାରୁ ସ୍ମିତ ହସଟିଏ ପୁରାକାଳରୁ ପୃଥିବୀପୃଷ୍ଠକୁ ପ୍ରେରଣ କରିଥିଲା ଏହି ଅଭିଭାବକ ମାନସକୁ ଯଦ୍ଦ୍ୱାରା ସବୁକିଛି ଯେପରି ନିଜ ନିଜର ସ୍ଥିର ନିର୍ଦ୍ଦିଷ୍ଟ ପରିବର୍ତ୍ତନହୀନ ପ୍ରକାର ଭେଦରେ ଅଟଳ ରହିବେ ଏବଂ କେବେ ବି ବିଚ୍ୟୁତ ହୋଇ ନ ପଡ଼ିବେ ଆପଣାର ଲୌକିକ ସ୍ଥିତିରୁ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ସତର୍କତା

## ଶ୍ରୀମା

### ପ୍ରତିକ୍ରିୟା ଦେଖାଇବା ପୂର୍ବରୁ ଟିକିଏ ଚିନ୍ତାକର

ପ୍ରତିଦିନ ଯାହାକିଛି ପରିସ୍ଥିତି ଆସୁଛି, ତାହାକୁ କେବେ ବି ହାଲୁକାଭାବେ ନିଅ ନାହିଁ । ଜୀବନରେ ଯେଉଁସବୁ ଛୋଟ ଛୋଟ କଥା ବା ଯେଉଁସବୁ ଛୋଟ ଛୋଟ ଘଟଣା ଆସିବ, ମନେରଖ, ସେଗୁଡ଼ିକୁ ଆଦୌ ହାଲୁକାଭାବେ ଗ୍ରହଣ କରିବ ନାହିଁ । ତୁମର ନିମ୍ନସତ୍ତା ଦ୍ୱାରା ପରିଚାଳିତ ହୋଇ ଆଦୌ ପ୍ରତିକ୍ରିୟା ଦେଖାଅ ନାହିଁ । ପ୍ରତ୍ୟେକ ଥର ତୁମକୁ ଯେଉଁ କଥା କରିବାକୁ କୁହାଯାଉଛି, ଅଥବା ପୁଣି ନ କରିବାକୁ ବି କୁହାଯାଉଛି – ଏହା ତୁମକୁ ବାରଂବାର ବି କୁହାଯାଉ ନାହିଁ, କିନ୍ତୁ ଗୋଟିଏ କଥା ତୁମକୁ ସବୁବେଳେ କୁହାଯାଉଛି – ପ୍ରତିକ୍ରିୟା ଦେଖାଇବା ପୂର୍ବରୁ ଟିକିଏ ଚିନ୍ତାକର । ତୁମ ଭିତରେ ତୁମର କେଉଁ ଅଂଶଟି ପ୍ରତିକ୍ରିୟା ଦେଖାଉଛି, ତାକୁ ଧରିବା ଲାଗି ଚେଷ୍ଟାକର । ତୁମ ଭିତରେ ଯେଉଁଟା ଖୁବ୍ ସାଧାରଣ ଅଂଶ, ତା' ଦ୍ୱାରା କିଛି ପ୍ରତିକ୍ରିୟା ଦେଖାଅ ନାହିଁ । ନିଜ ଭିତରକୁ ପ୍ରବେଶ କର, ତୁମ ଭିତରେ ଯାହା ସବୁଠାରୁ ଶ୍ରେଷ୍ଠ ବୋଲି ମନେ ହେଉଛି, ତାହାରି ଦ୍ୱାରାହିଁ ତୁମେ ପ୍ରତିକ୍ରିୟା ଦେଖାଅ । **ଏହାହିଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା – ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା ।**

ଏପରି ଲୋକ ଅଛନ୍ତି ଯେଉଁମାନେ ଅଗ୍ରଗତି ନ କରି ବର୍ଷ ବର୍ଷ ସମୟ ବୃଥାରେ ବିତାଇ ଦିଅନ୍ତି, କାରଣ ସେମାନେ ଏହା କରି ନଥା'ନ୍ତି । ପୁଣି ଏପରି ସବୁ ଲୋକ ଅଛନ୍ତି ଯେଉଁମାନେ ସତେକି ଉଡ଼ି ଚାଲିଛନ୍ତି ! ଏଡ଼େ ଚଞ୍ଚଳ ଉଡ଼ି ଚାଲିଛନ୍ତି, କାରଣ ସେମାନେ ଏହି କଥାଟି ଉପରେ ଖୁବ୍ ଧ୍ୟାନ ଦେଇଥା'ନ୍ତି । ଆଉ ଯେଉଁମାନେ ଏହା କରି ନାହାନ୍ତି, ସେମାନେ ସବୁବେଳେ ଈଶ୍ୱରଙ୍କ ଉପରେ ସବୁତକ ଦୋଷ ଢାଳି ଦେଇ ବସନ୍ତି । ସେମାନେ ଭଗବତ୍ କୃପାକୁ ଦାୟୀ କରନ୍ତି ... ଆଉ, ସ୍ୱାଭାବିକ ଭାବେ ସେମାନେ ସେମାନଙ୍କର ପରିସ୍ଥିତିଟିକୁ ଖରାପରୁ ଖରାପ କରି ଚାଲିଥା'ନ୍ତି । କାରଣ, ସେମାନଙ୍କର ଅସୁବିଧା ବେଳେ ସେମାନେ ଯେଉଁ ସାହାଯ୍ୟ ପାଇଥାଆନ୍ତି, ତାକୁ ମଧ୍ୟ ଏଡ଼ାଇ ଦିଅନ୍ତି । ଏଇଟାହିଁ କଥା ।

### ସତର୍କତା

ସତର୍କତାର ଅର୍ଥ ହେଲା ଜାଗ୍ରତ୍ ରହିବା, ନିଜକୁ ସର୍ବଦା ଜଗି ରହିବା, ନିଷ୍ପାପର ହେବା – ଅଚାନକ କୌଣସି କଥାରେ ନିଜକୁ ହରାଇ ନ ବସିବା । ଯେତେବେଳେ ତୁମେ ସାଧନା କରିବାକୁ ଚାହୁଁଛ, ତୁମ ଜୀବନର ପ୍ରତିଟି ମୁହୂର୍ତ୍ତରେ ତୁମ ଆଗରେ ଦୁଇଟି ଭିତରୁ ଗୋଟିଏକୁ ମନୋନୟନ କରିବାର ପରିସ୍ଥିତି ଦେଖାଦେବ – ତୁମେ ତୁମର ଲକ୍ଷ୍ୟରେ ପହଞ୍ଚିବା ଲାଗି ଆଗକୁ ପାଦ ବଢ଼େଇବ ନା ଆଉ କିଛି ସମୟ ଶୋଇ ରହିବ । କିଂବା କେବେ କେବେ ପଛକୁ ଫେରି ଯାଉଥିବ, ଆଉ ନିଜକୁ କହୁଥିବ, "ଓଃ, ପରେ ଦେଖିବା, ବର୍ତ୍ତମାନ ପାଇଁ ଥାଉ ।" – ତା'ହେଲେ, ତୁମେ ବାଟରେହିଁ ବସି ରହିଥିବ ।

ତୁମକୁ ଯାହାସବୁ ପଛକୁ ଟାଣୁଛି ତାକୁ କେବଳ ପ୍ରତିରୋଧ କରିବାଟା ସତର୍କତା ନୁହେଁ ବରଂ ସର୍ବୋପରି ଅଗ୍ରଗତି କରିବା ପାଇଁ ସାମାନ୍ୟତମ ସୁଯୋଗ ଯେମିତି ତୁମେ ଛାଡ଼ି ନ ଦିଅ । ତୁମର କୌଣସି ଦୁର୍ବଳତାକୁ ଜୟ କରିବା ଲାଗି ଯେକୌଣସି ସୁଯୋଗ, କୌଣସି ଏକ ବାସନାକୁ ପ୍ରତିରୋଧ କରିବା ଲାଗି ଯେକୌଣସି ସୁଯୋଗ, କୌଣସି କିଛି ଶିକ୍ଷା କରିବା ଲାଗି ଯେକୌଣସି ସୁଯୋଗ, କିଛି ସଂଶୋଧନ କରିବା ପାଇଁ ସୁଯୋଗ, କେଉଁ କଥାକୁ ଆୟତ୍ତ କରିବା ପାଇଁ କୌଣସି ସୁଯୋଗକୁ ଛାଡ଼ି ନଦେବା ହେଉଛି ଯଥାର୍ଥ ସତର୍କତା । ତୁମେ ଯଦି ସତର୍କ ରହୁଥାଅ, ତା'ହେଲେ ଯେଉଁ କଥାଟି କରିବା ପାଇଁ ତୁମକୁ ବର୍ଷ ବର୍ଷ ସମୟ ଲାଗନ୍ତା, ତାକୁ ତୁମେ ଦିନ କେଇଟାରେ କରିଦେଇ ପାରିବ । ତୁମେ ଯଦି ସତର୍କ ରୁହ, ତା'ହେଲେ ତୁମ ଜୀବନର ଯେକୌଣସି ପରିସ୍ଥିତିକୁ ତୁମେ ପରିବର୍ତ୍ତନ କରି ଦେଇପାରିବ – ଯେକୌଣସି କର୍ମକୁ, ଯେକୌଣସି ଗତିବୃତ୍ତିକୁ ତୁମ ଲକ୍ଷ୍ୟର ନିକଟତର ହେବାର ଏକ ସୁଯୋଗରେ ପରିଣତ କରିଦେଇ ପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଷୋଡ଼ଶ ଅଧ୍ୟାୟ)

## ଅଧ୍ୟାତ୍ମ କର୍ମର ପରିପୂର୍ଣ୍ଣତା

ଶେଖ ଅବଦୁଲ କାଶମ

ମୁକ୍ତିସାଧନ ସହିତ ସାଂସାରିକ କର୍ମର ସଂଗତି ସ୍ଥାପନ ଉପରେ ଗୀତା ବିଶେଷ ଗୁରୁତ୍ୱ ଦେଇଛି । ଅଧ୍ୟାତ୍ମ ମୁକ୍ତି ଲାଭ ପରେ ମଧ୍ୟ କର୍ମ କରିଯିବାକୁ ଏହା ନିର୍ଦ୍ଦେଶ ଦେଇଛି । କାରଣ ମୁକ୍ତି ପ୍ରାପ୍ତ ବ୍ୟକ୍ତିର କର୍ମ (ମୁକ୍ତସ୍ୟ କର୍ମ) ବନ୍ଧନ ସୃଷ୍ଟି କରେ ନାହିଁ । କର୍ମଯୋଗର ଏହି ମହତ୍ତର ସ୍ଥିତିରେ ଉପନୀତ ହେବା ପାଇଁ ଅର୍ଜୁନଙ୍କୁ କ'ଣ ସବୁ କରିବାକୁ ହେବ ତାହା ଗୀତାରେ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଛି । କୁରୁକ୍ଷେତ୍ରର ମହା-ସଂଗ୍ରାମରେ ଯୋଗ ଦେଇଥିବା ଅର୍ଜୁନ ମୂଳରୁହିଁ କର୍ମ ସମ୍ପର୍କରେ ଦ୍ୱନ୍ଦ୍ୱଗ୍ରସ୍ତ ହୋଇଛନ୍ତି । କର୍ମ ସମ୍ପର୍କରେ ତାଙ୍କର ପାରମ୍ପରିକ ଜ୍ଞାନ ତାଙ୍କୁ ସାହାଯ୍ୟ କରିପାରିବ ନାହିଁ । ଗତାନୁଗତିକ ବିଚାର ବୁଦ୍ଧି ତାଙ୍କର ସମସ୍ୟାକୁ ଆହୁରି ଜଟିଳ କରିଛି ସିନା କୌଣସି ସନ୍ତୋଷଜନକ ସମାଧାନ ଦେଇପାରି ନାହିଁ । ଧର୍ମର ଅନୁଶାସନ ଓ ନୈତିକ ଆଦର୍ଶ ଅନୁସରଣ କଲେ ମଧ୍ୟ ସେ ପ୍ରମାଦହୀନ ଓ ଦ୍ୱନ୍ଦ୍ୱହୀନ ଏକ ନିଶ୍ଚିତ ସମାଧାନରେ ପହଞ୍ଚି ପାରିବେ ନାହିଁ । ଧର୍ମ ଓ ଧର୍ମ ମଧ୍ୟରେ ସଂଘର୍ଷ ଜାତ ହୋଇଛି । ନ୍ୟାଯ୍ୟ ଅଧିକାର ଲାଭ ପାଇଁ ଏକ ରକ୍ତାକ୍ତ ସଂଗ୍ରାମରେ ବିଜୟୀ ହେଲେ ଯେଉଁ ରାଜ୍ୟ ତାଙ୍କ ଅଧିକାରଭୁକ୍ତ ହେବ ତାହା ହେବ ଏକ ଶୋକାଚ୍ଛନ୍ନ ରାଜ୍ୟ । ତାଙ୍କର ପ୍ରିୟ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ ସେ କିପରି ସୁଖ ଶାନ୍ତି ଲାଭ କରି ପାରିବେ ? ଅନ୍ୟ ପକ୍ଷରେ ଯଦି ସେ କର୍ମରୁ ବିରତ ହୁଅନ୍ତି ତାହାହେଲେ ଆହୁରି ଅଧିକ ପାପ ଓ ଅଶୁଭ ସଂଘଟିତ ହେବ । କାରଣ ତଦ୍ୱାରା ଅନ୍ୟାୟ ଓ ଅତ୍ୟାଚାରରହିଁ ବିଜୟ ହେବ ।

କର୍ମ ସମ୍ପାଦନ ନିମିତ୍ତ ଏକ ଅଧ୍ୟାତ୍ମନୀତିର ଆବଶ୍ୟକତା ଅର୍ଜୁନଙ୍କ ପକ୍ଷରେ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ଭଗବାନ୍ ଶ୍ରୀକୃଷ୍ଣ ନିଜର ପ୍ରିୟ ଶିଷ୍ୟଙ୍କର ମାନସିକ ସ୍ଥିତିକୁ ଉଦାର ହୃଦୟରେ ବୁଝି ଯେଉଁ ସମାଧାନ ଦେଇଛନ୍ତି ତାହା ହେଲା — ନୈର୍ବ୍ୟକ୍ତିକ ଓ ବିଶ୍ୱଗତ ଆତ୍ମାର ନୀରବତା ମଧ୍ୟରେ ଶାନ୍ତ, ଅନାସକ୍ତ ଓ ନିସ୍ତବ୍ଧ ରହିବାକୁ ହେବ, ପ୍ରକୃତିର ସକଳ କର୍ମ ଯଥାର୍ଥ ରୂପେ ସମ୍ପାଦନ କରିବାକୁ ହେବ, ଅନ୍ତରସ୍ଥ ଭଗବାନଙ୍କ ସହିତ ଏକୀଭୂତ ହେବାକୁ ପଡ଼ିବ ଏବଂ ଉଚ୍ଚ ଭାଗବତ ସ୍ଥିତିରେ ରହି ଜଗତରେ ତାଙ୍କର ସମସ୍ତ ସଂକଳ୍ପ କାର୍ଯ୍ୟରେ ପରିଣତ କରିବାକୁ ହେବ ।

ଏହି ବିଷମ ପରିସ୍ଥିତି ସ୍ୱାର୍ଥର ସଂଘାତ ଯୋଗୁଁ ସୃଷ୍ଟି ହୋଇ ନାହିଁ ବରଂ ଭଗବାନଙ୍କ ସଂକଳ୍ପ ଯୋଗୁଁ ଏହା ଘଟିଛି । ଅର୍ଜୁନଙ୍କୁ ଏକଥା ବୁଝିବାକୁ ହେବ । ସେହି ଭାଗବତ ସଂକଳ୍ପର ଯନ୍ତ୍ର ରୂପେ ନୈର୍ବ୍ୟକ୍ତିକ ଭାବରେ ଓ ସ୍ଥିର ଚିତ୍ତରେ ତାଙ୍କୁ କର୍ମ କରିବାକୁ ହେବ । ଆନ୍ତର ଓ ବାହ୍ୟ ଭଗବତ୍ ସତ୍ତା ସହିତ ଯୋଗଯୁକ୍ତ ହୋଇ କର୍ମ କରିବାକୁ ତାଙ୍କୁ ଶିକ୍ଷା ଦିଆଯାଇଛି । ଅହଂ ଦ୍ୱାରା ପ୍ରେରିତ ହୋଇ କର୍ମ କଲେ ତାହା ଯଥାଯଥ ଭାବେ ସମ୍ପନ୍ନ ହୋଇପାରେ ନାହିଁ । ମାନସିକ ଓ ବୁଦ୍ଧିଗତ ଜ୍ଞାନ ଉପରେ ନିର୍ଭର କରି ଯେଉଁ କର୍ମ କରାଯାଏ ତାହା ତ୍ରୁଟିଯୁକ୍ତ ଓ ଅସିଦ୍ଧ ହୋଇଥାଏ । ତେଣୁ ଅଧ୍ୟାତ୍ମ ଜ୍ଞାନ ଅର୍ଜନ କରି ତାହାରି ଭିତ୍ତିରେ କର୍ମ କରିବାକୁ ଅର୍ଜୁନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆତ୍ମାର ସତ୍ୟ ଉପରେ ନିଜକୁ ଅଧିଷ୍ଠିତ କଲେ ମନୁଷ୍ୟ ଦ୍ୱାରା ଦିବ୍ୟ କର୍ମ ସମ୍ପାଦିତ ହୋଇପାରିବ । ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନ ଲାଭ କରିବା ଜଣେ ଯଥାର୍ଥ କର୍ମୀ ପକ୍ଷରେ ଅନିବାର୍ଯ୍ୟ ଆବଶ୍ୟକତା ଅଟେ ।

ଆତ୍ମଜ୍ଞାନ ଲାଭ କରିବା ପାଇଁ ପ୍ରଥମ ପ୍ରୟୋଜନୀୟ ବିଷୟ ହେଲା ଯାବତୀୟ ବାସନା ଓ ବିକ୍ଷୋଭରୁ ନିଜକୁ ମୁକ୍ତ କରିବା, ସମତା ଓ ନୈର୍ବ୍ୟକ୍ତିକ ଶାନ୍ତି ଭିତରେ ନିଜକୁ ପ୍ରତିଷ୍ଠିତ କରିବା ଏବଂ ଅହଂଗତ ବୃତ୍ତିସମୂହକୁ ବର୍ଜନ କରିବା । ଶାଶ୍ୱତ ନୈର୍ବ୍ୟକ୍ତିକ ଆତ୍ମା ମଧ୍ୟରେ ବାସ କରିବାହିଁ କର୍ମ କରିବାର ପ୍ରାଥମିକ ସାଧନା । ଯେଉଁ ଭାଗବତ ସତ୍ତା ନିଜକୁ ବିଶ୍ୱରେ ପ୍ରକଟ କରୁଛନ୍ତି ତାଙ୍କ ସହିତ ଯୋଗଯୁକ୍ତ ହୋଇ କର୍ମ କରିବା ହେଉଛି କର୍ମର ଯଥାର୍ଥ ଧାରା ।

ନୈର୍ବ୍ୟକ୍ତିକ ଆତ୍ମା ମୁକ୍ତ, ନିର୍ବିକାର, ଜ୍ଞାତା ଓ ସାକ୍ଷୀ ରୂପେ ରହିଥା'ନ୍ତି । ସେ କର୍ମ କରନ୍ତି ନାହିଁ, କେବଳ କର୍ମକୁ ଅବଲୋକନ କରନ୍ତି । ଯେଉଁ ବ୍ୟକ୍ତି ନୈର୍ବ୍ୟକ୍ତିକତା ମଧ୍ୟରେ ବାସ କରେ ସେ ପ୍ରକୃତି ଦ୍ୱାରା ଚାଳିତ କର୍ମଗୁଡ଼ିକ ଦ୍ୱାରା ପ୍ରଭାବିତ ହୁଏ ନାହିଁ । କର୍ମର ଫଳ ସ୍ୱରୂପ ଜାତ ହେଉଥିବା ସୁଖ-ଦୁଃଖ, ଅନୁରାଗ-ବିରାଗ ଆଦି ଦ୍ୱନ୍ଦ୍ୱ ତାକୁ ସ୍ପର୍ଶ କରିପାରେ ନାହିଁ । ସେ ସକଳ ମନୁଷ୍ୟ, ସକଳ ବସ୍ତୁ ଓ ସମସ୍ତ ଘଟଣାକୁ ସମଦୃଷ୍ଟି ସହିତ ଦର୍ଶନ କରେ । ପ୍ରକୃତି ଆପଣାର ଗୁଣଗୁଡ଼ିକୁ ନିୟୋଜିତ କରି କର୍ମ କରିଥାଏ, ମାତ୍ର ନୈର୍ବ୍ୟକ୍ତିକ ବିଶ୍ୱଗତ ଆତ୍ମା ସେଥିରେ ଲିପ୍ତ ହୁଏ ନାହିଁ କି ବିକ୍ଷୁବ୍ଧ ହୁଏ ନାହିଁ । ତାହା କେବଳ ସେହି ପ୍ରକୃତିର କର୍ମସବୁକୁ ଧାରଣ କରିଥାଏ । ଆମ୍ଭେମାନେ ଯଦି ଏହି ସମଧର୍ମୀ ଆତ୍ମାରେ ବାସ କରିପାରୁ ତାହା ହେଲେ ଆମେ ମଧ୍ୟ ଶାନ୍ତି ଓ ସ୍ଥିରତା ମଧ୍ୟରେ ପ୍ରତିଷ୍ଠିତ ହୋଇପାରିବୁ । ବାହାରେ କର୍ମ ଚାଲିଥିଲେ ମଧ୍ୟ ଆମ ସତ୍ତାର ଅଭ୍ୟନ୍ତରରେ ଆଧ୍ୟାତ୍ମିକ ସ୍ୱାଧୀନତା ଓ ନିଶ୍ଚଳତା ଉପଲବ୍ଧି କରିପାରିବୁ ।

ଏକମେବ ପୁରୁଷର ଦୁଇଟି ସ୍ଥିତି ବିଷୟରେ ଜାଣିବାକୁ ହେବ । ଗୋଟିଏ ସ୍ଥିତିରେ ଏହା ଆତ୍ମା ମଧ୍ୟରେ ନିଗୂଢ଼ ହୋଇ ରହିଛି ଏବଂ ତା'ର ସ୍ୱପ୍ରତିଷ୍ଠ ସତ୍ତା ମଧ୍ୟରୁ ସବୁକିଛିକୁ ଅବଲୋକନ କରୁଛି । ଅନ୍ୟ ସ୍ଥିତିରେ ଏହା ପ୍ରକୃତି ମଧ୍ୟରେ ନିଜକୁ ଜଡ଼ିତ କରିଛି, ପ୍ରକୃତିର କର୍ମରେ ଅଂଶଗ୍ରହଣ କରୁଛି । ଗୀତା ପୁରୁଷର ଏହି ଦ୍ୱୈତ ସ୍ଥିତିର ଅତୀତ ଏକ ଉଚ୍ଚତମ ପୁରୁଷ ବା ପୁରୁଷୋତ୍ତମଙ୍କ ବିଷୟରେ ଆମକୁ ଧାରଣା ଦେଇଛି ।

ପୁରୁଷୋତ୍ତମଙ୍କ ଭିତରେ ଆମେ ସୃଷ୍ଟିର ସମ୍ପୂର୍ଣ୍ଣ ସତ୍ୟ, ବିଶ୍ୱକର୍ମର ସକଳ ରହସ୍ୟର ସନ୍ଧାନ କରିପାରିବା । ପରମ ପୁରୁଷ ହେଉଛନ୍ତି ଉଭୟ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ, କିନ୍ତୁ ସେ ଏହି ଦୁଇ ବିଭାବର ଅତୀତ ହୋଇ ରହିଛନ୍ତି । ସେ ତାଙ୍କର ଦିବ୍ୟ ପ୍ରକୃତି ଦ୍ୱାରା ସକଳ ଜୀବରେ ପରିଣତ ହୋଇଛନ୍ତି । ଏକତ୍ୱ ଓ ବହୁତ୍ୱର ତତ୍ତ୍ୱ ମଧ୍ୟରେ ସେ ସାମଞ୍ଜସ୍ୟ ସ୍ଥାପନ କରନ୍ତି । ଆମ୍ଭେମାନେ ତାଙ୍କୁ ଆମ ଭିତରେ ଅନ୍ତରତମ ସତ୍ତା ରୂପେ ଉପଲବ୍ଧି କରିପାରିବା । ସେ ହେଉଛନ୍ତି ଏକ ସଙ୍ଗେ ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ।

ନୈର୍ବ୍ୟକ୍ତିକ ପୁରୁଷ ହେଉଛି ଭଗବାନଙ୍କ ସ୍ଥିରତା ଓ ନିଶ୍ଚଳ ନୀରବତାର ସତ୍ୟ । ଏହା ପରମେଶ୍ୱରଙ୍କର ସକଳ ଜନ୍ମ, ବିବର୍ତ୍ତନ, କର୍ମ ଓ ସୃଷ୍ଟିର ଅତୀତ ଏକ ଅବସ୍ଥାର ସତ୍ୟ । ଏହି ଅଧ୍ୟାତ୍ମ ସ୍ଥିତିରେ ପ୍ରକୃତି ଆଉ ଦୁର୍ବୋଧ ମାୟା ହୋଇ ରହେ ନାହିଁ, କିନ୍ତୁ ଏହା ଶାଶ୍ୱତଙ୍କର ଗୋଟିଏ କ୍ରିୟା ରୂପେ ପ୍ରତିଭାତ ହୁଏ । ଅକ୍ଷର ପୁରୁଷ ପ୍ରକୃତିର ସକଳ ଚଞ୍ଚଳତା ଓ କର୍ମ-ବହୁତ୍ୱକୁ ନିଜର ଶାନ୍ତି ଭିତରେ ଧାରଣ କରି ରହିଥା'ନ୍ତି । ଭଗବାନ୍ ନିଜର ଆଂଶିକ ପ୍ରକାଶ ଦ୍ୱାରା ସତ୍ତା, ଶକ୍ତି, ଚୈତନ୍ୟ, ଦେବ, ପଶୁ, ବସ୍ତୁ ଓ ମନୁଷ୍ୟ ହୋଇଛନ୍ତି । ଏସବୁର ଊର୍ଦ୍ଧ୍ୱରେ ସେ ଅକ୍ଷର ପୁରୁଷ ରୂପେ ଓ ପ୍ରକୃତିର ଅଧୀଶ୍ୱର ରୂପେ ରହିଛନ୍ତି । ତ୍ରିଗୁଣମୟୀ ପ୍ରକୃତି ହେଉଛି ତାଙ୍କରି ଶକ୍ତିର ନିମ୍ନତର ଓ ସ୍ୱୟଂକୃତ ସୀମାବଦ୍ଧ କ୍ରିୟା । ପ୍ରକୃତିର ଯେଉଁ ବାହ୍ୟଶକ୍ତି ଏଠାରେ ବାହ୍ୟକ୍ରିୟାରେ ଲିପ୍ତ ରହିଛି ତା' ଭିତରେ ଭଗବାନଙ୍କ ସତ୍ୟହିଁ ଲୁକ୍କାୟିତ ହୋଇ ରହିଛି । ତେଣୁ ପ୍ରକୃତିର ସକଳ କର୍ମ ମଧ୍ୟରେ ଭଗବାନଙ୍କୁ ଦର୍ଶନ କରିବାକୁ ହେବ, ତାଙ୍କ ସହିତ ଏକତ୍ୱ ଉପଲବ୍ଧି କରିବାକୁ ହେବ । ଏହା ସମ୍ଭବ ହେବ ଆମ୍ଭମାନଙ୍କର କର୍ମସଂକଳ୍ପର ସତ୍ୟନିଷ୍ଠ ଅଭିପ୍ରାୟ ଦ୍ୱାରା ।

ଶାଶ୍ୱତ ପରମ ସତ୍ତା ହେଉଛନ୍ତି ନିଖିଳ ସୃଷ୍ଟିର ମୂଳ ଆଧାର ଓ ପରିପାଳକ । ସେ ସର୍ବନିୟନ୍ତା ଓ ସର୍ବତ୍ର ବିରାଜିତ । ପ୍ରକୃତି ମଧ୍ୟରେ ସଂଘଟିତ ସକଳ କର୍ମର ସେ ଅଧୀଶ୍ୱର । ତେଣୁ ଆମେ ପ୍ରତ୍ୟେକ କର୍ମକୁ ତାଙ୍କରି ଉଦ୍ଦେଶ୍ୟରେ ଯଜ୍ଞରୂପେ ସମ୍ପାଦନ କରିବା ଆବଶ୍ୟକ । ପ୍ରକୃତିର ସକଳ କର୍ମ ହେଉଛି ଏକ ଯଜ୍ଞ । ତେବେ ଏ ଯଜ୍ଞ ପ୍ରଥମତଃ ଦେବଶକ୍ତିଙ୍କୁ ଅର୍ପଣ କରାଯାଏ କାରଣ ପ୍ରକୃତିର ପରିଚାଳନା ଦାୟିତ୍ୱ ଏହି ଦେବଗଣଙ୍କୁ ଦିଆଯାଇଛି । ମନୁଷ୍ୟମାନେ ସାଧାରଣତଃ ସେମାନଙ୍କ ବ୍ୟକ୍ତିଗତ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ଦେବଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ ସମ୍ପାଦନ କରିଥା'ନ୍ତି । ମାତ୍ର ଜ୍ଞାନୀ ଓ ମୁକ୍ତ ପୁରୁଷମାନେ ତାଙ୍କର ସମସ୍ତ କର୍ମକୁ ଯଜ୍ଞରୂପେ ଅଦ୍ୱିତୀୟ ଶାଶ୍ୱତ ଭଗବାନଙ୍କୁହିଁ ଅର୍ପଣ କରିଥା'ନ୍ତି । କର୍ମର ଫଳ ଉପରେ ତାଙ୍କର କୌଣସି ଆସକ୍ତି ନଥାଏ । ସେମାନେ ବ୍ୟକ୍ତିଗତ କାମନା-ବାସନାର ପରିତୃପ୍ତି ପାଇଁ କର୍ମ କରନ୍ତି ନାହିଁ । କେବଳ ଭଗବାନଙ୍କ ପ୍ରୀତ୍ୟର୍ଥେ ଓ ଜଗତର କଲ୍ୟାଣ ନିମିତ୍ତ ସେମାନେ କର୍ମ କରିଥା'ନ୍ତି । ଜ୍ଞାନୀମାନେ କେବେ ନିଜକୁ କୌଣସି କର୍ମର ମାଲିକ ବୋଲି ଭାବନ୍ତି ନାହିଁ । ବରଂ ନିଜକୁ ଭଗବାନଙ୍କ ପ୍ରତିନିଧି ରୂପେ ବିବେଚନା କରି ତାଙ୍କରି ପ୍ରେରଣାରେ ସେମାନେ ସ୍ୱାର୍ଥରହିତ ଭାବରେ କର୍ମ ସମ୍ପାଦନ କରନ୍ତି । ଏପରି ବ୍ୟକ୍ତିମାନେ ସମଭାବାପନ୍ନ ଓ ଉଦାର ହୋଇଥା'ନ୍ତି । କୌଣସି ଅହଂଗତ ଦାବି ସେମାନଙ୍କର ନଥାଏ ।

ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ ଜଗତର ସମଗ୍ର କ୍ରିୟାଧାରା ଭଗବାନଙ୍କର କର୍ମ । ପ୍ରକୃତି ଭିତରେ ସେ କ୍ରମବର୍ଦ୍ଧମାନ ଭାବରେ ନିଜକୁ ଅଭିବ୍ୟକ୍ତ କରିଚାଲିଛନ୍ତି । ଆମେ କେବଳ ତାଙ୍କରି ଆଂଶିକ ପ୍ରକାଶ । କର୍ମର ବିଧାନ ଓ ପରିଣାମ ତାଙ୍କରି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଏବଂ କର୍ମର ଫଳ ତାଙ୍କରି ଭୋଗ ନିମିତ୍ତ ଉଦ୍ଦିଷ୍ଟ । ଅର୍ଥାତ୍ ସେହିଁ କର୍ତ୍ତା, ବିଧାୟକ ଓ ଭୋକ୍ତା । କର୍ମ କିପରି ମୁକ୍ତିର ପ୍ରଥମ ପଦକ୍ଷେପ ହୋଇପାରେ ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

"To work impersonally, desirelessly and without attachment to the fruits of our work, for the sake of God and the world and the greater Self and the fulfilment of the universal will, – this is the first step towards liberation and perfection."

(Essays on the Gita, p. 458)

ଅର୍ଥାତ୍, ''ନୈର୍ବ୍ୟକ୍ତିକ ଭାବରେ, ନିଷ୍କାମ ଭାବରେ, କର୍ମ ଫଳରେ ଆସକ୍ତିବର୍ଜନପୂର୍ବକ, ଭଗବାନଙ୍କ ନିମିତ୍ତ, ଜଗତ୍ ନିମିତ୍ତ, ମହତ୍ତର ଆତ୍ମା ନିମିତ୍ତ ଏବଂ ବିଶ୍ୱଗତ ସଂକଳ୍ପ ସମ୍ପାଦନ ନିମିତ୍ତ କର୍ମ କରିବା – ଏହାହିଁ ମୁକ୍ତି ଓ ସିଦ୍ଧିଲାଭ ପକ୍ଷରେ ପ୍ରଥମ ପଦକ୍ଷେପ ।''

(ଗୀତା-ନିବନ୍ଧମାଳା, ପୃ. ୫୬୩)

ଅନନ୍ତ ପ୍ରକୃତି ଆମ୍ଭମାନଙ୍କୁ କର୍ମରେ ପ୍ରବୃତ୍ତ କରେ । କିନ୍ତୁ ପ୍ରକୃତି ମଧ୍ୟରେ ଊର୍ଦ୍ଧ୍ୱସ୍ଥିତ ଯେଉଁ ଭାଗବତ ସଂକଳ୍ପ କାର୍ଯ୍ୟ କରୁଥାଏ ତାହାହିଁ ଆମ ନିକଟରୁ କର୍ମ ଦାବି କରିଥାଏ । ଆମେ ଯେଉଁ କର୍ମ କରିବା ତାକୁ ଆମ ଅନ୍ତରନିବାସୀ ଭଗବାନଙ୍କ ପାଖରେ ସମର୍ପଣ କରିବାକୁ ହେବ । ଆମର ଅହଂ ତ୍ରିଗୁଣମୟୀ ପ୍ରକୃତି ଦ୍ୱାରା ଚାଳିତ ହେଉଥିବାରୁ ତାହା କର୍ମ ପ୍ରତି ଯଥାର୍ଥ ମନୋଭାବ ରଖିପାରେ ନାହିଁ । ଅହଂ ନିଜକୁ କର୍ତ୍ତା ବୋଲି ଭାବୁଥିବାରୁ କର୍ମ ସମ୍ପାଦନ କ୍ଷେତ୍ରରେ ବିକୃତି ଜାତ ହୁଏ । ଅର୍ଥାତ୍ କର୍ମ ମୁକ୍ତ ଓ ଶୁଦ୍ଧ ଭାବରେ କରାଯାଇପାରେ ନାହିଁ । ସେଥିରେ ବ୍ୟକ୍ତିଗତ ପ୍ରତିକ୍ରିୟା ମିଶ୍ରିତ ହେବାରୁ ବିଶୃଙ୍ଖଳା ସୃଷ୍ଟି ହୁଏ । ଆମେ ସକଳ କର୍ମ ଆମ ଜୀବନର ଅଧୀଶ୍ୱର ଭଗବାନଙ୍କ ନିକଟରେ ନିବେଦନ କରିଦେବା ଉଚିତ । ତାହା ହେଲେ ସେ ସେହି କର୍ମର ଦାୟିତ୍ୱ ବହନ କରିବେ ଏବଂ ତା'ର ପରିଣାମକୁ ନେଇ ଆମକୁ ଚିନ୍ତିତ ହେବାକୁ ପଡ଼ିବ ନାହିଁ । ଭଗବାନଙ୍କ ସହିତ ଆମର ସଂଯୋଗ ଯେତେ ନିବିଡ଼ ହେବ ଆମେ ସେତେ ଅନୁଭବ କରିବା ଯେ କର୍ମସବୁ ତାଙ୍କରିଠାରୁହିଁ ଉଦ୍ଭୂତ ହେଉଛି । କର୍ମଟି ପ୍ରକୃତି ଦ୍ୱାରା ନିର୍ବାଚିତ ହେଉଥିଲେ ସୁଦ୍ଧା ଭାଗବତ ସଂକଳ୍ପହିଁ ସେହି କର୍ମକୁ ନିୟନ୍ତ୍ରିତ କରୁଛି । ବ୍ୟକ୍ତି ଯେତେବେଳେ ଭଗବାନଙ୍କର ଯନ୍ତ୍ର ବା ନିମିତ୍ତଟିଏ ହୋଇଯାଏ ସେତେବେଳେ ତାହାର ସ୍ୱଭାବ ଭିତର ଦେଇ ଭଗବାନ୍ କର୍ମ କରନ୍ତି । ଏହାହିଁ ମୁକ୍ତ ପୁରୁଷର କର୍ମ । ଏଥିରେ ରହିଛି କର୍ମର ଉତ୍ତମ ରହସ୍ୟ ।

କର୍ମର ଯଥାର୍ଥ ଧାରା ଆବିଷ୍କାର କରିବାକୁ ହେଲେ ଆତ୍ମା, ଭଗବାନ୍ ଓ ଜଗତ୍ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଆବଶ୍ୟକ । ସଂକୀର୍ଣ୍ଣ ମାନସିକ ଦୃଷ୍ଟିଭଙ୍ଗୀ ନେଇ କର୍ମ କଲେ କର୍ମରେ ପରିପୂର୍ଣ୍ଣତା କଦାପି ଆସିବ ନାହିଁ । ସର୍ବଭୂତ ମଧ୍ୟରେ ଭଗବାନଙ୍କୁ ଏବଂ ଭଗବାନଙ୍କ ମଧ୍ୟରେ ସମସ୍ତଙ୍କୁ ଦର୍ଶନ କରିପାରିଲେ କର୍ମ ଜ୍ଞାନଯୁକ୍ତ ଓ ବିଶୁଦ୍ଧ ହୋଇପାରିବ । ଅହଂରୁ ମୁକ୍ତ ହୋଇ ଆମକୁ ବିଶ୍ୱଜନୀନ ସୌହାର୍ଦ୍ଦ୍ୟ ସହ ସର୍ବଭୂତର ହିତ ନିମିତ୍ତ କର୍ମ କରିବାକୁ ହେବ । ଜ୍ଞାନରେ ଅଧିଷ୍ଠିତ ହେଲେ ଆମେ ବିଶ୍ୱପୁରୁଷଙ୍କ ଇଚ୍ଛା ଓ ବିଧାନକୁ ଜାଣିପାରିବା ଓ ତଦନୁସାରେ ଉପଯୁକ୍ତ କର୍ମର ଧାରା ଅନୁସରଣ କରିପାରିବା । ମନୁଷ୍ୟର କର୍ମ ଜ୍ଞାନ ଉପରେ ପ୍ରତିଷ୍ଠିତ ହେଲେ ସେ ବ୍ୟକ୍ତିକତା ଓ ନୈର୍ବ୍ୟକ୍ତିକତାରେ ଶାଶ୍ୱତଙ୍କ ସହିତ ଯୁକ୍ତ ହୋଇପାରେ ।

ମୁକ୍ତ ପୁରୁଷ କୃତ୍ସ୍ନବିତ୍ ହୋଇଥା'ନ୍ତି, ଅର୍ଥାତ୍ ତାଙ୍କର ଜ୍ଞାନ ପୂର୍ଣ୍ଣ ଓ ସମଗ୍ର ହୋଇଥାଏ । କୌଣସି ମାନସିକ ଦ୍ୱନ୍ଦ୍ୱ ବା ବିକ୍ଷୋଭ ବିନା ସେ ସ୍ୱଚ୍ଛନ୍ଦରେ କର୍ମ କରିପାରନ୍ତି । ଭାଗବତ ସଂକଳ୍ପ ଓ ଶକ୍ତି ଦ୍ୱାରା ଚାଳିତ ହୋଇ ତାଙ୍କର ସକଳ କର୍ମ ସମ୍ପାଦିତ ହୁଏ । କେବଳ ଜ୍ଞାନରେ ନୁହେଁ,– ପ୍ରେମ, ଭକ୍ତି ଓ ହୃଦୟାବେଗରେ ସେ ଶାଶ୍ୱତପୁରୁଷଙ୍କ ସହିତ ଯୁକ୍ତ ହୋଇଥା'ନ୍ତି । ଅନ୍ତଃପୁରୁଷଙ୍କ ଦିବ୍ୟାନନ୍ଦ ଦ୍ୱାରା ତାଙ୍କର ସମଗ୍ର ସତ୍ତା ପରିପୂର୍ଣ୍ଣ ହୋଇଉଠେ । ପୁରୁଷୋତ୍ତମ ନିଜର ନୈର୍ବ୍ୟକ୍ତିକତାରେ ଅକ୍ଷର ଆତ୍ମା ଓ ବ୍ୟକ୍ତିକତା ମଧ୍ୟଦେଇ ନିଜକୁ ପ୍ରକଟ କରନ୍ତି ଏବଂ ଏହି ଦୁଇ ବିଭିନ୍ନ ଉପାୟରେ ସେ ଆମକୁ ତାଙ୍କ ଆଡ଼କୁ ଆକୃଷ୍ଟ କରନ୍ତି । ମୁକ୍ତ ପୁରୁଷ ଅନ୍ତରାତ୍ମାର ପ୍ରେମ ଓ ଅନୁରାଗ ଦ୍ୱାରା ପୁରୁଷୋତ୍ତମଙ୍କ ପରମପଦକୁ ପ୍ରାପ୍ତ ହୁଅନ୍ତି । ତାଙ୍କର ପ୍ରାକୃତ ସତ୍ତା ଓ କର୍ମ ଶାଶ୍ୱତ ପ୍ରେମ ଓ ଆନନ୍ଦ ସହିତ ଏକୀଭୂତ ହୁଏ ।

ନିମ୍ନ ମାନବୀୟ ପ୍ରକୃତିରୁ ସମ୍ପୂର୍ଣ୍ଣ ରୂପେ ଊର୍ଦ୍ଧ୍ୱ ଭାଗବତ ପ୍ରକୃତି ମଧ୍ୟକୁ ଉନ୍ନୀତ ହେବା ଆମର ପ୍ରଥମ ଲକ୍ଷ୍ୟ । ଏହା ଏକ ଦୁଃସାଧ୍ୟ କାର୍ଯ୍ୟ । କର୍ମ ତ୍ୟାଗ ଦ୍ୱାରା ଏହା ସମ୍ଭବ ହେବ

ନାହିଁ । ଏଥିପାଇଁ ବାସନା ତ୍ୟାଗହିଁ ପ୍ରକୃଷ୍ଟ ପନ୍ଥା । ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ରହିଲେ ଏହି କାର୍ଯ୍ୟ ସହଜ ହେବ । ମୁକ୍ତ ପୁରୁଷ ବାସନାମୁକ୍ତ ହୋଇ ସକଳ ପ୍ରକାର କର୍ମ କରିବାକୁ ସମର୍ଥ ହୋଇଥା'ନ୍ତି (କୃତ୍ସ୍ନକୃତ୍) । ଗୀତାରେ କୁହାଯାଇଛି ଯେ ସିଦ୍ଧଯୋଗୀ ଯେପରି ଅବସ୍ଥାରେ ଥାଆନ୍ତୁ ପଛକେ ବା ଯାହା କରନ୍ତୁ ପଛକେ ସେ ଭଗବାନଙ୍କ ମଧ୍ୟରେହିଁ ବାସ କରନ୍ତି ଓ କର୍ମ କରନ୍ତି (ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ) । ନିମ୍ନ ପ୍ରକୃତିକୁ ଭାଗବତ ପ୍ରକୃତିରେ ପରିଣତ କରିପାରିଲେ ଏକଥା ସମ୍ଭବ ହୋଇପାରିବ । ତେବେ ପାର୍ଥିବ ପ୍ରକୃତିର ଦିବ୍ୟ ରୂପାନ୍ତର ସାଧନ ହେଉଛି ଏକ ଦୁରୂହତମ କାର୍ଯ୍ୟ ଯାହାର ତତ୍ତ୍ୱ ଓ ପ୍ରଣାଳୀ ଏଯାବତ୍ ସାଧାରଣ ମାନବମାନଙ୍କ ଗୋଚରୀଭୂତ ହୋଇନାହିଁ । ମାତ୍ର ଭବିଷ୍ୟତରେ ଯେ ଏହି କାର୍ଯ୍ୟ ସିଦ୍ଧ ହେବ ଏବଂ ଏକ ବ୍ୟାପକ ସତ୍ୟରୂପେ ପ୍ରକାଶିତ ହେବ, ଏଥିରେ ସନ୍ଦେହ ନାହିଁ ।

(କ୍ରମଶଃ)

❑❑❑

# ଅନନ୍ୟା

## ଝରଣା ଘୋଷାଲ

ସମୟ ସୁଅରେ ସବୁକିଛି ସମର୍ପି ଦେଇଛି
ଶେଫାଳିର ମୃଦୁ ମହକ, ମଳୟର ଶୀତଳତା
କାକରର ମୋତିବିନ୍ଦୁ ହୋଇ
ଜନ୍ମ ଜନ୍ମାନ୍ତରର ସ୍ୱପ୍ନସବୁ ସାଉଁଟି
ଅଜାଡ଼ି ଦେଇଛି ଚରଣରେ ।

ତୁମେ ତ ସୃଷ୍ଟିର ମହାକାବ୍ୟ
ତୁମକୁ ଆକଳନ କରିବାର ସାମର୍ଥ୍ୟ କାହିଁ ମୋର ?
ଅପ୍ରତ୍ୟାଶିତ ମୁହୂର୍ତ୍ତରେ ଆପେ ଆପେ
ହୃଦୟରୁ, କଣ୍ଠରୁ ବାହାରି ଆସେ ତୁମ ନାମ
ଉଚ୍ଚାରଣରେ ନୈସର୍ଗିକ ଚନ୍ଦନ ଲେପି ହୋଇଯାଏ
ଦେହ ଓ ମନରେ ।

ତୁମ ପଣତର ସୁରକ୍ଷିତ ଆଚ୍ଛାଦନ ତଳେ
ଖୁନ୍ଦି ହୋଇ ରହିଥାଏ ମମତାର ପ୍ରାଚୁର୍ଯ୍ୟ
ତୁମେ ଚିରକାଳ ଆତ୍ମତୃପ୍ତ, ନିରାସକ୍ତ
ସମସ୍ତ ସମ୍ଭାବନାକୁ ସାକାର କରିବାକୁ
ଆଗେଇ ଆସ ଆତ୍ମହରା ହୋଇ
ଜୀବନର ଚଉମୁହାଁଣୀରେ ବାଟବଣା ହୋଇ
ଯନ୍ତ୍ରଣାରେ ବୁଲୁଥିବା ବେଳେ
ହାତୀ ବନସ୍ତରେ ଥିଲେ ବି ତୁମର
ସୃଷ୍ଟିର ସର୍ଜନାରେ ତୁମେ ଅପରୂପା
କରୁଣାର ପାରାବାର ।

ସମସ୍ତ ଅବହେଳାର ଧୃଷ୍ଟତା
ଉପେକ୍ଷାର ଜଞ୍ଜାଳ
ତୁମ ଚରଣରେ ଅର୍ଘ୍ୟ ରୂପେ
ନିବେଦନ କରି ମୁଁ ଶୂନ୍ୟ ହୋଇଯାଏ ।

ନଭଶ୍ଚୁମ୍ବୀ ସ୍ୱପ୍ନ, ସମ୍ଭାବନାର ଇପ୍ସିତ
ଆକାଂକ୍ଷା, କ୍ଷମାର କଲ୍ୟାଣୀ
ମୂର୍ତ୍ତିମୟୀ ଅନନ୍ୟା
ତୁମେ ମୋର ମାଆ ।

❑❑❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୫)

### ଅପ୍ରତ୍ୟାଶିତ ଘଟଣା :

It was the hour before the Gods awake.

(Savitri, p. 1) – Sri Aurobindo

(ଦେବଗଣ ଜାଗୃତିର ପୂର୍ବ ସେ ମୁହୂର୍ତ୍ତ ।)

ନୀରଦବରଣଙ୍କ ବର୍ଣ୍ଣନାର ସାରମର୍ମରୁ ଉଦ୍ଧୃତି :

''... ୨୪ ନଭେମ୍ବର (୧୯୩୮) 'ଦର୍ଶନ ଦିବସ'ର ପୂର୍ବଦିନ ଆସିଲା । 'ଅଗଷ୍ଟ ଦର୍ଶନ'ର ଦୀର୍ଘ ତିନି ମାସ ପ୍ରତୀକ୍ଷା ପରେ ଅନ୍ତେବାସୀଗଣଙ୍କ ସହିତ ଦର୍ଶନାର୍ଥୀଗଣ ଆସନ୍ତା କାଲି ଗୁରୁଦେବଙ୍କୁ 'ଦର୍ଶନ' କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି 'ଦର୍ଶନ'କୁ ସୁଦୂର ଆମେରିକାର ପ୍ରେସିଡେଣ୍ଟ ଉଇଲ୍‌ସନ୍‌ଙ୍କର କନ୍ୟା ଆସିଥା'ନ୍ତି । ସେ ଗୁରୁଦେବଙ୍କର 'Essays on the Gita' ('ଗୀତା ନିବନ୍ଧମାଳା') ପାଠ କରି ଅପାର୍ଥିବ ଭାବରେ ମନ୍ତ୍ରମୁଗ୍ଧା ହୋଇ ଉଠିଥିଲେ । ଆସନ୍ତା କାଲି ସେ ଗୁରୁଙ୍କର ନିକଟ ସାନ୍ନିଧ୍ୟରେ ତାଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିବେ ।...

''୨୩ ତାରିଖ ସକାଳେ ଶ୍ରୀମା ସମସ୍ତ ଭକ୍ତଙ୍କୁ ଦର୍ଶନ ଦେଇ ତାଙ୍କର ଶୁଭାଶିଷ ପ୍ରଦାନ କଲେ ('ସକାଳ ପ୍ରଣାମ'); ମହାଲକ୍ଷ୍ମୀଙ୍କର କରୁଣା ଓ ସୌନ୍ଦର୍ଯ୍ୟ ସ୍ୱରୂପିଣୀ ତାଙ୍କର ସେ ଅପରୂପ ସାନ୍ନିଧ୍ୟ ! ସେ ତାଙ୍କର ଦିବ୍ୟ ସ୍ମିତହାସ୍ୟ ଝରାଇ ସମସ୍ତଙ୍କର ହୃଦୟକୁ ଭରି ଦେଲେ ପ୍ରୀତି ଓ ସ୍ନେହରେ । ପରମପ୍ରଭୁଙ୍କଠାରେ କାଲି ନିଜକୁ ଉପସ୍ଥାପନ କରିବା ସକାଶେ ଏହାହିଁ ଥିଲା ଏକ ଆଦର୍ଶ ପ୍ରସ୍ତୁତି ।...

''ଛନ୍ଦୋମୟ ଦିବ୍ୟ ଆନନ୍ଦର ଅପରୂପ ସ୍ପନ୍ଦନରେ ଦିନଟି ଅତିବାହିତ ହେଲା । ଅଭୀପ୍ସୁ, ସଚେତନ ଓ ଗ୍ରହଣଶୀଳ ଦର୍ଶନାର୍ଥୀ ତଥା ଭକ୍ତଗଣ ଆସନ୍ନ ମହାନ୍ ମୁହୂର୍ତ୍ତର ସମ୍ମୁଖୀନ ହେବା ଉଦ୍ଦେଶ୍ୟରେ ଆନ୍ତର ପ୍ରସ୍ତୁତି ନିମନ୍ତେ ଶୀଘ୍ର ବିଶ୍ରାମ ନେବାକୁ ଗଲେ । ଆଶ୍ରମର ସମଗ୍ର ପରିବେଶଟିରେ ଏକ ଗଭୀର ପ୍ରଶାନ୍ତି ଓ ନୀରବତାର ତୀବ୍ର ସ୍ପନ୍ଦନ ଓତପ୍ରୋତ ଭାବରେ ପରିବ୍ୟାପ୍ତ ଥିଲା । କେବଳ ଗୋଟିଏ ମାତ୍ର କ୍ଷୀଣ ଆଲୋକ ଶ୍ରୀଅରବିନ୍ଦଙ୍କ ବିଶ୍ରାମ କକ୍ଷ(ରାସ୍ତାକଡ଼ ଆଡ଼କୁ)ର ଉତ୍ତର-ପୂର୍ବ କୋଣ ଗୃହଟିରେ ଜଳୁଥିଲା । ସତେ ଯେପରି ବ୍ୟାପ୍ତିଶୀଳ (pervasive) ଅନ୍ଧକାର ମଧ୍ୟରେ ସେ ଏକମାତ୍ର ଜାଗ୍ରତ୍ ପ୍ରହରୀ ।...''

('Twelve Years with Sri Aurobindo' : pp. 1 - 2)

ନୀରଦବରଣଙ୍କର ପରବର୍ତ୍ତୀ ବର୍ଣ୍ଣନା ଉଲ୍ଲେଖ କରିବା ପୂର୍ବରୁ ଆମେ ଶ୍ରୀଅରବିନ୍ଦଙ୍କର ଏହି କୋଣ ଘରଟି ସମ୍ବନ୍ଧରେ ତଥା ତଦାନୀନ୍ତନ ସମୟରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ କ୍ରିୟାକଳାପ ସମ୍ବନ୍ଧେ ଚମ୍ପକଲାଲଙ୍କର ବର୍ଣ୍ଣନାରୁ କିଛି ଉଦ୍ଧୃତି :

''ଶ୍ରୀମା'ଙ୍କର 'ସାଲୋଁ' ହଲ୍‌ଟି ନିର୍ମିତ ହେବା ପୂର୍ବରୁ ସେ ଶ୍ରୀଅରବିନ୍ଦଙ୍କ କକ୍ଷର ପୂର୍ବ ପାର୍ଶ୍ୱର ଦୁଇଟି ଛୋଟ ଛୋଟ କକ୍ଷରେ ରହୁଥିଲେ ଏବଂ ପୂର୍ବୋକ୍ତ ଏହି କୋଣ କକ୍ଷଟିକୁ ଶ୍ରୀମା ଶ୍ରୀଅରବିନ୍ଦ ବୈଠକଖାନା ରୂପେ ବ୍ୟବହାର କରୁଥିଲେ – ଚିଠିପତ୍ର ଲେଖିବା ସମ୍ବନ୍ଧରେ ଉଭୟେ ଆଲୋଚନା କରୁଥିଲେ । ଶ୍ରୀଅରବିନ୍ଦ ଏଠାରେ ଭୋଜନ କରିବା ତଥା ଅପରାହ୍ଣରେ କିଛି ସମୟ ଆରାମ ଚେୟାରରେ ଉପବେଶନ କରି ବିଶ୍ରାମ ନେବା କାର୍ଯ୍ୟ କରୁଥିଲେ । ଶ୍ରୀମା ନବନିର୍ମିତ 'ସାଲୋଁ'କୁ ସ୍ଥାନାନ୍ତରିତ ହେବା ପରେ ଶ୍ରୀଅରବିନ୍ଦ ଉପରୋକ୍ତ କୋଣ-ଘରଟିକୁ ନିଜର ବୈଠକ ଗୃହ ରୂପେ ପୂର୍ବବତ୍ ବ୍ୟବହାର କରୁଥିଲେ; କିନ୍ତୁ ଉଭୟେ ଉପରଓଳି 'ସାଲୋଁ'ର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଚିଠିପତ୍ର ଲେଖିବାରେ ଚୂଡ଼ାନ୍ତ ସିଦ୍ଧାନ୍ତ ନେଉଥିଲେ ।... ତେଣୁ ସ୍ୱଭାବତଃ ଶ୍ରୀଅରବିନ୍ଦଙ୍କର ବିଶ୍ରାମ କକ୍ଷ ଏବଂ ଏହି କୋଣ କକ୍ଷଟି ମଧ୍ୟରେ ଥିବା ଦରଜାର କବାଟଟି ପ୍ରାୟ ଖୋଲା ରହୁଥିଲା । (୧୯୪୬ରେ ଶ୍ରୀଅରବିନ୍ଦଙ୍କର ଶୟନ କକ୍ଷଟିର ଆମୂଳ ମରାମତି ସମୟରେ ଏହି ଦରଜାର କବାଟଟିକୁ ବାହାର କରି ଦିଆଯାଇ ତା' ସ୍ଥାନରେ ପରଦା ଝୁଲାଇ ଦିଆଯାଇଥିଲା ।)

''ଏହି ଦରଜାଟିର ଠିକ୍ ଦ୍ୱାର ବନ୍ଧରେ ଶ୍ରୀଅରବିନ୍ଦଙ୍କ କକ୍ଷର ଚଟାଣରେ ଚିତାବାଘର ମୁଣ୍ଡ ଥାଇ ଏକ ଚମଡ଼ା ଗାଲିଚା

ବିଛେଇ ଦିଆଯାଇଥିଲା । (ପରବର୍ତ୍ତୀ ସମୟରେ ଏବଂ ଏବେ ମଧ୍ୟ ଶ୍ରୀଅରବିନ୍ଦଙ୍କର ବିଶ୍ରାମ କକ୍ଷ-ସଂଲଗ୍ନ ପ୍ରଶସ୍ତ ଘରଟିର ଚଟାଣରେ ଏହି ଗାଲିଚାଟି ସହିତ ଅନ୍ୟ କେତୋଟି ବାଘମୁଣ୍ଡ ଥାଇ ଚମଡ଼ା ଗାଲିଚା ଶୋଭା ପାଉଛି । ଜଣେ ବ୍ୟବସାୟୀ ଭକ୍ତ-ସାଧକ ଏହିସବୁ ଚମଡ଼ା ଗାଲିଚା ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରିଥିଲେ ।)

'' ('ସାଲୋଁ' ନିର୍ମିତ ହେବା ପରେ) ସେହି କକ୍ଷଟିରେ ଅଧିକାଂଶ ଦିନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରୀମା, ଶ୍ରୀଅରବିନ୍ଦ ଚିଠିପତ୍ରସବୁର ଉତ୍ତର ଲେଖୁଥିଲେ । ତା'ପରେ ଶ୍ରୀଅରବିନ୍ଦ ତାଙ୍କର କକ୍ଷ ପାର୍ଶ୍ୱରେ ଥିବା ସ୍ନାନାଗାରକୁ ସ୍ନାନ କରିବାକୁ ଯାଉଥିଲେ । ଇତିମଧ୍ୟରେ ଶ୍ରୀମା ବିଶ୍ରାମ ନେବାକୁ ଯିବା ପୂର୍ବରୁ ଉଲ୍ଲିଖିତ କୋଣ ଗୃହଟିରେ ଶ୍ରୀଅରବିନ୍ଦଙ୍କର ରାତ୍ରିଭୋଜନର ସାମଗ୍ରୀକୁ ଯଥାଯଥ ଭାବରେ ସଜାଇ ରଖୁଥିଲେ ଏବଂ ପରେ ସ୍ୱ-କକ୍ଷରେ ବିଶ୍ରାମ ନେଉଥିଲେ । ଏବଂ ମୁଁ ('ଲାଇବ୍ରେରି ହାଉସ୍'ରେ ଥିବା) ମୋ କକ୍ଷରୁ ଶ୍ରୀଅରବିନ୍ଦଙ୍କ ରାତ୍ରି ଭୋଜନ ସକାଶେ ଚା, ଦୁଧ ଏବଂ ସୁପ୍ ଆଣି ସେଠାରେ ରଖୁଥିଲି ।

''ସ୍ନାନ ପରେ ଶ୍ରୀଅରବିନ୍ଦ ରାତ୍ରିଭୋଜନ ଆରମ୍ଭ କରିବା ପରେ ପରେ ମୁଁ ତାଙ୍କ ସ୍ନାନାଗାରକୁ ପରିଷ୍କାର କରି ପୋଛି ଦେଉଥିଲି । ତାଙ୍କର ଭୋଜନ ଶେଷ ହୋଇଗଲେ ମୁଁ ବାସନସବୁକୁ ଧୋଇବା ନିମିତ୍ତ ମୋ କକ୍ଷକୁ ନେଇ ଯାଉଥିଲି ।...

''ସେଦିନ ଅପ୍ରତ୍ୟାଶିତ ଭାବରେ ଘଟଣାଟିଏ ଘଟିଥିଲା – ମୁଁ ବାସନକୁସନ ଧରି ମୋ କକ୍ଷକୁ ପ୍ରବେଶ କରିବାର ଠିକ୍ ପରେ ପରେ । ସେତେବେଳେ ଶ୍ରୀମା ତାଙ୍କ କକ୍ଷରେ ବିଶ୍ରାମ ନେଉଥିଲେ । ଶ୍ରୀଅରବିନ୍ଦ ଏକୁଟିଆ ଜାଗ୍ରତ୍ ଥିଲେ (ରାତ୍ରି ଭୋଜନ ସମାପ୍ତ ପରେ) । ସେ କୋଣ କକ୍ଷଟିରୁ ସ୍ନାନାଗାରକୁ ଯିବା ଉଦ୍ଦେଶ୍ୟରେ ତାଙ୍କ ବିଶ୍ରାମ କକ୍ଷକୁ ପ୍ରବେଶ କରିବାର ଦ୍ୱାରବନ୍ଧ ନିକଟରେହିଁ ଥିବା ବ୍ୟାଘ୍ରଚର୍ମ ଗାଲିଚା ଉପରେ ଝୁଣ୍ଟି ପଡ଼ିଥିଲେ । ତାଙ୍କର ଦକ୍ଷିଣ ଜଙ୍ଘ ବାଘମୁଣ୍ଡରେ ଜୋର୍‌ରେ ପିଟି ହୋଇ ଯାଇଥିଲା ।...''

('Champaklal Speaks' : pp. 83, 109-10)

ଏହି ଦୁର୍ଘଟଣାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧେ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ''ବିରୋଧୀ ଶକ୍ତିରାଜି 'ଦର୍ଶନ ଦିବସ' ଭଳି କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବାକୁ ବହୁତ ଥର ଚେଷ୍ଟା କରିଛନ୍ତି କିନ୍ତୁ ସେମାନଙ୍କର ସମସ୍ତ ଆକ୍ରମଣକୁ ପ୍ରହରୀ ସଦୃଶ ଜାଗ୍ରତ୍ ରହି ମୁଁ ପ୍ରତିହତ କରିବାରେ କୃତକାର୍ଯ୍ୟ ହୋଇଛି । ଏଥର ମୋ ଗୋଡ଼ରେ ଆଘାତ ଲାଗି ଦୁର୍ଘଟଣାଟି ଘଟିବା ସମୟରେ ମୁଁ ଶ୍ରୀମା'ଙ୍କୁ ରକ୍ଷା କରିବାରେ ଅଧିକ ନିବିଷ୍ଟ ଥିଲି ଏବଂ ନିଜ ସମ୍ବନ୍ଧେ ପୂରା ଭୁଲି ଯାଇଥିଲି । ମୁଁ ଭାବି ନଥିଲି ଯେ ବିରୋଧୀ ଶକ୍ତିରାଜି ମୋତେ ଆକ୍ରମଣ କରିବେ । ଏଇଟିହିଁ ଥିଲା ମୋର ଭୁଲ୍ ।''

('Sri Aurobindo for All Ages' : pp. 212 - 13)

ପୁନଶ୍ଚ ନୀରଦଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''...ରାତ୍ରିର ଶେଷ ପ୍ରହର ଉପସ୍ଥିତ ହେଲା; ରାତି ଦୁଇଟା । ଆଶ୍ରମର ମୁଖ୍ୟ ଅଟ୍ଟାଳିକାର ତଳ ମହଲାରେ ପୁରାଣୀଙ୍କ କକ୍ଷର ଆଲୋକ ଜଳି ଉଠିଲା । ଶ୍ରୀମା'ଙ୍କ ସ୍ନାନ ସକାଶେ ତାଙ୍କୁ ଗରମ ପାଣି ପ୍ରସ୍ତୁତ କରିବାକୁ ହେବ । ସକାଳ ସାଢ଼େ ସାତଟାରେ 'ଦର୍ଶନ' । କିନ୍ତୁ କେହି ବି କଳ୍ପନାରେ ଆଣି ପାରି ନଥିଲେ ଯେ –

"Across the path of the divine Event
The huge foreboding mind of Night, alone
In her unlit temple of eternity,
Lay stretched immobile upon Silence' marge."

(Savitri, p. 1)

''ଭାଗବତ ଘଟଣାର ସରଣୀ ଉପରେ
ନିଶିଥିନୀ ସୁବିଶାଳ ଶଂକିତ ମାନସ
ପ୍ରସାରି ନିଃଶବ୍ଦ ତଟେ ରହିଥିଲା ପଡ଼ି
ଏକା ତା'ର ନିଷ୍ପ୍ରଦୀପ ଅନାଦି ମନ୍ଦିରେ ।''

''ସେହି ପ୍ରଗାଢ଼ ନୀରବତା ଭଙ୍ଗ କରି ଶ୍ରୀମା'ଙ୍କ ପ୍ରକୋଷ୍ଠରୁ ସତର୍କ ଘଣ୍ଟି (emergency bell) ବାଜି ଉଠିଲା । ପୁରାଣୀ ତୁରନ୍ତ ଶିଢ଼ି ପାହାଚରେ ଉପରକୁ ଉଠିଯାଇ ଦେଖନ୍ତି ଶ୍ରୀମା ଶିଢ଼ି ପାହାଚର ଠିକ୍ ଉପରି ଭାଗରେ ଛିଡ଼ା ହୋଇଛନ୍ତି । ପୁରାଣୀଙ୍କ ଉପରେ ତାଙ୍କର ନଜର ପଡ଼ିବା ମାତ୍ରେ ସେ କହି ଉଠିଲେ : 'ଶ୍ରୀଅରବିନ୍ଦ ପଡ଼ି ଯାଇଛନ୍ତି । ଯାଅ, ଡାକ୍ତର ମଣିଲାଲଙ୍କୁ ଡାକିଆଣ ।' ସୌଭାଗ୍ୟକୁ ମଣିଲାଲ 'ଦର୍ଶନ' ନିମିତ୍ତ ଗୁଜରାଟରୁ ଆସିଥିଲେ । ଖବର ପାଇବା ମାତ୍ରେ ସେ ତୁରନ୍ତ ଛୁଟି ଆସି ଦେଖିଲେ ଯେ ଶ୍ରୀଅରବିନ୍ଦ ତାଙ୍କର ବିଶ୍ରାମ କକ୍ଷର ଚଟାଣ ଉପରେ ପଡ଼ି ରହିଛନ୍ତି ।... ଡାକ୍ତର ତାଙ୍କର ପ୍ରାଥମିକ ପରୀକ୍ଷା କରି ଅନୁମାନ କଲେ ଯେ ଡାହାଣ ଜଙ୍ଘର ଅସ୍ଥି ଭାଙ୍ଗି ଯାଇଛି ଏବଂ ସେ ଶ୍ରୀମା'ଙ୍କୁ ଅନୁରୋଧ କଲେ କେତେଜଣ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଡାକିବାକୁ ।...

''ପଡ଼ିଯିବା ପରେ ଶ୍ରୀଅରବିନ୍ଦ କିନ୍ତୁ ଅବିଚଳିତ ଥିଲେ ଏବଂ ଉଠିବାକୁ ଚେଷ୍ଟା କରିଥିଲେ । ଏଥିରେ ଅକୃତକାର୍ଯ୍ୟ ହେବାରୁ ସେ ସେଇ ଅବସ୍ଥାରେ ସ୍ଥିର ଭାବରେ ପଡ଼ି ରହିଥିଲେ ଏବଂ ଆଶାପୋଷଣ କରିଥିଲେ ଯେ ଶ୍ରୀମା ନିଶ୍ଚୟ ଶୀଘ୍ର ଆସି ପହଞ୍ଚିଯିବେ । ଶ୍ରୀମା'ଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ସ୍ୱାଭାବିକ – ଯେଉଁ ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ତଳେ ପଡ଼ିଗଲେ ଠିକ୍ ସେହି ମୁହୂର୍ତ୍ତରେ ଶ୍ରୀମା ତାଙ୍କର ନିଦ୍ରିତ ଅବସ୍ଥାରେ ଏକ ତୀବ୍ର ଅନୁକମ୍ପନ ଅନୁଭବ କରି ହୃଦୟଙ୍ଗମ କଲେ ଯେ ଶ୍ରୀଅରବିନ୍ଦଙ୍କର କିଛି ଅଘଟଣ ଘଟିଛି । ସେ ତତ୍‌କ୍ଷଣାତ୍ ଶ୍ରୀଅରବିନ୍ଦଙ୍କ କକ୍ଷରେ ପ୍ରବେଶ କରି ଦେଖିଲେ ସେ ଚଟାଣରେ ପଡ଼ି ରହିଛନ୍ତି । ଚିକିତ୍ସା ବିଜ୍ଞାନ ସମ୍ବନ୍ଧରେ ତାଙ୍କର ସ୍ୱଜ୍ଞାତ ଓ ପ୍ରଭୂତ ପ୍ରଜ୍ଞାରୁ ସେ ଅନୁମାନ କରିନେଲେ ଯେ ଅସ୍ଥିଭଙ୍ଗ ଘଟିଛି । ତା'ପରେ ତୁରନ୍ତ ନିଜ ପ୍ରକୋଷ୍ଠକୁ ଯାଇ ସଂକଟ ଘଣ୍ଟି ବଜାଇ ଥିଲେ ।

''ଖବର ପାଇବା ମାତ୍ରେ ଆମେ କେତେଜଣ ଡାକ୍ତର ଉପରକୁ ଉଠି ଆସି ଦେଖିଲୁ ଡାକ୍ତର ମଣିଲାଲ ଶ୍ରୀଅରବିନ୍ଦଙ୍କର ଆଘାତ ପ୍ରାପ୍ତ ଗୋଡ଼ଟିକୁ ପରୀକ୍ଷା କରୁଛନ୍ତି । ଶ୍ରୀଅରବିନ୍ଦଙ୍କ ପାର୍ଶ୍ୱରେ ବସି ଶ୍ରୀମା ଆସ୍ତେ ଆସ୍ତେ ପଙ୍ଖା କରୁଥା'ନ୍ତି । ମୁହୂର୍ତ୍ତକ ସକାଶେ ମୋ ଆଖି ସାମନାରେ ମୁଁ କ'ଣ ଦେଖୁଛି ବିଶ୍ୱାସ କରି ପାରିଲି ନାହିଁ । ଗୋଟିଏ ଦିଗରେ ଶ୍ରୀଅରବିନ୍ଦ ନିଃସହାୟ ହୋଇ ପଡ଼ି ରହିଥିବା ବେଳେ ଅନ୍ୟ ପକ୍ଷରେ ଶ୍ରୀମା'ଙ୍କ ମୁଖମଣ୍ଡଳରେ ଫୁଟି ଉଠିଥିଲା ଦିବ୍ୟ ଅନୁଶୋଚନା । କିନ୍ତୁ ପରକ୍ଷଣରେ ମୁଁ ପ୍ରକୃତିସ୍ଥ ହୋଇ ଡଃ. ମଣିଲାଲଙ୍କୁ ତାଙ୍କର ପୁଙ୍ଖାନୁପୁଙ୍ଖ ପରୀକ୍ଷା-ନିରୀକ୍ଷା କରିବା କାର୍ଯ୍ୟରେ ସହାୟତା କଲି । ମୋର ଡାକ୍ତରୀ ଚକ୍ଷୁ ଇତିମଧ୍ୟରେ ଶ୍ରୀଅରବିନ୍ଦଙ୍କର ସମଗ୍ର ଭୌତିକ ଅବୟବକୁ କ୍ଷଣିକ ଦୃଷ୍ଟିପାତ ନକରି ରହିପାରିଲା ନାହିଁ । ମର୍ଯ୍ୟାଦାସମ୍ପନ୍ନ ତାଙ୍କର ପୁରୁଷୋଚିତ ସୁଠାମ ଆକୃତି ଦେଖି କୃତକୃତ୍ୟ ହୋଇ ଉଠିଲି । ତାଙ୍କର ଡାହାଣ ଆଣ୍ଠୁଟି ବଙ୍କା ହୋଇ ରହିଥିଲା, ତାଙ୍କର ମୁଖମଣ୍ଡଳରେ ଉକୁଟି ଉଠିଥିଲା ଏକ ଅପ୍ରତିଭ ସ୍ମିତହାସ୍ୟ – ଯେପରିକି ତାଙ୍କର କ'ଣ ଅସୁବିଧା ହୋଇଛି ସେ ସମ୍ବନ୍ଧେ କିଛି ଜାଣନ୍ତି ନାହିଁ । ତାଙ୍କର ଭାସ୍ୱର, ସୁଗଠିତ, ମର୍ମରସମ ମସୃଣ ସ୍ୱର୍ଣ୍ଣାଭ ଜାନୁକୁ ପରିବେଷ୍ଟନ କରି ରହିଥିବା ନିଖୁଣ ଭାବେ ଇସ୍ତ୍ରି କରାଯାଇଥିବା ତୁଷାର-ଧବଳ ଧୋତିଟି ବେଶ୍ ଆକର୍ଷଣୀୟ ଥିଲା । ମୋର ସ୍ମରଣରେ ଆସିଲା ବିଖ୍ୟାତ କବି ଓ ନାଟ୍ୟକାର ଉଇଲିୟମ୍ ଇଟ୍‌ସଙ୍କର ପଂକ୍ତି : 'ସ୍ୱର୍ଣ୍ଣାଭ ଜାନୁ ଶୋଭିତ ବିଶ୍ୱ ବିଖ୍ୟାତ ପିଥାଗୋରାସ୍' । ଏହା ସାଙ୍ଗକୁ ହଠାତ୍ ନିମିଷକର ସୂକ୍ଷ୍ମ ଦୃଷ୍ଟିରେ ଅବଲୋକନ କଲି ବେଦବର୍ଣ୍ଣିତ 'ସୁବର୍ଣ୍ଣ ପୁରୁଷ'ଙ୍କୁ !

''ଡଃ. ମଣିଲାଲ ଶ୍ରୀଅରବିନ୍ଦଙ୍କର ଆଘାତ ପ୍ରାପ୍ତ ଗୋଡ଼କୁ ଅତୀବ ଯତ୍ନପୂର୍ବକ ସାମାନ୍ୟ ହଲଚଲ କରିବା ମାତ୍ରେ ତାଙ୍କ ଶ୍ରୀତୁଣ୍ଡରୁ କ୍ଷୀଣ ସ୍ୱରରେ 'ଆଃ' ଶବ୍ଦ ଉଚ୍ଚାରିତ ହୋଇ ଉଠିଥିଲା ଏବଂ ଶ୍ରୀମା ଅବିଳମ୍ବେ ତାଙ୍କୁ ପଚାରିଥିଲେ, 'ଆପଣଙ୍କୁ ପୀଡ଼ା ଦେଉଛି ?' ପୁଙ୍ଖାନୁପୁଙ୍ଖ ରୂପେ ଡାକ୍ତରୀ ପରୀକ୍ଷା ଚାଲିଥିବା ସମୟ ଭିତରେ ସେ କ୍ୱଚିତ୍ ଶବ୍ଦ ଉଚ୍ଚାରଣ କରିଥିଲେ; କେବଳ ଡାକ୍ତରଙ୍କର ପଚାରିଥିବା ପ୍ରଶ୍ନସବୁର ଉତ୍ତର ବ୍ୟତୀତ । ଅବଶେଷରେ ଡାକ୍ତର ନିଜର ଚୂଡ଼ାନ୍ତ ମତ ବ୍ୟକ୍ତ କଲେ ଯେ ଜଙ୍ଘ ହାଡ଼ ଭାଙ୍ଗି ଯାଇଛି । ଶ୍ରୀଅରବିନ୍ଦ ଡାକ୍ତରଙ୍କ ନିର୍ଣ୍ଣୟକୁ କେବଳ ନୀରବରେ ଶୁଣିଲେ, କୌଣସି ମନ୍ତବ୍ୟ ଦେଲେ ନାହିଁ ।

''ଶ୍ରୀମା ତୁରନ୍ତ ଏକ ପରିଚର୍ଯ୍ୟା-ଗୋଷ୍ଠୀ ଗଠନ କଲେ । ସେଥିରେ ଡାକ୍ତର ମଣିଲାଲଙ୍କୁ ବାଦ୍ ଦେଇ ଆଶ୍ରମର ଅନ୍ୟ ତିନିଜଣ ଡାକ୍ତର, ଚମ୍ପକଲାଲ ଏବଂ ପୁରାଣୀଙ୍କୁ ନେବା ପରେ ତଥାପି ଆଉ ଜଣଙ୍କର ଆବଶ୍ୟକତା ହେଉଥିଲା । ସେ ଜଣକ କିଏ ରହିବ – ଶ୍ରୀମା ଏଇ ଭାବନା ସହିତ ଶ୍ରୀଅରବିନ୍ଦଙ୍କ କକ୍ଷର ପୂର୍ବ ପଟରେ ଥିବା ଝରକାର ଚଳନଶୀଳ କବାଟ (ସଟର୍) ମଧ୍ୟ ଦେଇ ରାସ୍ତାକୁ ଅନାଇଲେ । ଠିକ୍ ସେହି ସମୟରେ ଡାକ୍ତର ସତ୍ୟେନ୍ଦ୍ର (ଆଶ୍ରମରେ ଥିବା) ତାଙ୍କର ଡେଣ୍ଟାଲ୍ କ୍ଲିନିକ୍ ସାମନାରେ ଛିଡ଼ା ହୋଇ କାହା ସହିତ କଥାବାର୍ତ୍ତା କରୁଥିଲେ । ତାଙ୍କ ଉପରେ ଶ୍ରୀମା'ଙ୍କ ନଜର ପଡ଼ିବା ମାତ୍ରେ ସେ ଆମ ସମସ୍ତଙ୍କୁ କହି ଉଠିଲେ,– 'ସତ୍ୟେନ୍ଦ୍ରକୁ ନିଅ ।'*

''ଦ୍ୱିତୀୟ ଆଶୁ ପଦକ୍ଷେପ ଥିଲା ଶ୍ରୀଅରବିନ୍ଦଙ୍କ ଆଘାତ ପ୍ରାପ୍ତ ଗୋଡ଼କୁ ପ୍ଲାଷ୍ଟର୍ କରିବା । ଯେହେତୁ ସ୍ଥାନୀୟ ହସ୍‌ପିଟାଲ୍ ହୁଏତ ଆମକୁ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବାରେ ସକ୍ଷମ ହୋଇ ନପାରେ, ତେଣୁ ଖୁବ୍ ଶୀଘ୍ର ଆଶ୍ରମର ସାଧକ ଦୁରାଇ ସ୍ୱାମୀ ତାଙ୍କ ବନ୍ଧୁ କାଡ଼ାଲୋର୍ ହସ୍‌ପିଟାଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ୍ ଡଃ. ରାଓଙ୍କୁ ଡକାଇ ପଠାଇଲେ । ଇତି ମଧ୍ୟରେ ପୁରାଣୀ ଗଭର୍ଣ୍ଣମେଣ୍ଟ ଔଷଧାଳୟରୁ ପ୍ଲାଷ୍ଟର୍ ଅଫ୍ ପାରିସ୍ ନେଇ ଆସିଲେ । ପରିଶେଷରେ ଶ୍ରୀଅରବିନ୍ଦଙ୍କ ଗୋଡ଼କୁ ପ୍ରାଥମିକ ଚିକିତ୍ସା ସ୍ୱରୂପ ଏକ ସୁରକ୍ଷା ଛାଞ୍ଚ(cast)ରେ ରଖାଗଲା । ପରବର୍ତ୍ତୀ ପଦକ୍ଷେପ ଥିଲା ପରମପ୍ରଭୁଙ୍କୁ ତାଙ୍କର ଶୟନ-ଶଯ୍ୟା ଉପରକୁ ଉଠାଇ ନେବା । ଏହି କର୍ମଟି ଏତେ

ସହଜ ନଥିଲା । ପୁରାଣୀ, ଚମ୍ପକଲାଲ, ସତ୍ୟେନ୍ଦ୍ର ଓ ମୂଳଶଙ୍କର ସଦୃଶ ବଳିଷ୍ଠ ଯୁବକଗଣ ଥିବା ସତ୍ତ୍ୱେ ଏହା ବେଶ୍ କଠିନ କାମ ଥିଲା । ମନ୍ଦିର ସ୍ୱରୂପ ତାଙ୍କର ପବିତ୍ର ଅବୟବର ଗର୍ଭଗୃହରେ ସଯତ୍ନରେ ସାଇତା ହୋଇ ବିରାଜମାନ ଥିବା ଘନୀଭୂତ ଭାରୀ ଆଧ୍ୟାତ୍ମିକ ସମ୍ପଦ ସହ ତାଙ୍କର ଭୌତିକ ଗଠନଟି ବି ବେଶ୍ ଓଜନଦାର ଥିଲା ।''

(Twelve Years with Sri Aurobindo, : pp. 2 - 5)

[ବି. ଦ୍ର : କହିବାକୁ ଗଲେ ଉପରୋକ୍ତ ପରିଚର୍ଯ୍ୟା ଗୋଷ୍ଠୀଟି, ଶ୍ରୀଅରବିନ୍ଦଙ୍କର ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ପରେ ମଧ୍ୟ ତାଙ୍କର ସେବା-ଶୁଶ୍ରୂଷାରେ ରହିଥିଲେ । ଏହା ଦ୍ୱାରା ଶ୍ରୀଅରବିନ୍ଦଙ୍କର ବାର ବର୍ଷର ଏକାନ୍ତବାସ(୧୯୨୬-୧୯୩୮)ର ସ୍ୱରୂପର ପରିବର୍ତ୍ତନ ଘଟିଲା ।]

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

* ଆଗ୍ରହୀ ପାଠକମାନଙ୍କ ସମ୍ବନ୍ଧେ ଏହି ଚାରିଜଣ ଡାକ୍ତରଙ୍କର ଏକ ସଂକ୍ଷିପ୍ତ ସୂଚନା : ଆଶ୍ରମରେ ତିରିଶ ଦଶକରେ ଡାକ୍ତରଖାନା ଥିଲା ଆଶ୍ରମ ଭିତରେ, ଏବେ ଯେଉଁଠି ଫଟୋ ଓ ରିସେପ୍ସନ୍ କକ୍ଷ ଓ ତତ୍ସଂଲଗ୍ନ ଅଫିସ କକ୍ଷ । ବରୋଦାରୁ ଆଗତ ସାଧକ ଦୟାଶଙ୍କର ଖମ୍ଜୀ ଜାନି (ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ନାମ 'ଏସ୍କ୍ୟୁଲାପ୍' – ପୁରାତନ ରୋମାନ୍ ଚିକିତ୍ସାଶାସ୍ତ୍ରର ଦେବତା) ଡାକ୍ତରଖାନାର ଦେଖାଶୁଣା କରୁଥିଲେ । ଡାକ୍ତରୀ ପାଶ କରି ନଥିଲେ, କିନ୍ତୁ ଔଷଧପତ୍ର ସମ୍ବନ୍ଧେ ତାଙ୍କର ପ୍ରାଥମିକ ଚିକିତ୍ସା-ଜ୍ଞାନ ଯଥେଷ୍ଟ ଥିଲା । ତାଙ୍କୁ ସାହାଯ୍ୟ କରୁଥିଲେ ବଳିଷ୍ଠ-ଯୁବକ ସାଧକ ମୂଳଶଙ୍କର ଖମ୍ଜୀ ଜାନି (ଅହମଦାବାଦ) । ଦୟାଶଙ୍କର ୧୯୨୮ରୁ ୧୯୩୭ ପର୍ଯ୍ୟନ୍ତ ଆଶ୍ରମରେ ଥିଲେ । ୧୯୩୮ ଅକ୍ଟୋବରରେ ତାଙ୍କର ସ୍ୱାସ୍ଥ୍ୟହାନି ଘଟିବାରୁ ସେ ଆଶ୍ରମ ଛାଡ଼ି ଚାଲିଗଲେ । ଶ୍ରୀମା ତାଙ୍କ ସ୍ଥାନରେ ଅହମଦାବାଦରୁ ସଦ୍ୟ ଆଗତ ଯୁବକ-ସାଧକ ଡାକ୍ତର ବେଚାର୍ଲାଲଙ୍କୁ ଡାକ୍ତରଖାନାର ଦାୟିତ୍ୱ ଦେଲେ । ସେ ଆଶ୍ରମରେ ବେଶୀ ଭାଗ କଟାଉଥିଲେ ସତ, କିନ୍ତୁ ମଝିରେ ମଝିରେ ଘରକୁ ଯାଉଥିଲେ । ୧୯୩୩ରେ ଆସି ପହଞ୍ଚିଲେ ବିଲାତ ଫେରନ୍ତା ଡାକ୍ତର ନୀରଦବରଣ । ଶ୍ରୀମା ତାଙ୍କୁ ପ୍ରଥମେ ଆଶ୍ରମର କାଠଗୋଦାମ ରକ୍ଷଣାବେକ୍ଷଣର ଭାର ଦେଇଥିଲେ; କିନ୍ତୁ ପରେ ତାଙ୍କୁ ଆଶ୍ରମ ଡାକ୍ତରଖାନାର ପୂରା ଦାୟିତ୍ୱ ଦେଇଥିଲେ । ତେଣୁ ଆଶ୍ରମରେ ତିନିଜଣ ଚିକିତ୍ସକ ଥିଲେ – ଡାକ୍ତର ବେଚାରଲାଲ୍, ଡାକ୍ତର ନୀରଦବରଣ ଏବଂ (କମ୍ପାଉଣ୍ଡର ସଦୃଶ) ମୂଳଶଙ୍କର । ୧୯୩୪, ଡିସେମ୍ବରରେ ଆଶ୍ରମରେ ଆସି ପହଞ୍ଚିଥିଲେ ଡାକ୍ତର ସତ୍ୟେନ୍ଦ୍ର ଠାକୁର (ଅହମଦାବାଦ) । ଶ୍ରୀମା'ଙ୍କ ଅନୁମତି କ୍ରମେ ସେ (ଆଶ୍ରମରେ) ତାଙ୍କର ଡେଣ୍ଟାଲ୍ କ୍ଲିନିକ୍ ଖୋଲିଥିଲେ । ସେ କଦବା କେବେ ଘରକୁ ଯାଉଥିଲେ ସତ, କିନ୍ତୁ ୧୯୪୯ରେ ଶେଷଥର ଯାଇ ଫେରି ଆସି ସମଗ୍ର ଜୀବନ ଆଶ୍ରମରେ ବିତାଇଥିଲେ । ସେ ଥିଲେ ସଦାପ୍ରଫୁଲ୍ଲ, ଅତ୍ୟନ୍ତ ମେଳାପୀ, କୋମଳ ସ୍ୱଭାବର ବଳିଷ୍ଠ ଯୁବକ । – ସଂଗ୍ରାହକ

---

ଆମକୁ ଏହାହିଁ ଜଣାଇବା ନିମନ୍ତେ ଶ୍ରୀଅରବିନ୍ଦଙ୍କର ଆଗମନ : ସତ୍ୟ ଖୋଜି ପାଇବା ନିମନ୍ତେ ଏ ପୃଥିବୀଠାରୁ ଦୂରେଇ ଯିବା ପ୍ରୟୋଜନ ନୁହେଁ, ଆତ୍ମା ଖୋଜି ପାଇବା ନିମନ୍ତେ ଜୀବନଠାରୁ ଦୂରେଇ ଯିବା ପ୍ରୟୋଜନ ନୁହେଁ, ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ନିମନ୍ତେ ପୃଥିବୀ ବର୍ଜନ କରିବା ଅଥବା ସୀମିତ ବିଶ୍ୱାସ ପୋଷଣ କରିବା ପ୍ରୟୋଜନ ନୁହେଁ । ଭଗବାନ୍ ସର୍ବତ୍ର, ସବୁଥିରେ ବିଦ୍ୟମାନ ଏବଂ ସେ ଯଦି ପ୍ରଚ୍ଛନ୍ନ... ତା'ର କାରଣ ଆମେ ତାଙ୍କୁ ଆବିଷ୍କାର କଲା ଭଳି ଶ୍ରମ ସ୍ୱୀକାର କରୁନା ।

କେବଳ ଏକ ଆନ୍ତରିକ ଅଭୀପ୍ସା ଦ୍ୱାରା ହିଁ ଆମେ ଆମ ଭିତରେ ଥିବା ରୁଦ୍ଧ ଦ୍ୱାରଟିଏ ଉନ୍ମୁକ୍ତ କରିପାରୁ ଏବଂ ପାଇପାରୁ... ଏପରି କିଛି ଯାହା ଜୀବନର ଯାବତୀୟ ତାତ୍ପର୍ଯ୍ୟ ବଦଳାଇ ଦେବ,...

– ଶ୍ରୀମା

# ପାଠଚକ୍ର ଓ ଛାତ୍ର-ସମାଜ ସମ୍ବନ୍ଧରେ ପ୍ରଶ୍ନୋତ୍ତର

## ରାମକୃଷ୍ଣ ଦାସ

*ପ୍ରଶ୍ନ : ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜର ଆରମ୍ଭରେ ସଭ୍ୟମାନେ ବହୁତ ସଂଖ୍ୟାରେ ଆସୁଛନ୍ତି । ସେଥିରେ ସେମାନଙ୍କର ଆଗ୍ରହ ଉତ୍ସାହ ଦେଖା ଯାଉଛି । କିଛିଦିନ ପରେ ଅଧିକାଂଶ ସଭ୍ୟଙ୍କର ଆଗ୍ରହ କମି ଯାଉଛି, ଶେଷରେ ଚାରି, ପାଞ୍ଚ ଜଣ ରହି ଯାଉଛନ୍ତି । ଏହାର କାରଣ କ'ଣ ?*

ଉତ୍ତର : ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜର ମହତ୍ତ୍ୱ ନ ଜାଣିବା, ଜୀବନର ଉନ୍ନତି ତଥା ପୂର୍ଣ୍ଣତା ଏବଂ ଅଜ୍ଞାନ, ଦୁଃଖ-କଷ୍ଟ, ବିଶୃଙ୍ଖଳା, ମିଥ୍ୟାଚାର, ଅନ୍ୟାୟ, ଅସତ୍ୟରୁ ମୁକ୍ତ, ଦୁଃଖ-ଦ୍ୱନ୍ଦ୍ୱବିହୀନ ପରମ ସୁଖ, ପରମ ଶାନ୍ତି, ପରମ ଜ୍ଞାନ, କାର୍ଯ୍ୟକାରୀ ଶକ୍ତି, କର୍ମ କୌଶଳ ପ୍ରାପ୍ତ କରିବା ସକାଶେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅପରିହାର୍ଯ୍ୟ ବୋଲି ହୃଦୟଙ୍ଗମ ନ କରିବା ହେଲା ଏହାର କାରଣ । ଏହି କାରଣରୁ ମେମ୍ବରମାନଙ୍କର ଉତ୍ସାହ କମି ଯାଉଛି ଏବଂ ପାଠଚକ୍ରରେ ଯୋଗ ଦେବା ବନ୍ଦ କରୁଛନ୍ତି । ଯଦି ସେମାନେ ନିଷ୍ଠାର ସହ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜରେ ନିୟମିତ ରୂପେ ଯୋଗ ଦିଅନ୍ତେ, ମା'ଙ୍କ ଉପରେ ବିଶ୍ୱାସ, ନିର୍ଭରତା ରଖନ୍ତେ; ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ଲୋକ-ସାହିତ୍ୟ ପଢ଼ନ୍ତେ, 'ମା' ଏହି ନାମ ସ୍ମରଣ କରନ୍ତେ, ତେବେ ଭାଗବତୀ ଶକ୍ତିଙ୍କ ସ୍ପର୍ଶ ପାଇ ପାରନ୍ତେ, ଅନ୍ତରାତ୍ମା ଜାଗ୍ରତ ହୁଅନ୍ତା; କ୍ରମଶଃ ମା'ଙ୍କ ଉପରେ ବିଶ୍ୱାସ, ନିର୍ଭରତା ବୃଦ୍ଧି ହୁଅନ୍ତା, ବୁଦ୍ଧି, ବିବେକ, ବିକାଶ ହେବାକୁ ଲାଗନ୍ତା; ସେମାନେ ଉତ୍ତମ ରୂପେ କର୍ମ କରି ପାରନ୍ତେ, ଭଲ ପଢ଼ି ପାରନ୍ତେ, ଜୀବନ ଉନ୍ନତିର ପ୍ରତିକୂଳ କର୍ମକୁ ଜାଣି ପାରନ୍ତେ, ଚିହ୍ନି ପାରନ୍ତେ ଏବଂ ପରିତ୍ୟାଗ କରି ପାରନ୍ତେ । ସେମାନଙ୍କ ମଧ୍ୟରେ କ୍ରମଶଃ ସଦ୍‌ଗୁଣ ବୃଦ୍ଧି ହୁଅନ୍ତା, ଅସଦ୍‌ଗୁଣ କ୍ଷୟ ହେବାକୁ ଲାଗନ୍ତା । ପୃଥିବୀରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ନୂତନ ସତ୍ୟ ନୂତନ ଯୁଗ ଆଡ଼କୁ ଅଗ୍ରସର ହୁଅନ୍ତା । ସେମାନଙ୍କ ଦ୍ୱାରା ପରିବାର, ଗ୍ରାମ, ସମାଜ, ବ୍ୟବସାୟ, ରାଜନୀତି, ଶାସନରେ ସତ୍ୟ, ନ୍ୟାୟ, ସାମଞ୍ଜସ୍ୟ, ଶାନ୍ତି ପ୍ରତିଷ୍ଠା ହୁଅନ୍ତା । ସେହିମାନେ ହୁଅନ୍ତେ ଆଗାମୀ ସତ୍ୟ ଯୁଗର ଅତିମାନବ ଜାତିର ଅଗ୍ରଦୂତ ଏବଂ ଆଦର୍ଶ । ଏହାହିଁ ଭଗବାନଙ୍କର ସଂକଳ୍ପ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା, ଶ୍ରୀଅରବିନ୍ଦ ଅତିମାନସ ବିଜ୍ଞାନ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଅଛନ୍ତି । ସେହି ଶକ୍ତି ଏ ପୃଥିବୀରେ ରୂପାନ୍ତର କ୍ରିୟା କରୁଛି ।

ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜର ଆରମ୍ଭରେ କେତେକ ବ୍ୟକ୍ତିଙ୍କ ଆତ୍ମା, ସତ୍ୟ-ସ୍ପର୍ଶ ପାଇବା ଯୋଗୁଁ ସେମାନେ ସେଥିରେ ଯୋଗ ଦିଅନ୍ତି । ଅନ୍ୟମାନେ ଗୋଟିଏ ନୂଆ ସଂସ୍ଥାରେ ମେମ୍ବର ହେବା କୌତୂହଳ ଯୋଗୁଁ ସେଥିରେ ଯୋଗ ଦିଅନ୍ତି । ଯେଉଁମାନଙ୍କ ସଦ୍ୟ ଫଳକାମୀ ମନ-ପ୍ରାଣକୁ କାମନା-ବାସନା ତୃପ୍ତିର କୌଣସି ସାମଗ୍ରୀ ନ ମିଳେ, ସେମାନେ ହତାଶ ହୋଇ ପାଠଚକ୍ର ତଥା ଛାତ୍ର-ସମାଜକୁ ଯିବା ବନ୍ଦ କରି ଦିଅନ୍ତି । ଏହି ସଂସ୍ଥାର ମହତ୍ତ୍ୱ ଜାଣିବା ଏବଂ ଅନୁଭବ କରିବା ସକାଶେ ଧୈର୍ଯ୍ୟର ଅଭାବ ଯୋଗୁଁ ଅପେକ୍ଷା କରି ପାରନ୍ତି ନାହିଁ । ଯଥାର୍ଥରେ ଗୋଟିଏ ସ୍ଥାନରେ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ଛାତ୍ର-ସମାଜର କେତେକ ବ୍ୟକ୍ତି ସାମୂହିକ ଆଧ୍ୟାତ୍ମିକ ଚିନ୍ତା କରିବା ଯୋଗୁଁ ସେ ସ୍ଥାନରେ ଗୋଟିଏ ଅନୁକୂଳ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୁଏ । ଉପଯୁକ୍ତ ବାତାବରଣ ଯୋଗୁଁ ନୂତନ ଯୁଗର ଅତିମାନସ ଶକ୍ତି ଅଧିକ କ୍ରିୟାଶୀଳ ହୁଏ । ସେ ସ୍ଥାନରେ ସମ୍ମିଳିତ ହୋଇଥିବା ବ୍ୟକ୍ତି ଅଜ୍ଞାତରେ ସେହି ଶକ୍ତିର ସ୍ପର୍ଶ ପାଆନ୍ତି । କିନ୍ତୁ ବ୍ୟକ୍ତିର ମନ, ପ୍ରାଣ, ଶରୀର ପୂର୍ବ ଅଭ୍ୟାସ, କାମନା, ବାସନା, ତାମସିକତା ପ୍ରଭାବରେ ପ୍ରଭାବିତ ହୋଇ ଏହି ନୂତନ ସତ୍ୟକୁ ଗ୍ରହଣ କରନ୍ତି ନାହିଁ । ବରଂ ତାହା ଦ୍ୱାରା ଅଧିକୃତ ହେବା ଭୟରେ ବିଦ୍ରୋହ କରନ୍ତି । ଅସ୍ୱସ୍ତି ଅନୁଭବ କରନ୍ତି । ସେଠାରେ ସପ୍ତାହରେ ଥରେ ଏକ ଘଣ୍ଟା ବସିବା କଠିନ ହୋଇପଡ଼େ । ସେହି ସକାଶେ ସେମାନେ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ଛାତ୍ର-ସମାଜରୁ ଚାଲି ଆସନ୍ତି । ଯଦି ସେମାନେ ଉପର ଲିଖିତ ପ୍ରଣାଳୀ ଅନୁସାରେ କାର୍ଯ୍ୟ କରନ୍ତେ ତେବେ ସେମାନଙ୍କୁ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜର ମହତ୍ତ୍ୱ ଅଧିକରୁ ଅଧିକ ଅନୁଭବ ହୁଅନ୍ତା । ସେମାନଙ୍କର ମନ, ପ୍ରାଣ, ଶରୀର କ୍ରମଶଃ ସତ୍ୟର ପ୍ରଭାବକୁ ସ୍ୱୀକାର କରନ୍ତେ ।

ସେଥିରେ ସେମାନଙ୍କର ଆଗ୍ରହ, ଉତ୍ସାହ କମିବା ପରିବର୍ତ୍ତେ ଅଧିକରୁ ଅଧିକ ବୃଦ୍ଧି ହୁଅନ୍ତା । ସେମାନେ ପାଠଚକ୍ର, ଛାତ୍ର-ସମାଜରୁ ଚାଲି ଆସିବା ପରିବର୍ତ୍ତେ ବହୁ ସ୍ଥାନରେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜ ପ୍ରତିଷ୍ଠା କରନ୍ତେ । ମନ-ବିଶିଷ୍ଟ, ଅଜ୍ଞାନ ପ୍ରଭାବିତ ମନୁଷ୍ୟ ପକ୍ଷେ ଅଭ୍ୟାସଗତ ପୁରାତନ ସଂସ୍ଥା ତଥା କର୍ମକୁ ଛାଡ଼ି ନୂତନ ବିକାଶୋନ୍ମୁଖ ସତ୍ୟ ଗ୍ରହଣ କରିବା ସର୍ବଥା କଷ୍ଟକର । ଏହା ମନୁଷ୍ୟର ସ୍ୱଭାବ ଏବଂ ଜାଗତିକ ପ୍ରକୃତିର ନିୟମ । ବିକାଶ ମାର୍ଗରେ ମନୁଷ୍ୟ ଅଗ୍ରସର ହେବା ସମୟରେ ସର୍ବଥା ଅଭ୍ୟାସଗତ ସଂସ୍କାର ଓ ସ୍ୱଭାବ ସଙ୍ଗେ ଯୁଦ୍ଧ କରି ଚାଲିବାକୁ ହୋଇଥାଏ । ମନୁଷ୍ୟର ଦୃଢ଼ ସଂକଳ୍ପ ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ନହେଲେ ସେ ଭବିଷ୍ୟତ୍ ସତ୍ୟ ଆଡ଼କୁ ତୀବ୍ରଭାବେ ଅଗ୍ରସର ହୋଇପାରେ ନାହିଁ । ଆମ୍ଭେମାନେ ଗଭୀରଭାବେ ବିଚାର କଲେ ଏହାର ଯଥାର୍ଥତା ସ୍ପଷ୍ଟଭାବେ ବୁଝି ପାରିବା ।

ଛୋଟ ପିଲା ସ୍ୱଭାବତଃ ଚିତ୍ ହୋଇ ଶୋଇଥାଏ । ବିକାଶ ଅନୁସାରେ ପେଟେଇଲେ, ଆଣ୍ଠେଇଲେ, ଚାଲିଲେ ତା'ର ପୂର୍ବ ସ୍ୱଭାବର ବିରୁଦ୍ଧ ଆଚରଣ ହୁଏ । ସେ ସକାଶେ ତା' ଶରୀର ଅସୁସ୍ଥ ହୁଏ । କିନ୍ତୁ ବିକାଶୋନ୍ମୁଖ ପ୍ରକୃତି ସାହାଯ୍ୟରେ ସେ ପୂର୍ବାଭ୍ୟାସକୁ ଛାଡ଼ି ଅଗ୍ରସର ହୁଏ ।

ପ୍ରାୟ ୬୦/୭୦ ବର୍ଷ ପୂର୍ବର ଘଟଣା । ସେତେବେଳେ ଓଡ଼ିଶାରେ ସ୍କୁଲ ନଥିଲା । ଗ୍ରାମର ଚାହାଳିରେ ପିଲାମାନେ ଦାଣ୍ଡ ପିଣ୍ଡାରେ ବସି ପଢୁଥିଲେ । ଗୋଟିଏ ଚାହାଳିରେ ଗ୍ରାମର ପିଲାମାନଙ୍କ ମଧ୍ୟରୁ ତିନି, ଚାରିଟି ପିଲାଙ୍କର ପଢ଼ିବାରେ ଟିକିଏ ପ୍ରବୃତ୍ତି ହେଉଥିଲା । ବାକିସବୁ ପିଲାଙ୍କୁ ବଣ ପଶୁଙ୍କୁ ଆଣି ବନ୍ଦିଶାଳାରେ ରଖିବା ସଦୃଶ ଚାହାଳିରେ ବସେଇ ଦିଆ ହେଉଥିଲା । ସେ ପିଲାମାନଙ୍କର ପଢ଼ିବାରେ ଟିକିଏ ମନ ନଥାଏ । ଅଧିକାଂଶ ମାତାପିତା ପିଲାଙ୍କୁ ପଢ଼େଇବା ସପକ୍ଷରେ ଏକବାରେ ନଥା'ନ୍ତି । ଝିଅମାନଙ୍କ ପାଠପଢ଼ା ପାପ ଏବଂ କୁଳର ପରମ୍ପରା ବିପରୀତ ବୋଲି ମାନ୍ୟ ହେଉଥାଏ । ପାଠ ପଢ଼ିଥିବା ଝିଅ ଉପରମୁହିଁ ହୋଇଥିବା ଦୋଷ ବିବାହ ସମୟରେ ବିଚାର କରାହୁଏ । ଭାରତ ସ୍ୱାଧୀନ ହେବା ପରେ ଗ୍ରାମେ ଗ୍ରାମେ ସ୍କୁଲ ହେବା ଯୋଗୁଁ ସେହି ପୂର୍ବ କୁସଂସ୍କାର ଦୂର ହେଲା । ସବୁ ଶ୍ରେଣୀର ପିଲା ପଢ଼ିବାକୁ ପ୍ରବୃତ୍ତ ହେଲେ । ଠିକ୍ ସେହିପରି ଅତିମାନସ ସତ୍ୟର ସନ୍ଧାନ ଦେବା ତଥା ମନୁଷ୍ୟକୁ ସେହି ବାତାବରଣରେ ଅଭ୍ୟସ୍ତ କରାଇବା ସକାଶେ ଗ୍ରାମେ ଗ୍ରାମେ ପାଠଚକ୍ର, ସ୍କୁଲ, କଲେଜରେ ଛାତ୍ର-ସମାଜ ଗଠନ ଏବଂ ଏହି ସମ୍ପର୍କୀୟ ସାହିତ୍ୟ ପତ୍ର-ପତ୍ରିକାର ପ୍ରସାର ଆବଶ୍ୟକ । ଏହି ପ୍ରୟାସ କେବଳ ମାନସିକ ଆଦର୍ଶ ନୁହେଁ । ଏହା ପଶ୍ଚାତରେ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ସଂସାର ବାତାବରଣରେ କ୍ରିୟା କରୁଛି ।

ଜାଗତିକ ବିଦ୍ୟା ପ୍ରାପ୍ତି ବିରୋଧରେ ଯେଉଁ କୁସଂସ୍କାର ଥିଲା ତାହାଠାରୁ ବହୁ ଗୁଣେ ଅଧିକ ହେଉଛି ଏହି ଅତିମାନସର ସତ୍ୟ ଗ୍ରହଣ ବିରୋଧରେ ଆମ୍ଭମାନଙ୍କ ଅଜ୍ଞାନ, ମୋହାସକ୍ତ ବାସନା-କାମନାଯୁକ୍ତ ମନ, ପ୍ରାଣ, ଶରୀର ଏବଂ ସେସବୁର ପୂର୍ବାଭ୍ୟାସ, କୁସଂସ୍କାର, ସନ୍ଦେହ, ଅବିଶ୍ୱାସ । ମନ, ପ୍ରାଣ, ଶରୀରର ସ୍ୱଭାବ ହେଉଛି ଉପସ୍ଥିତ ଅବସ୍ଥା ଅତିକ୍ରମ ନକରି ସେହିଠାରେ ପଡ଼ି ରହିବା; ସେହି ଅବସ୍ଥା ଯେତେ ଅପ୍ରୀତିକର, ଦୁଃଖଦାୟକ, ଶୋକପ୍ରଦ ହେଲେ ମଧ୍ୟ ତା' ସୀମା ବାହାରକୁ ନଯିବା; ବର୍ତ୍ତମାନ ପରିସ୍ଥିତି ଅପେକ୍ଷା ଉନ୍ନତ ଅବସ୍ଥା କଥା ଶୁଣିଲେ ତାହା ଅବିଶ୍ୱାସ କରି ତା' ବିରୋଧରେ ବହୁ ଯୁକ୍ତିତର୍କ ଉପସ୍ଥାପିତ କରିବା ଏବଂ ସେହି ଦୁଃଖ, କଷ୍ଟ ପରିସ୍ଥିତିର ସୀମା ମଧ୍ୟରେ ଘଣା-ବଳଦ ସଦୃଶ ବୁଲୁଥିବା । ମନ, ପ୍ରାଣ ନିଜର ସ୍ୱଭାବ ଅନୁସାରେ ଆଜି ବି ଏହି ନୂତନ ସତ୍ୟ ବିରୋଧରେ ଅଣ୍ଟା ଭିଡ଼ି ଛିଡ଼ା ହୋଇଛନ୍ତି । ଯେଉଁମାନେ କୌଣସି ଉତ୍ତମ ସଂସ୍କାରରୁ ସେ ସତ୍ୟ ସଂସ୍ପର୍ଶରେ ଯାଉଛନ୍ତି ସେମାନଙ୍କ ଗୋଡ଼ ଧରି ପଛକୁ ଟାଣି ଆଣୁଛନ୍ତି । ଏହି କାରଣରୁ ପାଠଚକ୍ର, ଛାତ୍ର-ସମାଜର ମେମ୍ବରମାନଙ୍କ ସଂଖ୍ୟା କମ୍ ହେଉଛି । ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜର ମେମ୍ବର ତଥା ବ୍ୟବସ୍ଥାପକ, କର୍ମୀ ଏବଂ କର୍ମକର୍ତ୍ତାମାନଙ୍କର ସଂସ୍ଥାର ମେମ୍ବର କମ୍ ହେବା ତଥା ଅନ୍ୟାନ୍ୟ ବାଧାବିଘ୍ନ, ବିରୋଧ ଯୋଗୁଁ କେବେ ବି ହତୋତ୍ସାହିତ ହେବା ଉଚିତ ନୁହେଁ । ଯେବେ ଯେବେ ନୂତନ ସତ୍ୟ ପୃଥିବୀକୁ ଆସେ ତାକୁ ଜାଣିବା ଏବଂ ଗ୍ରହଣ କରିବା ବ୍ୟକ୍ତି ପ୍ରଥମରେ ଖୁବ୍ କମ୍ ହୁଅନ୍ତି । ସେହିମାନଙ୍କୁ ପୂର୍ବ ପ୍ରଚଳିତ ଅଭ୍ୟାସ, ସଂସ୍କାର, ବିଧିବିଧାନ ସହିତ ଏବଂ ଏସବୁ ଦ୍ୱାରା ଅଧିକୃତ ହୋଇଥିବା ବ୍ୟକ୍ତିଙ୍କ ସହିତ ବହୁତ ସଂଘର୍ଷ କରିବାକୁ ହୁଏ; ବହୁତ ବାଧାବିଘ୍ନ, ବିପଦକୁ ଅତିକ୍ରମ କରିବାକୁ ହୁଏ । ତେବେ ଯାଇ ପୃଥିବୀରେ ସତ୍ୟ ପ୍ରତିଷ୍ଠା ହୁଏ । ଏହାର ପ୍ରତ୍ୟକ୍ଷ ସାକ୍ଷୀ ଇତିହାସ । ଭଗବତ୍ ଅବତାର ଶ୍ରୀରାମଙ୍କୁ ରାଜ୍ୟ ଛାଡ଼ି ବଣକୁ ଯିବାକୁ ହେଲା । ଅସୁରଙ୍କ ଆକ୍ରମଣରୁ ଭଗବାନ୍ ଶ୍ରୀକୃଷ୍ଣ ବନ୍ଦିଗୃହରେ ଜନ୍ମଗ୍ରହଣ କଲେ ଓ ଗୋରୁ

ଚରାଉଥିଲେ । ବୁଦ୍ଧଦେବଙ୍କୁ ବିଷ ଦିଆ ହୋଇଥିଲା । ଯିଶୁଙ୍କୁ କ୍ରୁଶବିଦ୍ଧ କରା ହେଲା । ଆଚାର୍ଯ୍ୟ ଶଙ୍କରଙ୍କୁ ଦେବୀଙ୍କ ପାଖରେ ବଳି ଦେବାକୁ ତିଆରି କରା ହୋଇଥିଲା । ଆଚାର୍ଯ୍ୟ ରାମାନୁଜଙ୍କ ଆଖି ତାଡ଼ି ନେବାର ବ୍ୟବସ୍ଥା ହୋଇଥିଲା । ଯେବେ ଯେବେ ସତ୍ୟ ପ୍ରତିଷ୍ଠା କରିବା ସକାଶେ ଭଗବାନଙ୍କ ଅବତାର, ଆଚାର୍ଯ୍ୟ, ମହାପୁରୁଷମାନେ ପୃଥିବୀକୁ ଆସିଥିଲେ ସେମାନଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ହୋଇଥିଲା ଏବଂ ଶେଷରେ ବିଜୟଶ୍ରୀ ସହିତ ସେମାନେ ସତ୍ୟ ପ୍ରତିଷ୍ଠା କରିଥିଲେ ।

ବର୍ତ୍ତମାନ ଅତିମାନସ ସତ୍ୟର ପ୍ରତିଷ୍ଠା, ପୂର୍ବ ସତ୍ୟ ପ୍ରତିଷ୍ଠାଠାରୁ ବିଶେଷ ମହାନ୍ । ପ୍ରକୃତି ତଥା ଅଜ୍ଞାନର ସମ୍ପୂର୍ଣ୍ଣ ରୂପାନ୍ତର ଏବଂ ପୃଥିବୀରେ ସତ୍ୟ, ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । ଏଡ଼େ ମହାନ୍ କାର୍ଯ୍ୟରେ ବାଧା ବିରୋଧ ଆସିବା ସ୍ୱାଭାବିକ । କିନ୍ତୁ ଏହି ବାଧା ବିରୋଧ ମଧ୍ୟ ଦେଇ ଯେତେ ଅଧିକ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜ ପ୍ରତିଷ୍ଠା ହେବ, ଯେତେ ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ସାହିତ୍ୟ ତଥା ତାଙ୍କର ପୂର୍ଣ୍ଣଯୋଗ ଆଦର୍ଶକୁ ପ୍ରତିପାଦିତ କରୁଥିବା ସାହିତ୍ୟ, ପତ୍ର-ପତ୍ରିକାର ପ୍ରସାର ହେବ, ତେବେ ଅଧିକ ବ୍ୟକ୍ତି ଏହି ସତ୍ୟର ସନ୍ଧାନ ପାଇବେ ଏବଂ ଗ୍ରହଣ କରିବାକୁ ଚାହିଁବେ । ଏହିମାନଙ୍କ ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତି ଆନ୍ତରିକତା ସହ ଉପଲବ୍ଧି କରିବାକୁ ପ୍ରବୃତ୍ତ ହେବେ । ଏହିସବୁ କାର୍ଯ୍ୟ ଯେତେ ଅଧିକ ହେଉଥିବ, ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଉପଲବ୍ଧି କରୁଥିବେ ସେହି ଅନୁପାତରେ ବ୍ୟକ୍ତି, ପରିବାର, ଗ୍ରାମ, ସମାଜ, ଶାସନ, ରାଜନୀତି ତଥା ଦେଶ, ଜଗତର ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଛନ୍ଦ, କପଟ, ଯୁଦ୍ଧ, ହିଂସା କମ୍ ହେଉଥିବ । ଶେଷରେ ମନୁଷ୍ୟ ଜାତି ସଦୃଶ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବେ । ସେମାନେ ସମ୍ପୂର୍ଣ୍ଣ ରୂପେ ଦୁଃଖ, କଷ୍ଟ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହେବେ ଏବଂ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱପ୍ରାପ୍ତି କରି ଅତିମାନସ ସତ୍ୟ ଦ୍ୱାରା ପରିଚାଳିତ ହେବେ । ଏହି ସତ୍ୟ ପ୍ରତିଷ୍ଠିତ ହେବାର ପ୍ରାଥମିକ ଆଧାତ୍ମିକ ବାତାବରଣ ସୃଷ୍ଟି ହେବ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ଛାତ୍ର-ସମାଜର ପ୍ରତିଷ୍ଠା ଦ୍ୱାରା ।

(ଶ୍ରୀଅରବିନ୍ଦ-ଆକ୍ସନ୍, ଅଗଷ୍ଟ ୧୯୭୧, ପୃ. ୬-୭)

❑❑❑

*ପ୍ରଶ୍ନ : ଭଗବାନ୍ ନିଜକୁ ଆମଠାରୁ ପ୍ରତ୍ୟାହାର କରିନେଇ ପାରିବେ କି ?*

ଶ୍ରୀମା : ତାହା ସଂପୂର୍ଣ୍ଣ ଅସମ୍ଭବ । କାରଣ କୌଣସି ଜିନିଷରୁ ଯଦି ଭଗବାନ୍ ନିଜକୁ ପ୍ରତ୍ୟାହାର କରି ନିଅନ୍ତି, ତା'ହେଲେ ସଙ୍ଗେ ସଙ୍ଗେ ତାହା ନିଶ୍ଚିହ୍ନ ହୋଇଯିବ, ତାହାର କୌଣସି ଅସ୍ତିତ୍ୱ ରହିବ ନାହିଁ । ଅଧିକ ସ୍ପଷ୍ଟ ଭାବରେ କହିଲେ ଭଗବାନହିଁ ହେଉଛନ୍ତି ଏକମାତ୍ର ଅସ୍ତିତ୍ୱ ।

ଯଦି ଭଗବାନ୍ ନିଜକୁ ପ୍ରତ୍ୟାହାର କରିନିଅନ୍ତି ତେବେ ତା'ର ଅର୍ଥ ହେବ ଯେ ସେ ସମଗ୍ର ବିଶ୍ୱରୁ ନିଜକୁ ପ୍ରତ୍ୟାହାର କରିନେଲେ; ତା'ହେଲେ ବିଶ୍ୱ ବୋଲି ଆଉ କିଛି ରହିବ ନାହିଁ (ତୁମକୁ ବୁଝାଇ ଦେବା ପାଇଁ ଏହା ଏକ ଚିତ୍ରକଳ୍ପ ମାତ୍ର, ଏକ ସମ୍ପୂର୍ଣ୍ଣ ଅସମ୍ଭବ କଥାହିଁ ମୁଁ କହୁଛି) ମଣିଷମାନେ ଭଗବାନଙ୍କଠାରୁ ନିଜକୁ ପ୍ରତ୍ୟାହାର କରି ନେଇ ପାରନ୍ତି ଏବଂ ଅନେକ ସମୟରେ ସେମାନେ ତାହାହିଁ କରନ୍ତି; କିନ୍ତୁ ମଣିଷମାନଙ୍କଠାରୁ ଭଗବାନ୍ ନିଜକୁ ପ୍ରତ୍ୟାହାର କରି ନେବା ସମ୍ପୂର୍ଣ୍ଣ ଅସମ୍ଭବ ।

ସିନ୍ଧୁରୁ ବିନ୍ଦୁଏ :

# ମୁକ୍ତ ଜୀବନ

## ସନ୍ତୋଷ ରଥ

ସକାଳ ଶେଫାଳି ଗଛ ତଳେ ଝରି
ହସୁଥାଏ ଖିଲି ଖିଲି
ଆଦର ପିଆସୀ କବରୀ ଗଜରା
ଅଧା ମରି କାନ୍ଦେ ଝୁଲି ।

କୋଇଲିର ତାନ ଗୋଠ ବଂଶୀ ସ୍ୱନ
ମନ ଛୁଏଁ ରହି ରହି
ସୁନା ପଞ୍ଜୁରିରେ ଶୁଆ ରାବୁଥାଏ
କର ମୋତେ ଏଥୁ ତ୍ରାହି ।

ଉଆଁସ ଆକାଶ ଦିଶେ ଝକମକ
ତାରା ହସ ଖିଲି ଖିଲି
ଲାଜକୁଳୀ ଅଗ କୁଆଁରୀ ସୁହାଗ
ଛୁଇଁ ଦେଲେ ଯାଏ ମରି ।

ନଈପଠା କୂଳେ ପଣତ ପଖାଳେ
କାଶତଣ୍ଡି ଝୁଲି ଝୁଲି
ମେଘ ଓଢ଼ଣିରୁ ଶାରଦ ଜହ୍ନଟା
ହସି ଚାହେଁ ତୋଲି ଖୋଲି ।

ହଜିଯାଏ ହସ ଜୋଛନା ପରଶ
ଫେରି ଆସେ ଯେବେ ଦିନ
ବୈଶାଖୀ ଖରା କାହୁଁ ବା ବୁଝିବ
କାଶତଣ୍ଡି ଭିଜା ମନ ।

ବଣ ମଲ୍ଲୀ ବଣେ ଝରିବା ଜୀବନ
ନ ଲୋଡ଼େ ଆଦର ପ୍ରୀତି
ଝରା ଫୁଲ ବାସ ବଣର ମହକ
ବାସ ତା ଅଭୁଲା ସ୍ମୃତି ।

ନିଜର ସ୍ୱଭାବ ନୁହେଁ ପରାଭବ
ଥିଲେ ଥାଉ ପଛେ ଦାଗ
ମୁକୁଳା ଜୀବନ ସରଗ ସମାନ
ପରାଧୀନ ନର୍କ ଭୋଗ । ❑

"When you clutch at anything and try to make it your own with an egoistic sense of possession, then however beautiful and wonderful it may be, it loses its value and becomes ordinary."

(SABCL, Vol. 31, p. 255) – Sri Aurobindo

ଅର୍ଥାତ୍, ''ଯେତେବେଳେ ତୁମେ କୌଣସି ଜିନିଷକୁ ଜୋର୍ କରି ନିଜ ହାତ ମୁଠାରେ ଧରି ରଖ ଏବଂ ଅହଂକାରବଶତଃ ନିଜର ଅଧିକାରରେ ରଖିବାକୁ ଚେଷ୍ଟା କର, ସେତେବେଳେ ତାହା ଯେତେ ସୁନ୍ଦର ଓ ଆଶ୍ଚର୍ଯ୍ୟପ୍ରଦ ହୋଇଥାଉ ନା କାହିଁକି, ସେ ତାହାର ଗରିମା ହରାଇ ଅତି ସାଧାରଣ ହୋଇଯାଏ ।''

– ଶ୍ରୀଅରବିନ୍ଦ

# ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ

## ପ୍ରପତ୍ତି

ଯେକୌଣସି ମହାନ୍ ସଂସ୍କୃତିର ସାଧାରଣତଃ ତିନୋଟି ଦିଗ ଆମ୍ଭେମାନେ ଦେଖିବାକୁ ପାଉ । ପ୍ରଥମତଃ ତାହାର ଜୀବନଚର୍ଯ୍ୟା ଏବଂ ଜୀବନ-ଚେତନା ମଧ୍ୟରେ ଏକ ଆଦର୍ଶ, ଚିନ୍ତନ, ଦର୍ଶନ, ଊର୍ଦ୍ଧ୍ୱଗାମୀ ସଙ୍କଳ୍ପ ଏବଂ ଆତ୍ମାର ଅଭୀପ୍ସା; ଦ୍ୱିତୀୟତଃ ଏକ ସୃଜନୀ ପ୍ରତିଭା, ସୃଷ୍ଟିଶୀଳ ଆତ୍ମ-ପ୍ରକାଶ, ସୌନ୍ଦର୍ଯ୍ୟ-ବୋଧ, ଶିଳ୍ପ, ସାହିତ୍ୟ, ସଙ୍ଗୀତ ଓ କଳା; ତୃତୀୟତଃ ତାହାର ବ୍ୟାବହାରିକ ଜୀବନର ଏକ ସଙ୍ଗଠନ ପ୍ରଣାଳୀ, ସାମାଜିକ ରୀତିନୀତି, ରାଷ୍ଟ୍ରୀୟ-ବିଚାର, ଯୋଜନା ଓ ଆଚାରଗତ ପଦ୍ଧତି । ଏହିସବୁ ବସ୍ତୁକୁ ଧରି ଯେକୌଣସି ମହାନ୍ ଜାତି ବା ରାଷ୍ଟ୍ରର ସଂସ୍କୃତିକୁ ବିଚାର କରିବାକୁ ହୋଇଥାଏ । ମନୁଷ୍ୟର ଯେଉଁ ତିନୋଟି ପ୍ରଧାନ ବୃତ୍ତି ରହିଛି, ଚିନ୍ତା, ଭାବ ଓ ସଙ୍କଳ୍ପ – ଏହାହିଁ ବିଶାଳ ବିରାଟ ଧାରାରେ ସମଗ୍ର ଜାତୀୟ ଜୀବନରେ ସହସ୍ର ସହସ୍ର ବର୍ଷ ମଧ୍ୟରେ ସଞ୍ଚିତ ହୋଇ ଏକ ଜୀବନ୍ତ ରୂପ ଧାରଣ କରେ । ଏହା ଛଡ଼ା ପ୍ରତ୍ୟେକ ସଂସ୍କୃତିର ପଶ୍ଚାତରେ ଏକ ସୂକ୍ଷ୍ମ ତତ୍ତ୍ୱ, ଆଲୋକ ଓ ଶକ୍ତି ସ୍ୱକୀୟ ମହିମାରେ ବିଦ୍ୟମାନ ଥାଏ । ଜାତି ବା ରାଷ୍ଟ୍ର କେଉଁ ଦିଗରେ ଗତି କରିଛି, କେଉଁ ମହାନ୍ ତତ୍ତ୍ୱକୁ ରୂପାୟିତ କରିଛି, ତାହା ତାହାର ସଂସ୍କୃତିରୁ ଉପଲବ୍ଧି କରି ହୁଏ ।

ତେବେ ଏକଥା ଏଠାରେ କହିବା ଅନାବଶ୍ୟକ ଯେ ଯେକୌଣସି ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା ମନୁଷ୍ୟକୁ ନିମ୍ନ, ସଙ୍କୀର୍ଣ୍ଣ, ସୀମାବଦ୍ଧ ଅର୍ଦ୍ଧପଶୁ ଜୀବନରୁ ପୂର୍ଣ୍ଣ ମାନବତ୍ୱ ଆଡ଼କୁ ନେଇଯିବା; ଅଜ୍ଞାନ, ମୃତ୍ୟୁ ଓ ମିଥ୍ୟା ମଧ୍ୟରୁ ଜ୍ଞାନ, ଅମୃତ ଓ ସତ୍ୟ ଆଡ଼କୁ ନେଇଯିବା । ଅସତ୍‌ରୁ ସତ୍, ଅନ୍ଧକାରରୁ ଜ୍ୟୋତିଃ, ମୃତ୍ୟୁରୁ ଅମୃତ ଆଡ଼କୁ ଯାହା ଆମକୁ ତୋଳି ନିଏ ତାହାହିଁ ଯଥାର୍ଥରେ ଉଚ୍ଚତର ସଂସ୍କୃତି । ପୃଥିବୀର ପ୍ରତ୍ୟେକ ମହାନ୍ ଜାତିର ଏକ ଏକ ଗୌରବମୟ ସଂସ୍କୃତିର ବିକାଶ ଘଟିଥିଲା, ତାହାର ଜାତୀୟତା ଓ ରାଷ୍ଟ୍ରୀୟତାରେ ମଧ୍ୟ ଏହି ସଂସ୍କୃତିର ଛାପ ଥିଲା । ଗ୍ରୀସ୍, ରୋମ, ବାବିଲୋନ୍, କାଲେଡ଼ିଆ, ଇଜିପ୍ଟ, ଚାଇନା, ଭାରତ ପ୍ରଭୃତି ପ୍ରାଚୀନ ଦେଶମାନଙ୍କର ସଂସ୍କୃତିର ସର୍ବ ପ୍ରଧାନ ସୂତ୍ର ଥିଲା ଏକ ଅପୂର୍ବ ସୁଷମା, ମନୀଷାର ବିକାଶ ସଙ୍ଗେ ସଙ୍ଗେ ଏକ ଅଭୂତପୂର୍ବ ସୌନ୍ଦର୍ଯ୍ୟବୋଧର ସମନ୍ୱୟ । ଗ୍ରୀସ୍‌ର ଦର୍ଶନ, କଳା, ସାହିତ୍ୟ, ରାଷ୍ଟ୍ରଦର୍ଶନ, ସମାଜ-ଦର୍ଶନ କ୍ଷେତ୍ରରେ ଏହି ସୁଷମା, ମନୀଷାର ଜୟଯାତ୍ରା ଏବଂ ସେହି ହେଲେନିକ୍ (Hellenic) ସୌନ୍ଦର୍ଯ୍ୟ-ବୋଧର ଛାପ । ଗ୍ରୀସ୍‌ବାସୀମାନେ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପିପାସୁ ଏବଂ ମନୀଷା ପ୍ରଧାନ ଥିଲେ । କିନ୍ତୁ ରୋମାନ ସଭ୍ୟତା ଓ ସଂସ୍କୃତିରେ ଆମ୍ଭେମାନେ ରାଷ୍ଟ୍ର ପ୍ରତି ଆନୁଗତ୍ୟ, ଦେଶ ପ୍ରତି ଅନୁରକ୍ତି ଏବଂ ଏକ କଠୋର ରାଷ୍ଟ୍ରୀୟ ଶୃଙ୍ଖଳା ଉପରେ ପ୍ରାଧାନ୍ୟ ଲକ୍ଷ୍ୟ କରୁ । ରୋମାନ ସଂସ୍କୃତିର ଏହାହିଁ ବୈଶିଷ୍ଟ୍ୟ ଥିଲା । ଇଜିପ୍ଟ, ବାବିଲୋନ୍, କାଲେଡ଼ିଆ ପ୍ରଭୃତିର ସଂସ୍କୃତିରେ ଏକ ସୁଗଭୀର ଅତୀନ୍ଦ୍ରିୟତା, ସୂକ୍ଷ୍ମ ରହସ୍ୟ ବିଦ୍ୟାର ଚର୍ଚ୍ଚା ପ୍ରାଧାନ୍ୟ ଲାଭ କରିଛି । ସେହିପରି ଭାରତୀୟ ସଂସ୍କୃତି ଏବଂ ବିଚାରଧାରାରେ ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଓ ରହସ୍ୟମୟତାହିଁ ପ୍ରାଧାନ୍ୟ ଲାଭ କରିଛି । ଏକଥା ମଧ୍ୟ ସତ୍ୟ ଯେ ଆଜି ଅଧିକାଂଶ ପୁରାତନ ସଂସ୍କୃତିର ବିଲୟ ଘଟିଛି । ଅନନ୍ତକାଳର ଗର୍ଭରେ ଗ୍ରୀସ୍, ରୋମ, ବାବିଲୋନ୍, ଇଜିପ୍ଟର ସଂସ୍କୃତି ଲୋପ ପାଇ ଯାଇଛି । ଆଜି ସେସବୁ ଦେଶରେ କେବଳ ତାହା ଇତିହାସର ବିଷୟବସ୍ତୁ ହୋଇ ରହିଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଭାରତହିଁ ଏକମାତ୍ର ଦେଶ ଯାହାର ସଂସ୍କୃତି ସୂକ୍ଷ୍ମ ବିଚାରଧାରା ମଧ୍ୟରେ ଏବେ ବି ତାହାର ନିଜସ୍ୱ ପ୍ରତିଭା ଓ ସାଂସ୍କୃତିକ ଆଲୋକ ଓ ଦୀପ୍ତି ପ୍ରଚୁର ଭାବରେ ବିଦ୍ୟମାନ । ଅନ୍ୟ କଥାରେ କହିବାକୁ ଗଲେ ପୃଥିବୀର ବହୁ ବିଭିନ୍ନ ପ୍ରାଚୀନ ସଂସ୍କୃତିଗୁଡ଼ିକର ଧ୍ୱଂସ ଘଟିଥିଲେ ମଧ୍ୟ ଭାରତୀୟ ସଂସ୍କୃତି ଏପର୍ଯ୍ୟନ୍ତ ବଞ୍ଚି ରହିଛି ।

ତେବେ ଏହି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ କ'ଣ ଏବଂ କେଉଁ ମହାନ୍ ସତ୍ୟ ଓ ଜୀବନଧାରାକୁ ଏହା ପ୍ରତିଭାତ କରୁଛି ? ଭାରତୀୟ ସଂସ୍କୃତି ମୂଳତଃ ଓ ପ୍ରଧାନତଃ ଏକ ଆଧ୍ୟାତ୍ମିକ ଜ୍ଞାନ, ଶକ୍ତି, ସାମର୍ଥ୍ୟ ଓ କଳାକୁ ତାହାର ପ୍ରଧାନ ଉପଜୀବ୍ୟ ବୋଲି ଗ୍ରହଣ କରିଛି । ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ ଏକ ଆଧ୍ୟାତ୍ମିକ ଜ୍ୟୋତିଃ ଓ ପ୍ରତିଭା ଏବଂ ଏହାହିଁ ଭାରତୀୟ ଜୀବନକୁ ସମଗ୍ର ଭାବରେ ପ୍ରଭାବିତ କରିଛି । ବିଶିଷ୍ଟ ମନୀଷୀ ମାକ୍ସମୁ୍ୟଲାର ଭାରତର ଏହି ଜାତୀୟ ପ୍ରତିଭାକୁ ରାଷ୍ଟ୍ରର ଆତ୍ମନିୟନ୍ତ୍ରଣକାରୀ ତତ୍ତ୍ୱ (Self-Regulative Principle)

ବୋଲି ଅଭିହିତ କରିଛନ୍ତି । ପୁନଶ୍ଚ ପ୍ରଶ୍ନ ହେବ ଭାରତର ଏହି ଆଧ୍ୟାତ୍ମିକ ତତ୍ତ୍ୱଟି କ'ଣ ? ମୁଖ୍ୟତଃ ଆଧ୍ୟାତ୍ମିକତା କହିଲେ ଆମ୍ଭେମାନେ ଏହି କେତେକ ବିଷୟକୁ ବୁଝୁ । ଏହାହିଁ ଭାରତୀୟ ଷଡ୍ ଦର୍ଶନରେ, ବିଶେଷତଃ, ବେଦାନ୍ତ ଦର୍ଶନରେ ପ୍ରତିପାଦିତ ହୋଇଛି ।

ଆଧ୍ୟାତ୍ମିକତାର ଅର୍ଥ ହେଲା –

ପ୍ରଥମତଃ : ଏହି ଦୃଶ୍ୟମାନ, ଇନ୍ଦ୍ରିୟବୋଧ ଜଗତର ପଶ୍ଚାତରେ ଏକ ଅକ୍ଷୟ, ଅବ୍ୟୟ ସଦ୍‌ବସ୍ତୁ ବିଦ୍ୟମାନ ଯାହା ଶାଶ୍ୱତ ଏବଂ ସତ୍ ।

ଦ୍ୱିତୀୟତଃ : ଏହି ପରମ ଶାଶ୍ୱତ ସଦ୍‌ବସ୍ତୁହିଁ ସର୍ବଶକ୍ତି ଯୁକ୍ତ, ସର୍ବ-ସାମର୍ଥ୍ୟ ଯୁକ୍ତ, ବଳ, ତେଜ ଓ ଗତି । ଏହାହିଁ ଚିତ୍-ତପସ୍ ସାକ୍ଷାତ୍ ଚିତ୍‌ଶକ୍ତି । ଏହି ଚିତ୍-ତପସ୍ ମଧ୍ୟରୁ ଏହି ବିଶ୍ୱର ଉତ୍ପନ୍ନ । ଏହାହିଁ ସୃଷ୍ଟିକାରିଣୀ, ସର୍ବମୟୀ ଶକ୍ତି ।

ତୃତୀୟତଃ ଏହି ସଦ୍‌ବସ୍ତୁ; ପରମାଶକ୍ତି ଏକ ଅପୂର୍ବ ଆନନ୍ଦ, ଲୀଳା, ସୌନ୍ଦର୍ଯ୍ୟ, ରସ ଓ କଳାର ମଧ୍ୟରେ ସମଗ୍ର ସୃଷ୍ଟିକୁ ଧାରଣ କରିଛନ୍ତି । ସେ କେବଳ ସତ୍ ନୁହେଁ, କେବଳ ସତ୍ ଓ ଚିତ୍ ନୁହେଁ, ସେ ହେଲେ ଏକ ସଙ୍ଗେ ଏକାଧାରରେ ସତ୍-ଚିତ୍-ଆନନ୍ଦ, – ସଚ୍ଚିଦାନନ୍ଦ, ପରାତ୍ପର ବ୍ରହ୍ମ ।

ଚତୁର୍ଥତଃ : ଏହି ସଚ୍ଚିଦାନନ୍ଦ ତ୍ରିଧାରାରେ ପ୍ରକାଶିତ – ସେ ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ସେ ସକଳ ବସ୍ତୁର ଅତୀତ ଅଖଣ୍ଡ ପରମ ବ୍ରହ୍ମ 'ଏକମେବା ବିପ୍ରାଃ ବହୁଧା ବଦନ୍ତି' – ଅଖିଳ ବ୍ରହ୍ମାଣ୍ଡର ପରମ ରହସ୍ୟ । ସେ ମଧ୍ୟ ସର୍ବମିଦଂ ଖଳୁବିଶ୍ୱଂ – ସେ ଏହି ବିଶ୍ୱରେ ରୂପାୟିତ ସବୁକିଛି ସକଳ ବସ୍ତୁ – ଗାଈ, ବୃକ୍ଷ, ପକ୍ଷୀ, ଗୁଳ୍ମ, ଲତା ଓ ମନୁଷ୍ୟ ମଧ୍ୟରେ । ପୁନଶ୍ଚ ସେ ମଧ୍ୟ ବ୍ୟଷ୍ଟି ମଧ୍ୟରେ ପ୍ରକାଶିତ 'ସୋଽହଂ', 'ଅହଂ ବ୍ରହ୍ମାସ୍ମି', 'ତତ୍ତ୍ୱମସି' ଇତ୍ୟାଦି ଇତ୍ୟାଦି ।

ପଞ୍ଚମତଃ : ଏହି ପରମ ସଦ୍‌ବସ୍ତୁ, ପରମାଶକ୍ତି, ସର୍ବବ୍ୟାପକ ଆନନ୍ଦକୁ ଯାହା ବିଶ୍ୱରେ ତ୍ରିଧାରାରେ ପ୍ରକାଶିତ ହୋଇଛି, ତାହାକୁ ବ୍ୟଷ୍ଟି ଜୀବନରେ ଧରି ପାରିବା ଏବଂ ପ୍ରାପ୍ତ ହେବାହିଁ ବ୍ୟକ୍ତିଗତ ଜୀବନର ଚରମ ଲକ୍ଷ୍ୟ ଓ ସାର୍ଥକତା । ଏହାହିଁ ମୁକ୍ତି, ମୋକ୍ଷ ବା ନିର୍ବାଣ ଓ ପରମପଦ ଲାଭ । ଜ୍ଞାନୀ ଓ ତପସ୍ୱୀର ସେହିଁ ହେଲେ ଜ୍ଞାନଘନ ବିଗ୍ରହ, ଭକ୍ତ ଓ ପ୍ରେମିକର ସେ ହେଲେ ରସଘନ ରୂପ । ସେ – ବ୍ରହ୍ମହିଁ ବିଭିନ୍ନ ବିଭାଗରେ ନିଜକୁ ବିଭିନ୍ନ ଧାରା ମାଧ୍ୟମରେ ରୂପାୟିତ କରିଛନ୍ତି । ତାହାଙ୍କୁ ସକଳ ଜ୍ଞାନ, ପ୍ରେମ, ଭକ୍ତି, କଳା ମଧ୍ୟରେ ଲାଭ କରିବାହିଁ ଚରମ ସାର୍ଥକତା । ଏହା ସଙ୍ଗେ ସଙ୍ଗେ କେବଳ ସେହି ବ୍ରହ୍ମଙ୍କୁ ପ୍ରାପ୍ତ ହେବା ନୁହେଁ, ଯଦି ତାହା ମଧ୍ୟରେ ବାସ କରି ତାକୁ ଜୀବନର ସକଳ କ୍ଷେତ୍ରରେ ରୂପାୟିତ କରାଯାଇପାରେ, ଅର୍ଥାତ୍ ଜୀବନକୁ ସେହି ତତ୍ତ୍ୱରେ ରୂପାନ୍ତର କରାଯାଇପାରେ, ତେବେ ମାନବୋତ୍ତର ଅନ୍ୟ ଏକ ଜୀବନଧାରାର ପ୍ରକାଶ ମଧ୍ୟ ସମ୍ଭବ ହେବ ।

ଆଧ୍ୟାତ୍ମିକତାର ଏହି ଅର୍ଥ ଭାରତୀୟ ଦର୍ଶନ, ଧର୍ମ, କାବ୍ୟ, କଳା, ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ ଓ ରାଷ୍ଟ୍ର, ସମାଜ – ସକଳ କ୍ଷେତ୍ରରେ ପ୍ରକାଶିତ ହୋଇଥିଲା । ଶ୍ରୀଅରବିନ୍ଦ ଏହି ବିଷୟ ଗଭୀର ଭାବରେ 'ଭାରତୀୟ ସଂସ୍କୃତିର ଆଧାର' ନାମକ ପୁସ୍ତକରେ ସ୍ପଷ୍ଟ ଭାବରେ ଆଲୋଚନା କରିଛନ୍ତି । ଭାରତୀୟ ସଂସ୍କୃତିର ଏହି ଅଧ୍ୟାତ୍ମଧାରା ପୃଥିବୀର ରକ୍ଷା ନିମିତ୍ତ ବିଶେଷତଃ ତାହାର ମଙ୍ଗଳ, କଲ୍ୟାଣ ଓ ଅଗ୍ରଗତି ନିମିତ୍ତ ଏକାନ୍ତ ଆବଶ୍ୟକ । ଆଜି ପାଶ୍ଚାତ୍ୟ ସଂସ୍କୃତି ବିଜ୍ଞାନ, ଶିଳ୍ପତନ୍ତ୍ର, ଜୀବନର ଉପଭୋଗ, କର୍ମଦକ୍ଷତା, ବୁଦ୍ଧି, ବିଚାର ଉପରେ ପ୍ରତିଷ୍ଠିତ । ଏହି ସଭ୍ୟତାରେ ଏକ ଦୁର୍ବାର ପ୍ରାଣର ଅତିମାତ୍ରାରେ ସ୍ଫୀତି ଘଟିଛି ଏବଂ ଜୀବନକୁ ଉପଭୋଗ ନିମିତ୍ତ ଏକ ଦୁର୍ଦ୍ଦମନୀୟ ଆସୁରିକ ପିପାସା ସୃଷ୍ଟି ହୋଇଛି । ସକଳ ବିକ୍ଷୋଭ, ବିପର୍ଯ୍ୟୟ, ଅସାମଞ୍ଜସ୍ୟର ମୂଳରେ ଏହି ଅତିମାତ୍ରାରେ ଜାଗତିକ, ଅଗଭୀର ଭୋଗବାଦହିଁ ରହିଛି ।

ପୃଥିବୀ ଆଜି 'ଏକ' ହୋଇ ଯାଇଛି । ଦେଶ ଦେଶ ଭିତରେ ଫାଙ୍କ ଓ ଦୂରତ୍ୱ କମି ଯାଇଛି । ଏକ ଦେଶ ଅନ୍ୟ ଦେଶକୁ ପ୍ରଭାବିତ କରୁଛି । ଏକ ବିଚାର ଓ ସଂସ୍କୃତି ଅନ୍ୟ ଏକ ବିଚାର ଓ ସଂସ୍କୃତିକୁ ଆଘାତ ଦେଉଛି, ତାକୁ ଆକ୍ରମଣ କରୁଛି, ଏକପ୍ରକାର ଆତ୍ମସାତ୍ କରୁଛି । ପାଶ୍ଚାତ୍ୟର ଯନ୍ତ୍ରବାଦ, ବିଜ୍ଞାନ, ଶିଳ୍ପତନ୍ତ୍ର, ଭୋଗବାଦ ଭାରତକୁ ଗ୍ରାସ କରିବାକୁ ବସିଛି । ଭାରତୀୟ ସଂସ୍କୃତିର କ'ଣ ଏ ସାମର୍ଥ୍ୟ ଅଛି ଯେ ଏହା ବଞ୍ଚି ରହିବ ଏବଂ ପାଶ୍ଚାତ୍ୟର ଏହି ଜାଗତିକ ଭୋଗବାଦ, ଶିଳ୍ପତନ୍ତ୍ର, ବିଜ୍ଞାନ ଆଦିକୁ ନିଜ ସାମର୍ଥ୍ୟରେ ବଶୀଭୂତ କରିପାରିବ ? ଏହା ଏକ ଗୁରୁତର ପ୍ରଶ୍ନ । ଏହି ପ୍ରଶ୍ନର ମୀମାଂସା ଉପରେ ମନୁଷ୍ୟଜାତିର ଭାଗ୍ୟ ନିର୍ଭର କରୁଛି । ପୃଥିବୀରେ ଯେଉଁ ନୂତନ ସଂସ୍କୃତିର ବିକାଶ ଘଟିବ ତାହାହିଁ ମାନବଜାତିର ଭାଗ୍ୟ ନିର୍ଦ୍ଧାରଣ କରିବ । ତେବେ ଏହି ନୂତନ ସାଂସ୍କୃତିକ ଅଭ୍ୟୁତ୍‌ଥାନରେ ଭାରତର ଭୂମିକା ଅତି ସ୍ପଷ୍ଟ ବୋଲି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି; କାରଣ ଭାରତର ଅଧ୍ୟାତ୍ମଶକ୍ତି ମାନବ ଜୀବନର ଏକ

ଗଭୀରତର ତଥା ଆମୂଳଚୂଳ ରୂପାନ୍ତର ଘଟାଇବ, ଯାହା ଫଳରେ ପୁନର୍ବାର ବିଶ୍ୱରେ ଭ୍ରାତୃତ୍ୱ, ସାମ୍ୟ ଓ ସ୍ୱାଧୀନତାର ଅଖଣ୍ଡ ଧାରା ପ୍ରବାହିତ ହେବ । ଯେଉଁ ଶକ୍ତି ବଳରେ ଏହି ରୂପାନ୍ତର ସଂଘଟିତ ହେବ ତାହାହିଁ ଏକ ଅଧ୍ୟାତ୍ମ୍ ଶକ୍ତି, ଯୋଗଶକ୍ତି ଏବଂ ଏହାହିଁ ଭାରତର ଅନ୍ତର୍ନିହିତ ପ୍ରତିଭା, ସାମର୍ଥ୍ୟ ଓ ବଳ । ଅଭ୍ରାନ୍ତ ଭାଷାରେ ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ କହୁଛନ୍ତି :

"It is only India that can discover the harmony, because it is only by a change – not a mere readjustment – of man's present nature that it can be developed, and such a change is not possible except by yoga. The nature of man and of things is at present a discord, a harmony that has got out of tune. The whole heart and action and mind of man must be changed, but from within, not from without, not by political and social institutions, not even by creeds and philosophies, but by realisation of God in ourselves and the world and a remoulding of life by that realisation."

(CWSA, Vol. 13, p. 73)

ଅର୍ଥାତ୍, ''ଏକମାତ୍ର ଭାରତହିଁ ଏହି ସାମଞ୍ଜସ୍ୟକୁ ଆବିଷ୍କାର କରିପାରେ, ମନୁଷ୍ୟର ଅଦ୍ୟାବଧି ପ୍ରକୃତିର ଅଭିବୃଦ୍ଧି ତଥା ମାନବ ପ୍ରକୃତିର ରୂପାନ୍ତର ଦ୍ୱାରା ଏହା ସମ୍ଭବ,– କାରଣ କେବଳ ଏହାର ଏପାଖ ସେପାଖ ଯୋଡ଼ାତାଳି ଦ୍ୱାରା ନୁହେଁ, ବରଂ ଏହି ସାମଞ୍ଜସ୍ୟ ସାଧିତ ହୋଇପାରିବ କେବଳ ରୂପାନ୍ତର ଯୋଗ ଦ୍ୱାରା । ବର୍ତ୍ତମାନ ମାନବ ପ୍ରକୃତି ଓ ବସ୍ତୁ ସକଳ ଅସମଞ୍ଜସ ଓ ବେସୁରା ହୋଇ ଉଠିଛି । ମନୁଷ୍ୟର ହୃଦୟ, କର୍ମ ଓ ମନକୁ ଅଭ୍ୟନ୍ତରରୁ ପରିବର୍ତ୍ତନ କରିବାକୁ ହେବ, ବାହାରରୁ ନୁହେଁ । ବ୍ୟାବହାରିକ ସାମାଜିକ ଅନୁଷ୍ଠାନ କିଂବା ରାଜନୈତିକ ମତବାଦ ନୁହେଁ, ଏପରିକି ଧର୍ମମତ, ଦର୍ଶନବାଦ ବି ନୁହେଁ – ବରଂ ଆତ୍ମମାନଙ୍କ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଭଗବାନଙ୍କ ଉପଲବ୍ଧି ଦ୍ୱାରା ଏବଂ ସେହି ଉପଲବ୍ଧିକୁ ନେଇ ଜୀବନର ପୁନର୍ଗଠନ ଦ୍ୱାରା ।''

(୧୯୭୦ରେ ଶ୍ରୀଅରବିନ୍ଦ ଯୋଗ ମନ୍ଦିର, ରାଉରକେଲା ପାଇଁ ଲିଖିତ) ❑

*କର୍ମର ପ୍ରେରଣାରେ ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବୁ କିପରି ?*

**ଶ୍ରୀମା** : ପୃଥିବୀର ବାତାବରଣରେ ଦିବ୍ୟସତ୍ୟର ଯେଉଁ ଆଲୋକର ଆଗମନ ହୋଇଛି ତାହାର ପ୍ରଥମ ପରିଣାମଗୁଡ଼ିକ ଭିତରୁ ଅନ୍ୟତମ ହେଉଛି ପ୍ରଭେଦ-ନିର୍ଣ୍ଣୟର ଏହି କ୍ଷମତା ।

ଅବଶ୍ୟ ଦିବ୍ୟସତ୍ୟର ଆଲୋକ ନିଜ ସଙ୍ଗରେ ଏହି ପ୍ରଭେଦ-ନିର୍ଣ୍ଣୟର ଯେଉଁ କ୍ଷମତା ଆଣି ଦେଇଛି ତାହା ଗ୍ରହଣ ନ କରିଥିବା ଯାଏ ମିଥ୍ୟାଶକ୍ତିର ଓ ସତ୍ୟଶକ୍ତିର ପ୍ରେରଣା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।

ତଥାପି ପ୍ରାରମ୍ଭିକ ଅବସ୍ଥାରେ ଏ ଦିଗରେ ସହାୟତା ପାଇବା ପାଇଁ ଜଣେ ପଥପ୍ରଦର୍ଶନସୂଚକ ଏହି ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ନିଜ ସଙ୍ଗରେ ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସମଞ୍ଜସତା, ପ୍ରସାର, ଐକ୍ୟ ଓ ଉତ୍ତରଣମୁଖୀ ଅଭିବୃଦ୍ଧିର ସ୍ପନ୍ଦନ ନେଇ ଆସେ ବା ଆମ ଭିତରେ ସେହି ସ୍ପନ୍ଦନସବୁ ସୃଷ୍ଟି କରେ ତାହା ଆସିଥାଏ ଦିବ୍ୟସତ୍ୟ ଭିତରୁ ଏବଂ ଯାହାକିଛି ନିଜ ସଙ୍ଗରେ ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ବିଷାଦ, ବିବାଦ, ସ୍ୱାର୍ଥପର ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ହତାଶା ବହନ କରିଥାଏ, ସେଗୁଡ଼ିକ ସିଧା ଆସିଥାଏ ମିଥ୍ୟା ଭିତରୁ ।

୨୨ ଜାନୁଆରୀ ୧୯୬୫

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୬୦)

## ମହେନ୍ଦ୍ରନାଥ ସ୍ୱାଇଁ

**ମାନବ ଶରୀରରେ ଦିବ୍ୟଜନନୀ :**

ଜାନୁଆରୀ ୫, ୧୯୧୪ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି –

"FOR a long while I have been sitting with this notebook before me, unable to make up my mind to write, so much is all within me mediocre, worthless, insipid, hopelessly commonplace. Not a single thought in my head, not a single feeling in my heart, a complete indifference to everything and an insurmountable dullness.

"How can such a state be of any use?

*"I am a veritable zero in the world."*

''ମୋ ସମ୍ମୁଖରେ ଏହି ନୋଟ୍-ଖାତାଟି ରଖି ବହୁତ ସମୟ ହେଲା ମୁଁ ବସି ରହିଛି, ଲେଖିବା ପାଇଁ ମୋର ମନ ସ୍ଥିର କରିପାରୁ ନାହିଁ, ଦେଖୁଛି ସବୁକିଛି ମୋ ମଧ୍ୟରେ ଅତି ସାଧାରଣ, ମୂଲ୍ୟହୀନ, ପ୍ରାଣହୀନ (ନିରସ), ଅତି ସାଧାରଣ ନୈରାଶ୍ୟଜନକ ସ୍ଥିତି । ମୋ ମସ୍ତିଷ୍କ ଭିତରେ କୌଣସି ଚିନ୍ତା ନାହିଁ, ମୋ ହୃଦୟରେ କୌଣସି ଅନୁଭବ ନାହିଁ, ପ୍ରତ୍ୟେକ ବସ୍ତୁରେ ଏକ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ ଭାବ ଏବଂ ଏକ ପ୍ରକାର ଅଲଘ୍ୟଂ ନିଷ୍କ୍ରିୟ ଭାବ ।''

''ଏହି ପ୍ରକାର ଏକ ସ୍ଥିତି କେଉଁ କାମରେ ଲାଗିବ ?

*''ସଂସାରରେ ମୁଁ ଯେପରି ପୂରାଶୂନ୍ୟ ।''*

ପୁନଶ୍ଚ ମା କହୁଛନ୍ତି : ''But all this is not at all important. And provided Thy work is accomplished, Thy manifestation takes place and the earth becomes more and more Thy harmonious and fruitful kingdom, it matters little whether I accomplish this Work or not.

And as it is certain that It will be done, I should have no reason to worry even if I felt like it. From the depths to the outermost surface, all this, my being, is only a handful of dust; it is but natural that it should be scattered on the winds and leave no trace behind. . . .''

(Prayers and Meditations, Page - 47)

''କିନ୍ତୁ ଏହି କଥାଗୁଡ଼ିକର କୌଣସି ଗୁରୁତ୍ୱ ନାହିଁ । ଏବଂ ଯଦି ଆପଣଙ୍କ ଦିବ୍ୟ-କାର୍ଯ୍ୟର ସମାପନ ହୋଇଯାଏ, ଆପଣଙ୍କର ପରିପ୍ରକାଶ ହୋଇଯାଏ ଏବଂ ଏହି ବିଶ୍ୱ ଅଧିକରୁ ଅଧିକ, ଆହୁରି ଅଧିକ ଭାବରେ ଆପଣଙ୍କର ସଙ୍ଗତିମୟ ଏବଂ ଫଳପ୍ରଦ ସାମ୍ରାଜ୍ୟରେ ପରିଣତ ହୋଇଯାଏ, ତାହାହେଲେ ମୋ ଦ୍ୱାରା ଏହି ଦିବ୍ୟକାର୍ଯ୍ୟ ସମାପନ ହେଉ ବା ନହେଉ ସେଥିରେ କିଛି ଯାଏ ଆସେ ନାହିଁ ।

''ଏବଂ, ଯେହେତୁ ଏହା ନିର୍ଦ୍ଦିଷ୍ଟ ହୋଇ ଯାଇଛି ଯେ ଏହି କାର୍ଯ୍ୟଟି ନିଶ୍ଚିତ ଭାବେ ସମାପିତ ହେବ, ସେଥିପାଇଁ ମୋର ଏଥିରେ କୌଣସି ପ୍ରକାର ଚିନ୍ତିତ ହେବାର କାରଣ ନାହିଁ, ଯଦିଓ ମୋ ଭିତରେ ଏହି ପ୍ରକାର ଅନୁଭବ ହେଉଛି । ଅତି ଗଭୀରତମ ପ୍ରଦେଶରୁ ଅତି ବାହ୍ୟତମ ପ୍ରଦେଶ ପର୍ଯ୍ୟନ୍ତ ମୋର ଏହି ସମସ୍ତ ସତ୍ତା ସାମାନ୍ୟ ଧୂଳି କଣାଟିଏ ମାତ୍ର; ତେଣୁ ଏହା ସ୍ୱାଭାବିକ ଯେ କୌଣସି ଚିହ୍ନବର୍ଣ୍ଣ ନରଖି ଏହା ବାୟୁ ଦ୍ୱାରା କୁଆଡ଼େ ଉଡ଼ି ଉଭେଇ ଯିବ ।''

ଏହାହିଁ ପ୍ରକୃତରେ ବିନମ୍ରତାର ଚରମ ଶିଖର; ଏହି ପ୍ରକାର ମନୋଭାବରେ ସର୍ବୋତ୍ତମ ଆନନ୍ଦ ପରିବ୍ୟାପ୍ତ ହୋଇ ରହିଅଛି । ଆମେ ସର୍ବଦା ସର୍ବୋତ୍କୃଷ୍ଟ କାର୍ଯ୍ୟଟି କରିବା ପାଇଁ ଚେଷ୍ଟା କରୁଛେ । ଆମେ ଯେକୌଣସି ଗୋଟିଏ କାରଣରୁ ହେଉ ବା ଅନ୍ୟ କାରଣରୁ ହେଉ ଆମ କାମ ପାଇଁ ସର୍ବଦା ଚିନ୍ତିତ ହେଉଛେ । ବେଳେବେଳେ କାର୍ଯ୍ୟରୁ ବିରତ ହୋଇ ଅଧାରୁ ତ୍ୟାଗ କରି ଚାଲି ଯାଉଛେ । ଆମେ ଭାବୁ ନାହିଁ ଯେ ଆମର ଏହିପରି ଅକ୍ଷମତା ସତ୍ତ୍ୱେ ମଧ୍ୟ ପ୍ରଭୁ ତାଙ୍କ କାର୍ଯ୍ୟଟିକୁ ଯେକୌଣସି ବାଟରେ କରାଇ ନେବେ, ତାଙ୍କର ଉଦ୍ଦେଶ୍ୟ

ନିଶ୍ଚିତ ଭାବରେ ପୂରଣ ହେବ । ସୁତରାଂ ଆଉ ଚିନ୍ତା ନକରି ଆମେ ଆମର କର୍ତ୍ତବ୍ୟ କରି ଚାଲିବା ଏବଂ ପରିଣାମ ତାଙ୍କ ହାତରେ ଛାଡ଼ିଦେବା । ସେ ଇଚ୍ଛା କଲେ ଆମ ଦ୍ୱାରା କାର୍ଯ୍ୟଟି କରାଇବେ ଅଥବା ଅନ୍ୟ କାହା ଦ୍ୱାରା । ଆମେ ତ ପ୍ରଭୁଙ୍କ ହାତରେ ଯନ୍ତ୍ରଟିଏ, – ଶିଳ୍ପୀ ଯଦି ଗୋଟିଏ ଯନ୍ତ୍ରକୁ ବ୍ୟବହାର ନକରି ଅନ୍ୟ ଏକ ଯନ୍ତ୍ରକୁ ବ୍ୟବହାର କରେ କିଏ କ'ଣ ତାଙ୍କୁ ବାରଣ କରିପାରିବ ?

ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟ-ଜନନୀ ଶ୍ରୀମା ଏକ ସୁନ୍ଦର ଚିତ୍ରକଳ୍ପ ପ୍ରଦାନ କରିଛନ୍ତି; ସେ ଏକ ଟେବୁଲ ସମ୍ମୁଖରେ ଉପବେଶନପୂର୍ବକ କିଛି ଲେଖିବା ପାଇଁ ଇଚ୍ଛା କରୁଛନ୍ତି । ଟେବୁଲ ଉପରେ ଖାତା, କଲମ – କିନ୍ତୁ କିଛି ଲେଖିବା ପାଇଁ ସେ ମନକୁ ଦୃଢ଼ କରି ପାରୁ ନାହାଁନ୍ତି । ଏହି ଅବସ୍ଥାକୁ ଶ୍ରୀମା ପ୍ରକାଶ କରିଛନ୍ତି ତିନିଗୋଟି ଶବ୍ଦ ମାଧ୍ୟମରେ, ତାହା ହେଲା ''mediocre'', ''worthless'', ଏବଂ ''insipid'' । ''mediocre'' ଶବ୍ଦଟିର ଅର୍ଥ ହେଲା neither bad nor good, ordinary, middling ବା ଆମ ଭାଷାରେ ଆମେ କହିପାରିବା ଏକ ମଝିମଝିକିଆ ଭାବ; ''worthless'' ହେଲା ମୂଲ୍ୟହୀନ ଏବଂ ''insipid''ର ଅର୍ଥ dull, spiritless, tasteless । ମା'ଙ୍କର ଏହି ଅନୁଭବ ଏକ ସାଧାରଣ ମନୁଷ୍ୟର ଅନୁଭବ ସଦୃଶ, କାରଣ ସେ ତ ମାନବ ଦେହ ଧାରଣପୂର୍ବକ ଅବତୀର୍ଣ୍ଣ ହୋଇଛନ୍ତି । ସେଥିପାଇଁ ତାଙ୍କର କାର୍ଯ୍ୟ ଓ ଆଚରଣ ସାଧାରଣ ମଣିଷଟିଏ ପରି ।

ଏହି ବିଷୟରେ ମା' ଜନୈକ ସାଧକଙ୍କୁ ଲେଖିଥିବା ଚିଠିକୁ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ମା ଲେଖନ୍ତି –

''If you are quite sincere, you will agree with me that you are complaining of my being not too Divine but not Divine enough. For if, in my physical body I had assumed, for instance, the appearance cherished by the ancient Indian tradition, how convenient it would be ! Imagine, if having several heads and a great number of arms, possessing the power of ubiquity, when S comes to manicure my hands and so unceremoniously knocks at the door to inform me that she is there, (I cannot tell her not to knock because she is very busy) if I could send her a pair of hands for her work and still be in my small room to answer to D who is sitting with me there, how nice it would be ! ...

So, you see, I fear I have accepted to become too human, too much bound by the human laws of time and space, and thus not capable of doing half a dozen things at the same time !''

*12 January, 1932* (Champaklal's Treasures, p. 8 - 9)

ଅର୍ଥାତ୍, ''ତୁମେ ଯଦି ପୂର୍ଣ୍ଣ ରୂପେ ନିୟମାନୁବର୍ତ୍ତି ହୋଇଥାଅ, ଯଥାର୍ଥ ମନୋଭାବର ସହିତ କାର୍ଯ୍ୟ କରୁଥାଅ ତାହାହେଲେ ତୁମେ ଏହି କଥା ସହିତ ସହମତ ହେବ ଯେ ତୁମେ ଯେଉଁ ପ୍ରଶ୍ନଟି ଉଠାଇଛ ତାହା ହେଲା ମୋର ସତ୍ତା, ଦିବ୍ୟତ୍ୱକୁ ଅତିକ୍ରମ କରିଗଲା ପରି ନୁହେଁ କିନ୍ତୁ ଯଥେଷ୍ଟ ପରିମାଣରେ ଦିବ୍ୟ ନୁହେଁ । କାରଣ ଯଦି ମୁଁ ଭାରତୀୟ ପୁରାତନ ପ୍ରଥାନୁସାରେ ମୋର ଶରୀରଟିକୁ ଗ୍ରହଣ କରିଥା'ନ୍ତି କେଡ଼େ ସୁବିଧା ହୋଇ ନଥା'ନ୍ତା ! ମନେକର, ଯଦି ମୋର ଅନେକ ମସ୍ତକ ଥାଆନ୍ତା, ଅସଂଖ୍ୟ ହସ୍ତ, ଅଦ୍ୱିତୀୟ ଅତିଭୌତିକ ଶକ୍ତି ଥାଆନ୍ତା କେତେ ଭଲ ହୋଇ ନଥା'ନ୍ତା; ଯେତେବେଳେ ଏସ୍. (ଜନୈକା beautician) ମୋ ହାତର ଯତ୍ନ ନେବା (manicure) ନିମନ୍ତେ ଆସନ୍ତି, ଆସିବା ମାତ୍ରକେ ମୋ ପ୍ରକୋଷ୍ଠର ଦ୍ୱାରରେ ଏତେ ଜୋର୍‌ରେ ଲୌକିକତାହୀନ ଭାବେ କରାଘାତ କରି ଜଣାଇ ଦିଅନ୍ତି ଯେ ସେ ଆସି ଗଲେଣି (ମୁଁ ତାଙ୍କୁ ସେଥିରୁ ନିବୃତ୍ତ ହେବା ପାଇଁ କହିପାରେ ନାହିଁ, କାରଣ ସେ ସର୍ବଦା କର୍ମ-ବ୍ୟସ୍ତ ଥିବା ଭଳି ଜଣା ପଡୁଥା'ନ୍ତି) । ମୁଁ ଭାବେ ଯଦି ମୁଁ ମୋର ହାତ ଦୁଇଟିକୁ କୌଣସି ପ୍ରକାରେ ତାଙ୍କ ପାଖକୁ ପଠାଇ ଦେଇପାରନ୍ତି, ତାଙ୍କ କାମଟି ହୋଇ ଯାଆନ୍ତା ଏବଂ ମୁଁ ମୋର ଛୋଟ ପ୍ରକୋଷ୍ଠଟି ମଧ୍ୟରେ ମୋ ସମ୍ମୁଖରେ ବସିଥିବା ''ଡ଼ି'' (ଜନୈକ ସାଧକ)ଙ୍କର ପ୍ରଶ୍ନର ଉତ୍ତର ଦେଇପାରନ୍ତି – କଥାଟି କେତେ ଭଲ ନ ହୁଅନ୍ତା !...''

''ସୁତରାଂ, ତୁମେ ଦେଖ, ମୋତେ ବେଳେବେଳେ ଭୟ ଲାଗୁଛି ଯେ ମୁଁ ଅଧିକ ପରିମାଣରେ ସାଧାରଣ ମଣିଷଟିଏ ହୋଇଯାଇଛି, ମଣିଷର ନିୟମ-କାନୁନ ଭିତରେ ଦେଶ-କାଳ-

ପାତ୍ର ମଧ୍ୟରେ ବାନ୍ଧି ହୋଇଯାଇଛି, ଏବଂ ଏକାଥରକେ ଅଧ-ଡଜନ କାମ କରିବାର ସାମର୍ଥ୍ୟ ମୋର ନାହିଁ ।'' – ଶ୍ରୀମା

(ଚମ୍ପକଲାଲଙ୍କ ଟ୍ରେଜର୍ ପୁସ୍ତକରୁ, ପୃ. ୫୨-୫୩)

ଦିବ୍ୟଜନନୀ ଶ୍ରୀମା ଏହି ପୃଥିବୀରେ ମାନବ ଶରୀର ଧାରଣପୂର୍ବକ ଅବତୀର୍ଣ୍ଣ ହୋଇଛନ୍ତି, ତାଙ୍କର ଆସ୍ଥାନ ବିଶ୍ୱାତୀତ ସ୍ତରରେ (in transcendence) । ସେଠାରେ ସେ ଯେଉଁ ପରିଚ୍ଛଦ ପରିଧାନ କରୁଥିଲେ, ଏଠାରେ ତାହା ନାହିଁ, ବିଶ୍ୱାତୀତ ଭୂମିର ବ୍ୟବସ୍ଥା ମର୍ତ୍ତ୍ୟରେ କେଉଁଠୁ ମିଳିବ ? ଆମେ ଶ୍ରୀମା'ଙ୍କୁ ଯାହା ସମର୍ପଣ କଲେ ମଧ୍ୟ ତାହା ପାର୍ଥିବ । ସେଥିପାଇଁ ଏଠାରେ ଆମ୍ଭମାନଙ୍କ ଭିତରେ ସେ ତାଙ୍କର ମହନୀୟତାକୁ ସଙ୍କୁଚିତ କରି ଦେଇଛନ୍ତି ଆମେ ବୁଝିପାରିଲା ଭଳି, ସହ୍ୟକରି ପାରିଲା ଭଳି ରୂପରେ ସେ ଆମ ଆଗରେ ଉଭା ହୋଇଛନ୍ତି । କେବଳ ଆମରି ପାଇଁ ''She suffers from her greatness.'' । ଆମେ କିନ୍ତୁ କହୁଛେ, ''ମା ଆପଣ ଏତେ ପରିମାଣରେ Divine ବା ଦିବ୍ୟ ନୁହଁନ୍ତି, ଅଥବା Divine ବା ଦିବ୍ୟତ୍ୱକୁ ଅତିକ୍ରମ କରିଗଲା ପରି ଶରୀର ଧାରଣ କରି ନାହାଁନ୍ତି ।'' ମା କହୁଛନ୍ତି ଯେ ସେ ଯଦି ଭାରତୀୟ ପୁରାଣ ଶାସ୍ତ୍ର ବର୍ଣ୍ଣିତ ଦେବୀଙ୍କ ରୂପ ଧାରଣ କରିଥା'ନ୍ତେ, ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ସଦୃଶ ଦଶ, ବାର ବା ଅଷ୍ଟାଦଶ ଭୁଜା ହୋଇଥା'ନ୍ତେ, ଅନେକ ମସ୍ତକ ଧାରଣ କରିଥା'ନ୍ତେ, ତାହା ହେଲେ ଆମେ ତାଙ୍କ ପାଖ ମାଡ଼ନ୍ତେ କି ? ଭୟରେ ଦୂରରୁ ପ୍ରଣାମ କରି ପଳାଇ ଯାଆନ୍ତେ । ଆମ ପାଇଁ ସେ ଆମ ପରି ହୋଇଛନ୍ତି, ସ୍ୱୟଂ ଇଚ୍ଛା କରି ନିଜକୁ ସଙ୍କୁଚିତ କରି ଦେଇଛନ୍ତି; ଆମ ପରି କ୍ଲାନ୍ତି ଅନୁଭବ କରୁଛନ୍ତି, ଆମର ଦୁଃଖ, ଅବସାଦ, ଯନ୍ତ୍ରଣାକୁ ନିଜେ ନିଜ ଶରୀରରେ ଧାରଣ କରି ସେ ସମସ୍ତକୁ ରୂପାନ୍ତରିତ କରି ଆମକୁ ଆନନ୍ଦ ଏବଂ ଜ୍ଞାନ ପ୍ରଦାନ କରିବା ନିମନ୍ତେ ସ୍ୱୟଂ କଷ୍ଟ କରୁଛନ୍ତି । ଆମରି ପାଇଁ ଅଧିକ ପରିମାଣରେ ମାନବ ଶରୀରରେ ଅବତୀର୍ଣ୍ଣ ହୋଇଛନ୍ତି ।

ଅନ୍ୟ ଏକ କଥା ସ୍ମୃତିପଟରେ ଉଙ୍କିମାରେ; ତାହା ହେଲା – ଦିନେ ଚାରୁପଦଦା' (ଆଶ୍ରମର ଜନୈକ ବରିଷ୍ଠ ସାଧକ) ମା'ଙ୍କ ପାଖକୁ ଯାଇ କହିଲେ, ''ହେ ମା ! ଶ୍ରୀଅରବିନ୍ଦ ଲେଖିଛନ୍ତି, ଆପଣ ହେଉଛନ୍ତି ମହେଶ୍ୱରୀ, ମହାଲକ୍ଷ୍ମୀ ଇତ୍ୟାଦି କିନ୍ତୁ ମୁଁ କେବଳ ଆପଣଙ୍କୁହିଁ ଦେଖୁଛି, ଆପଣଙ୍କ ବିଭୂତିମାନଙ୍କ ମଧ୍ୟରୁ ମୋତେ ଗୋଟିଏ ଦେଖାଇ ଦେଲେ ମୁଁ କୃତକୃତ୍ୟ ହୁଅନ୍ତି ।'' ଦିବ୍ୟଜନନୀ ଶ୍ରୀମା ସ୍ମିତହାସ୍ୟ ସହ ତାଙ୍କୁ କହିଲେ, ''ଚାରୁପଦ, ତୁମେ ଦେଖିବାକୁ ଚାହୁଁଛ ?'' କକ୍ଷଟି ହଠାତ୍ ଆଲୋକରେ ଉଦ୍ଭାସିତ ହୋଇ ଉଠିଲା । ଚାରୁପଦଦା' ଦେଖିଲେ ମା ତାଙ୍କ ଚୌକିରୁ କେଉଁଆଡ଼େ ଉଭାନ ହୋଇ ଯାଇଛନ୍ତି ଏବଂ ସେହି ସ୍ଥାନରେ ''ମହେଶ୍ୱରୀ'' ବିରାଜମାନ ହୋଇଛନ୍ତି । ସେ କହନ୍ତି, ''ଏକ ବିରାଟ ପ୍ରତିମୂର୍ତ୍ତି, ସ୍ଥିର, ପ୍ରଶାନ୍ତ ଏବଂ ପ୍ରଜ୍ଞାମୟୀ । କିଛିକ୍ଷଣ ପରେ ସେହି ମୂର୍ତ୍ତି ମଧ୍ୟ ଅନ୍ତର୍ଦ୍ଧାନ ହୋଇ ଗଲେ ଏକ ଚିତ୍ରପଟ ମିଳେଇଗଲା ପରି ଏବଂ ତାଙ୍କ ସ୍ଥାନରେ ଉପବେଶନ କରିଛନ୍ତି ସୌନ୍ଦର୍ଯ୍ୟମୟୀ ଦେବୀ ''ମହାଲକ୍ଷ୍ମୀ'' । ଦେବୀଙ୍କ ଜ୍ୟୋତିଃ ପ୍ରଭାରେ ମୋର ଚକ୍ଷୁଦ୍ୱୟ ଝଲସି ଉଠିଲା, ଦେବୀଙ୍କର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ତତ୍‌ପରେ ଆସିଲେ ''ମହାସରସ୍ୱତୀ, ସୌମ୍ୟା, ଶୁଭ୍ରବସ୍ତ୍ର ପରିହିତା, ସହାସ୍ୟ ବଦନରେ ଉଭା ହେଲେ, ମୋର ନେତ୍ର ପବିତ୍ର ହୋଇଗଲା । ସର୍ବଶେଷରେ ଆସିଲେ ''ମହାକାଳୀ'', ତାଙ୍କର ତେଜ ଏତେ ପ୍ରଖର ଥିଲା ଯେ ମୁଁ ତାଙ୍କୁ ଚାହିଁ ପାରିଲି ନାହିଁ, ଭୟରେ ମୋର ଚକ୍ଷୁଦ୍ୱୟ ଆପେ ଆପେ ମୁଦ୍ରିତ ହୋଇଗଲା, ମୁଁ ଥରିବାକୁ ଲାଗିଲି । ଏହିପରି ଅବସ୍ଥାରେ କିଛିକ୍ଷଣ କଟିଗଲା, ବହୁତ ସାହସ ବାନ୍ଧି ସ୍ୱଳ୍ପ ଚକ୍ଷୁ ମେଲି ଯାହା ଦେଖିଲି ସେଥିରେ ଆଶ୍ଚର୍ଯ୍ୟ ହେବା ବ୍ୟତୀତ ଆଉ କିଛି କଥା ନଥିଲା; ମା ତାଙ୍କ ଚୌକିରେ ବସି ମୋ ଆଡ଼କୁ ଅନାଇ ହସୁଛନ୍ତି । ମା'ଙ୍କୁ ଆଭୂମି ପ୍ରଣାମ ନିବେଦନ କଲି, ପଦସ୍ପର୍ଶପୂର୍ବକ ତଳକୁ ଓହ୍ଲାଇଲି । ମା'ଙ୍କର ଓଷ୍ଠାଧରରେ ସେହି ଅପୂର୍ବ ସ୍ମିତହାସ୍ୟ ଲାଗି ରହିଥାଏ । ମୁଁ ସେହିପରି ଥରୁଥାଏ, ପ୍ରାୟ ଚେତାଶୂନ୍ୟ ହେଲା ପରି ।''

ବହୁବର୍ଷ ପରେ ଚାରୁପଦଦା' ତାଙ୍କର ଜନୈକ ବନ୍ଧୁଙ୍କୁ ଏହିକଥା କହିଲା ବେଳେ ତାଙ୍କ ଚକ୍ଷୁଦ୍ୱୟରୁ ଦୁଇଧାର ଲୋତକ ବହି ଆସୁଥିଲା । ସେ ବାରମ୍ବାର କହୁଥିଲେ, ''ଦିବ୍ୟଜନନୀ ଶ୍ରୀମା କରୁଣାମୟୀ, ଆମେ ମୂର୍ଖ, ବେଳେବେଳେ ତାଙ୍କୁ ଆହ୍ୱାନ ଦେଉ ତାଙ୍କର ପ୍ରକୃତ ସ୍ୱରୂପ ଆମକୁ ପ୍ରଦର୍ଶନ କରାଇବା ପାଇଁ...'' ।

('ଦିବ୍ୟ ସମାଚାର' ପୁସ୍ତକର
ପୃଷ୍ଠା. ୧୯୮-୧୯୯ରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother; (୨) Musing on the Prayers and Meditations, Vol. 1 – Shyam Kumari

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୭)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

... ଆଉ ସେଇ ଅଦମ୍ୟ ପ୍ରବଳ ସଂକଳ୍ପକୁ ଅନୁସରଣ କରି ଚାଲିଲି ଅନ୍ଧ ପରି ତିମିରାଚ୍ଛନ୍ନ ପଥ ଧରି ସବୁ ପ୍ରକାର ହିତକାରୀ, ଶୁଭ, ସବୁ ମଙ୍ଗଳ କାମନାକୁ ଏବଂ ତା'ର ସବୁ ପ୍ରକାରର ଇଙ୍ଗିତକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି । ଫଳରେ ପଡ଼ିଲି ଯାଇ ଏକେବାରେ ଯାହାକୁ କୁହାଯାଏ ''ନିରନ୍ଧ୍ର ତିମିର'' ତା'ର ଆଲୋକହୀନ ଅସହ୍ୟ ଶ୍ୱାସରୋଧକାରୀ ଏକ ଆବର୍ତ୍ତ ମଧ୍ୟରେ । ଶ୍ରୀମାଶ୍ରୀଅରବିନ୍ଦଙ୍କର କରୁଣା କୃପା ତ ସବୁ ସମୟରେ ଝରି ପଡୁଛି ଅବିରତ ଧାରାରେ,– କାର୍ଯ୍ୟ ବି କରି ଚାଲିଛି, କିନ୍ତୁ ମୁଁ ସେତେବେଳେ ମୃତପ୍ରାୟ – କିଛି ବି ଗ୍ରହଣ କରି ପାରୁନି, ପଡ଼ି ରହିଛି ସେଇ ଭୀଷଣତମ ଅନ୍ଧକାରର ଅତଳ ଗହ୍ୱରରେ – ଯେଉଁଠି କେବଳ ଅନ୍ଧକାରହିଁ ନିବିଡ଼ରୁ ନିବିଡ଼ତର ହୋଇ ରହିଛି ଦୃଷ୍ଟିକୁ ଅନ୍ଧ କରି – ସମ୍ମୁଖରେ ଭବିଷ୍ୟତ୍ ବୋଲି ଆଉ କୌଣସି କିଛିର ଯେପରି ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁ ନାହିଁ, କୌଣସି କିଛିର ସାକ୍ଷାତ୍ ମିଳୁ ନାହିଁ – ନିଜକୁ ନିଃଶେଷ କରି ଦେବାର ଦୁର୍ବାର ଅଭିଳାଷ ବ୍ୟତୀତ – ସିଏହିଁ ମୋତେ ଚଳାଉ ଥିଲେ ସେତେବେଳେ । ଶ୍ରୀମାଙ୍କ ଉପରେ ବିଶ୍ୱାସ ଯେ ଠିକ୍ ରହୁନି ତାହା ନୁହେଁ; କିନ୍ତୁ ଭରସା ବି ପାଉ ନାହିଁ । ମନ କହୁଛି : ଶ୍ରୀମା ବି ହୁଏତ କୌଣସି ଦିନ ଚାଲିଯିବେ ଶ୍ରୀଅରବିନ୍ଦଙ୍କ ପରି ସେମାନଙ୍କର ଆଧ୍ୟାତ୍ମିକ କାର୍ଯ୍ୟ ନିମିତ୍ତ ଯଦି ଦରକାର ହୁଏ । ଶ୍ରୀମାଶ୍ରୀଅରବିନ୍ଦଙ୍କ ବ୍ୟତୀତ ଭବିଷ୍ୟତ୍ ? ମୋ ସମ୍ମୁଖରେ ଭବିଷ୍ୟତ୍ ବୋଲି କିଛି ନାହିଁ । କେବଳ ଅନ୍ଧକାର ବ୍ୟତୀତ ଆଉ କିଛି ନାହିଁ । ବଞ୍ଚିବାକୁ ଚାହୁଁ ନାହିଁ, ଅଥଚ ମରିଗଲେ ବି ତ ଆତ୍ମା ରହିବ, ଶୁଣିଛି ଆତ୍ମା ଅବିନାଶୀ – ତେଣୁ ମରିଗଲେ ବି ତା' ନିଶ୍ଚିହ୍ନ ହେବ ନାହିଁ ? କିନ୍ତୁ ଏମିତି କିଛି ନାହିଁ ଯେଉଁଥିରେ ନିଜକୁ ଏକେବାରେ ନିଃଶେଷ କରି ଦେଇହୁଏ ? ତେଣୁ ବଞ୍ଚିବାର କଥା ଭାବୁ ନାହିଁ, ଭାବୁଛି କେବଳ କେଉଁ ଉପାୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରି ଦିଆଯାଇ ପାରିବ – ସେଇ କଥା । ନୟନରୁ ଲୋତକ ଧାରାର ବିରାମ ନାହିଁ, ବଞ୍ଚି ରହିବା ମନେ ହେଉଛି ଅସମ୍ଭବ – ଏତେଟା ବିତୃଷ୍ଣା ଜୀବନ ଉପରେ ଯେ ତା'ର ସପକ୍ଷରେ କୌଣସି ଯୁକ୍ତିହିଁ ତିଷ୍ଠି ପାରୁନି, ତା'ର ସମ୍ଭାବନା ଯେପରି ଅସମ୍ଭବରେ ସାମିଲ ହୋଇ ଯାଇଛି । କିନ୍ତୁ ନିଜକୁ ଯେଉଁଭାବେ ଶେଷ କରିବାକୁ ଚାହୁଁଛି, ତା'ର କୌଣସି ଉପାୟ ଯେ ନାହିଁ, ତାହା ବୁଝିବାର କ୍ଷମତା ବି ସେତେବେଳେ ମୋର ନାହିଁ; ହଜେଇ ଦେଇଛି ସବୁ ସେଇ ସର୍ବନାଶର ସର୍ବନାଶୀ କବଳରେ । ମନ କହୁଛି : ମରିଗଲେ ବି ତ ଶେଷ ହେବି ନାହିଁ, କେବଳ ଶରୀରଟାହିଁ ଯିବ, ତା' ହେଲେ ? ଆତ୍ମା ? ଆତ୍ମା ଯେ କି ଜିନିଷ ସେ ସମ୍ବନ୍ଧରେ ବୋଧଜ୍ଞାନ କିଛି ବି ନାହିଁ; କେବଳ ଜାଣେ ଯେ, ମରିଗଲେ ଯେ ନିଶ୍ଚିହ୍ନ ହୋଇଯିବି ତାହା କେବେ ବି ନୁହେଁ । ଅଛି କେବଳ ମୋର ସର୍ବଗ୍ରାସୀ ଏକ ଅଟଳ କ୍ଷୁଧିତ ପ୍ରବଳ ସ୍ପୃହା ନିଜକୁ ସମୂଳେ ନିଶ୍ଚିହ୍ନ କରି ଦେବାର; ଆଉ ମୁଁ ପଡ଼ି ରହିଛି ସେଇ ନିରନ୍ଧ୍ର ତିମିରର ପାଷାଣଘେରା ପ୍ରାଚୀର ମଧ୍ୟରେ ଅନ୍ଧ ପ୍ରାୟ – ଚକ୍ଷୁର ଜଳକୁ ସମ୍ବଳ କରି; ଯେଉଁଠି ଆଲୋକ ପ୍ରବେଶର ପଥ ନାହିଁ, ସବୁ ଦିଗର ରାସ୍ତା ରୁଦ୍ଧ । ରୁଦ୍ଧ ଶ୍ୱାସରେ ବିଶ୍ୱାସର ଦ୍ୱାର ଭାଙ୍ଗି ଦେଇ ତା' ମଧ୍ୟ ଦେଇ ଗତି କରିବାକୁ ଲାଗିଲି ବିଶ୍ୱାସ ହତ୍ୟାକାରୀ ରିପୁ ସମୂହର ଶର ସନ୍ଧାନର ଯେତେ ପ୍ରକାରର କ୍ରିୟା କୌଶଳ ତା'ରହିଁ କ୍ରୀଡ଼ା । କି ସାଂଘାତିକ ସେ ଅବସ୍ଥା – ଜୀବନ ଓ ମୃତ୍ୟୁ ନାହିଁ ମୋ ସାମନାରେ, ଭବିଷ୍ୟତ୍ ମଧ୍ୟ ଲୁପ୍ତ, ତା'ର ଅସ୍ତିତ୍ୱର କୌଣସି ଚିହ୍ନ ବି ନାହିଁ – ସବୁ ମିଳେଇ ଯାଇଛି ଦିଗ୍‌ବିସ୍ତାରୀ ଅନ୍ଧକାର କକ୍ଷରେ । ଏଇ ପ୍ରକାରର ଭୟାନକ ଅବସ୍ଥା ଯେତେବେଳେ, ସେତେବେଳେ ଦିନେ ଦେଖିଲି ମୁଁ ଆସି ଛିଡ଼ା ହୋଇଛି ଶ୍ରୀଅରବିନ୍ଦଙ୍କର ମହାସମାଧି ସମ୍ମୁଖରେ । ଚକ୍ଷୁରୁ ବୋହି ଚାଲିଛି ଅବିରଳ ଅଶ୍ରୁଧାରା । ହଠାତ୍ ଦେଖିଲି ମୋ ସମ୍ମୁଖରେ ଗୋଟିଏ କବିତାର ତିନୋଟି ଧାଡ଼ି ଉଜ୍ଜ୍ୱଳ ହୋଇ ଭାସି ଉଠିଲା, ମୁଁ ଚମକି ଉଠିଲି ! ମନେ ହେଲା ଅନ୍ତରାଳ ଅବା ଆଢୁଆଳ(ସ୍ପଷ୍ଟ ମନେ ହେଲା ମୋ ପଛରେ

ଡାହାଣ ଦିଗର କାନ୍ଧ ପାଖରେ ସେ ଆସି ଛିଡ଼ା ହୋଇଛନ୍ତି, ମୁହଁଟି ଯେପରି ମୋ କାନ ପାଖରେ ।)ରୁ ଶ୍ରୀଅରବିନ୍ଦ ନିଜେ ମୋତେ ଧରେଇ ଦେଲେ କବିତାଟିଏ, ତା'ର ସମ୍ପୂର୍ଣ୍ଣ ଛନ୍ଦ ସହିତ ! ସେତିକିବେଳେ ଦେଖିବାକୁ ପାଇଲି ତା' ସହ ଆସିଲା ଅନ୍ଧକାର ଭାଙ୍ଗି ଆଲୋକର ଜ୍ୟୋତିଧାରା । ସେ କି ଆଲୋକ ! ମୁଁ ଅବାକ୍ ହୋଇ ତାହା ଦେଖୁଛି, ଅନ୍ତର ମୋର ଯେପରି ଭରିଗଲା ପ୍ରଶାନ୍ତିରେ – ଶାନ୍ତିର ପାରାବାରରେ ଯେପରି ଭାସି ଚାଲିଛି ଆଲୋକସ୍ନାତ ହୋଇ, ସେ ଅଭିଜ୍ଞତା ଏକ ପରମ ପ୍ରାପ୍ତିର ଅଭିଜ୍ଞତା । କବିତାଟିର ଆରମ୍ଭ ଏଇ ତିନୋଟି ଧାଡ଼ି ଦେଇ – ଏଇ ପ୍ରକାରେ :

''ତୁମେ କି ଆବଦ୍ଧ କେବଳ ଏ ସାମାନ୍ୟ ଦେହ ପରିଧିରେ
ହେ ଦେବ, ହେ ଦେହାତୀତ, ହେ ପରମ ପୁରୁଷ ମହାନ୍ ।
ସର୍ବତ୍ର ବିରାଜମାନ ସତ୍ତା ଯା'ର ପ୍ରଦୀପ୍ତ ସମ୍ବିତେ,''–

ଏଇ ତିନୋଟି ଧାଡ଼ି ସଙ୍ଗେ ଯେଉଁ ଆଲୋକ ଅବତରଣ କଲା, ସେଇ ଆଲୋକ ବିଚ୍ଛୁରିତ ହୋଇଗଲା ମୋ ଚତୁର୍ଦ୍ଦିଗରେ । ସେହି ଆଲୋକରେ ମୁଁ ଲେଖିବାକୁ ବସିଲି କବିତାଟିକୁ ତା'ର ସେଇ ତିନୋଟି ଧାଡ଼ି ଧରି । ସାରାଦିନ, ଏପରି କି ରାତ୍ରିରେ ମଧ୍ୟ ବସି ଲେଖି ଚାଲିଛି । ମୁଁ ତା' ଭିତରେ ମଧ୍ୟ ବୁଡ଼ି ଯାଇଛି । ଥରେ ମାତ୍ର ବି ମନେ ହେଉ ନାହିଁ ଯେ ମୁଁ କବିତା ଲେଖୁଛି, ସେ ଲେଖାଉଛନ୍ତି – ଏହା ଏକେବାରେ ପ୍ରତ୍ୟକ୍ଷ ଅନୁଭୂତି । ଏଇ କବିତାହିଁ ମୋତେ ଦାନ କଲା ନବଜୀବନ, ଖୋଲି ଦେଲା ଏକ ଦ୍ୱାର ଅପୂର୍ବ ଅଜ୍ଞାତ ଲୋକର । ମୁଁ ତନ୍ମୟ ହୋଇ ସେଠାରେ ବସି ଲେଖି ଚାଲିଲି ଦିବା ରାତ୍ର – ପ୍ରାୟ ସବୁ ସମୟରେ । ମୁଁ କେବଳ କଲମ ଧରିଛି, ଲେଖା ଚାଲିଛି ଅବିରାମ ତା' ମଧ୍ୟ ଦେଇ ଏଇ ପର୍ଯ୍ୟନ୍ତ, ଏତିକି ବ୍ୟତୀତ ତା' ମଧ୍ୟରେ ମୁଁ ଆଉ କେଉଁଠି ନାହିଁ, ଲେଖକ ବି ମୁଁ ନୁହେଁ । କାହିଁକି ନା କଲମ ମାଧ୍ୟମରେ ଊର୍ଦ୍ଧ୍ୱରୁ, ଊର୍ଦ୍ଧ୍ୱତର ଲୋକର ଯେଉଁସବୁ ବର୍ଣ୍ଣନା, ବାଣୀ, ଉପମା, ବ୍ୟାଖ୍ୟା ଇତ୍ୟାଦି ଅବିରଳ ଧାରାରେ ନିଜକୁ ପ୍ରକାଶ କରି ଚାଲିଛି; ଯାହା କେବେ ବି କେବଳ ମୋ ଦ୍ୱାରା ସମ୍ଭବ ନୁହେଁ, ତାଙ୍କର ହସ୍ତକ୍ଷେପ ବ୍ୟତୀତ ଏହା ହୋଇ ନପାରେ । ତେଣୁ ସେ ଲେଖା ପଢ଼ିଲେହିଁ ବୁଝିବାକୁ କୌଣସି ଅସୁବିଧା ହୁଏ ନାହିଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

Who can understand Sri Aurobindo ? He is as vast as the universe and his teaching is limitless.

The only way to come a little close to him is to love him sincerely and give oneself unreservedly to his work. In that way, each one does his best and contributes as much as he can to the transformation of the world which Sri Aurobindo has predicted.

(CWM, Vol. 16, p. 310) – The Mother

ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ସେ ବିଶ୍ୱ ଭଳି ବିଶାଳ ଓ ସୀମାହୀନ ତାଙ୍କର ଶିକ୍ଷା ।

ତାଙ୍କର ସାମାନ୍ୟ ସଂସ୍ପର୍ଶ ଲାଭ କରିବାର ଏକମାତ୍ର ଉପାୟ ହେଉଛି ତାଙ୍କୁ ଏକନିଷ୍ଠ ଭାବେ ଭଲ ପାଇବା ଓ ତାଙ୍କରି କର୍ମ ନିମନ୍ତେ ନିଜକୁ ଅକୁଣ୍ଠିତ ଭାବେ ଉତ୍ସର୍ଗ କରିବା । ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ସର୍ବୋତ୍ତମ କର୍ତ୍ତବ୍ୟ ଓ ଶ୍ରୀଅରବିନ୍ଦ କରିଯାଇଥିବା ଭବିଷ୍ୟଦ୍‌ବାଣୀ ଏହି ଜଗତର ରୂପାନ୍ତର ଲାଗି ତା'ର ଯଥାସାଧ୍ୟ ଅବଦାନ ।

– ଶ୍ରୀମା

# ସମତା ସମ୍ପର୍କରେ

## (୧)

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ସମତା' ବା 'ସମତ୍ୱବୋଧ' (EQUANIMITY) ହେଉଛି ଅନ୍ୟତମ । ଶ୍ରୀମା ଆଇବେରିସ୍ (Iberis) ପୁଷ୍ପକୁ ସମତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଅଭିହିତ କରିଛନ୍ତି । ଅପରିବର୍ତ୍ତନୀୟ ଅକ୍ଷୟ ଶାନ୍ତି ଓ ସ୍ଥିରତା(Immutable peace and calm)ର ଅନ୍ୟ ନାମ ହେଲା 'ସମତା' ।

ନିମ୍ନଲିଖିତ ଆଲୋଚନାଟିରେ ''ସମତା'' ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ସାଧନା ସୌଧର ମୂଳଭିତ୍ତି ହେଲା ସମତା । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ରଚନାବଳିରେ ସମତା ସମ୍ପର୍କରେ ବହୁଳ ଆଲୋଚନା ପରିଲକ୍ଷିତ ହୁଏ । ବିଶ୍ୱର ଅଧିକାଂଶ ଧର୍ମ ଓ ଆଧ୍ୟାତ୍ମିକ ପରମ୍ପରାରେ ସମଭାବ ଉପରେ ଗୁରୁତ୍ୱ ଦିଆଯାଇଛି; କାରଣ ଏହା ହେଉଛି ଆଧ୍ୟାତ୍ମିକ ଜୀବନର ଏକ ମୌଳିକ ଓ ଶ୍ରେୟଃ ଗୁଣ । ସର୍ବପ୍ରଥମ ଆବଶ୍ୟକତା ହେଲା 'ସମତା' ଓ 'ସ୍ଥିରତା' ।

ସମତା ବିନା ସାଧନା ଅସମ୍ଭବ । ପରିସ୍ଥିତି ଓ ପରିବେଶ ଯେତେ ଅପ୍ରୀତିକର ହୋଇଥାଉ ନା କାହିଁକି, ଅନ୍ୟମାନଙ୍କର କାର୍ଯ୍ୟକଳାପ ଓ ବ୍ୟବହାର ଯେତେ ଅସହ୍ୟ ହୋଇଥାଉ ନା କାହିଁକି – ସାଧକ ଅବିଚଳିତ ଓ ଅପ୍ରତିଭ ନହୋଇ ପ୍ରଭାବଶୂନ୍ୟ ରହି ପୂର୍ଣ୍ଣ ଶାନ୍ତି ଓ ସ୍ଥିରତା ରକ୍ଷାକରି ସାଧନାରେ ଅଗ୍ରସର ହୋଇଥା'ନ୍ତି । ପରିସ୍ଥିତି ଅନୁକୂଳ ଓ ସୁଖକର ଥିଲାବେଳେ ସମଚିତ୍ତତା ରକ୍ଷା କରିବା ସହଜ ଓ ସ୍ୱାଭାବିକ ହୋଇଥାଏ । ପ୍ରତିକୂଳ ପରିସ୍ଥିତିରେହିଁ ଶାନ୍ତି ଓ ସମତା ପରୀକ୍ଷିତ ଓ ଦୃଢ଼ୀଭୂତ ହୋଇ ପୂର୍ଣ୍ଣତା ପ୍ରାପ୍ତ କରେ । ସମତା ହେଲା ଯଥାର୍ଥ ଆଧ୍ୟାତ୍ମିକ ଚେତନାର ଆଧାର ।

ଯେତେବେଳେ ମନ, ପ୍ରାଣ, ଶରୀରରେ କୌଣସି ବିକ୍ଷୋଭ ଅଥବା ବିଦ୍ରୋହ ସୃଷ୍ଟି ହୁଏ ସେତେବେଳେ ସାଧକଙ୍କ କଥା, କର୍ମ ଓ ଅନୁଭବରେ ବ୍ୟତିକ୍ରମ ଦେଖା ଦେବାର ସମ୍ଭାବନା ଥାଏ । ଏହାର ପ୍ରତିକାର କ'ଣ ? ଯଥାର୍ଥ ସମତା କାହାକୁ କୁହାଯିବ ? କ'ଣସବୁ 'ସମତା' ପଦବାଚ୍ୟ ନୁହେଁ ? ସମତାର ପ୍ରକାର ଭେଦ, ସାଧନା ମାର୍ଗ ଓ ଏହାର ପ୍ରୟୋଗାତ୍ମକ ଦିଗ ବିଷୟରେ ନିମ୍ନରେ ସମ୍ୟକ୍ ଆଲୋଚନା କରାଯାଇଛି ।

**ସମତାର ସଂଜ୍ଞା ନିରୂପଣ :**

ଶ୍ରୀଅରବିନ୍ଦଙ୍କର କେତୋଟି ଅମୂଲ୍ୟ ଅନୁପମ ବାଣୀ ହେଲା –

''Equality is to remain unmoved within in all conditions.'' (CWSA, Vol. 29, p. 130)

''ସକଳ ପରିସ୍ଥିତିରେ ଅବିଚଳିତ ରହିବାକୁ ସମତ୍ୱ କୁହାଯାଏ ।''

*

''Equality means a quiet and unmoved mind and vital; it means not to be touched or disturbed by things that happen or things said or done to you. ...''

(CWSA, Vol. 29, p. 130)

''ସମତା ଅର୍ଥ ଏକ ସ୍ଥିର, ଅବିଚଳ ମନ ଓ ପ୍ରାଣ; ଏହାର ଅର୍ଥ ହେଲା ତୁମର ଯାହା ଘଟେ, ତୁମକୁ ଯାହା କୁହାଯାଏ ବା କରାଯାଏ ତଦ୍ୱାରା ପ୍ରଭାବିତ କିଂବା ବିଚଳିତ ନ ହେବା ।...''

*

''Yogic Samata is equality of soul, equanimity founded on the sense of the one Self, the one Divine everywhere – seeing the One in spite of all differences, degrees, disparities in the manifestation.''

(CWSA, Vol. 29, p. 129)

‘‘ଯୌଗିକ ସମତା ହେଲା ଆତ୍ମାର ସମଭାବ, ଏପରି ସମଚିତ୍ତତା ଯାହା ‘ଏକ ପରମାତ୍ମା’– ଏହି ଧାରଣା ଉପରେ ପର୍ଯ୍ୟବସିତ ଏକ ଅଦ୍ୱିତୀୟ ପରମ ଦିବ୍ୟସତ୍ତା ସର୍ବତ୍ର ବିଦ୍ୟମାନ – ସୃଷ୍ଟିରେ ଯାବତୀୟ ବିଭେଦ, ପ୍ରଭେଦ, ମାତ୍ରାୟତନ, ବିଷମତା, ଅସାଦୃଶ୍ୟ ରହିଥିବା ସତ୍ତ୍ୱେ ।’’

*

‘‘Equanimity and peace in all conditions in all parts of the being is the first foundation of the Yogic status.’’

(CWSA, Vol. 29, p. 123)

‘‘ସକଳ ଅବସ୍ଥାରେ ସତ୍ତାର ସକଳ ଅଂଶରେ ସମଭାବ ଓ ଶାନ୍ତି ରକ୍ଷା କରିବା ହେଲା ସମତ୍ୱ – ଯାହା ଯୋଗସାଧନା ଲାଗି ସର୍ବପ୍ରଥମ ଭିତ୍ତିଭୂମି ହୋଇ ରହିଛି ।’’

*

‘‘To be equal is to be infinite and universal, ...’’

(The Synthesis of Yoga, p. 722)

‘‘ସମଭାବାପନ୍ନ ହେବା ଅର୍ଥ ଅସୀମ ଓ ବିଶ୍ୱଜନୀନ ହୋଇ ଉଠିବା ।’’

*

‘‘Equanimity means to maintain coolness in trying situations.’’

‘‘ସମଚିତ୍ତତାର ଅର୍ଥ ହେଲା କଠୋର ପ୍ରତିକୂଳ ପରିସ୍ଥିତିରେ ଧୀର ସ୍ଥିର ଥଣ୍ଡା ମିଜାଜ ରକ୍ଷା କରିବା ।’’

*

‘‘Equality is a term of consciousness which brings into the whole of our being and nature the eternal tranquillity of the Infinite. Moreover, it is the condition of a securely and perfectly divine action;’’

(The Synthesis of Yoga, p. 692)

‘‘ସମତାକୁ ଆମ ଚେତନାର ଏକ ସ୍ଥିତି ବୋଲି କହିବା, ଯାହା ଆମ ସତ୍ତା ଓ ପ୍ରକୃତିର ସମୁଦାୟ କ୍ଷେତ୍ରଟିକୁ ସେହି ପରମ ଅନନ୍ତ ସତ୍ତାର ଶାଶ୍ୱତ ପ୍ରଶାନ୍ତିକୁ ବହନ କରି ନେଇ ଆସେ । ପୁନଶ୍ଚ ଏହାହିଁ ହେଉଛି ଏକ ସୁଦୃଢ଼ ଏବଂ ପୂର୍ଣ୍ଣ ଭାବରେ ଦିବ୍ୟ କର୍ମର ଏକ ଆବଶ୍ୟକ ସର୍ତ୍ତ ।’’

(‘ଯୋଗ ସମନ୍ୱୟ’, ଉତ୍ତରାର୍ଦ୍ଧ, ପୃ. ୨୪୩)

‘‘Equality means another thing – to have an equal view of men and their nature and acts and the forces that move them; it helps one to see the truth about them by pushing away from the mind all personal feeling in one’s seeing and judgment and even all mental bias.’’

(CWSA, Vol. 29, p. 130)

‘‘ସମତାର ଏକ ଭିନ୍ନ ଅର୍ଥ ମଧ୍ୟ ରହିଛି – ମଣିଷମାନଙ୍କ ସମ୍ପର୍କରେ ସେମାନଙ୍କର ସ୍ୱଭାବ, କାର୍ଯ୍ୟାବଳି ଓ ଯେଉଁ ଶକ୍ତିସବୁ ସେମାନଙ୍କୁ ପରିଚାଳିତ କରେ – ସେସବୁ କଥାକୁ ଏକ ସମଦୃଷ୍ଟିରେ ଲକ୍ଷ୍ୟ କରିବା; ଏହା ଆମ ମନ ମଧ୍ୟରୁ ସ୍ୱଦୃଷ୍ଟିରେ ଯାବତୀୟ ବ୍ୟକ୍ତିଗତ ଅନୁଭୂତିଗୁଡ଼ିକୁ ଓ ବିଚାର ତଥା ଯାବତୀୟ ମାନସିକ ଝୁଙ୍କ୍ ବା ପ୍ରବୃତ୍ତିଗୁଡ଼ିକୁ ଦୂରକୁ ଠେଲି ଦିଏ ।’’

‘‘for it (Equality) is the sign of our having passed beyond the egoistic determinations of our nature, ...’’

(The Synthesis of Yoga, p. 692)

‘‘ସମତ୍ୱ ହେଲା ଆମେ ଆମ ଅହମାତ୍ମକ ପ୍ରକୃତିର ନିର୍ଣ୍ଣୟାତ୍ମକ ପରିଚାଳନାକୁ ଅତିକ୍ରମ କରିଯାଇ ଥିବାର ସଂକେତ ।’’

‘‘Equality is the sign of this adoration; it is the soul’s ground on which true sacrifice and worship can be done.’’

(The Synthesis of Yoga, p. 223)

ଅର୍ଥାତ୍, ‘‘ସମତା ହେଲା ଆତ୍ମାର ଆଧାରଶିଳା ଯାହାକୁ ଆଧାର କରି ଯଥାର୍ଥ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇ ପାରେ ।’’

**କ’ଣସବୁ ସମତା ପର୍ଯ୍ୟାୟର ନୁହେଁ :**

ଶ୍ରୀଅରବିନ୍ଦ କହନ୍ତି : ‘‘Equality is not the same thing as forbearance, – though undoubtedly a

settled equality immensely extends, even illimitably, a man's power of endurance and forbearance.'' (CWSA, Vol. 29, p. 131)

''ସମତା କହିଲେ କେବଳ ସହିଷ୍ଣୁତାକୁ ବୁଝାଏ ନାହିଁ, – ଯଦିଓ ନିଃସନ୍ଦେହରେ ଏକ ପ୍ରତିଷ୍ଠିତ ସମଭାବ ମଣିଷର ସହନଶକ୍ତି ବା ସହିଷ୍ଣୁତାକୁ ଅତ୍ୟଧିକ ବିସ୍ତାରିତ କରିଦିଏ – ଏପରିକି ଅସୀମ ରୂପେ ।''

ସମତା ଆଦୌ ଏକ ନିଷ୍କ୍ରିୟ ଅବସ୍ଥା ନୁହେଁ, ଏହା ସମସ୍ୟାଗୁଡ଼ିକରୁ ନିବୃତ୍ତ ହୋଇଯିବାକୁ ବୁଝାଏ ନାହିଁ । ବରଂ ତାହା ବର୍ତ୍ତମାନ ମନ ଓ ଜୀବନର ପ୍ରତିକ୍ରିୟା ସମ୍ମୁଖରେ ଏକ ଶ୍ରେଷ୍ଠତା ବା ଉତ୍କର୍ଷ ଉପସ୍ଥାପନ କରେ । ଏହା ଆଧ୍ୟାତ୍ମିକ ରୀତିରେ ଜୀବନକୁ ପ୍ରତ୍ୟୁତ୍ତର ଜଣାଇବାର ଏକ ଧାରା, ଅଥବା ଆତ୍ମ-ଚେତନାର ଏକ ପରିପୂର୍ଣ୍ଣ କର୍ମ ହେବା ଲାଗି ଜୀବନକୁ ବାଧ୍ୟ କରିବାର ଏକ ଉପାୟ ବା ପଦ୍ଧତି । ସୃଷ୍ଟିରେ ଆତ୍ମାର କର୍ତ୍ତୃତ୍ୱ ସାବ୍ୟସ୍ତ କରିବାର ଏ ହେଲା ସର୍ବପ୍ରଥମ ଗୁପ୍ତ ରହସ୍ୟ । ଯେତେବେଳେ ତାହା ପୂର୍ଣ୍ଣତା ପ୍ରାପ୍ତ କରିବ ସେତେବେଳେ ଦିବ୍ୟ ଆଧ୍ୟାତ୍ମିକ ସ୍ୱଭାବର ମୂଳ ଭିତ୍ତିଭୂମିରେ ଯାଇ ଆମେ ଉପନୀତ ହୋଇ ପାରିବା ।

ସମତା କହିଲେ ଏକ ନିଷ୍କ୍ରିୟ ସ୍ୱୀକୃତି ବା ସମ୍ମତିକୁ ବୁଝାଏ ନାହିଁ । ଯଦି ଜଣେ ସାଧନା କ୍ଷେତ୍ରରେ ସାମୟିକ ଭାବେ ବିଫଳ ହୁଅନ୍ତି ତେବେ ସେ ସମଭାବ ରକ୍ଷା କରିବେ, ବିକ୍ଷୁବ୍ଧ ହେବେ ନାହିଁ, ହତାଶ ହେବେ ନାହିଁ କିଂବା ସେପରି ବିଫଳତାକୁ ଭଗବାନଙ୍କ ଇଚ୍ଛା ବୋଲି ଗ୍ରହଣ କରିଯାଇ ବା ସ୍ୱୀକାର କରି ଆବଶ୍ୟକ ପ୍ରୟାସରୁ ନିବୃତ ହେବେ ନାହିଁ । ବରଂ ବିଫଳତାର ଅର୍ଥ ଓ କାରଣ ଅନୁସନ୍ଧାନ କରିବେ ଓ ଦୃଢ଼ ବିଶ୍ୱାସର ସହ ବିଜୟ ହାସଲ କରିବା ଲାଗି ପ୍ରୟାସ କରିବେ । ପ୍ରାଣ ଓ ଶରୀରର ଅପୂର୍ଣ୍ଣତାଗୁଡ଼ିକୁ ଠାବ କରି ସେଗୁଡ଼ିକୁ ଦୂର କରିବା ଲାଗି ଯତ୍ନଶୀଳ ହେବେ ।

''Equality does not mean a fresh ignorance or blindness; it does not call for and need not initiate a greyness of vision and a blotting out of all hues. Difference is there, variation of expression is there and this variation we shall appreciate, – far more justly than we could. ... But behind the variation we shall always see the Complete and Immutable who dwells within it. ...''

(The Synthesis of Yoga, p. 224)

''ସମତା ଭାବ କହିଲେ ଆମେ କଦାପି କୌଣସି ଏକ ଅଜ୍ଞାନତା ଅଥବା ଅନ୍ଧତାକୁ ବୁଝିବାକୁ ଯିବା ନାହିଁ । ସମତା କୌଣସି ଦୃଷ୍ଟିଗତ ଧୂସରତାକୁ ଆବାହନ କରି ଆଣିବ ନାହିଁ ଏବଂ ଯାବତୀୟ ରଙ୍ଗକୁ ବିଲୁପ୍ତ କରିଦେବା ଲାଗି କୌଣସି ଚକ୍ରାନ୍ତ ଆରମ୍ଭ କରିଦେବ ନାହିଁ । ବିଭିନ୍ନତା ରହିଛି, ଅଭିବ୍ୟକ୍ତିରେ ପାର୍ଥକ୍ୟ ଓ ନାନାବିଧତା ମଧ୍ୟ ଅବଶ୍ୟ ରହିଛି ଏବଂ ଏହି ବିବିଧତାକୁ ଆମେ ଅବଶ୍ୟ ତା'ର ଯଥାର୍ଥ ମୂଲ୍ୟ ଦେବା – ଅନେକ ଅଧିକ ନ୍ୟାୟପୂର୍ଣ୍ଣ ଓ ଉଚିତ ରୂପେ ତାହା କରିବାକୁ ସମର୍ଥ ହେବା ... କିନ୍ତୁ ବିବିଧତା ପଶ୍ଚାତରେ ସର୍ବଦା ଏହାରି ମଧ୍ୟରେ ରହିଥିବା ପରମ ପରିପୂର୍ଣ୍ଣ (complete) ଓ ବିକାରମୁକ୍ତ ବା ଅକ୍ଷର ପୁରୁଷଙ୍କୁ (Immutable) ଦେଖିବାକୁ ସମର୍ଥ ହେବା ।...''

('ଯୋଗ ସମନ୍ୱୟ' – ପୂର୍ବାର୍ଦ୍ଧ, ପୃ. ୩୬୮)

ସମତା କହିଲେ ଅହଂକାରର ଅବର୍ତ୍ତମାନତାକୁ ବୁଝାଇବ ନାହିଁ । ବରଂ କାମନା-ବାସନା ଓ ଆସକ୍ତିର ବିଲୋପ ସାଧନ ସମଭାବ ରକ୍ଷା କରିବା ଲାଗି ଅପରିହାର୍ଯ୍ୟ ହୋଇ ରହିଥାଏ । ଅହଂକାର କ୍ଷୀଣ ରୂପରେ କିଂବା ସୂକ୍ଷ୍ମ ସ୍ତରରେ ଥାଇପାରେ କିଂବା ନ ଥାଇପାରେ – ସେଥିରେ କିଛି ଯାଏ ଆସେ ନାହିଁ ।

''This (Equality) is not a killing of the emotional nature but a transformation. ... Love will be not destroyed, but perfected, enlarged to its widest capacity, deepened to its spiritual rapture, ...'' (The Synthesis of Yoga, p. 704)

ଅର୍ଥାତ୍, ''ସମତାର ଅର୍ଥ ସଂବେଦନଶୀଳ ଅଥବା ଭାବାବେଗ ସ୍ୱଭାବଟିକୁ ନଷ୍ଟ କରି ଦେବାକୁ ବୁଝାଏ ନାହିଁ, ବରଂ ତା'ର ଏକ ରୂପାନ୍ତର ... ପ୍ରେମକୁ ବିଲୁପ୍ତ କରି ଦିଆଯିବ ନାହିଁ, ବରଂ ତାକୁ ପୂର୍ଣ୍ଣତା ପ୍ରଦାନ କରାଯିବ, ସୁବିସ୍ତୃତ କରି ଦିଆଯିବ, ତା'କୁ ଗଭୀରତମ ଅତ୍ୟୁଲ୍ଲାସରେ ପରିଣତ କରି ଦିଆଯିବ । କାରଣ,

''...equality is not fulfilled till it takes its positive form of love and delight.''

(The Synthesis of Yoga, p. 354)

ଅର୍ଥାତ୍, ''ପ୍ରେମ ଓ ଆନନ୍ଦ ସମ୍ବଳିତ ସକାରାତ୍ମକ ଅବସ୍ଥା ପ୍ରାପ୍ତ ନହେବା ଯାଏ ସମତା ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ।''

ସଂକ୍ଷିପ୍ତରେ କହିବାକୁ ଗଲେ ନିଷ୍କ୍ରିୟତା, ବିତୃଷ୍ଣା, ତଟସ୍ଥ ଉଦାସୀନତା କିଂବା ବୈରାଗ୍ୟଜନିତ ବିରକ୍ତି ଭାବକୁ ସମତାର ଅନ୍ତର୍ଭୁକ୍ତ କରାଯାଇ ନପାରେ। ସମତାହିଁ ଯୋଗ ବୋଲି ପ୍ରତିପାଦନ କରୁଥିବା ମହାନ୍ ଯୋଗଶାସ୍ତ୍ର ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି :

''ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍।
ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ।''
(ଗୀତା, ୨/୩୭)

ଅର୍ଥାତ୍, ''ଯୁଦ୍ଧରେ ହତ ହେଲେ ସ୍ୱର୍ଗଲାଭ କରିବ, ଅପରପକ୍ଷେ ଯୁଦ୍ଧରେ ଜୟଲାଭ କଲେ ପୃଥିବୀ ଭୋଗ କରିବ। ଅତଏବ ହେ କୁନ୍ତିପୁତ୍ର ! ଦୃଢ଼ ନିଶ୍ଚୟ ହୋଇ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ହୁଅ, ଉଠ ! ଜାଗ୍ରତ୍ ହୁଅ ବିଷାଦଗ୍ରସ୍ତ ହୋଇ ବସିଯାଅ ନାହିଁ।''

''ଜିତିଲେ କ୍ଷିତି ପ୍ରାପ୍ତି ମଲେ ସ୍ୱର୍ଗଗତି,
ନିଶ୍ଚୟ କରି ଏଣୁ ଉଠ ତୁ ଝଟତି।''

''ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟଜୟୌ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମପ୍ସ୍ୟପି॥''
(ଗୀତା, ୨/୩୮)

''ସୁଖଦୁଃଖ ଅଲାଭ ଲାଭ ଜୟାଜୟ,
ସମ ଭାବି ସମର କରିବୁ ନିଶ୍ଚୟ॥''

ଯଦି ପରମ ସତ୍ୟ ପ୍ରତି ଆନୁଗତ୍ୟ ନଥାଏ, ମିଥ୍ୟାଚାର ପ୍ରତି ବିତୃଷ୍ଣା ନଥାଏ, ସତ୍ୟର ବିଜୟ ଲାଗି ଆସ୍ପୃହା ନଥାଏ, ନ୍ୟାୟ ଅନ୍ୟାୟ, ଭଲମନ୍ଦ ବିଷୟଗୁଡ଼ିକରେ ବିବେକପୂର୍ଣ୍ଣ ବିଚାର ନଥାଏ ତେବେ ବ୍ୟକ୍ତିଗତ ସାଧନା ନିମିତ୍ତ ନିଷ୍କ୍ରିୟ ଉଦାସୀନ-ଯୁକ୍ତ ସମଭାବ ଯଥେଷ୍ଟ ହୋଇପାରେ – କିନ୍ତୁ ତାହା ଯଥାର୍ଥ ପରିପୂର୍ଣ୍ଣ ସମତା ନୁହେଁ। ଆମଠାରୁ ସମତାର ଯେଉଁ ସାଧନାଟି ଦାବି କରାଯାଉଛି ଆପଣାକୁ ଦିବ୍ୟ ପ୍ରକୃତି ମଧ୍ୟକୁ ଉତ୍ତୋଳିତ କରି ନେଇଯିବାକୁହିଁ ଆମେ ତାହାର ସମ୍ପୂର୍ଣ୍ଣ ପରିଣତି ଏବଂ ସମୁଦାୟ ଅବସରଟି ବୋଲି ଜାଣିବା।

'ସମତା' ସାଧକର ମନରେ କେତୋଟି ପ୍ରଶ୍ନ ଉତ୍ଥାପନ କରିଥାଏ। ପ୍ରଶ୍ନଗୁଡ଼ିକ ହେଲା –

୧. ସମଭାବକୁ ପୂର୍ଣ୍ଣତା ପ୍ରଦାନ କରିବା ଦ୍ୱାରା ବିଷୟଗୁଡ଼ିକ ମଧ୍ୟରେ ପ୍ରକୃତରେ ଯେଉଁସବୁ ପାର୍ଥକ୍ୟ ବା ଭିନ୍ନତା ରହିଛି ସେଥିପ୍ରତି ତା'ର ଦୃଷ୍ଟି ଅସ୍ୱଚ୍ଛ, ଧୂମାଚ୍ଛନ୍ନ କିଂବା ଭ୍ରମାତ୍ମକ ହୋଇ ରହିବ ନାହିଁ ତ ? ପ୍ରେମ ଓ ଘୃଣା ମଧ୍ୟରେ ଥିବା ପ୍ରଭେଦକୁ ସେ ବାରି ପାରିବ ତ ?

୨. ସମଭାବ ଯାବତୀୟ ସହାନୁଭୂତି ଓ ସଂବେଦନାକୁ ପ୍ରକୃତିରୁ ଲୋପ କରି ଦେବ ନାହିଁ ତ ?

୩. ପ୍ରଗତି ଓ ପରିପୂର୍ଣ୍ଣତା ନିମିତ୍ତ ଆମର ଆସ୍ପୃହାଟିକୁ ଶୁଷ୍କ କରି ଦେବ ନାହିଁ ତ ?

ଏହିପରି ଅବାଞ୍ଛିତ ସନ୍ଦେହକୁ ଦୂରକରି ପୂର୍ବରୁ କୁହା-ଯାଇଛି ଯେ ସମତା ଏକ ଅଜ୍ଞାନ ଅନ୍ଧତା, ଦୃଷ୍ଟିଗତ ଧୂସରତାକୁ ପ୍ରଶ୍ରୟ ଦେଇ ନଥାଏ। ସୃଷ୍ଟିର ବିଭିନ୍ନତା ଓ ବହୁଳତା ପ୍ରତି ଯଥାର୍ଥ ସମ୍ମାନ ଓ ମୂଲ୍ୟ ଦେଇଥାଏ। ପ୍ରେମକୁ ବିଲୁପ୍ତ ନକରି ପୂର୍ଣ୍ଣତା ପ୍ରଦାନ କରିଥାଏ। ସଂବେଦନା ଓ ଭାବାବେଗ ସ୍ୱଭାବଟିକୁ ରୂପାନ୍ତରିତ କରିଥାଏ। ଏ ସଂକ୍ରାନ୍ତରେ ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି :

''All indeed has to be changed, not ugliness accepted but divine beauty, not imperfection taken as our resting-place but perfection striven after, the supreme good made the universal aim and not evil. But what we do has to be done with a spiritual understanding and knowledge, and it is a divine good, beauty, perfection, pleasure that has to be followed after, not the human standards of these things.'' (The Synthesis of Yoga, p. 224)

ଅର୍ଥାତ୍, ''ବସ୍ତୁତଃ ଏସବୁଗୁଡ଼ିକୁ ବଦଳେଇ ଦେବାକୁ ପଡ଼ିବ, କୁତ୍ସିତତାକୁ ଗ୍ରହଣ ନକରି ସୌନ୍ଦର୍ଯ୍ୟକୁହିଁ ଗ୍ରହଣ କରାଯିବ। ଅପୂର୍ଣ୍ଣତାକୁ ବିଶ୍ରାମସ୍ଥଳ ରୂପେ ଗ୍ରହଣ ନକରି ପୂର୍ଣ୍ଣତା ନିମିତ୍ତ ସତତ ଉଦ୍ୟମ କରାଯିବ; ଏବଂ ଅଶୁଭ ନୁହେଁ, ବରଂ ପରମ ଶୁଭହିଁ ବିଶ୍ୱଜଗତର ଧ୍ୟେୟ ଓ ଲକ୍ଷ୍ୟ ରୂପେ ଅବସ୍ଥାପିତ ହୋଇ ରହିବ। କିନ୍ତୁ ଯାହାକିଛି କରାଯିବ ତାହାକୁ ଏକ ଆଧ୍ୟାତ୍ମିକ ମୂଲ୍ୟବୋଧ ଏବଂ ଜ୍ଞାନ ସହିତହିଁ କରାଯିବ; ଏବଂ ଏହା ଏକ ଦିବ୍ୟ କଲ୍ୟାଣ, ଦିବ୍ୟ ସୌନ୍ଦର୍ଯ୍ୟ, ଦିବ୍ୟ ପୂର୍ଣ୍ଣତା ଏବଂ ଦିବ୍ୟ ସୁଖହିଁ ଅନୁସରଣୀୟ ହୋଇ ରହିଥିବ, କିନ୍ତୁ ଏସବୁର ମାନବୀୟ ମାନଦଣ୍ଡଗୁଡ଼ିକ କଦାପି ଅନୁସରଣୀୟ ହୋଇ ରହିବ ନାହିଁ।''
('ଯୋଗ ସମନ୍ୱୟ' – ପୂର୍ବାର୍ଦ୍ଧ, ପୃ. ୩୬୮)

**ସମତାର ବିଭାଗୀକରଣ :** ସମତା ଶାରୀରିକ ସ୍ତରର, ପ୍ରାଣିକ ସ୍ତରର କିଂବା ମାନସିକ ସ୍ତରର ହୋଇପାରେ ।

**ଶାରୀରିକ ସମତା :** ଶରୀରର ଯାବତୀୟ ସଂକୋଚ, ଉତ୍ତେଜନା, ସ୍ନାୟବିକ ଭୟରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇ ଜୀବନର ସମସ୍ତ ଘାତ-ପ୍ରତିଘାତ, ଆବେଗ-ପ୍ରବେଗ ସହ୍ୟ କରି ପାରୁଥିବ । ଶରୀରଟି କୌଣସି ଅଭ୍ୟାସର ବଶବର୍ତ୍ତୀ ହୋଇ ନଥିବ, ନମନୀୟ ହୋଇ ରହିଥିବ, ସକଳ ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଦୁଃଖ ଯନ୍ତ୍ରଣାକୁ, ଶୀତଳତା ଓ ଉଷ୍ଣତାକୁ ସମଭାବ ନେଇ ସହ୍ୟ କରି ପାରୁଥିବ ।

**ପ୍ରାଣିକ ସମତା :** ଯାବତୀୟ ପ୍ରାଣିକ ଗତିବୃତ୍ତି ଯଥା – କାମନା, କ୍ରୋଧ, ଗର୍ବ, ଦମ୍ଭ, ଉତ୍ତେଜନା, ଉନ୍ମାଦନା, ବିକ୍ଷୋଭ ଓ ଯାହାକିଛି ଆନ୍ତର ଶାନ୍ତିକୁ ନଷ୍ଟ କରିଦିଏ ସେସବୁକୁ ନିୟନ୍ତ୍ରଣ କରିପାରିବାର ସାମର୍ଥ୍ୟକୁ ପ୍ରାଣିକ ସମତା କୁହାଯାଏ । ସନ୍ତୁଳିତ ପ୍ରାଣ ସତ୍ତା ସେସବୁ ପ୍ରବଣତାଗୁଡ଼ିକୁ ଶୃଙ୍ଖଳିତ କରିଦିଏ ଓ ସେଗୁଡ଼ିକ ଉପରେ କର୍ତ୍ତୃତ୍ୱ ସ୍ଥାପନ କରିପାରେ । ଶରୀର ଯନ୍ତ୍ରଣାରେ ତହଳବିକଳ ହେଉଥିବା ବେଳେ ସ୍ଥିରତା, ଶାନ୍ତି ଓ ସମଭାବ ରକ୍ଷା କରି ପାରୁଥିବା ବ୍ୟକ୍ତିହିଁ ଦିବ୍ୟକର୍ମ ସମ୍ପାଦନ କରିବା ଲାଗି ଉପଯୁକ୍ତ । ହର୍ଷ ଉଲ୍ଲାସର ବଶବର୍ତ୍ତୀ ନହେବା, ବିଷାଦ ବା ଅବସାଦଗ୍ରସ୍ତ ନହେବା, ଅତିଶୟ ଉତ୍ସାହିତ ନହେବା ହେଲା ଏକ ସମଭାବଯୁକ୍ତ ପ୍ରାଣସତ୍ତାର ଲକ୍ଷଣ ।

**ମାନସିକ ସମତା :** ବିଭିନ୍ନ ଉତ୍ସରୁ ଆସୁଥିବା ଯାବତୀୟ ଭାବନା, ମତାମତ, ଚିନ୍ତା, ଭାବନା, ବିଚାର, ପରିକଳ୍ପନା ଦ୍ୱାରା ପ୍ରଭାବିତ ନହେବା ଓ ସେଗୁଡ଼ିକୁ ଯଥୋଚିତ ଧାରାରେ ତର୍ଜମା କରିବା ବା ବିଶ୍ଳେଷଣ କରିବା ହେଲା ମାନସିକ ସମତାର ଲକ୍ଷଣ । ସକଳ ବିଷୟ ବସ୍ତୁ ଓ ବ୍ୟକ୍ତିମାନଙ୍କୁ ନିରପେକ୍ଷ ଦୃଷ୍ଟିରେ ଦେଖିବା, କୌଣସି ପାତରଅନ୍ତର ନରଖିବା ବା ବ୍ୟକ୍ତିଗତ ଅଗ୍ରରୁଚି ନରଖିବା ମାନସିକ ସମତ୍ୱର ସୂଚନା ଦେଇଥାଏ ।

ପୂର୍ଣ୍ଣ ସମତା ବା ସମଭାବ ଉଭୟ ବାହ୍ୟ ଓ ଆନ୍ତର ସତ୍ତାରେ ପ୍ରତିଷ୍ଠିତ ହେବା ଆବଶ୍ୟକ । ଏକଦା ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରାଯାଇଛି : ''ଆପଣ ବାହ୍ୟ ସତ୍ତାରେ ସମଚିତ୍ତ ହେବାର ଭିତ୍ତି ବୋଲି ଯାହା କହିଛନ୍ତି, ତାହାର ଅର୍ଥ କ'ଣ ?''

ଶ୍ରୀମାଙ୍କ ଉତ୍ତର : ''ଏହି ଭିତ୍ତି ବା ମୂଳଦୁଆଟି ହେଉଛି ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଓ ସନ୍ତୁଳିତ ଶରୀର, – ଯେତେବେଳେ ତୁମର ସ୍ନାୟୁଗୁଡ଼ିକ ଯଥେଷ୍ଟ ଭାବରେ ଶକ୍ତିଯୁକ୍ତ ହୋଇ ରହିଥାଏ ଯେ କୌଣସି ସାନ ଝିଅଟିଏ ପରି ଏତେ ଟିକିଏ କଥାରେ କାତର କିଂବା ବିଚଳିତ ହୋଇପଡ଼େ ନାହିଁ । ଯେତେବେଳେ ତୁମେ ଭଲ ଶୋଇପାର, ଭଲ ଖାଇପାର... । ଯେତେବେଳେ ତୁମେ ଧୀର ଓ ଶାନ୍ତ ହୋଇ ରହିପାର, ଭାରସାମ୍ୟ ରଖିପାର, ଖୁବ୍ ସ୍ଥିର ହୋଇ ରହିପାର, ସେତେବେଳେ କୁହାଯାଇ ପାରିବ ଯେ ମୂଳଦୁଆଟି ବେଶ୍ ଟାଣ ହୋଇ ରହିଛି ଏବଂ ବେଶ୍ ଅନେକ ସଂଖ୍ୟକ ଶକ୍ତିକୁ ଗ୍ରହଣ କରିବା ଲାଗି ସମର୍ଥ ହୋଇ ରହିଛି । ତୁମମାନଙ୍କ ମଧ୍ୟରୁ କେହି କେବେ ଯଦି ଆଧ୍ୟାତ୍ମିକ ଶକ୍ତି ଗ୍ରହଣ କରିଥିବ, ତେବେ ସେ ନିଜ ଅଭିଜ୍ଞତାରୁ ଜାଣି ପାରିଥିବ ଯେ ତା' ପାଖରେ ଯଦି ଉତ୍ତମ ସ୍ୱାସ୍ଥ୍ୟ ନଥାଏ, ତେବେ ସେ ସେହି ଶକ୍ତିଗୁଡ଼ିକୁ କଦାପି ଧାରଣ କରି ରଖି ପାରିବ ନାହିଁ । ସେ କାନ୍ଦିବାକୁ ବା ରୋଦନ କରିବାକୁ ଆରମ୍ଭ କରିବ, ଯାହା ସେ ଗ୍ରହଣ କରିଛି ତାହାକୁ କାର୍ଯ୍ୟରେ ଲଗାଇବା ଲାଗି ବଡ଼ ଅଧୀର ଓ ଚଞ୍ଚଳ ହୋଇ ପଡ଼ୁଥିବ । ସେ ଗୁଡ଼ାଏ କଥା ନ କହିଲେ ଓ ହାତଗୋଡ଼ ନ ହଲାଇଲେ ସେଗୁଡ଼ିକୁ ମୋଟେ ରଖିବାକୁ ସମର୍ଥ ହେଉ ନଥିବ, ତା'ର ନିଃଶ୍ୱାସ ରୁଦ୍ଧ ହୋଇଗଲା ପରି ଲାଗୁଥିବ । ଏବଂ ତେଣୁ ଏହିପରି ଭାବରେ ହସି, କାନ୍ଦି ଓ ଏଣେତେଣେ ଦଉଡ଼ଧାପଡ଼ କରି ସେ ଯାହାକିଛି ପାଇଥିବ, ତା'କୁ ଫୋପାଡ଼ି ଦେବାରେ ଲାଗିଥିବ ।

ଉଚିତ ଭାରସାମ୍ୟ ରଖିପାରିବାକୁ ହେଲେ, ଆମେ ଯାହା ଗ୍ରହଣ କରୁଛୁ ତାହାକୁ ନିଜସ୍ୱ କରିବା ଲାଗି ସମର୍ଥ ହେବାକୁ ହେଲେ ଆମକୁ ଅତି ଧୀର ଓ ଅତି ଶାନ୍ତ ହୋଇ ରହିବାକୁ ପଡ଼ିବ । ଆମର ମୂଳଦୁଆଟି ପକ୍କା ହୋଇ ରହିଥିବ, ସ୍ୱାସ୍ଥ୍ୟ ଭଲ ରହିଥିବ । ତାହା ଭାରି ମହତ୍ତ୍ୱପୂର୍ଣ୍ଣ କଥା ।''

ପୁଣି ଶ୍ରୀମାଙ୍କୁ ପ୍ରଶ୍ନ ପଚରା ଯାଇଛି : ''ବାହ୍ୟ ସମତା ଓ ଆତ୍ମାର ସମତା ମଧ୍ୟରେ ପ୍ରଭେଦ କ'ଣ ?''

ଶ୍ରୀମା : ''ଆତ୍ମାର ସମତା କହିଲେ ମନୋଭୂମିର କଥାକୁ ବୁଝାଏ । ଏ ସମତା ହେଉଛି ଏପରି ଏକ ଶକ୍ତି ଯାହାକି ଭଲ ମନ୍ଦ ସବୁକିଛି ଘଟଣାକୁ କୌଣସି ପ୍ରକାରେ ଦୁଃଖୀ, ନିରାଶ, ଅଥବା କାତର ନହୋଇ ସହିନେଇ ପାରୁଥିବା । ଯାହାକିଛି ଘଟୁ ନା କାହିଁକି, ଆମେ ତଥାପି ଶାନ୍ତ ଓ ଅବିକ୍ଷୁବ୍ଧ ହୋଇ ରହି ପାରୁଥିବା ।

ଅନ୍ୟଟି (ବାହ୍ୟ ସମତା) ହେଉଛି ଶରୀରରେ ଅର୍ଜନ କରାଯାଇଥିବା ସମତା । ଏଇଟି ମାନସ ଭୂମିର ସମତା ନୁହେଁ, ଆମେ ଏହାକୁ ବାହ୍ୟ ବାସ୍ତବ ସ୍ତରର ଏକ ସମତା ବୋଲି କହିପାରିବା । ଆମ ଶରୀର ସ୍ଥିତିଟି ସନ୍ତୁଳିତ ହୋଇ ରହିଥିବ,

କୌଣସି ପ୍ରକାରେ ଅଶାନ୍ତ ବା ଉତ୍ତେଜିତ ହୋଇ ନଯାଇ ଶକ୍ତିଗୁଡ଼ିକୁ ଗ୍ରହଣ କରି ପାରୁଥିବ ।

ମାର୍ଗଟିରେ ଅଗ୍ରଗତି କରିବାକୁ ହେଲେ ଦୁଇଟିଯାକ ସମାନ ଭାବେ ଆବଶ୍ୟକ । ଏହା ବ୍ୟତୀତ ଆହୁରି ଅନେକ କଥା ବି ଆବଶ୍ୟକ । ଉଦାହରଣ ସ୍ୱରୂପ, ମନର ସ୍ତରରେ ମଧ୍ୟ ଏକ ସନ୍ତୁଳିତ ଅବସ୍ଥା ରହିଥିବା ଆବଶ୍ୟକ; ଯେପରିକି ସମ୍ଭାବ୍ୟ ଯାବତୀୟ ବିଚାର, ସେଗୁଡ଼ିକ ପରସ୍ପରର ଏକାନ୍ତ ବିରୋଧୀ ହୋଇଥିଲେ ମଧ୍ୟ ସବୁଆଡୁ ବେଶ୍ ଆସିବାକୁ ସମର୍ଥ ହେଉଥିବ, ଅଥଚ ଆମେ ଏଣେ କୌଣସି ପ୍ରକାରେ ଅଶାନ୍ତ ବା ଉତ୍ତେଜିତ ହୋଇ ପଡୁ ନଥିବା । ଆମେ ସେଗୁଡ଼ିକୁ ନିରୀକ୍ଷଣ କରି ପାରୁଥିବା ଓ ସେଗୁଡ଼ିକୁ ନେଇ ଯଥାସ୍ଥାନରେ ରଖିଦେଇ ପାରୁଥିବା । ମନର ସମତା କହିଲେ ତାହାକୁହିଁ ବୁଝାଇବ ।''

(ମାତୃରଚନାବଳି -୫, ପୃ. ୩୨ - ୩୩)

ଏକଦା ଜଣେ ବିଦେଶାଗତ ଶିଷ୍ୟ ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ ଯେ ଜଣେ ପୋଖତ ଶିକାରୀ ଯେପରି ଘଞ୍ଚ ଜଙ୍ଗଲରେ କେଉଁ ପଥଦେଇ ହରିଣଟିଏ ଯାଇଛି ତା'ର ଆକାର, ଆୟୁ ଓ ଲିଙ୍ଗ କ'ଣ ହୋଇପାରେ ସେ ବିଷୟରେ କହିଦେଇ ପାରେ ଠିକ୍ ସେହିପରି ଯାହାଙ୍କର ଅବତରଣ କରିଥିବା ଅତିମାନସ ଶକ୍ତି ସମ୍ପର୍କରେ କିଛି ଅନୁଭୂତି ଓ ବୋଧଶକ୍ତି ରହିଛି, ସେ ବ୍ୟକ୍ତି ପ୍ରକୃତରେ ଅତିମାନସ ସହିତ ସମ୍ପର୍କିତ ହୋଇ ରହିଛି ବୋଲି କେଉଁ ସଙ୍କେତଗୁଡ଼ିକରୁ ଜାଣିପାରିବେ ?

ଶ୍ରୀମାଙ୍କ ଉତ୍ତର : ''ଜଣେ ବ୍ୟକ୍ତି ଅତିମାନସ ସହ ସମ୍ପର୍କିତ ହୋଇ ରହିଛି, ତାହାର ପ୍ରମାଣ ସ୍ୱରୂପ ଦୁଇଟି ଅଭ୍ରାନ୍ତ ସଙ୍କେତ ରହିଛି :

୧. ''ଏକ ପୂର୍ଣ୍ଣ ଓ ଅଖଣ୍ଡ ସମତା (a perfect and constant equality)

୨. ଜ୍ଞାନ ସମ୍ପର୍କରେ ଏକ ଅନପେକ୍ଷ ସୁନିଶ୍ଚିତତା (an absolute certainity in knowledge) ।''

ପୂର୍ଣ୍ଣ ସମତା କହିଲେ ଏପରି ଏକ ଅପରିବର୍ତ୍ତନୀୟ ସମଭାବ ଯାହା କୌଣସି ପରିବେଶ ବା ସ୍ଥିତିରେ ବିଚଳିତ ହେଉ ନଥିବ । ଆମେ ସାଧାରଣତଃ କୌଣସି ଅପ୍ରତ୍ୟାଶିତ ଘଟଣା ଘଟିଲେ ପ୍ରଥମେ ବିବ୍ରତ ହୋଇଯାଉ । ତା'ପରେ ହୁଏତ ମନକୁ ବୁଝେଇ ସୁଝେଇ ଏକ ସମଭାବ ପ୍ରତିଷ୍ଠା କରିବା ଲାଗି ଚେଷ୍ଟା କରିପାରୁ । ତା'କୁ ପରିପୂର୍ଣ୍ଣ ସମଭାବ କୁହାଯିବ ନାହିଁ । ଭୀଷଣ ଝଡ଼ଝଞ୍ଜା ମଧ୍ୟରେ ମେରୁ ପର୍ବତ ଯେପରି ସ୍ଥିର ଓ ଅଚଳ ରହିଥାଏ ଠିକ୍ ସେହିପରି ପ୍ରବଳ ପ୍ରଳୟ ଆସିଗଲେ ବି ପୂର୍ଣ୍ଣ ସମଭାବ ସମ୍ପନ୍ନ ବ୍ୟକ୍ତି ଦୋହଲି ଯାଏ ନାହିଁ । ମେରୁ ପର୍ବତ ପରି ଟିକିଏ ବି ହଲଚଲ ହୁଏ ନାହିଁ – ଅଚଳ ରହିଥାଏ । ଏହିପରି ଏକ ପରିପୂର୍ଣ୍ଣ ସମତ୍ୱ ହେଲା ଅତିମାନସ ଚେତନାର ସର୍ବପ୍ରଥମ ଲକ୍ଷଣ । ଉଭୟ ବାହ୍ୟଚେତନା ଓ ଆନ୍ତର ଚେତନାରେ, ସ୍ଥୂଳ ହେଉ କିଂବା ସୂକ୍ଷ୍ମ ହେଉ, ସକଳ ପରିସ୍ଥିତିରେ ଓ ପ୍ରଭାବ ମଧ୍ୟରେ, ସ୍ୱତଃସ୍ଫୂର୍ତ୍ତ କୌଣସି ପ୍ରୟାସ ନକରି ସମଭାବଟି ଅପରିବର୍ତ୍ତନୀୟ ରହିବା ଅତିମାନସ ଚେତନାର ଏକ ନିଦର୍ଶନ ହୋଇ ରହିଥାଏ ।

ଦ୍ୱିତୀୟ ଲକ୍ଷଣଟି ହେଲା ଏକାତ୍ମତା ଦ୍ୱାରା ଲାଭ କରିଥିବା ଏକ ଭ୍ରମରହିତ ଜ୍ଞାନ ଯେଉଁଥିରେ ଥାଏ ନିରପେକ୍ଷତା ଓ ଏକ ବିବାଦ ରହିତ ସୁନିଶ୍ଚିତତା । ଏହା ଏପରି ଏକ ଜ୍ଞାନ ଯାହା ତାଦାତ୍ମ୍ୟତା ଦ୍ୱାରା ଲାଭ କରାଯାଇଥାଏ । ଅତିମାନସର ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ପାଖରେ ଏହି ଦୁଇଟି ଗୁଣ ପରିଲକ୍ଷିତ ହୁଏ । ସ୍ୱୟଂ ଶ୍ରୀମା କହନ୍ତି, ''ନିଜେ ଅନୁଭୂତି ଲାଭ କରି ନଥିଲେ ତୁମେ କଦାପି ଏହାକୁ ବୁଝିପାରିବ ନାହିଁ ।''

(CWM, Vol. 15, p. 102)

ସାଧନା ମାର୍ଗରେ କେତେକ ଅବସ୍ଥା 'ସମଭାବ'ର ଧାରଣା ଦେଇଥାଏ, କିନ୍ତୁ ସେସବୁ 'ସମଭାବ'ର ପ୍ରତୀୟମାନତା (Apparent) ମାତ୍ର । ବାସ୍ତବତଃ ସେସବୁ ଛଦ୍ମବେଶଧାରୀ ଅନୁକରଣ ମାତ୍ର । ସେହିପରି ସମତା ପରି ପ୍ରତୀୟମାନ ହେଉଥିବା ଅବସ୍ଥାଗୁଡ଼ିକ ହେଲା – (୧) ହତାଶା ଯୋଗୁଁ ବୈରାଗୀ ବା ସନ୍ନ୍ୟାସୀର ଜୀବନକୁ ଅବଲମ୍ବନ କରିଥିବା ବ୍ୟକ୍ତିର ସମଭାବ । (୨) କଠୋରତା ଓ ଉଦାସୀନତାଯୁକ୍ତ ସମଭାବ । (୩) ଉଦ୍ଧତ ଆତ୍ମମ୍ଭରିତାଯୁକ୍ତ ସମଭାବ । (୪) କାମନା-ବାସନାର ଅତିଶୟ ପରିତର୍ପଣ ଯୋଗୁଁ ସଙ୍କୁଚିତ ହୋଇ ପଶ୍ଚାତଗମନ (recoil) ଜନିତ ସମଭାବ । ଏସବୁ ପ୍ରକୃତ 'ସମଭାବ'କୁ ବୁଝାଏ ନାହିଁ, ଏସବୁ ହେଲା ଯଥାର୍ଥ ସମଭାବର ବିକୃତ ରୂପ ।

ସାଧନାରେ ଅଗ୍ରଗତି କଲାବେଳେ ସତ୍ତ୍ୱ, ରଜଃ ଓ ତମୋଗୁଣ ସମ୍ଭୂତ ସମଭାବ ସମ୍ପର୍କରେ ସମ୍ୟକ୍ ଧାରଣା କରିବା ଆବଶ୍ୟକ ମନେ ହୁଏ । ଆମେ ଜାଣୁ ଯେ ଜଡ଼ତା, ତାମସିକତା, ଆଳସ୍ୟ, ପରିବର୍ତ୍ତନ ବିମୁଖତା, ରକ୍ଷଣଶୀଳତା, ଅଜ୍ଞାନତା, ଆସକ୍ତି, ବିଷାଦ, ଅସହାୟ ବୋଧ, ନୈରାଶ୍ୟ, ସନ୍ଦେହ, ଲଜ୍ଜା, ବିରକ୍ତି, ଉଦାସଭାବ ଇତ୍ୟାଦି ତାମସିକ ଗୁଣର ଅନ୍ତର୍ଭୁକ୍ତ ।

କର୍ମ ତତ୍ପରତା, ସବୁକ୍ଷେତ୍ରରେ ପରିବର୍ତ୍ତନ ଓ ନୂତନତ୍ୱ ଲାଗି ବ୍ୟଗ୍ରତା, ଗତିଶୀଳତା, ଅଧିକାର ଲିପ୍ସା, ବିଷୟାସକ୍ତି, କ୍ରୋଧ, ଉତ୍ତେଜନା, ଅସ୍ଥିରତା, ଅତିଶୟ ଉତ୍କଣ୍ଠା, ଉଦ୍‌ବେଗ, ଦୁଃସାହସ ଇତ୍ୟାଦି ରାଜସିକ ଗୁଣର ସୂଚନା ଦିଏ । କରୁଣା, କୃତଜ୍ଞତା, ନମ୍ରତା, ପ୍ରଶାନ୍ତି, ପ୍ରଫୁଲ୍ଲତା, ନିଃସ୍ୱାର୍ଥପରତା, ସଙ୍ଗତି, ସନ୍ତୁଳନ, ଶାନ୍ତି, ସନ୍ତୋଷ ଇତ୍ୟାଦି ସାତ୍ତ୍ୱିକ ଗୁଣର ଅନ୍ତର୍ଭୁକ୍ତ ।

**ତାମସିକ ସମତା :** ଶାରୀରିକ ପ୍ରକୃତିର ଜଡ଼ତା ବା ନିଷ୍କ୍ରିୟତା ଓ ପ୍ରାଣିକ ପ୍ରକୃତିର ତାମସିକତା ଯୋଗୁଁ ପ୍ରତିକ୍ରିୟା ଦେଖାଉଥିବା ଚେତନାଟି ସାମୟିକ ଭାବେ ଅଥର୍ବ ହୋଇ ଯାଇଥାଏ । ପରିଣାମରେ ସାଧକ ମଧ୍ୟରେ ରହିଥିବା ଜୀବନ-ସମ୍ଭୋଗ-ଶକ୍ତି ଓ ସଂବେଦନଶୀଳତା ନିସ୍ତେଜ ବା ଶୁଷ୍କ ହୋଇଯାଏ । ଏହା ଏକ ପ୍ରକାର ସମଭାବପରି ଦେଖାଯାଏ ବା ପ୍ରତୀୟମାନ ହୋଇପାରେ । ଏହାକୁ ତାମସିକ ସମତା କୁହାଯାଇପାରେ ।

**ରାଜସିକ ସମତା :** ରାଜସିକ ଗୁଣରେ ଆମେ ଦେଖିବାକୁ ପାଉ ସଂଘର୍ଷ, ସଂଗ୍ରାମ ଓ ସାର୍ବଭୌମ ଅଧିକାର ଲାଗି ଏକ ପ୍ରଚଣ୍ଡ ପ୍ରବେଗ – ସବୁକିଛିକୁ ଦମନ କରି ରଖିବା ଓ ଜୟ କରିବା ଲାଗି ଏକ ପ୍ରବୃତ୍ତି । ଏପରି ରାଜସିକ ପ୍ରକୃତିର ବ୍ୟକ୍ତି ଭଲ ଓ ମନ୍ଦ ସବୁ ବିଷୟକୁ ସମାନ ଭାବେ ଗ୍ରହଣ କରି ଆଗେଇଯିବା ଲାଗି ଚେଷ୍ଟା କରିଥାଏ । ଏହାକୁ ରାଜସିକ ସମତା କୁହାଯାଇପାରେ ।

**ସାତ୍ତ୍ୱିକ ସମତା :** ଜୀବନରେ ସବୁକିଛି ଅନିତ୍ୟ ଓ ଅସୁଖକର ''ଅତଏବ ତୁମେ ଏହି ସୁଖରହିତ ଓ କ୍ଷଣ ଭଙ୍ଗୁର ମନୁଷ୍ୟ ଶରୀର ପ୍ରାପ୍ତ ହୋଇ ଥିବାରୁ ନିରନ୍ତର ମୋତେହିଁ ଭଜନ କର ।'' – 'ଅନିତ୍ୟମ ସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍' ।

(ଶ୍ରୀମଦ୍ ଭଗବଦ୍ ଗୀତା-୯/୩୩)

ତେଣୁ ସାତ୍ତ୍ୱିକ ବ୍ୟକ୍ତି ସବୁ ବିଷୟପ୍ରତି ଅନାସକ୍ତ ରହି ସମଭାବ ରକ୍ଷା କରିବା ଲାଗି ଉଦ୍ୟମ କରିଥା'ନ୍ତି । ତେବେ ଏପରି ସାତ୍ତ୍ୱିକ ସମଭାବ ଘୋର ବିପତ୍ତି ଓ ବିପର୍ଯ୍ୟୟ କାଳରେ ବଜାୟ ରଖିବା ସମ୍ଭବ ହୁଏ ନାହିଁ । ତେଣୁ ଏହାଠାରୁ ଉଚ୍ଚତର ଏକ ଉପଲବ୍ଧିର ଆବଶ୍ୟକତା ରହିଛି ଓ ତାହା ହେଲା ବ୍ରହ୍ମ-ଉପଲବ୍ଧି । ସମତା ରକ୍ଷା କରିବା ଲାଗି ଏହା ଅମୋଘ ଓ ଅବ୍ୟର୍ଥ ଉପାୟ । ସାଧକ ତ୍ରିଗୁଣାତୀତ ହୋଇ ସର୍ବଦା ସର୍ବତ୍ର ସବୁ ବିଷୟରେ ସେହି ପରମ ଦିବ୍ୟସତ୍ତା (ପରମେଶ୍ୱର, ପରଂବ୍ରହ୍ମ, ପରମାତ୍ମା ବା ବାସୁଦେବ)ଙ୍କ ଉପସ୍ଥିତିକୁ ଅନୁଭବ କରିବା, ସମ୍ପଦବିପଦ, ସୁଖ ଦୁଃଖ, ଅଭାବ-ପ୍ରାଚୁର୍ଯ୍ୟ – ସବୁ ଅବସ୍ଥାରେ ସବୁଥିରେ ସେହି ପରମ ଦିବ୍ୟସଂକଳ୍ପକୁ ସ୍ୱୀକାର କରିନେବା ହେଲା ସମତ୍ୱ ଅର୍ଜନ କରିବାର ଅବ୍ୟର୍ଥ ଉପାୟ । ଶ୍ରୀମଦ୍ ଭଗବଦ୍ ଗୀତା କହେ –

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।।''

(ଗୀତା, ୬/୨୯)

ଅର୍ଥାତ୍, ଯୋଗଯୁକ୍ତ ପୁରୁଷ ସର୍ବତ୍ର ସମଦର୍ଶୀ ହୋଇ ପରମାତ୍ମାଙ୍କୁ ସର୍ବଭୂତରେ ଓ ସର୍ବଭୂତଙ୍କୁ ଆତ୍ମାରେ ଅଭିନ୍ନ ରୂପେ ଦର୍ଶନ କରନ୍ତି ।

(କ୍ରମଶଃ) ❑


## ଶିକ୍ଷକ/ଅଧ୍ୟାପକ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ - ୭୫୧୦୩୦, ଦୂରଭାଷ : 9178697694 ଜଣାଇଛନ୍ତି ଯେ ଏହି ଶିକ୍ଷାକେନ୍ଦ୍ରର ମାଧ୍ୟମିକ ସ୍ତରରେ ଇଂରାଜୀ ଓ ଓଡ଼ିଆରେ ଶିକ୍ଷାଦାନ ନିମନ୍ତେ TGT(ତାଲିମ ପ୍ରାପ୍ତ) ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଉଚ୍ଚ ମାଧ୍ୟମିକ ସ୍ତରରେ ଅଧ୍ୟାପନା ପାଇଁ Physics, Chemistry, Biology, Math ଏବଂ IT ବିଷୟରେ PGT ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ଆଗ୍ରହୀ ମାତୃପ୍ରେମୀ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଆନୁଷଙ୍ଗିକ documents ସହ ଏପ୍ରିଲ ୧୮ ତାରିଖ ସୁଦ୍ଧା ଯୋଗାଯୋଗ କରିବା ଲାଗି ଅନୁରୋଧ ।

# କବି ନିଶିକାନ୍ତ

## (୧୯)

ଦେହ ଦୁର୍ଯୋଗେ ସୁଯୋଗ ପେୟେଛି
ଯୋଗ ଯାତ୍ରାର୍ ପଥେ;
ରୋଗ ଶଯ୍ୟାୟ୍
ମୋର ଗତି ପାୟ୍
ଅଭ୍ରଂଲିହ
ପ୍ରଗତିର ପର୍ବତେ ।

— ନିଶିକାନ୍ତ

(‘ଅଚଳ ପ୍ରଗତି’ : ଚିରନ୍ତନୀ,
କାବ୍ୟ ସଂକଳନ ଗ୍ରନ୍ଥ, ପୃ. ୨୦୮)

ସେଦିନ ଥିଲା ୩୧ ଡିସେମ୍ବର ୧୯୫୪; ନବବର୍ଷର ପୂର୍ବସନ୍ଧ୍ୟା । ଶ୍ରୀମା ଆଶ୍ରମ ‘ପ୍ଲେ-ଗ୍ରାଉଣ୍ଡ’ରେ ସମବେତ ଧ୍ୟାନ ପରେ ଉପସ୍ଥିତ ପ୍ରତ୍ୟେକଙ୍କୁ ନବବର୍ଷର ବାଣୀ ବିତରଣ କରିବା ପରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋକପାତ କରିଥିଲେ ତନ୍ମଧ୍ୟରୁ କିୟଦଂଶ :

‘‘ନବବର୍ଷର ଏହି ପ୍ରାର୍ଥନାଟି (ପ୍ରକୃତରେ ପ୍ରାର୍ଥନା ନୁହେଁ, ଏହା ଏକ ବାଣୀ) ଲିପିବଦ୍ଧ କରାଯାଇଛି : କାରଣ ଭବିଷ୍ୟତ୍ ସମ୍ବନ୍ଧେ ପୂର୍ବରୁ ଜ୍ଞାତ ହୋଇଛୁ ଯେ ଆଗାମୀ ବର୍ଷଟି କଷ୍ଟସାଧ୍ୟ ଓ ବେଶ୍ ଅସୁବିଧାଜନକ ବର୍ଷ ହେବ ଏବଂ ନାନା ପ୍ରକାର ଆଭ୍ୟନ୍ତରୀଣ ଓ ବାହ୍ୟିକ ଦୁଃଖକଷ୍ଟ ଓ ସଂଘର୍ଷର ସମ୍ମୁଖୀନ ହେବାକୁ ହେବ । ତେଣୁ ମୁଁ ତୁମ ସମସ୍ତଙ୍କୁ ଏହି ଧରଣର ପରିସ୍ଥିତିରେ କେଉଁ ପ୍ରକାର ମନୋଭାବ ପୋଷଣ କରାଯିବା ଉଚିତ ସେ ସମ୍ବନ୍ଧେ କହିବି । ଏହିସବୁ ଦୁଃଖକଷ୍ଟ ବା ସଂଘର୍ଷ ବୋଧହୁଏ ବାର ମାସ ଧରି ଚାଲୁ ରହିବ, ଅର୍ଥାତ୍ ପୂରା ବର୍ଷଟିଏ; କିନ୍ତୁ ବୋଧହୁଏ ଚଉଦ ମାସ ଧରି ରହିବ । ଆଉ ଏହି ଚଉଦ ମାସ ଭିତରେ ଯେଉଁ ମନୋଭାବଟିକୁ ଦୃଢ଼ ଭାବରେ ପୋଷଣ କରିବା ସମ୍ବନ୍ଧେ ମୁଁ ତୁମମାନଙ୍କୁ ଏବେ କହିବାକୁ ଯିବି, ସେଇଟିକୁ ତୁମେ ସମସ୍ତେ କେବେହେଲେ ଗୋଟିଏ ମୁହୂର୍ତ୍ତ ସକାଶେ ବି ନ ହରାଇବାକୁ ଏକ ଆନ୍ତରିକ ଉଦ୍ୟମ କରିବା ଉଚିତ ।

‘‘ବାସ୍ତବରେ କହିବାକୁ ଗଲେ ମୁଁ ଏହି ବିଷୟଟି ଉପରେ ଅଧିକ ଗୁରୁତ୍ୱ ଦେବି ଯେ ଘଟଣାରାଜି ଯେତେବେଳେ ସବୁଠୁ ବିପଜ୍ଜନକ, ସଙ୍ଗିନ୍, ସେତେବେଳେ ତୁମେମାନେ ସବୁଠୁ ବେଶୀ ସ୍ଥିର, ଅବିଚଳ ରହିବ ଏବଂ ସବୁଠୁ ବେଶୀ ଏକ ଅଖଣ୍ଡ ବିଶ୍ୱାସ ରଖିବ । ଏଇଟି ହେଉଛି ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ବିଷୟ ।

‘‘ସାଧାରଣତଃ, ଯେତେବେଳେ ଅବସ୍ଥାସକଳ ସଙ୍ଗିନ୍ ହୋଇଉଠେ ସେତେବେଳେ ସାଧାରଣ ଲୋକମାନେ ବେଶ୍ ଉତ୍ତେଜନାପ୍ରବଣ ଓ କ୍ରୋଧାନ୍ୱିତ ହୋଇଉଠନ୍ତି, ଅସମ୍ଭବ ଭାବରେ କ୍ଷଣକୋପୀ ହୋଇ ତରବରରେ ଯାବତୀୟ ଅନର୍ଥମୂଳକ କାଣ୍ଡସବୁ ଭିଆଇଥା’ନ୍ତି । ତେଣୁ ମୁଁ ତୁମମାନଙ୍କୁ ପ୍ରଥମରୁହିଁ ସତର୍କ କରାଇ ଦେଉଛି ଯେ ଏହି ଧରଣର କିଛି ବି କର୍ମ ଯେମିତି ନକର । ତୁମେମାନେ ଏହାର ଠିକ୍ ବିପରୀତଟି ନିଶ୍ଚିତ ରୂପେ କରିବା ଉଚିତ; ଏବଂ ବର୍ତ୍ତମାନ ମୁଁ ଯାହା ତୁମକୁ ପଢ଼ି ଶୁଣାଇବାକୁ ଯାଉଛି (ନବବର୍ଷର ବାଣୀଟି), ସେଇଟିକୁ ନେଇ ତୁମେମାନେ ଯେତେବେଳେ ନିଜ ଭିତରେ କୌଣସି ପ୍ରକାର ଉଦ୍‌ବେଗ ବା ଅସ୍ଥିରତାବୋଧ ଅନୁଭବ କରିବ ସେତେବେଳେ ସେଇଟିକୁ ତୁମେମାନେ ନିଶ୍ଚିତ ରୂପେ ନିଜ ନିଜର ନିର୍ଦ୍ଦିଷ୍ଟ ଓ ନିୟମନିଷ୍ଠ ଭାବରେ ବାରବାର ଆବୃତ୍ତି କରିବ । ତୁମମାନଙ୍କୁ ମୁଁ ଆଜି ଯାହା କହିବି ତାକୁ ତୁମେମାନେ ବର୍ଷ ତମାମ ନିଶ୍ଚିତରୂପେ ସ୍ମରଣ ରଖିବ ।

‘‘ତୁମେମାନେ ସେଇଟିକୁ କଲ୍ୟାଣଜନକ ଭାବରେ ସକାଳେ ତଥା ସନ୍ଧ୍ୟାରେ ଆବୃତ୍ତି କରିବ । ଏବେ ମୁଁ ସେଇ ବାଣୀଟିକୁ ପଢୁଛି :

‘‘ଭଗବାନଙ୍କ ଇଚ୍ଛା ବିରୋଧରେ କୌଣସି ମାନବିକ ଇଚ୍ଛା ଶେଷ ପର୍ଯ୍ୟନ୍ତ ତିଷ୍ଠି ପାରିବ ନାହିଁ । ଆସ, ଆମ୍ଭେମାନେ ନିଜକୁ ଇଚ୍ଛାକୃତ ଭାବେ ଓ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ପକ୍ଷରେ ରଖିବା ଏବଂ ପରିଣାମରେ ବିଜୟହିଁ ସୁନିଶ୍ଚିତ ।’’

(ପ୍ରଶ୍ନୋତ୍ତର : *୬ଷ୍ଠ* ଖଣ୍ଡ)

*

ନିଶିକାନ୍ତଙ୍କ ଜୀବନରେ ପ୍ରକୃତରେ ଏକ ସଙ୍ଗିନ୍ ଅବସ୍ଥା ଉପୁଜିଲା । ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ତାଙ୍କର ଯେଉଁ ସୂକ୍ଷ୍ମଦର୍ଶନ (ଶ୍ରୀଅରବିନ୍ଦଙ୍କ କକ୍ଷରେ) ହୋଇଥିଲା ସେଥିରେ

ସେ ନିଜକୁ ବେଶ୍ ଅଭ୍ୟସ୍ତ କରିନେଇ ପାରିଥିଲେ । ତା'ପରେ ୧୯୫୩ରେ ନିଶିକାନ୍ତଙ୍କର ଘନିଷ୍ଠ ବନ୍ଧୁ ଦିଲୀପ କୁମାର ରାୟ ଗୁରୁଦେବଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟର ଅଭାବ ସହ୍ୟ କରି ନପାରି ସବୁଦିନ ପାଇଁ ଆଶ୍ରମ ଛାଡ଼ି ଚାଲିଗଲେ । ଏଥିରେ ନିଶିକାନ୍ତ ବେଶ୍ ଭାଙ୍ଗି ପଡ଼ିଥିଲେ ସତ, କିନ୍ତୁ ଏକ ସଞ୍ଚାରୀ ରାଜହଂସ ସ୍ୱରୂପ ତାଙ୍କର ବିଶାଳ ଆକାଶରେ ସେ କେବେ ହେଲେ ଅସହାୟ ବୋଧ କରି ନାହାଁନ୍ତି – 'ଶ୍ରୀମା ତ ଅଛନ୍ତି; ଆଉ ଶ୍ରୀମାଶ୍ରୀଅରବିନ୍ଦ ତ ଏକ ଓ ଅଭିନ୍ନ' । ଏହା ତାଙ୍କର ମାନସିକ ଓ ମନସ୍ତାତ୍ତ୍ୱିକ ଭାରସାମ୍ୟକୁ ବେଶ୍ ଅକ୍ଷତ ରଖି ପାରିଥିଲା । କିନ୍ତୁ ବାଧା ଉପୁଜିଲା ଶାରୀରିକ କ୍ଷେତ୍ରରେ, କହିବାକୁ ଗଲେ ଉପର୍ଯୁପରି ଶାରୀରିକ ଅସୁସ୍ଥତାର ପ୍ରକୋପ ଅଧିକରୁ ଅଧିକ ବଢ଼ି ଚାଲିଲା । ଶ୍ରୀମା ଅନନ୍ୟୋପାୟ ହୋଇ କଲିକତାରୁ ନିଶିକାନ୍ତଙ୍କ କକାଙ୍କ ଝିଅ ଅପର୍ଣ୍ଣା ଦେବୀଙ୍କୁ ତାଙ୍କର ସେବାଶୁଶ୍ରୂଷା ସକାଶେ ଡକାଇ ପଠାଇଲେ । କହିବା ବାହୁଲ୍ୟ ବେଶ୍ କିଛି ବର୍ଷ ଧରି ଅପର୍ଣ୍ଣା ଦେବୀ ନିଜର ସର୍ବାନ୍ତଃକରଣରେ ଶ୍ରୀମା'ଙ୍କୁ ପ୍ରାର୍ଥନା ଜଣାଉଥିଲେ ପଣ୍ଡିଚେରୀକୁ ଆସି ତାଙ୍କର ଶରଣାପନ୍ନ ହୋଇ ଜୀବନ ବିତାଇବାକୁ – ଅନ୍ତର୍ଯାମୀ ଶ୍ରୀମା ତାଙ୍କର ଆଶା ଓ ଆକାଙ୍କ୍ଷା ଉପଯୁକ୍ତ ମୁହୂର୍ତ୍ତରେ ପୂରଣ କଲେ । ଏହା ଥିଲା ୧୯୫୫ ମସିହାର ଅୟମାରମ୍ଭ ।

୧୯୫୬ ମସିହା ବେଳକୁ ନିଶିକାନ୍ତ ଶଯ୍ୟାଶାୟୀ । ରୋଗର ପ୍ରକୋପ ଅସମ୍ଭାଳ ହୋଇ ଉଠିଲେ ସେ ନୀରଦଙ୍କୁ ତତ୍‌କ୍ଷଣାତ୍ ଡକାଇ ପଠାଉଥିଲେ ଏବଂ ନୀରଦ ସମସ୍ତ ଖବର ଶ୍ରୀମା'ଙ୍କୁ ଜଣାଉଥିଲେ ଏବଂ ଶ୍ରୀମା'ଙ୍କ ନିର୍ଦ୍ଦେଶାନୁଯାୟୀ ରୋଗୀଙ୍କର ଦେଖାଶୁଣା ହେଉଥିଲା ।

ଏବେ ନୀରଦଙ୍କର 'କବି ନିଶିକାନ୍ତଙ୍କର ଜୀବନ-ସଂକଟେ' ଶିରୋନାମାର ରଚନାରୁ ଉଦ୍ଧୃତି : ''...ଖବର ପାଇଲି ନିଶିକାନ୍ତ ଅସୁସ୍ଥ; ମୋତେ ସ୍ମରଣ କରୁଛନ୍ତି । ଆଶ୍ରମରେ ମୋର ଚିକିତ୍ସକ-ବୃତ୍ତି ନଥିଲେ ମଧ୍ୟ ସେ ମୋତେ ପ୍ରୟୋଜନାନୁସାରେ ଡାକନ୍ତି । ଏଥର ଯେତେବେଳେ ତଲବ ଦେଇଛନ୍ତି, ବୁଝିଗଲି ଡାକ ଜରୁରୀ ।

''ଶ୍ରୀଅରବିନ୍ଦଙ୍କ ତିରୋଧାନ ପରେ ନିଶିକାନ୍ତଙ୍କର ଶାରୀରିକ ଅସୁସ୍ଥତାର ଭାର ଆଶ୍ରମ ଡାକ୍ତର ନେଇଥିଲେ; ଡାକ୍ତରହିଁ ଶ୍ରୀମା'ଙ୍କୁ ରିପୋର୍ଟ ଦେଉଥିଲେ । ଅତିରିକ୍ତ କିଛି ପ୍ରୟୋଜନ ହେଲେ ମୋତେ ତୁରନ୍ତ ଡାକରା ଆସୁଥିଲା । ସେହି ସମୟରେ ତାଙ୍କ ଶରୀରରେ ଦେଖା ଦେଇଥିଲା ଅନ୍ୟ ଗୋଟିଏ ମାରାତ୍ମକ ବ୍ୟାଧି – ଫୁସ୍‌ଫୁସ୍‌ରେ ଫୋଡ଼ା ବା ଆବ୍‌ସିସ୍ (abscess) । ବହୁ ବର୍ଷ ଧରି ତା' ସାଥିରେ ଯୁଦ୍ଧ ସେ ଚଳାଇଛନ୍ତି । ଏକସାଥିରେ ପେଟରେ ଘା (ଅଲ୍‌ସାର), ବହୁମୂତ୍ର, ରକ୍ତଚାପ, ଆବ୍‌ସିସ୍ ! ଏସବୁ ଶୁଣି ତ ଭୟରେ ମୋର ଅନ୍ତରାତ୍ମା ଶୁଖିଯାଉଥିଲା । ଯେଉଁଠି ତାଙ୍କର ଅଫୁରନ୍ତ ପ୍ରାଣର ଉତ୍ସ, ସେଇଠି ହୋଇଛି ଆକ୍ରମଣ ! ଏ ରୋଗରେ ତ ଅସ୍ତ୍ରୋପଚାର ବ୍ୟତୀତ ଅନ୍ୟ ଗତି ନାହିଁ, କିନ୍ତୁ ଶରୀରର ଏଇ ବିଧ୍ୱସ୍ତ ଅବସ୍ଥାରେ ଏତେ ବଡ଼ ଅସ୍ତ୍ରୋପଚାରକୁ ସେ ସହ୍ୟ କରି ପାରିବେ କି ? ସହ୍ୟ କରି ପାରିଲେ ବି ଫଳାଫଳ କ'ଣ ହେବ ?– ଏଇସବୁ ପ୍ରଶ୍ନର ଉତ୍ତର ନଥିଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ରୋଗୀର ପ୍ରାଣ ଶକ୍ତି ! ଇତିପୂର୍ବରୁ ଏଇ ଦୁର୍ବଳ ଅବସ୍ଥାରେ ମଧ୍ୟ ସେ ଲାଠି ହାତରେ ଧରି ଶ୍ରୀମା'ଙ୍କୁ ଦେଖିବାକୁ ଆସିଛନ୍ତି ନିତି ସକାଳେ, ଆଉ ଫେରି ଯାଇ ହୁଏତ ବିଛଣାରେ ଚିତ୍ ହୋଇ ଶୋଇ ପଡ଼ିଛନ୍ତି; ଉପରଓଳି ଜ୍ୱରାକ୍ରାନ୍ତ ଅବସ୍ଥାରେ ବୁଲିବାକୁ ଯାଇଛନ୍ତି, ସନ୍ଧ୍ୟା ସମୟରେ ପୁଣି ପ୍ଳେ-ଗ୍ରାଉଣ୍ଡକୁ ଆସିଛନ୍ତି ଶ୍ରୀମା'ଙ୍କର ଆଶୀର୍ବାଦ ଗ୍ରହଣ କରିବାକୁ ! ତା'ହେଲେ ସାଧାରଣ ଲୋକେ କହିବେ, କେବେ ହେଲେ ଆବ୍‌ସିସ୍ ହୋଇ ନପାରେ ! କିନ୍ତୁ ଏ କ୍ଷେତ୍ରରେ ସନ୍ଦେହର କୌଣସି ଅବକାଶ ନାହିଁ, କାହିଁକି ନା ବଡ଼ ଡାକ୍ତରମାନେ (ଇଂଲଣ୍ଡର ଏଫ୍. ଆର୍. ସି. ଏସ୍.) ଏକସ୍‌ରେ ପରୀକ୍ଷା କରି ଦେଖିଛନ୍ତି । ଶ୍ରୀମା'ଙ୍କର ଦିବ୍ୟଶକ୍ତିର ପ୍ରଭାବରୁ ଏବଂ ଡାକ୍ତରଙ୍କ ସାହାଯ୍ୟରେ ନିଶିକାନ୍ତଙ୍କ ଶରୀରରୁ ଆବ୍‌ସିସ୍‌ଟି ନିଶ୍ଚିହ୍ନ ହୋଇଛି । କିନ୍ତୁ ଏବେ ପୁଣି ନୂତନ କରି ଡାକରା କ'ଣ ପାଇଁ ଆସିଲା ?

''ମୁହୂର୍ତ୍ତକ ସକାଶେ ଭାବିଲି, ପୁଣି କ'ଣ ହେଲା ?... ତାଙ୍କ ଘର ଭିତରକୁ ପ୍ରବେଶ କରି ଦେଖିଲି, ବିଚାରା ବିଛଣାରେ ଚିତ୍ ହୋଇ ଶୋଇଛନ୍ତି । ଉଦରଟି ଅସୁସ୍ଥତା ଯୋଗୁଁ ଅଧା କମିଯାଇଛି, କିନ୍ତୁ ହାତ ଗୋଡ଼ ସେସବୁ ଅନୁପାତରେ ରୁଗ୍ଣ ନୁହେଁ । ତାଙ୍କ କଥାରେ ଜୋର୍ ନଥିଲା, ଚେହେରାରେ ସ୍ୱଭାବସିଦ୍ଧ ସ୍ଫୂର୍ତ୍ତି ନଥିଲା । ଆସ୍ତେ ଆସ୍ତେ କହିଲେ, 'ଦେଖନ୍ତୁ, କାଲିଠୁ ମୋର ପାଦ ଦୁଇଟି କେମିତି ଅବଶ ହୋଇଉଠିଛି, ଚାଲିବାକୁ ଆରମ୍ଭ କଲେ ପ୍ରାୟ ପଡ଼ିଯିବାର ଅବସ୍ଥା, ପାଦ ଆଉ ଚାଲୁ ନାହିଁ । ଶରୀରର ଅବସ୍ଥା ଯାହା ବି ହେଉନା କାହିଁକି ଏତେଦିନ ଧରି ଚଳାବୁଲା କରିଛି; ଏବେ ତ ଏକେବାରେ ପଙ୍ଗୁ । ମା'ଙ୍କୁ ଦେଖିବାକୁ ଯାଇ ପାରିବିନି; ଏଇ ଭୟରେ ମନଟି ଆହୁରି ବେଶୀ ପଙ୍ଗୁ । ଝଡ଼-ବତାସରେ ଡାକ୍ତରଙ୍କର

ଅବାଧ ହୋଇ ମଧ୍ୟ ନିତି ମା'ଙ୍କର ଆଶୀର୍ବାଦ ଲାଭ କରି ଆସିଛି, ସେଇଥିରେହିଁ ମୋର ଅଧା ପ୍ରାଣବାୟୁ ଏଇ ଶରୀରଟିକୁ ବଞ୍ଚାଇ ରଖିଛି – ଫୋଡ଼ାଟି ତ ଗୋଟିଏ ଫୁସ୍‌ଫୁସ୍‌କୁ ଖାଇ ଦେଇଛି, ଆପଣମାନଙ୍କର ଔଷଧ ନୁହେଁ, ସେଥିରେ ମୋର ବିଶେଷ ଆସ୍ଥା ନାହିଁ । ଏବେ ମା'ଙ୍କୁ ଦେଖିବାଟା ଯଦି ବନ୍ଦ ହୋଇଯାଏ, ତେବେ ମୋର ଜୀବନ ଧାରଣ କରି ଲାଭ କ'ଣ ? ସେଇଥିପାଇଁ ଆପଣଙ୍କୁ ଡାକିଛି, ମା'ଙ୍କୁ କୁହନ୍ତୁ ତାଙ୍କର ଦର୍ଶନରୁ ଯେମିତି ମୁଁ ବଞ୍ଚିତ ନହୁଏ ।'

''– ନା, ନା, ସେସବୁ କିଛି ନୁହେଁ । ଏତେ ସହଜରେ ବିଚଳିତ ହେଲେ ଚଳିବ ନାହିଁ । – ସାହସ ଦେଇ କହିଲି ସତ, କିନ୍ତୁ ସମସ୍ୟାଟା ସହଜ ନଥିଲା ।

''– ଡାକ୍ତର ବାବୁ, ମୁଁ ଆଦୌ ବିଚଳିତ ହୋଇନି । ମରିବାକୁ ମୋର ଆଦୌ ଦୁଃଖ ନାହିଁ । ଆପଣମାନେ ତ ଜାଣନ୍ତି, କେତେ ଥର ମୋର ସେଇ ଇଚ୍ଛା ପ୍ରକାଶ କରିଛି ଯେ ଏଇ ଭଙ୍ଗା, ଅକର୍ମା ଶରୀରଟିକୁ ତ୍ୟାଗ କରି ପୁଣି ଛୋଟ ଶିଶୁ ହୋଇ ମା'ଙ୍କର ଗ୍ରୀନ୍ ଗ୍ରୁପ୍‌କୁ ଫେରି ଆସିବାକୁ । କିନ୍ତୁ ପଙ୍ଗୁ ହୋଇ ବଞ୍ଚି ରହିବା, – ମା'ଙ୍କର ଦର୍ଶନ ଓ ସ୍ପର୍ଶ ବ୍ୟତୀତ, କେବଳ ବିଡ଼ମ୍ବନା । ଏଥିରେ ମୁଁ ଆଦୌ ରାଜି ନୁହେଁ ।

''– ରାଜି ହେବାକୁ ଆପଣଙ୍କୁ କିଏ କହୁଛି ? ନିଜେ ପ୍ରତ୍ୟକ୍ଷ ଦେଖିଲେ ଯେ ମା'ଙ୍କ କୃପାରୁ ସାଂଘାତିକ ଫୋଡ଼ାଟି ପର୍ଯ୍ୟନ୍ତ ଉଭେଇଗଲା, ଆଉ ଏଇ ଅସୁବିଧାଟି ଏମିତି କିଛି ତ ନୁହେଁ । ବହୁମୂତ୍ର ରୋଗୀଙ୍କ କ୍ଷେତ୍ରରେ ଏମିତି କେତେ ଥର ହୁଏ, ପୁଣି ଚାଲିଯାଏ । ଏତେ ବର୍ଷ ଧରି ବିଭିନ୍ନ କଠିନ ରୋଗ ଭୋଗି ମଧ୍ୟ ଧୈର୍ଯ୍ୟ ତ ହରାଇ ନାହାନ୍ତି,– କୂଳକୁ ଆସି କ'ଣ ନୌକାଟି ବୁଡ଼ିଯିବ ? ୨୪ ଏପ୍ରିଲ ଦର୍ଶନ ତ ଆଉ ବେଶୀ ଡେରି ନାହିଁ ।

''– ଯାହା ବି ହେଉ, ଆପଣ ମା'ଙ୍କୁ କୁହନ୍ତୁ ।

''– ନିଶ୍ଚୟ ! – ଆଶ୍ୱାସ ଦେଇ ଚାଲି ଆସିଲି ସତ, କିନ୍ତୁ ଦୁର୍ଭାବନା ସହଜରେ ଯାଏ ନାହିଁ ! ଇନ୍‌ସୁଲିନ୍ ଦେବା ସତ୍ତ୍ୱେ ଏଇ ଉପସର୍ଗଟି କ'ଣ ପାଇଁ ? ତାଙ୍କର ଚିକିତ୍ସାର ଭାର ନେଇଥିବା ଡାକ୍ତର କହୁଛନ୍ତି, 'କୌଣସି ଭୟ ନାହିଁ; ଦିନେ, ଦୁଇ ଦିନ ଭିତରେ ଠିକ୍ ହୋଇଯିବ ।'

''– ଡାକ୍ତରଙ୍କୁ ଭେଟି ମୁଁ କହିଲି, 'ନିଶିକାନ୍ତ କହୁଛନ୍ତି ଯେ ଇନ୍‌ସୁଲିନ୍‌ରେ ବେଶୀ କିଛି ଉପକାର ହେଉନି । ଯେତେ ମାତ୍ରା ବଢ଼ାଇ ଦିଆଯାଉଛି, ସେତେ ତାଙ୍କର ରୋଗଟି କୁଆଡ଼େ ବଢ଼ି ଯାଉଛି ।'

''ଡାକ୍ତର କହିଲେ, 'ଏଇଠି ମୁସ୍କିଲ ! ସିଏ ତ କିଛି ବି ବୁଝନ୍ତି ନାହିଁ, ଅଥଚ ଏଇ ଧରଣର ଭୁଲ୍ ଧାରଣା ଧରି ବସି ଅଛନ୍ତି । ଉଗ୍ର ମାତ୍ରାରେ ଯେଉଁଠି ଚିନିର ପରିମାଣ, ହଠାତ୍ କରି ସେଇଟିକୁ କମାଇ ହୁଏ କି ? ଆପଣ କୁହନ୍ତୁ ତ !'

''ଶ୍ରୀମା'ଙ୍କୁ ଯାଇ ସମସ୍ତ କଥା ଖୋଲି କରି କହିଲି, କିନ୍ତୁ ତାଙ୍କର ଉତ୍ତର ଶୁଣି ମୁଁ ଅବାକ୍ ଓ ନିର୍ବାକ୍ ହୋଇ ଉଠିଲି । ଶ୍ରୀମା କହିଲେ, 'ନିଶିକାନ୍ତ ମୋତେ ଜଣାଇଛି ଯେ ଇନ୍‌ସୁଲିନ୍ ତା'ର ଭୟାନକ କ୍ଷତି କରୁଛି । ଔଷଧ ନେବା ସତ୍ତ୍ୱେ ଯେତେବେଳେ ରୋଗ ବଢ଼ି ଚାଲିଛି ସେତେବେଳେ ଇଞ୍ଜେକ୍‌ସନ୍ ଇତ୍ୟାଦି ଯନ୍ତ୍ରଣାଦାୟକ ଚିକିତ୍ସା ସେ ଆଉ ଚାହେଁ ନାହିଁ ।'– ଏଇ କଥା ଶ୍ରୀମା ଡାକ୍ତରଙ୍କୁ ମଧ୍ୟ ଜଣାଇ ଦେବାକୁ ଚାହିଁଲେ ।

''ଆମେ ଦୁଇ ଡାକ୍ତର ପରସ୍ପରକୁ ଅନାଇ ରହିଲୁ, ଯେମିତି ରୋଗୀଙ୍କଠାରୁ ଆହୁରି ଅସହାୟ । ହତାଶା ଓ ତାଙ୍କ ପ୍ରତି କିଞ୍ଚିତ୍ ବିରକ୍ତ ହୋଇଉଠି ମୁହୂର୍ତ୍ତକ ସକାଶେ ଭୁଲିଗଲି ଯେ ସେ ରୋଗୀ । କାହିଁକି ସେ ଏମିତି ଅସହିଷ୍ଣୁ ହୋଇ ଉଠିଛନ୍ତି ? ଟିକିଏ ତ ସମୟ ଦେବାକୁ ପଡ଼ିବ ? ଏମିତି ଅବୁଝା ହେଲେ କେମିତି ଚଳିବ ? ଇଏ ତ ସିଧା ମୃତ୍ୟୁକୁ ବରଣ କରି ନେବା !...

''ପରଦିନ ତାଙ୍କୁ ଭେଟି କିପରି ଅଛନ୍ତି ବୋଲି ପଚାରିବାରୁ ସେ ନରମ ଗଳାରେ କହିଲେ, 'କ'ଣ କରିବି, ଆଉ ପାରୁନି ! ଆପଣ ତ ଜାଣନ୍ତି, ଏଇ ବର୍ଷ ତମାମ ଛୁଞ୍ଚି ଫୋଡ଼ି ଫୋଡ଼ି ଶରୀରଟିକୁ ସୂଚୀଭେଦ୍ୟ କରି ପକାଇଛନ୍ତି, କେଉଁଠି ହେଲେ ସାମାନ୍ୟ ଖାଲି ଜାଗା ନାହିଁ । ତା'ଛଡ଼ା ଏବେ ସାରାଦେହ ବ୍ୟଥା, ଜ୍ୱର, ପ୍ରତି ଗଣ୍ଠିରେ ଯନ୍ତ୍ରଣା, ଘଣ୍ଟାକୁ ଘଣ୍ଟା ପରିସ୍ରା । କୌଣସି ଉପଶମ ଆପଣଙ୍କ ନଜରରେ ପଡୁଛି ? ଆପଣଙ୍କ ଉତ୍ସାହରେ, ଗୁରୁଙ୍କ କଥାରେ ଏଇ ଭଙ୍ଗା ଯନ୍ତ୍ରଟିକୁ ଚଳାଇ ଆଣିଛି; ଏବେ ସହ୍ୟ କରିବାର ସୀମା ମୋର ସାଧ୍ୟାତୀତ, ମୋତେ ଅବ୍ୟାହତି ଦିଅନ୍ତୁ । ମା'ଙ୍କୁ କହିଛି ଯେମିତି ହେଲେ ତାଙ୍କର ଛୋଟ ପିଲାମାନଙ୍କର ଗ୍ରୀନ୍ ଗ୍ରୁପ୍‌କୁ ନେଇଯା'ନ୍ତୁ – ଆଉ ପାରୁ ନାହିଁ ।'

''ଏକେବାରେ ମଳିନ ଓ କରୁଣ ସ୍ୱର ! ଔଷଧର ଫଳାଫଳ ଅସ୍ୱୀକାର କରୁଛନ୍ତି, ବିଶ୍ୱାସ ମଧ୍ୟ ହରାଇ ବସିଛନ୍ତି – ସେତେବେଳେ ମା'ଙ୍କ କୃପା ଛଡ଼ା ଦ୍ୱିତୀୟ ଉପାୟ ନାହିଁ । ଭବିତବ୍ୟ ମାନିବାକୁ ହେବ ।

‘‘ଅବସ୍ଥା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗିଲା । ଆଚ୍ଛନ୍ନ ଭାବ, ଅନ୍ୟାନ୍ୟ ଅଶୁଭ ଲକ୍ଷଣ ଦୀର୍ଘ ଅଚେତନ ଅବସ୍ଥା (coma) ଆଡ଼କୁ ମୁହାଁଇଲା । ଉପାୟହୀନ ସାକ୍ଷୀ ସଦୃଶ ଆଖି ଆଗରେ ଏଇ କାତର ଦୃଶ୍ୟ ଦେଖୁଥାଏ । ଚିକିତ୍ସାର ଭାର ନେଇଥିବା ଡାକ୍ତର କହିଲେ, ‘ଶ୍ରୀମାଙ୍କୁ ପୁଣି ମୁଁ ସବୁ ବିଷୟ ଖୋଲି କହିବି ।’ ମୋ ମୁଖମଣ୍ଡଳରେ ଉଦ୍‌ବେଗର ଛାୟା ଲକ୍ଷ୍ୟ କରି ସେ କହିଲେ, ‘ନା, ନା, ଏତେ ଶୀଘ୍ର ସେମିତି କିଛି ହେବ ନାହିଁ ।’

‘‘ନିତି ଦେଖି ଆସେ; ସାନ୍ତ୍ୱନା ଦେବାର କଥା ଉଠେ ନାହିଁ । ରୋଗୀ ନିଜେହିଁ ସମ୍ପୂର୍ଣ୍ଣ ସଚେତନ ।... ଗତ ଦୁଇ ବର୍ଷ ଧରି ଭଗ୍ନ ସ୍ୱାସ୍ଥ୍ୟ ହେତୁ ଯେତେବେଳେ ସେ ନିରାଶାର ଅନ୍ଧକାର ରାଜ୍ୟକୁ ଚାଲିଯା’ନ୍ତି, ସେତେବେଳେ ତାଙ୍କୁ ସ୍ମରଣ କରାଇ ଦେଉଥିଲି ଗୁରୁଙ୍କର ମନ୍ତ୍ର (‘Ask him to stick anyhow.’) । ଏହା ସାଙ୍ଗକୁ ତାଙ୍କୁ କହୁଥିଲି ଯେ ୧୯୫୬ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ ତାଙ୍କୁ କୌଣସି ପ୍ରକାରେ ବଞ୍ଚି ରହିବାକୁ ହେବ । ଏହାପରେ ଆସିବ ଆଶ୍ରମର ତଥା ଆମମାନଙ୍କର ବିରାଟ ପରିବର୍ତ୍ତନ ଯାହା ଫଳରେ ସେ ବି ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇ ଉଠିବେ । ତାଙ୍କର ଶନିଦଶା କଟିଯିବ ।... ଆଉ ଠିକ୍ ତାଙ୍କର ଜନ୍ମଦିନ(୨୪ ମାର୍ଚ୍ଚ)ରେ ମା’ଙ୍କର ଆଶୀର୍ବାଦ ସହ ଘରକୁ ଫେରିଆସି ନେଇଛନ୍ତି ମରଣଶଯ୍ୟା ! ସଙ୍ଗେ ସଙ୍ଗେ ମୋ ନିଜ ବିଶ୍ୱାସହିଁ ଦୋହଲି ଯାଇଛି ।...

‘‘ସେଦିନ ଉପରଓଳି ଖାଇବା ପରେ ମୋ ରୁମ୍‌ରେ ଆରାମ ଚେୟାରରେ ବସି ଟିକିଏ ବିଶ୍ରାମ ନେଉଥିଲି । କିଏ ଜଣେ ଆସି ଖବର ଦେଲା ଯେ କବିଙ୍କ ଅବସ୍ଥା ଭଲ ନୁହେଁ । ତାଙ୍କୁ କହିଲି, ‘ଜଣା କଥା । ବୁଝି ତ ପାରୁଛ, କରିବାର କିଛି ନାହିଁ । ଆଚ୍ଛା, ତୁମେ ଯାଅ, ମୁଁ ଆସୁଛି ।’... କ୍ଳାନ୍ତ, ଅବସନ୍ନ ଦେହଟି କେତେବେଳେ ନିଦରେ ଶୋଇପଡ଼ିଛି, ଜାଣେନି, ହଠାତ୍ ଶୁଣିଲି, ‘ଡାକ୍ତର !’– ‘କିଏ ?’ କହି ହଠାତ୍ ଉଠିପଡ଼ିଲି । ‘ଡାକ୍ତର’ ବୋଲି ସାଧାରଣତଃ ମୋତେ ଦୁଇ ଜଣ ଡାକନ୍ତି । ଜଣେ ଚମ୍ପକଲାଲ, ଯିଏ କି ପାଖ କୋଠରିରେ କାହା ସହିତ କଥାବାର୍ତ୍ତା କରୁଥିଲେ । ଅନ୍ୟ ଜଣଙ୍କ ନିଶିକାନ୍ତ । ତା’ହେଲେ କ’ଣ ... ? ଛୁଟିଗଲି ତାଙ୍କ ଘରକୁ । ଯାଇ ଦେଖିଲି ଆସନ୍ନ ଭୟ ନଥିଲେ ବି ଅନ୍ତିମ ମୁହୂର୍ତ୍ତ ଆଗେଇ ଆସିଛି ।

‘‘– ‘ଡାକ୍ତର, ଗୋଟିଏ ବ୍ୟବସ୍ଥା କରିପାରିବ ?’ ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ନିଶିକାନ୍ତ କହିଲେ । – ‘କୁହନ୍ତୁ, କବି ? – ‘ମା’ଙ୍କ ସହିତ ମୋତେ ଦେଖା କରାଇ ଦେଇପାରିବ କି ?’– ‘ଏଇ ଅବସ୍ଥାରେ ? କେମିତି ? କେଉଁଠି ?’– ‘ପ୍ଲେ-ଗ୍ରାଉଣ୍ଡରେ, ଉପରଓଳି ? ଷ୍ଟ୍ରେଚର୍‌ରେ ମୋତେ ବୋହି ନେଇଯିବ । ମୁଁ ମା’ଙ୍କର ଯୁଗଳ ପାଦପଦ୍ମକୁ ଥରଟିଏ ମଥାରେ ଛୁଆଁଇବାକୁ ଚାହେଁ ।’

‘‘ବିରାଟ ସମସ୍ୟା । ଏତେ ଲୋକମାନଙ୍କ ସାମନାରେ ଏଇ ଅବସ୍ଥାରେ ତାଙ୍କୁ ନେଇଯିବା ! ପୁଣି ଯଦି ନ ନିଏ, ଶେଷ ଇଚ୍ଛା ପୂର୍ଣ୍ଣ ନହେଲେ ବା ବିଳମ୍ବ ହୋଇଗଲେ ? ଏମିତି ସବୁ ଜଟିଳ ବେଦନାଦାୟକ ଅବସ୍ଥା ହାତରୁ କ’ଣ ତାଙ୍କର ଏ ଜୀବନରେ ନିଷ୍କୃତି ନାହିଁ ? ହଁ କି ନା କିଛି ଜବାବ ନଦେଇ ତାଙ୍କ ପାଖରୁ ଚାଲି ଆସିଲି ।

‘‘ଆଶ୍ରମକୁ ଆସି ଦେଖିଲି ସୌଭାଗ୍ୟ କ୍ରମେ ଶ୍ରୀମା ତେବେ ବି ସ୍ନାନ କରିବାକୁ ଯାଇ ନାହାନ୍ତି । ନିଶିକାନ୍ତଙ୍କର ପ୍ରାର୍ଥନା ତାଙ୍କୁ ନିବେଦନ କଲି । ଉତ୍ତରରେ ଶ୍ରୀମା ଯାହା କହିଲେ ମୁଁ ଯୁଗପତ୍ ଭୟରେ, ବିସ୍ମୟରେ, ଆଶାରେ ପୁଣି ନିରାଶାରେ ସ୍ଥାଣୁ ହୋଇଗଲି । ଗମ୍ଭୀର କଣ୍ଠରେ ଶ୍ରୀମା ଆରମ୍ଭ କଲେ, ‘ଦେଖ, ବର୍ଷକ ଆଗରୁ ସେ ମୋତେ ଏକ ପତ୍ର ଲେଖିଥିଲା । ସେଥିରେ ଜଣାଇଥିଲା ଯେ ମୁଁ ଯେମିତି ତାକୁ ଏଇ ୨୪ ଏପ୍ରିଲ, ଅର୍ଥାତ୍, ଆଉ ତିନି ଦିନ, ଦର୍ଶନ ପର୍ଯ୍ୟନ୍ତ ବଞ୍ଚାଇ ରଖିବି, ଏବଂ ମୁଁ ତାକୁ କଥା ଦେଇଛି । ତୁମେ ତ ଜାଣ, ଗତ ବର୍ଷଟି ଧରି ତା’ ଉପରେ କେତେ ଭୀଷଣ ଝଡ଼ଝଞ୍ଜା ବହିଯାଇଛି । ସତର୍କ ପ୍ରହରୀ ସଦୃଶ ମୁଁ ତାକୁ ଚକ୍ଷୁ ସାମନାରେ ରଖିଛି, ମୋର ଶକ୍ତି ଦେଇ ଚଳାଇ ଆସିଛି । ଶେଷ ଧକ୍‌କା ଆସିଲା ଆବ୍‌ସିସ୍; ସେଇଟି ବି ଆରୋଗ୍ୟ କରି ଦେଇଛି ଏଇ କିଛିଦିନ ପୂର୍ବରୁ । କିନ୍ତୁ ତା’ର ଜନ୍ମଦିନରେ ଯେତେବେଳେ ସେ ମୋ ପାଖକୁ ଆସିଲା, ଦେଖିଲି ତା’ର ଅନ୍ତରର ଶକ୍ତି ସାମର୍ଥ୍ୟ ଓ ବିଶ୍ୱାସଟି ଦୋହଲି ଯାଇଛି । ଫଳରେ ଏଇ ସାଂଘାତିକ ଆକ୍ରମଣ । ତୁମେ ତାକୁ କହିବ ଯେ ତାକୁ ୨୪ ତାରିଖ ଦର୍ଶନକୁ ଆସିବାକୁ ହେବ, ମୁଁ ତାକୁ ଦେଖିବାକୁ ଚାହେଁ । ତା’ର ମନର ସମସ୍ତ ବଳ, ଶକ୍ତି ସାମର୍ଥ୍ୟକୁ ଏକତ୍ର କରି ଯେମିତି ଶକ୍ତ ହୋଇ ଧରି ରଖେ ।’

‘‘ସଙ୍କୋଚ ସହକାରେ ଶ୍ରୀମାଙ୍କୁ କହିଲି, ‘କିନ୍ତୁ ତାଙ୍କର ଯେଉଁ ଅବସ୍ଥା ଦେଖି ଆସିଲି, ମୋର ସନ୍ଦେହ ହୁଏ, ଇଏ ଆଉ କିଛି ଦିନ ରହିପାରିବେ କି ନାହିଁ ।’

''ଶ୍ରୀମା ମୁହୂର୍ତ୍ତକ ସକାଶେ ଭାବିଲେ । ତା'ପରେ କହିଲେ, 'ଆଚ୍ଛା, ଡାକ୍ତର 'କ'ଙ୍କୁ ଦେଖାଇ ହେବନି ?' ମୁଁ କହିଲି, 'ହଁ, ଦେଖାଇ ହେବ ।... କିନ୍ତୁ ଏବେ ଯଦି ତାଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ ହୁଏ, ତେବେ ଇଞ୍ଜେକ୍ସନ୍ ବ୍ୟତୀତ ଅନ୍ୟ ଗତି ନାହିଁ । ଡାକ୍ତରଙ୍କର ବି ସେଇ ମତ ।'– 'ବେଶ୍, ଦରକାର ହେଲେ ତା' ଦେବ । ମୋ ପକ୍ଷରୁ ତୁମେ ଡାକ୍ତରଙ୍କୁ ସବୁ କଥା କହିବ; ଆଉ ନିଶିକାନ୍ତକୁ କହିବ ସେ ଯେମିତି ଡାକ୍ତରଙ୍କର ବାଧ ହୋଇ ତାଙ୍କର ଚିକିତ୍ସା ଗ୍ରହଣ କରେ । ଆଉ ଏକଥା ବି କହିବାକୁ ଭୁଲିବ ନାହିଁ ଯେ ମୁଁ ତାକୁ ଦର୍ଶନ ଦିନ ଦେଖିବାକୁ ଚାହେଁ ।'...

''ଏବେ ଆମମାନଙ୍କର ସମବେତ ଚେଷ୍ଟା ଚାଲିଲା ରୋଗୀକୁ କୌଣସି ପ୍ରକାରେ ୨୪ ତାରିଖ ପର୍ଯ୍ୟନ୍ତ ଜୀବିତ ରଖିବା ।... ଉନ୍ନତିର କୌଣସି ଦୃଶ୍ୟମାନ ଲକ୍ଷଣର ଆଭାସ ମଧ ନଥିଲା । ସମସ୍ତେ ୨୪ ତାରିଖର ଆଗମନକୁ ଊର୍ଦ୍ଧ୍ୱମୁଖ ହୋଇ ଅନାଇ ରହିଛନ୍ତି ଅଟଳ ସଂକଳ୍ପରେ । କୌଣସି ପ୍ରକାରେ ଆଶା ଛାଡ଼ିଲେ ହେବ ନାହିଁ । ଶ୍ରୀମା କହିଛନ୍ତି ୨୪ ଏପ୍ରିଲ । ଏଇ ହେଲା ଆମର ମନ୍ତ୍ର । ତା'ପରେ ଆମମାନଙ୍କର ଦାୟିତ୍ୱ ଶେଷ, ଶ୍ରୀମାଙ୍କର ଦାୟିତ୍ୱ ଆରମ୍ଭ ।

''କୌଣସି ପ୍ରକାରେ ଦିନ ଗଡ଼ି ଚାଲିଥାଏ – କି ଅବସ୍ଥାରେ ସେଇଟି କହିବା ଅନାବଶ୍ୟକ । ୨୪ ତାରିଖ ଭୋର । କବିଙ୍କୁ ଶୁଭ ତାରିଖଟି ଜଣାଇ ଦିଆଗଲା । ଆମମାନଙ୍କ ହୃଦୟଗୁହାରେ ବି ଭୋରବେଳାର 'ଆଲୋକର ଚରଣଧ୍ୱନି' ବାଜିଲା । ଷ୍ଟ୍ରେଚର୍, ସ୍ୱେଚ୍ଛାସେବୀ ଇତ୍ୟାଦି ଯୋଗାଡ଼ କରିବାର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ଶ୍ରୀମା ଖବର ପଠାଇଲେ, ଦର୍ଶନ ଶେଷରେ ସେ ତଳକୁ ଓହ୍ଲାଇ ଆସିବେ, ମେଡ଼ିଟେସନ୍ ହଲ୍‌ରେ କବିଙ୍କୁ ଦେଖିବାକୁ । ସେତେବେଳେ ଯେମିତି ଆଖପାଖରେ, ଏପରିକି ଅନତି ଦୂରରେ  କୌଣସି ଦର୍ଶକ ନ ରହନ୍ତି ।

''ସାଢ଼େ ଦଶଟା ପାଖାପାଖି କବିଙ୍କୁ ଆଣି ମେଡ଼ିଟେସନ୍ ହଲ୍‌ରେ ଶିଡ଼ିର ସାମନାରେ ତଳେ ରଖାହେଲା । ଅପୂର୍ବ ଶାନ୍ତି ସମଗ୍ର ପରିବେଶରେ ଭରପୂର । ବେଶ୍ ଅନେକ ଦୂରରେ ନୀରବରେ ଆଶ୍ରମବାସୀଗଣ ଅପେକ୍ଷା କରି ରହିଥା'ନ୍ତି ସେହି ଅପୂର୍ବ ପରିବେଶରେ ଅବଗାହନ କରିବାକୁ । ସମସ୍ତେ ଭକ୍ତିପୂତ ହୃଦୟରେ କବିଙ୍କ ସକାଶେ ନୀରବ ପ୍ରାର୍ଥନାରେ ନିମଗ୍ନ ।

''ଦର୍ଶନ ଶେଷ ହେବା ପରେ* ଶ୍ରୀମା ଆସ୍ତେ ଆସ୍ତେ ଓହ୍ଲାଇ ଆସିଲେ । ତାଙ୍କ ପଶ୍ଚାତରେ ପ୍ରଣବ, ଚମ୍ପକଲାଲ ପ୍ରମୁଖ ଦୁଇ, ତିନି ଜଣ ସାଧକ । ରୋଗୀଙ୍କୁ ଡାକି ଜାଗ୍ରତ୍ କରାହେଲା ଏବଂ ଷ୍ଟ୍ରେଚର୍‌ଟିକୁ ଆଣ୍ଠୁ-ଉଚ୍ଚା ପର୍ଯ୍ୟନ୍ତ ଉଠାଇ ଧରାହେଲା, ଯଦ୍ଦ୍ୱାରା ମା ତାଙ୍କୁ ସ୍ପର୍ଶକରି ଆଶୀର୍ବାଦ କରିପାରନ୍ତି । ନିଶିକାନ୍ତ ତାଙ୍କର ଦୁର୍ବଳ ହାତଟି ବଢ଼ାଇ ଦେଲେ । ତତ୍‌କ୍ଷଣାତ୍ ଶ୍ରୀମା ତାଙ୍କର ଦୁଇ ଅଭୟ ହସ୍ତର ମଝିରେ ସେଇ ପ୍ରସାରିତ ହାତ ଦୁଇଟିକୁ ପାଖକୁ ଟାଣି ନେଲେ ଏବଂ କବିଙ୍କର ଆଖିରେ ଆଖି ମିଳାଇ କେବଳ ମନ୍ଦମଧୁର ହସ ହସିଲେ, ନୀରବରେ । ସତେଯେମିତି ସର୍ବଜୟୀ, ସର୍ବବ୍ୟାଧିର ଅବ୍ୟର୍ଥ ଔଷଧି ସେଇ ହସ ମୃତ୍ୟୁକୁ ଜୟ କରିପାରେ । ପରେ କବିଙ୍କର କପାଳରେ ଆସ୍ତେ ଆସ୍ତେ ହାତ ବୁଲାଇ ତାଙ୍କର ସମସ୍ତ ଲିଖିତ କପାଳ-ଲିଖନ ଲିଭାଇ ଦେଲେ, ହଠାତ୍ ନିଶିକାନ୍ତ ଭଙ୍ଗା ଭଙ୍ଗା ଇଂରାଜୀରେ କହିଉଠିଲେ, 'Mother, your Feet here.' (ବକ୍ଷସ୍ଥଳ ଦେଖାଇ ଦେଲେ) । ତତ୍‌କ୍ଷଣାତ୍ ଷ୍ଟ୍ରେଚର୍‌ଟିକୁ ଧୀରେ ଚଟାଣରେ ରଖାହେଲା । ଶ୍ରୀମା ତାଙ୍କର ଗୋଟିଏ ହାତରେ ଅବଲମ୍ବନ ସ୍ୱରୂପ ପ୍ରଣବଙ୍କୁ ଧରି ତାଙ୍କର ଦକ୍ଷିଣ ଚରଣ ହାସ୍ୟମୁଖରେ ସଯତ୍ନରେ କବିଙ୍କର ବକ୍ଷସ୍ଥଳରେ ରଖିଲେ । କବି ତାଙ୍କର ଦୁଇ ହାତରେ ସେଇ ଶ୍ରୀପାଦପଦ୍ମକୁ ଚାପି ଧରିଲେ । ସ୍ୱତଃ ସ୍ମରଣରେ ଆସିଲା :

"All Nature dumbly calls to her alone
To heal with her feet the aching throb of life"

(Savitri, p. 314)

''କୌଣସି କଥା ନାହିଁ, ନାହିଁ କୌଣସି ଶବ୍ଦ; ଚତୁର୍ଦ୍ଦିଗ ବିସ୍ମୟ ଓ ଆନନ୍ଦଘନ ସ୍ପନ୍ଦନରେ ସ୍ତବ୍ଧ । ମୃତ୍ୟୁ ସହିତ ଅମୃତର, ହ୍ଲାଦିନୀଶକ୍ତି ସହିତ ଦୁଃଖ ଓ ଜରାର ସଂଗ୍ରାମ । ଧୀରେ ଧୀରେ ଏଇ ଅବିସ୍ମରଣୀୟ ଭାଗବତୀ ଲୀଳାର ଅବସାନ ହେଲା ।

---

* ପ୍ରଣବଙ୍କ ସ୍ମୃତିକଥାରୁ : ''(ଦର୍ଶନ ଶେଷ ହେବା ପରେ) ମା'ଙ୍କ ସହିତ ମୁଁ ମଧ୍ୟାହ୍ନ ଭୋଜନ କରୁଥିଲି ଉପର ମହଲାରେ, ମା'ଙ୍କ କକ୍ଷରେ । ଠିକ୍ ସେହି ସମୟରେ ଖବର ଆସିଲା କବି ନିଶିକାନ୍ତ ଷ୍ଟ୍ରେଚର୍‌ରେ ତଳକୁ ଆସିଛନ୍ତି ... । ମା ତତ୍‌କ୍ଷଣାତ୍ ମୋତେ କହିଲେ, 'ଆସ, ତଳକୁ ଯିବା ଓ ନିଶିକାନ୍ତକୁ ଦେଖିବା ।' ଖାଇବା ବନ୍ଦ କରି ସେ ମୋତେ ଓ ଅନ୍ୟ କେତେକଙ୍କୁ ସାଥିରେ ନେଇ ତଳକୁ ଓହ୍ଲାଇ ଗଲେ । ...'' (Mother India, January 2010, p. 54 - 55)

ଶ୍ରୀମା ପୁଣି ଏଇ ସନ୍ତପ୍ତ ମର୍ତ୍ତ୍ୟ ମାଟିର ପ୍ରାଙ୍ଗଣରୁ ତାଙ୍କର ଊର୍ଦ୍ଧ୍ୱଲୋକକୁ ଆରୋହଣ କଲେ; ଦେଇଗଲେ ତାଙ୍କର ଲୋକୋତ୍ତର ପ୍ରେମ । ଆମେମାନେ ବି କବିଙ୍କୁ ନେଇ ଘରମୁହାଁ ହେଲୁ । ଆସିଥିଲି ବିରାଟ ଆଶା ନେଇ, ଫେରିଗଲି ଧ୍ରୁବ ବିଶ୍ୱାସରେ । ଧନ୍ୟ ନିଶିକାନ୍ତ, ଏକମାତ୍ର ତୁମରହିଁ ବୋଧହୁଏ ସୌଭାଗ୍ୟ ହେଲା ଜଗଦ୍ଧାତ୍ରୀଙ୍କ ପଦପଙ୍କଜକୁ ବକ୍ଷରେ ଧାରଣ କରିବାକୁ । ତୁମର ମନୁଷ୍ୟ ଜନ୍ମ ସାର୍ଥକ ହେଲା ।

''ଉପରଓଳି ଯାଇ ଦେଖିଲି କବିଙ୍କର ସେଇ ଛଟପଟ ଭାବ ଆଉ ନାହିଁ; ମୁଖମଣ୍ଡଳ ଓ ସମଗ୍ର ଶରୀରରେ ଏକ ସ୍ନିଗ୍ଧ ଶାନ୍ତିର ଆଭାସ । ସେ ଆଖି ଖୋଲି ମୋତେ ଅନାଇବାରୁ ମୁଁ ପଚାରିଲି, 'କ'ଣ କବି, କେମିତି ଲାଗୁଛି ?' ଭଙ୍ଗା ଗଳାରେ ରହି ରହି କହିଲେ, 'ଭିତରେ ଯେଉଁ ନରକର ନିଆଁହୁଳା ସଦୃଶ ଗୋଟାଏ ଭୀଷଣ ପ୍ରଦାହ ଥିଲା, ସେଇଟି ଆଉ ନାହିଁ । ଏବେ ସେପାରିକୁ ଗଲେ ବି ଶାନ୍ତିରେ ଯାଇ ପାରିବି ।'

''– ସିଏ କି କଥା ? ଶାନ୍ତିରେ ବା ଅଶାନ୍ତିରେ ଚାଲି ଯିବା ସକାଶେ ଶ୍ରୀମା କ'ଣ ତଳକୁ ଓହ୍ଲାଇ ଆସିଥିଲେ ? ସେସବୁ ମନ୍ଦ କଥା ଛାଡ଼ନ୍ତୁ । ବରଂ କୁହନ୍ତୁ, ମା ଯେତେବେଳେ ଆପଣଙ୍କ ଉପରେ ପାଦ ରଖିଲେ ସେତେବେଳେ କି ଅନୁଭୂତି ହେଲା ?'

''– 'ମନେ ହେଲା ବରଫ ଭଳି ଶୀତଳ ହୋଇଗଲା ଦେହ; ପ୍ରତିଟି କୋଷରେ ଶାନ୍ତିର ସ୍ପର୍ଶ ।'

''– ତା'ହେଲେ ତ ଉତ୍ତମ ! ଶ୍ରୀଅରବିନ୍ଦ କହିଛନ୍ତି, ଯଦି ଏଇ ଧରଣର ଶାନ୍ତି ଶରୀରରେ ଅବତରଣ କରାଯାଏ ତା'ହେଲେ ଏପରି କୌଣସି ବ୍ୟାଧି ନାହିଁ ଯାହା ଆରୋଗ୍ୟ ହୋଇ ନପାରେ । ବଞ୍ଚିଗଲେ ଏ ଯାତ୍ରାରେ । ଗୁରୁଦେବଙ୍କର ଅପାର ମହିମା, ଜୟ ହେଉ ତାଙ୍କର ।

''୧୯୫୯ ମସିହା ମାର୍ଚ୍ଚ ମାସରେ ନିଶିକାନ୍ତ ତାଙ୍କର ଜନ୍ମଦିନରେ ହସି ହସି କହିଲେ, 'ଡାକ୍ତର, ଏଥର ଆଉ ମୃତ୍ୟୁ ଦିନ ନୁହେଁ, କେବଳ ଜନ୍ମଦିନ... ।' ''

[ଏହାପରେ କବି ନିଶିକାନ୍ତ ଅନେକ ବର୍ଷ ବଞ୍ଚିଥିଲେ । ତାଙ୍କ ଜୀବନର ଅନ୍ତିମ ଦିବସ ଥିଲା : ୨୦ମେ, ୧୯୭୩]

('ରଚନା-ବିଚିତ୍ରା', ପୃ. ୧୫୬-୧୭୯)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୨୧)

## ଗୟାଧର ଦାଶ

ଶ୍ରୀମା କହନ୍ତି – ''ଆଉ ଗୋଟିଏ ଗୁଣ ଶିଶୁକୁ ଅତି ପିଲାବେଳୁ ଅଭ୍ୟାସ କରିବାକୁ ହେବ । ତାହା ହେଲା ଅସ୍ୱସ୍ତି ଅନୁଭବ କରିବାର ବୋଧ, ନୈତିକ ଭାରସାମ୍ୟ ହରାଇବାର ବୋଧ । ସେ ଏହା ଅନୁଭବ କରିବ, କାରଣ ଏପରି କାମ ତାକୁ କରିବାକୁ ମନା କରାଯାଇଛି ବୋଲି ନୁହେଁ କି ଦଣ୍ଡ ପାଇବା ଭୟରେ ମଧ୍ୟ ନୁହେଁ; ମାତ୍ର ସ୍ୱତଃସ୍ଫୂର୍ତ୍ତ ଭାବରେ ସେ ଏହା ଅନୁଭବ କରିବ । ଉଦାହରଣସ୍ୱରୂପ – ଯଦି ଗୋଟିଏ ଶିଶୁ ଦୁଷ୍ଟାମି କରି ତା'ର ଖେଳସାଥୀକୁ ଆଘାତ କଲା ଏବଂ ଯଦି ସେ ସ୍ୱାଭାବିକ ଅବସ୍ଥାରେ ବାସ କରୁଥାଏ ତେବେ ସେ ଏକ ପ୍ରକାର ଅସ୍ୱସ୍ତି ଅନୁଭବ କରିବ, ନିଜ ସତ୍ତା ଭିତରେ ଏକ ପ୍ରକାର ଦୁଃଖ ଅନୁଭବ କରିବ । କାରଣ ସେ ଯେଉଁ ଆଚରଣ କରିଛି ତାହା ତା'ର ଆନ୍ତର ସତ୍ୟର ବିପରୀତ । ସମସ୍ତ ପ୍ରକାର ତାଲିମ ବା ନିର୍ଦ୍ଦେଶନା ସତ୍ତ୍ୱେ, ସମସ୍ତ ପ୍ରକାର ଧାରଣା ସତ୍ତ୍ୱେ – ଅନ୍ତର ଭିତରେ ଏପରି କିଛି ରହିଛି ଯାହା ପୂର୍ଣ୍ଣତା ଅନୁଭବ କରେ, ଏକ ଉଚ୍ଚତର ସ୍ଥିତିର ଅନୁଭବ କରେ, ଏକ ସତ୍ୟର ଅନୁଭବ କରେ; ଯେଉଁ ସତ୍ୟ ଦୁର୍ଭାଗ୍ୟବଶତଃ ତା'ର ଗତିବୃତ୍ତି ଦ୍ୱାରା ଖଣ୍ଡିତ ହୋଇଥାଏ । ଯଦି ଶିଶୁଟିଏ ପରିବେଶ ଦ୍ୱାରା କଳୁଷିତ ହୋଇ ନଥାଏ, ଅର୍ଥାତ୍ ଯଦି ଶିଶୁଟି ତା'ର ସ୍ୱାଭାବିକତା ବଜାୟ ରଖିଥାଏ, ଯଦି ସେ ତା'ର ସ୍ୱତଃସ୍ଫୂର୍ତ୍ତ ଅବସ୍ଥା ବଜାୟ ରଖିଥାଏ, ତାକୁ ଯଦି କେହି କିଛି ନ କୁହନ୍ତି, ତେବେ ସେ ଯେତେବେଳେ ତା' ସତ୍ତାର ବିରୋଧାତ୍ମକ କିଛି କରିବ ସେତେବେଳେ ସେ ସ୍ୱାଭାବିକ ଭାବରେ ଏକ ଅସ୍ୱସ୍ତି ଅନୁଭବ କରିବ । ତେଣୁ ତାକୁ ଏହି ଭିତ୍ତିଭୂମି ଉପରେ ଦୃଢ଼ କରିବାକୁ ହେବ, ତା'ପରେ ଅଗ୍ରଗତି ଲାଗି ତା'ର ଉଦ୍ୟମ ... ।''

ଯଥାର୍ଥରେ ଜଣେହିଁ କେବଳ ପଥ ପ୍ରଦର୍ଶକ ଅଛନ୍ତି । ସେ ହେଉଛନ୍ତି ତା'ର ଅନ୍ତରାତ୍ମା । ପିଲାଟି ଯଦି ସେହି ହୃଦୟସ୍ଥିତ ଗୁରୁଙ୍କୁ ଅନୁସରଣ କରେ ତେବେ ସେ ପ୍ରକୃତ ଶିକ୍ଷାଟି ପାଇ ପାରିବ ଏବଂ ତା'ର ପଥ ସୁଗମ ହେବ । ସ୍ୱଭାବ ଅନୁସାରେ ଭଗବାନ୍ କର୍ମ ଦେଇ ଥାଆନ୍ତି । ତେଣୁ ପିଲାର ସ୍ୱଭାବକୁ ଜାଣି ତଦନୁଯାୟୀ କର୍ମଟିଏ ଦେଇ ପାରିଲେ ସେ ଖୁସି ହୋଇ କାମଟି ଆଦରି ନେବ ଏବଂ ସେହି କାର୍ଯ୍ୟ ମାଧ୍ୟମରେ ସେ ଆଗକୁ ବଢ଼ିବ । ଆମର ଶତ ଶତ ଉପଦେଶର କୌଣସି ମୂଲ୍ୟ ରହେନା ଯଦି ସେ ଆନ୍ତର ପ୍ରେରଣା ଅନୁସାରେ କାର୍ଯ୍ୟ କରେ ।

ପିଲାଟି ବଡ଼ ହୋଇ ନିଜର ସ୍ୱଭାବ ଓ ସ୍ୱଧର୍ମାନୁସାରେ ବାଟ ଚାଲିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ଆମେ ତାକୁ ଯାହା ଶିକ୍ଷା ଦେବା କଥା ତାହା ହେଲା :

(୧) ''ପୂର୍ଣ୍ଣ ନିଷ୍ଠାର ଆବଶ୍ୟକତା ।

(୨) ପରିଶେଷରେ ପରମସତ୍ୟରହିଁ ଯେ ବିଜୟ ହେବ, ସେ ବିଷୟରେ ଏକ ନିଶ୍ଚିତତା ।

(୩) ଅଗ୍ରଗତିର ସମ୍ଭାବନା ଓ ଅଗ୍ରଗତି କରିବାର ଇଚ୍ଛା । ଉତ୍ତମ ମିଜାଜ, ସାଧୁତା, ସତ୍ୟନିଷ୍ଠତା, ଧୈର୍ଯ୍ୟ, ସହିଷ୍ଣୁତା, ଅଧ୍ୟବସାୟ, ସମତାବସ୍ଥା, ସାହସ ଓ ପ୍ରସନ୍ନତା ।''

(CWM, Vol. 12, P. 152)

ଆଗାମୀ କାଲିର ନୂତନ ମଣିଷ ପ୍ରକୃତରେ କିପରି ହେବାକୁ ଯାଉଛି, ପୃଥିବୀ ଉପରେ ତା'ର ଏକ ଦୃଷ୍ଟାନ୍ତ ଆମକୁ ଦେଖାଇବାକୁ ପଡ଼ିବ । ଆମେ ଯଦି ଆମର ହୃଦୟରୁ ସମର୍ଥନ ପାଇ ପାରୁଥିବା ତେବେ କାହାରିକୁ ଅପେକ୍ଷା ନକରି ଏକଲା ଆଗେଇ ଯାଇପାରିବା । କାରଣ ଶ୍ରୀମା କହନ୍ତି, ''ହୃଦୟରେ ଅବସ୍ଥିତ ସେହି ପରମ ଦିବ୍ୟ ସାନ୍ନିଧ୍ୟରୁହିଁ ଯଥାର୍ଥ ବଳ ଓ ଯଥାର୍ଥ ସୁରକ୍ଷାଟି ଆସିଥାଏ । ଏହି ସାନ୍ନିଧ୍ୟଟିକୁ ଯଦି ତୁମେ ସର୍ବଦା ନିଜ ମଧ୍ୟରେ ଧରି ରଖିବାକୁ ଇଚ୍ଛା କରୁଥାଅ ତେବେ କଥା, ବ୍ୟବହାର ଓ କର୍ମରେ ତୁମକୁ ଅତ୍ୟନ୍ତ ଯତ୍ନ ସହକାରେ ସକଳ ଅଶିଷ୍ଟତାକୁ ତ୍ୟାଗ କରିବାକୁ ପଡ଼ିବ ।''

(CWM, Vol. 12, P. 155)

ପୁନଶ୍ଚ ଶ୍ରୀମା କହନ୍ତି, ପିଲାମାନଙ୍କୁ ଆମେ ଦୁଇଟି କଥା ଶିଖାଇବାକୁ ପଡ଼ିବ । ତାହା ହେଲା :

(କ) ''ପରିଣାମ ଯାହା ହେବାର ହେଉ ପଛକେ ପିଲାଟି ମିଛକଥା କହିବ ନାହିଁ ।

(ଖ) ନିଜ ଭିତରେ ଥିବା ହିଂସା, ତୀବ୍ର ଲାଳସା ଓ କ୍ରୋଧକୁ ନିୟନ୍ତ୍ରଣରେ ରଖିବ ।

ଯଦି ଏହି ଦୁଇଟି କଥା ସଫଳ ଭାବରେ କରାଯାଇ ପାରିବ, ତେବେ ସେମାନଙ୍କୁ ଅତିମାନବତ୍ୱ ପଥରେ ଅବଶ୍ୟ ପରିଚାଳିତ କରି ନେଇ ହେବ ।

ଗୋଟିଏ ଧାରଣା ରହିଛି ଯେ ସାମାଜିକ ପ୍ରଥା ଓ ବାଧାବନ୍ଧନଗୁଡ଼ିକୁ ଭାଙ୍ଗି ଦେଲେ ଜଣେ ସାଧାରଣ ମଣିଷର ସୀମିତତାରୁ ଆମକୁ ମୁକ୍ତି ମିଳିଯାଏ । ମାତ୍ର ଏଇଟି ଏକ ଭୁଲ୍ ଧାରଣା ।

ଯାହାକୁ ଅତିମାନବତ୍ୱ ବୋଲି କୁହାଯାଏ, ତାକୁ ପ୍ରାପ୍ତ କରିବାକୁ ହେଲେ ସେଇ ଦୁଇଟି କଥାକୁ ଅବଶ୍ୟ ହାସଲ କରିବାକୁ ହେବ । ସେଇ ଦୁଇଟି କଥା ହେଉଛି : କେବେହେଲେ ମିଛ କଥା କହିବ ନାହିଁ ଏବଂ ନିଜକୁ ନିୟନ୍ତ୍ରଣାଧୀନ କରି ରଖିବ ।

ଭଗବାନଙ୍କ ପ୍ରତି ସର୍ବଶେଷ ସର୍ତ୍ତ ହେଲା ପରିପୂର୍ଣ୍ଣ ଭକ୍ତି, କିନ୍ତୁ ଏହି ଦୁଇଟିକୁ ସର୍ବପ୍ରଥମେ ହାସଲ କରିବାକୁ ହେବ ।''

(CWM, Vol. 12, P. 155-156)

ବାଲ୍ୟକାଳହିଁ ଭବିଷ୍ୟତର ପ୍ରତୀକ । ଆଜିର ଶିଶୁ କାଲିର ମାନବ । ଆଜିର ମାନବ କାଲିର ଅତିମାନବ । ପିଲାଟି ସତତ ଅଗ୍ରଗତି କରୁ ଏବଂ ଆମ ଭିତରେ ଥିବା ଦିବ୍ୟ ଶିଶୁଟି ମଧ୍ୟ ଅଗ୍ରଗତି କରୁ ବୋଲି ଚାହିଁବା । ବୃଦ୍ଧ ନହେବାର ସର୍ବୋତ୍ତମ ଉପାୟ ହେଉଛି ଅଗ୍ରଗତିକୁ ଜୀବନର ଲକ୍ଷ୍ୟ ରୂପେ ସ୍ୱୀକାର କରି ନେବା । ପ୍ରତ୍ୟେକ ମୁହୂର୍ତ୍ତରେ ଏକ ନୂତନ ଜୀବନ ବଞ୍ଚିବାର ପ୍ରୟାସ ରଖିଲେ ଆମେ ଚିରନ୍ତନ ଯୌବନର ଅଧିକାରୀ ହୋଇ ପାରିବା । ପ୍ରଥମେ ମଣିଷ ପରି ମଣିଷଟିଏ ହେବାକୁ ଚେଷ୍ଟା କରିବା ଏବଂ ଆମର ପିଲାଟି ମଧ୍ୟ ସଚ୍ଚା ମଣିଷଟିଏ ହେଉ ବୋଲି ସଦିଚ୍ଛା ରଖିବା । ଏଥିପାଇଁ ଆମେ ଏକ ଉଚ୍ଚତର ଓ ସତ୍ୟତର ଜୀବନ ବଞ୍ଚିବାର ଅଭୀପ୍ସା ରଖିବା ଏବଂ ରୂପାନ୍ତର ଲାଗି ଆବଶ୍ୟକ ଶୃଙ୍ଖଳାଟିକୁ ମଧ୍ୟ ଗ୍ରହଣ କରିବା । ଆମେ ଯଦି ଆଗାମୀ କାଲିର ଅତିମାନବର ମାତାପିତା ହେବାକୁ ଅଭୀପ୍ସା ରଖିବା, ତେବେ ଆମ ଭିତରେ ଥିବା ସେହି ଅତିମାନବଟି ପ୍ରଥମେ ପ୍ରକଟ ହେଉ ବୋଲି ଦୃଢ଼ ଇଚ୍ଛା ପୋଷଣ କରିବା । ଆମ ପାଇଁ ପିଲାଟି ତା' ଜୀବନରେ ହଟହଟା ନହେଉ, ଠକି ନଯାଉ, ସେଥିପ୍ରତି ସତର୍କତା ଅବଲମ୍ବନ କରିବା । ଆମେ ପିଲାର ସହସ୍ରାଧିକ ଭୁଲ୍ ପଛେ ମାଫ୍ କରି ଦେବା; କିନ୍ତୁ ସେ ଆମର ଗୋଟିଏ ଭୁଲ୍ ପାଇଁ ଆମକୁ ଦୋଷୀ ସାବ୍ୟସ୍ତ ନକରୁ, ତାହା ଆମେ ଚାହିଁବା ।

ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଆତ୍ମଶିକ୍ଷା ଏବଂ ଏହି ଶିକ୍ଷା ପାଇଁ ନିରନ୍ତର ସଂଗ୍ରାମ କରିବାକୁ ହେବ । ସୁଡ଼ଙ୍ଗର ଶେଷରେ ଅଛି ଆଲୋକ ଏବଂ ସଂଗ୍ରାମର ଶେଷରେ ଅଛି ବିଜୟ । ସତ୍ୟର ବିଜୟ ସୁନିଶ୍ଚିତ । ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଏକ ଜୀବନ-ଶିକ୍ଷା ରୂପେ ଆଦରି ନେବାକୁ ପଡ଼ିବ । ଆଗେଇବାରେହିଁ ଜୀବନର ସତ୍ୟ ନିହିତ । ଜୀବନରେ ଆମେ ଯେତେ ଆଗେଇବା, ଆମର ସ୍ୱପ୍ନଗୁଡ଼ିକ ସେତେ ବାସ୍ତବତାରେ ପରିଣତ ହେବ । ନିଜକୁ ଶିକ୍ଷା ଦେବା ସହିତ ଆମର ପିଲାମାନଙ୍କୁ କିଛି ଶିଖାଇ ପାରିବା ବୋଲି ଆତ୍ମ ବିଶ୍ୱାସ ଓ ସାମର୍ଥ୍ୟ ଆମ ପାଖରେ ଥିବା ପର୍ଯ୍ୟନ୍ତ ଆମେ ଏହି ସଂଗ୍ରାମରେ କେବେ ବି ହାରି ଯିବା ନାହିଁ ।

ଭଗବାନ୍ ଆମଠାରୁ କ'ଣ ଚାହାଁନ୍ତି । ଶ୍ରୀମା'ଙ୍କ ଭାଷାରେ :

"Be simple,
Be happy,
Remain quiet,
Do your work as well as you can,
Keep yourself always open
towards me –
This is all that is asked from you."

(CWM, Vol. 13, P. 77)

''ସରଳ ହୁଅ,
ଖୁସି ହୁଅ,
ନୀରବ ରୁହ,
ଯେତେ ପାର ସେତେ ଭଲ ଭାବରେ
ତୁମର କାର୍ଯ୍ୟ କରିଚାଲ ।
ସର୍ବଦା ମୋ ଆଡ଼କୁ ନିଜକୁ ଖୋଲି ଧର –
ଏହାହିଁ ତୁମଠାରୁ ଆଶା କରାଯାଏ ।''

ଦିବ୍ୟଜନନୀଙ୍କଠାରେ ଆମେ ଏତିକି ପ୍ରାର୍ଥନା କରିବା ଯେ ହେ ମଧୁମୟି ଜନନି : ମୁଁ ତ ନିଜେ ଅଜ୍ଞ, ବାଟ ଚାଲିବା ଶିଖି ନାହିଁ । ମୋ' ଭିତରେ ନାନା ଅଜ୍ଞାନତା, ଅସାମର୍ଥ୍ୟ ଓ ଅପୂର୍ଣ୍ଣତା ଭରି ରହିଛି । ମୋତେ ପୁଣି ମାତାପିତା ଭୂମିକାରେ ଏତେ ବଡ଼ ଦାୟିତ୍ୱ ଦେଇଛ । ସେଥିପାଇଁ ମୁଁ ତୁମଠାରେ କୃତଜ୍ଞ । ତୁମେ ଦେଇଥିବା ଦାୟିତ୍ୱକୁ ନିର୍ବାହ କରିବାରେ ମୋତେ ଯୋଗ୍ୟ କର । ମୋ' ଭିତରେ ତୁମର ଆଲୋକ ଜାଳି ଦିଅ, ତୁମର ଶକ୍ତି ଓ ଜ୍ଞାନ ଭରି ଦିଅ, ଯଦ୍ୱାରା ମୁଁ ନିଜେ ତୁମରି

ଆଲୋକରେ ବାଟ ଚାଲିବା ସହ ଅନ୍ୟମାନଙ୍କୁ ବାଟ ଚାଲିବାରେ ସାହାଯ୍ୟ କରି ପାରିବି । ଏକଥା ମଧ୍ୟ ଆମକୁ ମନେ ରଖିବାକୁ ହେବ ଯେ ଦିବ୍ୟଜନନୀ ଆମକୁ ସର୍ବଦା ଦେଖୁଛନ୍ତି, ଆମର ପାଖେ ପାଖେ ରହି ଆମର ଯାତ୍ରା ପଥରେ ସର୍ବଦା ତାଙ୍କର ପ୍ରେମ ଓ ଆଶୀର୍ବାଦ ଢାଳି ଦେଉଛନ୍ତି । ଏପରି ଏକ ଗଭୀର ବିଶ୍ୱାସ ଓ ଆସ୍ଥା ନେଇ, ଦୃଢ଼ତାର ସହ ଜୀବନପଥରେ ଆଗେଇ ଗଲେ ଆମେ ଆଦର୍ଶ ମାତାପିତା ହେବାର ଗୌରବ ଅର୍ଜନ କରି ପାରିବା ।

(ସମାପ୍ତ)

❑❑❑

# ଅଭିସାର

## ମଦନ ମୋହନ ପ୍ରଧାନ

ପ୍ରଥମ ଇଙ୍ଗିତରେ ଭରି ରହିଥିଲା ସାଗରର ଦୃଷ୍ଟିପଥ ।
ସହସ୍ର ଯୋଜନ ପର୍ଯ୍ୟନ୍ତ ଘୂରି ବୁଲୁଥିଲା ଚକ୍ଷୁ
ମୃତ ଅମୃତର ଗହନ ରାଜ୍ୟମାନଙ୍କରେ ।
ସେଇ ଇଙ୍ଗିତର ମୃଣ୍ମୟ ସୌନ୍ଦର୍ଯ୍ୟ ଧରା ଦେଉ ନଥିଲା ।
ହୃଦୟର ଅନ୍ତରତମ ଗୁହାରେ ଲାଗି ରହିଥିଲା
ଉଦ୍‌ବେଳନର ଅଦ୍ଭୁତ ତରଙ୍ଗ ।
ଥିଲା ହୃଦୟରେ ଆବେଦନ ଓ ହୃତପିଣ୍ଡରେ ଅସ୍ଥିରତା ।
ପାତାଳରୁ ଆକାଶ ପର୍ଯ୍ୟନ୍ତ ଏକ ଅହେତୁକ
ପଥରେ ଯାତ୍ରା କରିବାକୁ ଲାଗିଲି ।
ନୀରବତାର ନିନାଦ ଭିତରେ ଚିତ୍କାର କରୁଥିଲି,
'କେଉଁଠି ସେ ରହସ୍ୟମୟୀ !'

ଏକ ଆଭାସ ମିଳୁଥିଲା, କ୍ଷୀଣ ପ୍ରତିଧ୍ୱନିର ଅନ୍ତରାଳରେ,
''ମୁଁ ନିକଟରେ ଅଛି, ବହୁତ ନିକଟରେ,
ଚକ୍ଷୁ ଉନ୍ମୀଳନ କର, ତୁମ ପାଖରେ ଛିଡ଼ା ହୋଇଛି
ଫେରି ଆସ ନଭମଣ୍ଡଳରୁ, ଫେରି ଆସ ଜଳଧିରୁ,
ଫେରି ଆସ ପାତାଳପୁରରୁ,
ତୁମ ମର୍ତ୍ତ୍ୟଭୂମିରେ ମୁଁ ଛିଡ଼ା ହୋଇଛି ।
ଉନ୍ମୀଳନ କର ଚକ୍ଷୁ,
ଅବଲୋକନ କର ମୋ ସୌନ୍ଦର୍ଯ୍ୟ,
ଜ୍ୟୋତିର୍ମୟ ହେଉ ମୁଖମଣ୍ଡଳ,
ଭରି ରହୁ ପ୍ରେମର ଆଲିଙ୍ଗନ ।
ଏଇଠି ମୁଁ ଅପେକ୍ଷା କରିଛି ଅଭିସାର ପାଇଁ ।
ଫେରିଆସ,
କାଳ କାଳର ଅପେକ୍ଷା ଆଉ ଅପେକ୍ଷା ହୋଇ ନରହୁ ।''

ମୁଁ ସଂସାରକୁ ନେଇ ହନ୍ତସନ୍ତ ହେଉଥିଲି,
କୋଳାହଳ ଆଉ ଦ୍ୱନ୍ଦ୍ୱର ଭୂମିରେ
ଆଜି ଏକଥା ଓ କାଲି ସେକଥା !
ସ୍ୱପ୍ନର କଣ୍ଢେଇମାନେ ଦୃଷ୍ଟିପଥରେ
ଗୋଡ଼ ଲମ୍ବାଇ ବସି ରହୁଥିଲେ,
ଅନେକ ଗପ ଶୁଣାଉ ଥିଲେ ।
ସତେ ଯେପରି ଇନ୍ଦ୍ରଜାଲ ବିଛାଇ
ମୋ ସମ୍ମତିକୁ ଅପେକ୍ଷା କରୁଥିଲେ ।

ଅଭିସାର ସମୟ ଆସି ଯାଇଛି ।
ଏକ ନାଟକୀୟ ମୋଡ଼ରେ ମୁଁ ଉପନୀତ ।
ମଥା ଘୂର୍ଣ୍ଣାୟମାନ ଥିଲା – ଅଭିସାରର ଆହ୍ୱାନ
ଆଉ ପଥଭ୍ରଷ୍ଟର ଶକ୍ତି ସକଳଙ୍କ ମଧ୍ୟରେ ।

ଅଭିସାର ଆଗରେ ସବୁକିଛି ଓହଳି ପଡ଼ିବାକୁ ଲାଗିଲେ ।
ବାତୁଳତାର ପସରା ଅପସରି ଗଲା ।
ଫେରିଆସ,
ଶାନ୍ତ ପ୍ରଶାନ୍ତର ରାଜ୍ୟ ଭିତରେ ପ୍ରବେଶ କଲି ।
ଭବିଷ୍ୟତର ଆହ୍ୱାନରେ ବାଜୁଥିବା
ମୃଦଙ୍ଗର ସୁରଧୁନୀରେ ଅବଗାହନ କଲି ।

ଅଭିସାରର ଆଲୋକମୟ ବେଦୀଟି ଝଲସୁ ଥିଲା ।
ଅପେକ୍ଷା କଲି ସେଇ ଅପୂର୍ବ ଶୁଭ ମୁହୂର୍ତ୍ତକୁ ।
ଦୃଶ୍ୟ ଅଦୃଶ୍ୟ ସବୁକିଛି ଏକାକାର ହେବାକୁ ଲାଗିଲେ ।
ଅପେକ୍ଷା କଲି ଅତୀନ୍ଦ୍ରିୟ ମୁହୂର୍ତ୍ତର ଆଗମନକୁ । ❑

## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୫) :

# ନବଜୀବନ ଶିକ୍ଷା ସଂସଦ

### ପ୍ରସାଦ ତ୍ରିପାଠୀ

ଶ୍ରୀଅରବିନ୍ଦ ପାଠଚକ୍ର ମା'ଙ୍କର ପ୍ରେରଣାରେ ପୂଜ୍ୟ ବାବାଜି ମହାରାଜ ଏବଂ ଅଧ୍ୟାପକ ପ୍ରପତ୍ତିଙ୍କର ମାନସ ପ୍ରସୂତ ଆଧ୍ୟାତ୍ମିକ ଅନୁଷ୍ଠାନ । ପୁଣି ସେଇମାନଙ୍କର ଅନ୍ତର ପ୍ରେରଣାରୁହିଁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୃଷ୍ଟି । ତେଣୁ କହିବା ବାହୁଲ୍ୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉ ଅଥବା ପାଠଚକ୍ର – ସେତେବେଳେ ସବୁରି ମୂଳରେ ପୂଜ୍ୟ ମହାରାଜଜି କିଂବା ପ୍ରପତ୍ତିଙ୍କର ଉତ୍ସାହରେହିଁ କାର୍ଯ୍ୟ ହେଉଥିଲା ।

ଯେତେବେଳେ ଅନେକ ସଂଖ୍ୟାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସବୁ ଖୋଲିଲା, ଅନେକ କର୍ମୀ ଦରକାର ପଡ଼ିଲେ – ପ୍ରପତ୍ତିଙ୍କ ନିକଟକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମାତୃଭକ୍ତମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରି ଆସିଲେ । ପ୍ରପତ୍ତି ସେମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ଶିକ୍ଷାକେନ୍ଦ୍ରକୁ ସେମାନଙ୍କୁ ପଠାଇଲେ । ସେଥିରୁ କେତେଜଣ ଭଲ ଭାବରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ବୁଝି କରି ଆସିଥା'ନ୍ତି, ମାତ୍ର ଆଉ କେତେଜଣ କିଛି ନଜାଣି ମଧ୍ୟ ଆସନ୍ତି । ପ୍ରପତ୍ତି ସେମାନଙ୍କୁ ପ୍ରଥମେ ପଚାରନ୍ତି ତୁମ ଗ୍ରାମରେ ପାଠଚକ୍ର କିଂବା ଛାତ୍ର ସମାଜ ଅଛି କି ? ତୁମେ ସେଠାକୁ ଯାଅ କି ? ତା'ର କାରଣ ହେଲା – ଶିକ୍ଷକତା କରିବାରେ ଏହାହିଁ ସହାୟକ ହେବ । ସବୁକିଛି ଶ୍ରୀମାଶ୍ରୀଅରବିନ୍ଦଙ୍କ ଧାରାରେ କରିବା ପାଇଁ ଆମର ସ୍ୱତନ୍ତ୍ର ଭାବରେ କିଛି ପ୍ରଶିକ୍ଷଣ କିଂବା ଯୋଗ୍ୟତା ନାହିଁ, କେବଳ ସେମାନଙ୍କୁ ଭଲ ପାଇଥିଲେହିଁ ସେଥିପାଇଁ ବାଟ ଜାଣି ହେବ । ସେତେବେଳେ ଶ୍ରୀଅରବିନ୍ଦଙ୍କର ଗୋଟିଏ ବାଣୀକୁ ପ୍ରାୟ ସମସ୍ତଙ୍କୁ ଦିଆଯାଉଥିଲା । ମୁଁ ଶ୍ରୀଅରବିନ୍ଦଙ୍କର ଏଇ ବାଣୀଟି ପ୍ରଥମେ ପାଇଥିଲି ଏବଂ ମୁଖସ୍ଥ କରିଥିଲି । ଏଇ ବାଣୀଟି ଆଶ୍ରମର ଡାଇନିଂ ହଲ୍‌ରେ ମଧ୍ୟ ଲେଖାଯାଇଛି : "Love The Mother. Always behave as if the Mother was looking at you, because she is, indeed, always present."

(CWM, Vol. 13, P. 73)

ଏହି ବାଣୀଟି ସମସ୍ତଙ୍କର କଣ୍ଠସ୍ଥ ଥିଲା । ସର୍ବଦା ଏପରି ବ୍ୟବହାର କର ଯେପରିକି ମା ସବୁବେଳେ ତୁମକୁ ଚାହିଁଛନ୍ତି, କାରଣ ସେ ବାସ୍ତବରେ ସବୁ ସମୟରେ ଉପସ୍ଥିତ ଅଛନ୍ତି । ଏତିକି ମନେ ପଡ଼ିଗଲେ ଅନେକ ଅନାବଶ୍ୟକ କାର୍ଯ୍ୟ କିଂବା କଥା କମିଗଲା । ଦୁଇଜଣ ଅଯଥାରେ ଗପୁ ଥିଲେ ତୃତୀୟ ବ୍ୟକ୍ତି ତାଙ୍କୁ ଏଇ ବାଣୀଟି ଶୁଣାଇ ସ୍ମରଣ କରାଇ ଦେଲେ ସେମାନେ ସତର୍କ ହୋଇ ଯାଉଥିଲେ ଯେ ବାସ୍ତବରେ ମା'ଙ୍କ ଉପସ୍ଥିତିରେ ଆମେ ଏପରି କରୁଛୁ ?

ପ୍ରପତ୍ତି ମହାଶୟ ଓଡ଼ିଶାକୁ ବରାବର ଆସିବା ଉତ୍ତାରୁ ଓଡ଼ିଶାରେ କାର୍ଯ୍ୟକ୍ରମର ଧାରା ବଢ଼ିବାକୁ ଲାଗିଲା । ପ୍ରପତ୍ତିଙ୍କ ଉପସ୍ଥିତିର ସୁଯୋଗ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂଆ ନୂଆ କେନ୍ଦ୍ରମାନ ଖୋଲିବାକୁ ଆରମ୍ଭ କଲା । କଟକର ପେଟିନ୍ ସାହିରେ ଡାକ୍ତର ସୁଧାକର ଆଚାର୍ଯ୍ୟଙ୍କ ବାସଭବନରେ ଚାଲୁଥାଏ ଶ୍ରୀଅରବିନ୍ଦ ଜ୍ଞାନମନ୍ଦିର । ପ୍ରପତ୍ତି କଟକ ଆସିଲେ ନିଶ୍ଚୟ ଡାଃ. ଆଚାର୍ଯ୍ୟଙ୍କ ଘରକୁ ଫୋନ୍ କରିବେ ଏବଂ ଥରେ ନିଶ୍ଚୟ ତାଙ୍କ ନିକଟକୁ ଯିବେ । ଉଭୟଙ୍କର ବନ୍ଧୁତା ଅତ୍ୟନ୍ତ ନିବିଡ଼ । ସୁଧାକର ବାବୁ ପ୍ରପତ୍ତିଙ୍କୁ ତାଙ୍କର ପିଲାଦିନର ନାମରେ କାଙ୍ଗାଳି ବାବୁ ଡାକନ୍ତି । ଥରେ ଉଭୟ ଏକାଠି କଥା ହେଉ ହେଉ ସୁଧାକର ବାବୁ ଟିକେ ଚିଡ଼ିଯାଇ କହିଲେ, ''କାଙ୍ଗାଳି ବାବୁ – ଆପଣ ଆଗେ ମଣିଷ ଗଢ଼ନ୍ତୁ, ତା'ପରେ ଅନୁଷ୍ଠାନ ଗଢ଼ିବେ । ମଣିଷ ନାହାନ୍ତି, କେବଳ ଗୁଡ଼ାଏ ଅନୁଷ୍ଠାନ ଗଢ଼ି ଦେଉଛନ୍ତି, ସେସବୁ ରହିବ କେମିତି ?'' ପ୍ରପତ୍ତି ହସି ହସି କହିଲେ, ''ସୁଧାକର ବାବୁ, ମଣିଷ ଗଢ଼ା ହୋଇଗଲେ ଆଉ ଅନୁଷ୍ଠାନ ଦରକାର ନାହିଁ, କାରଣ ଅନୁଷ୍ଠାନ ଗଢ଼ା ହେଉଛି କେବଳ ମନୁଷ୍ୟ ତିଆରି କରିବା ପାଇଁ । ଜଣେ ନିଜେ ଅନୁଷ୍ଠାନରେ କାର୍ଯ୍ୟ କଲେହିଁ ନିଜର ଭୁଲ୍‌ତ୍ରୁଟି ସମ୍ବନ୍ଧରେ ସଚେତନ ହେବ ଏବଂ ଯାହା ଆବଶ୍ୟକ ତାହାହିଁ କରିବ । ଯେତେଦିନ ଯାଏ ନିଜର ଅହଂ ଏବଂ ସ୍ୱାର୍ଥ ସମ୍ପର୍କରେ ସେ ସଚେତନ ହୋଇ ନାହିଁ ସେପର୍ଯ୍ୟନ୍ତ ସେ କଷ୍ଟ ପାଇ ଚାଲିଥିବ । ଥରେ ଯଦି ନିଜର ସ୍ୱାର୍ଥ ଏବଂ ଅହଂ ସମ୍ପର୍କରେ ଜଣେ ସଚେତ ହୋଇପାରିବ ତେବେ ତା'ର ସାଧନାରେ ଅଗ୍ରଗତି କରିପାରିବ । କୌଣସି ଅନୁଷ୍ଠାନରେ କାର୍ଯ୍ୟ ନକରିବା ପର୍ଯ୍ୟନ୍ତ ଏକଥା ସମ୍ଭବ ହେବ ନାହିଁ ।''

ଓଡ଼ିଶାରେ ପାଠଚକ୍ର ପରେ ଛାତ୍ର ସମାଜ, ଯୁବ ସମାଜ, ମହିଳା ପାଠଚକ୍ର ଇତ୍ୟାଦି ଅନେକ ସଂଖ୍ୟାରେ ଖୋଲିବା ପରେହିଁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିଥିଲା । ଏହା ମଧ୍ୟରେ ବାବାଜି ମହାରାଜ ଏବଂ ପ୍ରପତ୍ତିଙ୍କ ପ୍ରେରଣା ତଥା ଶ୍ରୀମା'ଙ୍କ ଅପାର କୃପାରୁ ସାଧନାଳୟ ମଧ୍ୟ କେତୋଟି ଆରମ୍ଭ ହେଲା । ପ୍ରଥମଟି କଟକ ଜିଲ୍ଲା ଡାଲିଯୋଡ଼ାଠାରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର । ଓଡ଼ିଶାର ପ୍ରଥମ ମହିଳା ଡାକ୍ତର ତଥା ମାତୃପ୍ରେମୀ ଡଃ. ଜ୍ୟୋତ୍ସ୍ନା ଦେଈ ଏବଂ ଡଃ. ବୀଣାଦେଈ ସେମାନଙ୍କର ପୈତୃକ ସମ୍ପତ୍ତି ଡାଲିଯୋଡ଼ା ଶ୍ରୀକ୍ଷେତ୍ର ଫାର୍ମକୁ ନବଜ୍ୟୋତି କାର୍ଯ୍ୟାଳୟକୁ ଦେଇ ଦେବାକୁ ଚାହିଁଲେ । ମାତ୍ର ପ୍ରପତ୍ତି ତାକୁ ଆଶ୍ରମକୁ ନଦେଇ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ ଭାବରେ ଗଢ଼ିବା ନିମନ୍ତେ ପ୍ରସ୍ତାବ ଦେଲେ । ବାବାଜି ମହାରାଜଙ୍କ ପରାମର୍ଶରେ ସେଠାରେ ୨୦୦ ଏକର ଜମିରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଆରମ୍ଭ କରାଗଲା । ପ୍ରଥମ କରି କାର୍ଯ୍ୟ ଆରମ୍ଭ କରିବା ଉତ୍ତାରୁ ଅନେକ ବାଧା ଓ ଅସୁବିଧା ଆସିଲା, ମାତ୍ର ପରେ ଧୀରେ ଧୀରେ ଗୋଟିଏ କରି ଗୋଟିଏ ବାଧା ଦୂର ହୋଇ ବର୍ତ୍ତମାନ ଅନେକ ଅଗ୍ରଗତି କରି ଚାଲିଛି । ସେଠାରେ ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟ ଆରମ୍ଭ ହେଲା । ୧୯୭୮ ମସିହାରେ ପରମପ୍ରଭୁଙ୍କ ଦେହାବଶେଷ ସ୍ଥାପନ କରାଗଲା – ଧୀରେ ଧୀରେ ଧାନକଳ, ବିକ୍ରୟ କେନ୍ଦ୍ର, ଫଳ ବଗିଚା, ଟ୍ରାକ୍ଟର, ଧୂପ ତିଆରି, ଗୋଶାଳା, ପରିବା ଉତ୍ପାଦନ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଆରମ୍ଭ ହେଲା । କ୍ରମଶଃ ଏହା ଆତ୍ମ-ନିର୍ଭରଶୀଳ (Self sufficient) ହୋଇ ନିଜର ଅଭିବୃଦ୍ଧିରେ ଅଗ୍ରସର ହେଲା । ଏଇଠାରେ କାର୍ଯ୍ୟ କରୁଥିବା ଅନେକ ସାଧକ ବର୍ତ୍ତମାନ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ସାଧନାରତ ଅଛନ୍ତି ।

ଡାଲିଯୋଡ଼ା ପରେ ପରେ ଉଦୀୟମାନ ମାତୃକ୍ଷେତ୍ର ସମ୍ବଲପୁରର ଦେବଗଡ଼ ନୂଆପଲ୍ଲୀଠାରେ ଏବଂ ସ୍ୱର୍ଣ୍ଣସେତୁ ସୁବର୍ଣ୍ଣପୁରର ଚଢ଼େଇଗୁଡ଼ିଠାରେ ଆରମ୍ଭ ହୋଇଛି । ସେଠାରେ କ୍ଷୁଦ୍ର ଆକାରରେ ହେଲେ ମଧ୍ୟ ସାଧନାଳୟ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହାରି ମଧ୍ୟରେ ଅନୁଭବ ହେଲା ଯେ କେବଳ ଆଶ୍ରମ କରି ସେଠାରେ ସାଧନାଳୟ କରାଯିବ ନା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକୁ ମଧ୍ୟ ସାଧନାଳୟରେ ପରିଣତ କରା ହେବ ? ପ୍ରପତ୍ତି ପୁଣି ଆରମ୍ଭ କଲେ ନୂଆ କାର୍ଯ୍ୟକ୍ରମ । କର୍ମବୀର । ମୁହୂର୍ତ୍ତେ ବିଶ୍ରାମ ନେବେନି । କୌଣସି ଧାରଣା ଅତୀତ ହେବା ପର୍ଯ୍ୟନ୍ତ ସେ ବରଦାସ୍ତ କରିବେ ନାହିଁ । ସବୁବେଳେ ସବୁ ସମୟରେ କିଛି ନୂଆ ନୂଆ କାର୍ଯ୍ୟକ୍ରମ କରିବା ପାଇଁ ଚିନ୍ତା କଲେ । କଟକ ଗୋପୀନାଥପୁରରେ ତିନି ଜଣ ବାଳିକା ସୁଲୋଚନା, ଅନ୍ନପୂର୍ଣ୍ଣା ଏବଂ ଅଞ୍ଜଳିଙ୍କୁ ନେଇ ଆରମ୍ଭ ହେଲା ପ୍ରଥମ ଛାତ୍ରାବାସ । ପରେ ପରେ ମାର୍କୋଣା, ଗନାଇଲୋ, ବାରଦା, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଖଲ୍ଲିକୋଟ, ଖରିଦଛକ, କାଛିଭଉଁରୀ, ରଘୁନାଥପୁର (ସୋର), ମାତୃବିହାର (ଭେଡ଼େନ୍), କାଳୁପଡ଼ାଘାଟ ଇତ୍ୟାଦି ଅନେକ ସ୍ଥାନରେ ଛାତ୍ରାବାସ ଏବଂ ତତ୍ ସହିତ ସାଧନାଳୟ ମଧ୍ୟ ଖୋଲିଗଲା । ସମସ୍ତେ ନିଜ ନିଜ ଘରେ ଶ୍ରୀମା'ଙ୍କୁ ଆରାଧନା କରୁଥିଲେ, ପାଠଚକ୍ର କରୁଥିଲେ, ଅନ୍ୟାନ୍ୟ ପାଠଚକ୍ରରେ ଯୋଗ ଦେଉଥିଲେ, ମାତ୍ର ନିଜେ ସାଧନା କରିବାର ମନୋଭାବ ବା ଅଭ୍ୟାସ ପ୍ରାୟତଃ ସମ୍ଭବ ହେଉ ନଥିଲା । ଅନେକେ ଏଥିପାଇଁ ଆଗ୍ରହ ପ୍ରକାଶ କଲେ – ଏକ ଶୃଙ୍ଖଳିତ ଆଶ୍ରମ ଜୀବନଧାରା ପାଇଁ ଅନେକଙ୍କ ମଧ୍ୟରେ ସ୍ୱତଃ ଆଗ୍ରହ ଆସିଲା । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଘରୁ ଆସି ପଢ଼ୁଥିବା ଛାତ୍ରଛାତ୍ରୀ ଏବଂ ଛାତ୍ରାବାସରେ ରହି ପଢ଼ୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାର୍ଥକ୍ୟ ବାରି ହେଲା । ଛାତ୍ରାବାସ ଗୋଟିଏ ବୃହତ୍ ପାଠଚକ୍ରର ବାତାବରଣ ଧାରଣ କଲା । ସେଠାରେ ଖାଲି ଏକ ଶିକ୍ଷାକେନ୍ଦ୍ର ପାଇଁ ପ୍ରସ୍ତୁତି ନଥିଲା । ସେଠାରେ ଥିଲା ନୂତନ ମାନବ ସମାଜ ଗଠନ ନିମନ୍ତେ ଏକ ପ୍ରସ୍ତୁତିର ପ୍ରତିଶ୍ରୁତି ।

ଶିକ୍ଷାକେନ୍ଦ୍ରମାନେ ବଢ଼ିଲେ । ସେମାନେ ପୁଣି କେଉଁ ଧାରାରେ ପରିଚାଳିତ ହେବେ ? ସମସ୍ତେ ଯଦିଓ ସ୍ୱାଧୀନ ତଥାପି କୌଣସି ଗୋଟିଏ ଧାରା ସହିତ ସମସ୍ତେ ଖାପ ଖାଉଥିଲେ । ସେଥିପାଇଁ ପ୍ରପତ୍ତି ଚିନ୍ତା କଲେ । ବାବାଜିଙ୍କ ପରାମର୍ଶରେ ଗଢ଼ା ହେଲା ନବଜୀବନ ଶିକ୍ଷାସଂସଦ (New Life Education Trust) । ୧୯୭୭ ମସିହାରେ ଏହା ପଞ୍ଜିକରଣ ହେଲା । ପ୍ରପତ୍ତି ନିଜେ ରହିଲେ ତା'ର ସଭାପତି (President) । ଯେଉଁ ଯେଉଁ କାରଣଗୁଡ଼ିକ NLET (New Life Education Trust) ଗଢ଼ା ହେବା ପଛରେ ଆବଶ୍ୟକ ସେସବୁ ତା'ର Bye lawରେ ଉଲ୍ଲେଖ ହେଲା – ସେସବୁ ହେଲା ଏତେ ଦିନ ଧରି କରି ଆସିଥିବା ପାଠଚକ୍ରର ମୂଳମନ୍ତ୍ର । ସରକାରଙ୍କୁ ଏସବୁ କାଗଜପତ୍ର ଦେବାକୁ ପଡୁଥିବାରୁ ଅଧ୍ୟାପକ ଚିତ୍ତରଞ୍ଜନ ଦାସ (ଚିତ୍ତ ଭାଇ) ସେସବୁକୁ ଅତି ପ୍ରାଞ୍ଜଳ ଭାବରେ ଆଉ ଥରେ ଲେଖି ଦେଲେ, ମାତ୍ର ସରକାରଙ୍କୁ ଦେବାକୁ ସିନା ତାହା ଥିଲା By-law କିନ୍ତୁ ବାସ୍ତବରେ ଆମେ

ଯାହା ଯାହା ପାଠଚକ୍ରରେ ଆଲୋଚନା କରୁଥିଲୁ ସେଗୁଡ଼ିକ ତାହା ବ୍ୟତୀତ ଆଉ କିଛି ନଥିଲା । ସେଇ ପାଠଚକ୍ରର କଥାକୁହିଁ NLET (New Life Education Trust) ମାଧ୍ୟମରେ ସରକାରଙ୍କ ନିକଟରେ ପହଞ୍ଚାଇ ଦିଆଗଲା ।

ସେତେବେଳେ ଯେତେ ଯେତେ ସଭାସମିତି ସମ୍ମିଳନୀ ଇତ୍ୟାଦି ହେଉଥିଲା, ପ୍ରପତ୍ତି ଚେଷ୍ଟା କରି ଗୋଟିଏ ବିଷୟ ନିଶ୍ଚୟ ରଖୁଥିଲେ – ତାହା ହେଲା ପୂର୍ଣ୍ଣାଙ୍ଗ ଶିକ୍ଷା । ତାହାର କାରଣ ହେଲା ପୂର୍ଣ୍ଣାଙ୍ଗ ଶିକ୍ଷା ସେସବୁ କାର୍ଯ୍ୟକ୍ରମର ଅଂଶ ବିଶେଷ – ଏହା ସ୍ୱତନ୍ତ୍ର ନୁହେଁ, ଅଲଗା ନୁହେଁ, ଏହାର ଅନୁଭବ ଆଣିବା ପାଇଁ ଏବଂ ପାଠଚକ୍ର ଆନ୍ଦୋଳନରେ ସମ୍ପୃକ୍ତ ସମସ୍ତେ ଏକଥାକୁ ହୃଦୟଙ୍ଗମ କରିବା ପାଇଁ ।

ବାସ୍ତବିକ କଥା ହେଲା – ସାଧନା । ଆମେ ଶିକ୍ଷାକେନ୍ଦ୍ରକୁ ଶିକ୍ଷା ପାଇଁ ନା ସାଧନା ପାଇଁ ବ୍ୟବହାର କରିବା – ତା' ଉପରେ ସବୁକିଛି ନିର୍ଭର କଲା । ଯେଉଁ ସ୍ଥାନରେ ଶିକ୍ଷାକେନ୍ଦ୍ରଟି ସାଧନା ପାଇଁ ବ୍ୟବହୃତ ହେଲା ତାହା ପାଠଚକ୍ର ଧାରାରେ ଚାଲିଲା, ମାତ୍ର ଯେଉଁ ସ୍ଥାନରେ ଶିକ୍ଷାକେନ୍ଦ୍ରଟି କେବଳ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହୃତ ହେଲା – ତାହା ସାଧାରଣ ଶିକ୍ଷାକେନ୍ଦ୍ରର ରୂପ ବହନ କଲା । ଏପରିକି କୌଣସି କୌଣସି ସ୍ଥାନରେ ମୂଳ ପାଠଚକ୍ରଗୁଡ଼ିକ ଶିକ୍ଷାକେନ୍ଦ୍ରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ଚାଲିଲେ । ଶିକ୍ଷାକେନ୍ଦ୍ରର କୋଠା ତିଆରି ହେଲା, ଜମି କିଣା ହେଲା , ବଗିଚା ବଢ଼ିଲା, ଅପା ଭାଇ ବଢ଼ିଲେ, ପିଲା ବି ବଢ଼ିଲେ, ମାତ୍ର ସେସବୁ ବାହାରକୁ ଦେଖାଗଲା । ଆମେ ଯାହା ଯାହା ମାଗିଲୁ ଶ୍ରୀମା ଅକାତରରେ ସବୁ ଦେଇ ଚାଲିଲେ, ମାତ୍ର ମା ଯାହା ଆମକୁ ଦେବାକୁ ଚାହିଁଲେ ଆମେ ଶିକ୍ଷାର ବାହାନାରେ ସେସବୁ ଭୁଲିଗଲୁ – ଆମ ପାଠଚକ୍ରକୁ ଭୁଲିଗଲୁ ।...

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Mfr: Ayurlabs India, Pondicherry-1, Ph. 0413-2224935 / 9442249355, Email: sales@ayurlabsindia.com

# ଗତକାଲି ଓ ଆଜି

## କାଲିଲ୍ ଜିବ୍ରାନ୍

ଗୁପ୍ତଭାବେ ଗୁଡ଼ାଏ ଧନ ସଞ୍ଚୟ କରିଥିବା ଜଣେ ଧନୀ ବ୍ୟକ୍ତି ଦିନେ ତାଙ୍କ ପ୍ରାସାଦ ସଂଲଗ୍ନ ଉଦ୍ୟାନ ମଧ୍ୟକୁ ପଦଚାଳନପୂର୍ବକ ପ୍ରବେଶ କରିଥିଲେ । ତାଙ୍କର ମନେ ହେଲା ଯେପରି ତାଙ୍କ ସହିତ ତାଙ୍କର ଜଞ୍ଜାଳ ଓ ଉଦ୍‌ବେଗ ସବୁ ମଧ୍ୟ ଚାଲିଛନ୍ତି । ତାଙ୍କ ମୁଣ୍ଡ ଉପରେ ନାନା ପ୍ରକାର ଅଶାନ୍ତି ଘୂରି ବୁଲୁଥିଲା ଯେପରି ନିମ୍ନରେ କୌଣସି ମଢ଼ ଦେଖିଲେ ଶାଗୁଣା ସେହି ସ୍ଥାନର ଆକାଶରେ ଚକ୍ରାକାରରେ ଉଡ଼ି ବୁଲୁଥାଏ । ଶେଷରେ ସେ ଉଦ୍ୟାନ ମଧ୍ୟସ୍ଥ ଏକ ସୁନ୍ଦର ଜଳାଶୟ ନିକଟରେ ପହଞ୍ଚି ଗଲେ । ସେହି ଜଳାଶୟର ଚତୁଃପାର୍ଶ୍ୱରେ ସୁନ୍ଦର ମାର୍ବଲ ମୂର୍ତ୍ତିସବୁ ଥିବାରୁ ପରିବେଶ ଆହୁରି ରମଣୀୟ ହୋଇଥିଲା । ସେଠାରେ ଖଣ୍ଡେ ପ୍ରସ୍ତର ଉପରେ ଉପବେଶନ କରି ସେ ମୂର୍ତ୍ତିଟିଏ ମୁଖରୁ ନିର୍ଗତ ହେଉଥିବା ଜଳର ସରୁ ଧାରାକୁ ଅବଲୋକନ କଲେ । ତାଙ୍କର ମନେହେଲା ଯେପରି ଜଣେ ପ୍ରେମିକଙ୍କର କଳ୍ପନାରୁ ସେହି ଜଳଧାର ସହିତ ନାନା ରମଣୀୟ ଚିନ୍ତା ନିର୍ଗତ ହେଉଛି । ସେଠାରେ ଥାଇ ସେ ପଶ୍ଚାତରେ ଥିବା ନିଜର ପ୍ରାସାଦକୁ ଲକ୍ଷ୍ୟ କଲେ । ଏକ ଗୋଲାକୃତି ଛୋଟ ପାହାଡ଼ର ମୁଣ୍ଡିଆ ଉପରେ ତାହା ଅବସ୍ଥିତ ଥିଲା । ତାଙ୍କର ମନେ ହେଲା ସେଇଟି ଯେପରି ଜଣେ ଅନୂଢ଼ା ନାରୀର ଗଣ୍ଡଦେଶରେ ଜନ୍ମ ମୁହୂର୍ତ୍ତରୁ ରହିଥିବା ଏକ ଚିହ୍ନ ପରି । ତାଙ୍କ ବିଗତ ଜୀବନର ସବୁକିଛି ଘଟଣା ନାଟକ ପରି ତାଙ୍କ ମନର ରଙ୍ଗମଞ୍ଚରେ ପ୍ରକାଶିତ ହେଲା । ସେସବୁକୁ ଦେଖୁ ଦେଖୁ ତାଙ୍କର ଚକ୍ଷୁ ଲୋତକପୂର୍ଣ୍ଣ ହେଲା । ପ୍ରକୃତି ପ୍ରତି ମନୁଷ୍ୟର ଅବଦାନ ଯେ କେତେ ସ୍ୱଳ୍ପ ସେ ବିଷୟ ସେ ଅଧିକ ଚିନ୍ତା କରି ପାରିଲେ ନାହିଁ ।

ସେ ତୀବ୍ର ଅନୁଶୋଚନାର ସହିତ ନିଜର ବିଗତ ଜୀବନ ଉପରେ ଦୃଷ୍ଟି ନିବଦ୍ଧ କଲେ । ବିଧାତାଙ୍କର ଇଚ୍ଛାରେ ନିଜର ପ୍ରାରମ୍ଭିକ ଜୀବନ ଯେଉଁ ଧାରାରେ ଗଢ଼ି ଉଠିଥିଲା ତାହାକୁ ଗଭୀର ଭାବେ ଅନୁଧ୍ୟାନ କଲେ । ନିଜର ଦୁଃସହ ଅନୁତାପକୁ ଆଉ ସହ୍ୟ କରି ପାରିଲେ ନାହିଁ । ସେ ଉଚ୍ଚସ୍ୱରରେ କହି ପକାଇଲେ, ''ଗତକାଲି ମୁଁ ମୋର ମେଷମାନଙ୍କୁ ନେଇ ପର୍ବତର ସବୁଜ ଉପତ୍ୟକାରେ ଚରାଉଥିଲି । ସେ ପରିସ୍ଥିତିକୁ ମୁଁ ଉପଭୋଗ କରୁଥିଲି । ସେତେବେଳେ ମୁଁ ବଂଶୀବାଦନ କରୁଥିଲି ଓ ନିର୍ଭୟରେ ମସ୍ତକ ଉନ୍ନତ କରି ଭ୍ରମଣ କରୁଥିଲି । ଆଜି ମୁଁ ଲୋଭର କବଳରେ ବନ୍ଦୀ । ସ୍ୱର୍ଣ୍ଣ ଆହୁରି ସ୍ୱର୍ଣ୍ଣ ଆଡ଼କୁ ବାଟ କଢ଼ାଇ ନିଏ ଓ ପରେ ଅସ୍ଥିରତା ମଧ୍ୟକୁ ନିଏ ଓ ଶେଷରେ ଯନ୍ତ୍ରଣାଦାୟକ ଦୁର୍ବିପାକ ମଧ୍ୟରେ ପକାଇ ଦିଏ ।

''ଗତକାଲି ମୁଁ ଗୀତ ଗାଉଥିବା ପକ୍ଷୀଟିଏ ପରି ମୁକ୍ତଭାବେ କ୍ଷେତ ଉପରେ ଉଡ଼ି ବୁଲୁଥିଲି । ଆଜି ମୁଁ ଅସ୍ଥିର; ସମ୍ପତ୍ତି, ସମାଜର ନିୟମ, ନଗରୀର ରୀତି ନୀତି ଓ ନିଜର ଧନଶକ୍ତିର ବଳରେ କିଣି ନେଇଥିବା କେତେକ ବନ୍ଧୁଙ୍କର କ୍ରୀତଦାସ ପାଲଟିଛି । ମନୁଷ୍ୟକୃତ କେତେକ ସଂକୀର୍ଣ୍ଣ ଅଦ୍ଭୁତ ନିୟମର ଧାରାରେ ଲୋକମାନଙ୍କୁ ସନ୍ତୁଷ୍ଟ କରୁଛି । ମୁଁ ଜନ୍ମଗ୍ରହଣ କରିଥିଲି ମୁକ୍ତ ଓ ସ୍ୱାଧୀନ ଜୀବନଯାପନ କରିବା ପାଇଁ ଓ ଜୀବନର ଉପହାରସବୁକୁ ଉପଭୋଗ କରିବା ପାଇଁ । କିନ୍ତୁ ଆଜି ମୁଁ ଦେଖୁଛି ମୁଁ ଜଣେ ଭାରବାହୀ ପଶୁରେ ପରିଣତ ହୋଇଛି । ମୋ ପୃଷ୍ଠରେ ସୁବର୍ଣ୍ଣର ଭାରୀ ବୋଝ ଲଦାଯାଇଛି ଓ ମୋର ପୃଷ୍ଠଭାଗ ଭାଙ୍ଗିପଡ଼ିଲା ପରି ଲାଗୁଛି ।

''କାହିଁ ଗଲା ସେ ଦିନର ବିସ୍ତୀର୍ଣ୍ଣ ପ୍ରାନ୍ତର, କଳ କଳ ନାଦ କରି ବହିଯାଉଥିବା ଝରଣା ଓ ବିଶୁଦ୍ଧ ପବନ ? ସେତେବେଳେ ମୁଁ ପ୍ରକୃତିର କେତେ ପାଖରେ ରହିଥିଲି ? କାହାନ୍ତି ମୋର ଦେବତା ? ମୁଁ ସବୁକିଛିକୁ ହରାଇଛି । ନିର୍ଜନତା ବ୍ୟତୀତ ଆଉ କିଛି ମୁଁ ଅନୁଭବ କରୁ ନାହିଁ ଓ ତାହା ମୋତେ ଦୁଃଖୀ କରିଛି । ଉପରୁ ଥାଇ ଭଗବାନ୍ ମୋତେ ପରିହାସ କରୁଛନ୍ତି । ମୋର ସେବକ ଓ କ୍ରୀତଦାସମାନେ ମୋ ପଛରେ ମୋତେ ତିରସ୍କାର କରୁଛନ୍ତି । ଏବଂ ମୋର ସବୁକିଛି ସୁଖଶାନ୍ତିକୁ କବର ଦେବା ପାଇଁ ମୁଁ ଗଢ଼ିଛି ମୋର ଯେଉଁ ପ୍ରାସାଦଟିକୁ ତାହାରି ମହାନତା ମଧ୍ୟରେ ମୁଁ ମୋର ଅସଲ ହୃଦୟକୁ ହରାଇଛି ।

''ଗତକାଲି ମୁଁ ବେଦାଉନିଙ୍କ କନ୍ୟା ସହିତ ପାହାଡ଼, ପ୍ରାନ୍ତର ଓ ତୃଣଭୂମିରେ ଖୁସି ମନରେ ଘୂରି ବୁଲୁଥିଲି । ଧର୍ମନିଷ୍ଠା ତଥା ପବିତ୍ରତା ଥିଲା ଆମର ସହଯାତ୍ରୀ ବା ସାଥୀ । ପ୍ରେମ ଥିଲା ଆମର ଉଲ୍ଲାସ ଓ ଆକାଶରେ ଚନ୍ଦ୍ରମା ଥିଲେ

ଆମର ଅଭିଭାବକ । ଆଜି ଏପରି ରମଣୀମାନଙ୍କ ସହିତ ମୁଁ ରହିଛି ଯେଉଁମାନେ ସୁବର୍ଣ୍ଣ ଓ ହୀରା ପାଇଁ ନିଜକୁ ବିକ୍ରି କରି ଦେଇଛନ୍ତି । ସେମାନଙ୍କର ସୌନ୍ଦର୍ଯ୍ୟ ମଧ୍ୟ କେଡ଼େ ଅଗଭୀର !

''ଗତକାଲି ମୁଁ କେଡ଼େ ମୁକ୍ତ ଓ ନିଶ୍ଚିନ୍ତ ଥିଲି । ଜୀବନର ସବୁକିଛି ଆନନ୍ଦକୁ ମେଷପାଳକମାନଙ୍କ ସହିତ ମିଶି ଉପଭୋଗ କରୁଥିଲି; ସେମାନଙ୍କ ସହିତ ଖାଉଥିଲି, ଖେଳୁଥିଲି, କାମ କରୁଥିଲି, ଗୀତ ଗାଉଥିଲି ଓ ସଂଗୀତର ତାଳେ ତାଳେ ସେମାନଙ୍କ ସହିତ ନୃତ୍ୟ କରୁଥିଲି । ସେହି ସଙ୍ଗୀତ ହୃଦୟର ଅସଲ ସତ୍ୟକୁ ପ୍ରକାଶ କରୁଥିଲା । ଆଜି ମୁଁ ନିଜକୁ ଲୋକମାନଙ୍କ ମଧ୍ୟରେ ଅନୁଭବ କରୁଛି ଯେପରିକି ମୁଁ ଗଧିଆମାନଙ୍କ ମଧ୍ୟରେ ଗୋଟିଏ ଭୟଗ୍ରସ୍ତ ମେଣ୍ଢାଛୁଆ ପରି ହୋଇ ଯାଇଛି । ରାସ୍ତାରେ ଚାଲିଗଲା ବେଳେ ସେମାନେ (ଲୋକେ) ମୋତେ ଘୃଣାର ଚକ୍ଷୁରେ ଦେଖୁଛନ୍ତି ଓ ଅବଜ୍ଞା-ସୂଚକ ଈର୍ଷାରେ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ପାର୍କମାନଙ୍କ ମଧ୍ୟ ଦେଇ ଗଲାବେଳେ ମୁଁ ଅନୁଭବ କରେ ଯେପରି ଲୋକେ ମୋ ଉପରେ କ୍ରୋଧବ୍ୟଞ୍ଜକ ଦୃଷ୍ଟି ନିକ୍ଷେପ କରୁଛନ୍ତି । ଗତକାଲି ମୁଁ ସୁଖଶାନ୍ତିରେ ଧନୀ ଥିଲି ଓ ଆଜି ମୁଁ ସୁବର୍ଣ୍ଣ ମଧ୍ୟରେ ଦରିଦ୍ର ।

''ଜଣେ ଦୟାପରାୟଣ ରାଜା ତାଙ୍କ ରାଜ୍ୟରେ ସୁଖଶାନ୍ତିରେ ରହୁଥିବା ପ୍ରଜାମାନଙ୍କୁ ଯେପରି ପ୍ରତିପାଳନ କରେ ମୁଁ ସେହିପରି ଜଣେ ସୁଖୀ ମେଷପାଳକ ହୋଇ ସ୍ନେହର ସହିତ ମେଷମାନଙ୍କର ଦେଖାଶୁଣା କରୁଥିଲି, ଆଜି ମୁଁ ମୋର ସଂପତ୍ତି ସମ୍ମୁଖରେ ଜଣେ କ୍ରୀତଦାସ ଭାବେ ଦଣ୍ଡାୟମାନ । ଜୀବନର ଯେଉଁ ସୌନ୍ଦର୍ଯ୍ୟ ମୁଁ ଦିନେ ଉପଭୋଗ କରିଥିଲି, ତାହାକୁ ଆଜି ମୋଠାରୁ ଚୋରାଇ ନିଆଯାଇଛି ।

''ହେ ମୋର ମହାମାନ୍ୟ ବିଚାରପତି ! (ଭଗବାନ୍) ମୁଁ ଜାଣି ନ ଥିଲି ଯେ ଧନ ସମ୍ପତ୍ତି ମୋ ଜୀବନକୁ ଖଣ୍ଡ ବିଖଣ୍ଡ କରିଦେବ ଓ ମୋତେ କର୍କଶ ଓ ନିର୍ବୁଦ୍ଧିତାର କାରାଗାର ମଧ୍ୟକୁ ଠେଲିଦେବ । ଯାହାକୁ ମୁଁ ଐଶ୍ୱର୍ଯ୍ୟ ବା ଗୌରବ ବୋଲି ଭାବିଥିଲି ପ୍ରକୃତରେ ତାହା ସେପରି ନୁହେଁ । କିନ୍ତୁ ତାହା ଏକ ଅନନ୍ତ ନରକ ।''

ଅବସନ୍ନତାର ମଧ୍ୟରେ କୌଣସି ମତେ ସେ ନିଜ ମଧ୍ୟରେ ଶକ୍ତି ସଞ୍ଚୟ କରି ତାଙ୍କ ପ୍ରାସାଦ ଆଡ଼କୁ ଗମନ କଲେ । ସେତେବେଳେ ସେ ଦୀର୍ଘଶ୍ୱାସ ଛାଡ଼ୁଥିଲେ ଓ ବାରଂବାର କହୁଥିଲେ, ''ଲୋକେ ଯାହାକୁ ଧନ ସଂପତ୍ତି କହନ୍ତି ତାହା କ'ଣ ଏହିପରି ? ଯେଉଁ ଦେବତାଙ୍କର ମୁଁ ସେବା କରୁଛି ଓ ତାଙ୍କର ଆରାଧନା କରୁଛି ସିଏ କ'ଣ ଏହି ? ମୁଁ ଏ ପୃଥିବୀରୁ ଯାହା ଚାହେଁ ତାହା କ'ଣ ଏହିପରି ? ଏକ କଣିକା ପରିତୃପ୍ତି ପାଇଁ ମୁଁ କାହିଁକି ଏହାକୁ ଦେଇ ଦେବି ନାହିଁ ? ଏକ ଟନ ଓଜନର ସୁବର୍ଣ୍ଣ ନେଇ କିଏ ମତେ ଏକ ପ୍ରୀତିକର ଚିନ୍ତା ବିକ୍ରିକରି ଦେବ ? ଆଞ୍ଜୁଳାଏ ମଣି ମାଣିକ୍ୟ ନେଇ କିଏ ମୋତେ ଏକ ମୁହୂର୍ତ୍ତର ପ୍ରେମ ଦେଇ ପାରିବ ? ମୋର ସବୁକିଛି ସଞ୍ଚିତ ଧନ ବଦଳରେ କିଏ ମୋତେ ଏପରି ଏକ ଚକ୍ଷୁ ଦେଇ ପାରିବ ଯାହା ସାହାଯ୍ୟରେ ମୁଁ ଅନ୍ୟମାନଙ୍କର ହୃଦୟ ମଧ୍ୟକୁ ଦେଖି ପାରିବି ?

ପ୍ରାସାଦର ଫାଟକ ପାଖରେ ପହଞ୍ଚି ସେ ବୁଲିପଡ଼ି ସହର ଆଡ଼କୁ ଦେଖିଲେ । ସେ ଶୋକାର୍ତ୍ତ ଭାବେ ଦୁଃଖର ସହିତ ଉଚ୍ଚସ୍ୱରରେ କହିଉଠିଲେ, ''ହେ କୋଳାହଳପୂର୍ଣ୍ଣ ନଗରୀର ବାସିନ୍ଦାମାନେ, ତୁମ୍ଭେମାନେ ଅନ୍ଧକାର ମଧ୍ୟରେ ବାସକରୁଛ, ଦୁଃଖଦୁର୍ଦ୍ଦଶା ମଧ୍ୟରେ ଆଗେଇ ଚାଲୁଛ, ମିଥ୍ୟାଚାରର ପ୍ରଚାର କରୁଛ ଓ ମୂର୍ଖତାର ସହିତ କଥା କହୁଛ... କେତେଦିନ ପର୍ଯ୍ୟନ୍ତ ତୁମ୍ଭେମାନେ ଏହିପରି ଅଜ୍ଞାନତା ମଧ୍ୟରେ ରହିବ, କେତେଦିନ ପର୍ଯ୍ୟନ୍ତ ତୁମ୍ଭେମାନେ ଜୀବନର ସକଳ କଳୁଷିତାକୁ ମାନିନେଇ ଚଳୁଥିବ ଓ ଏହି ଜୀବନର ସୁନ୍ଦର ଉଦ୍ୟାନଠାରୁ ଦୂରେଇ ରହିଥିବ ? କାହିଁକି ତୁମେ ସଂକୀର୍ଣ୍ଣତାର ଛିଣ୍ଡା ପୋଷାକ ପିନ୍ଧିଛ ? ତୁମ ପାଇଁ ପ୍ରକୃତିର ରେଶମୀ ପୋଷାକ ତିଆରି ହୋଇ ରହିଛି । ଜ୍ଞାନର ଦୀପ ନିସ୍ତେଜ ହୋଇ ଆସୁଛି – ସମୟ ଆସିଛି ସେଥିରେ ତୈଳପୂର୍ଣ୍ଣ କରିବାକୁ ହେବ । ଯଥାର୍ଥ ଐଶ୍ୱର୍ଯ୍ୟର ଗୃହ ଭାଙ୍ଗି ନଷ୍ଟ ହୋଇ ଯାଉଛି । ସମୟ ଆସିଛି ତା'ର ପୁନଃନିର୍ମାଣ କରି ତାକୁ ଜଗି ରହିବାକୁ ହେବ । ଅଜ୍ଞାନତାର ଚୋରମାନେ ତୁମ୍ଭମାନଙ୍କର ଶାନ୍ତିର ସମ୍ପତ୍ତି ଚୋରାଇ ନେଇଛନ୍ତି । ସମୟ ଉପଗତ ଯେତେବେଳେ ତାକୁ ଫେରାଇ ଆଣିବାକୁ ହେବ ।''

ଠିକ୍ ସେତିକିବେଳେ ତାଙ୍କ ସମ୍ମୁଖକୁ ଏକ ଭିକ୍ଷୁକ ଆସି ହସ୍ତ ପ୍ରସାରଣ କରି କିଛି ଭିକ୍ଷା ଚାହିଁଲା । ତାଙ୍କୁ ଦେଖି ଧନୀ ବ୍ୟକ୍ତିଙ୍କର ଭାବାନ୍ତର ହେଲା । ଜଳାଶୟ ନିକଟରେ ଥିଲା ବେଳେ ତାଙ୍କ ମନରେ ଯେଉଁସବୁ ଚିନ୍ତା ଆସିଥିଲା ସେସବୁ ପୁଣି ଆସିଗଲା । ସେ ଦୟାପରବଶ ହୋଇ ଲୋକଟିକୁ ଆଲିଙ୍ଗନ କଲେ ଓ ତାଙ୍କର ହାତ ଆଞ୍ଜୁଳାକୁ ସୁବର୍ଣ୍ଣରେ ପୂର୍ଣ୍ଣ କରିଦେଲେ । ପୁଣି ପ୍ରେମ ଓ ଆନ୍ତରିକତାର ସହିତ କହିଲେ,

‘‘କାଲି ପୁଣି ଆସ ଓ ତୁମ ପରି ଦୁଃଖଗ୍ରସ୍ତ ଲୋକଙ୍କୁ ସାଙ୍ଗରେ ଆଣ । ତୁମକୁ ସବୁକିଛି ଯୋଗାଇ ଦିଆଯିବ ।’’

ସେ ପ୍ରାସାଦ ମଧ୍ୟକୁ ପ୍ରବେଶ କଲାବେଳେ କହିଲେ, ‘‘ଜୀବନରେ ସବୁକିଛି ଉତ୍ତମ ଏପରିକି ସୁବର୍ଣ୍ଣ ମଧ୍ୟ ଯାହାକି ଏକ ଶିକ୍ଷା ଦିଏ । ଅର୍ଥ ହେଉଛି ଏକ ତାରଯୁକ୍ତ ବାଦ୍ୟଯନ୍ତ୍ର; ଯିଏ ଏହାକୁ ଯଥାର୍ଥ ଭାବେ ବାଦନ କରି ଜାଣି ନାହିଁ ସେ କେବଳ ଅମେଳ ସ୍ୱର ଶୁଣିବ । ଅର୍ଥ ହେଉଛି ପ୍ରେମ ପରି । ଯିଏ ଏହି ପ୍ରେମକୁ ଜାବୁଡ଼ି ଧରି ରଖେ ତାହାଙ୍କୁ ସିଏ ଧୀରେ ଧୀରେ ମରଣ ଆଡ଼କୁ ନେଇଚାଲେ । ପରନ୍ତୁ ଯିଏ ଏହି ଅର୍ଥକୁ ନିଜର ପଡ଼ୋଶୀମାନଙ୍କ ପାଇଁ ବିନିଯୋଗ କରେ ତାହାଙ୍କୁ ସେହି ଅର୍ଥ ସଜୀବ ଓ ପ୍ରଫୁଲ୍ଲିତ କରାଏ ।’’

❑❑❑

‘‘ଅର୍ଥ ବିଶ୍ୱଗତ ଶକ୍ତିର ଗୋଟିଏ ସ୍ଥୂଳ ଚିହ୍ନ । ଏହି ଶକ୍ତି ଯେତେବେଳେ ପୃଥିବୀ ଉପରେ ପ୍ରକାଶିତ ହୁଏ, ସେତେବେଳେ ତାହାର କ୍ରିୟା ହୁଏ ପ୍ରାଣ ଓ ଜଡ଼ର ସ୍ତରରେ; ବାହ୍ୟ ଜୀବନର ପରିପୂର୍ଣ୍ଣତା ନିମିତ୍ତ ଏହି ଶକ୍ତି ଅପରିହାର୍ଯ୍ୟ । ଉତ୍ପତ୍ତି ଏବଂ କର୍ମରେ ଏହା ହେଲା ଭଗବାନଙ୍କର ଶକ୍ତି । ତେବେ ଭଗବାନଙ୍କର ଅନ୍ୟାନ୍ୟ ଶକ୍ତି ପରି ଏହା ବି ପୃଥିବୀରେ ହସ୍ତାନ୍ତରିତ ହୋଇଛି ଏବଂ ନିମ୍ନପ୍ରକୃତିଗତ ଅଜ୍ଞାନ କ୍ଷେତ୍ରରେ ଅହଂକାର ନିଜ ବ୍ୟବହାର ନିମନ୍ତେ ଏହାକୁ ଅପହରଣ କରିଛି, ଅଥବା ଆସୁରିକ ପ୍ରଭାବ ଏହାକୁ ଅଧିକାର କରି ନିଜର ଉଦ୍ଦେଶ୍ୟ ସାଧନ ସକାଶେ ବିକୃତ କରିଛି । ବସ୍ତୁତଃ ଏହି ତିନୋଟି ଶକ୍ତି – କ୍ଷମତା, ଧନ ଓ କାମ – ମନୁଷ୍ୟର ଅହଂକାର ଓ ଅସୁର ସକାଶେ ପରମ ଆକର୍ଷଣର ବସ୍ତୁ; ଏହି ତିନୋଟି ପ୍ରାୟ ସର୍ବତ୍ର ଅନଧିକାରୀଙ୍କ ଦ୍ୱାରା ଅଧିକୃତ ହୋଇ ଅପବ୍ୟବହୃତ ହେଉଛି । ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ, ସେମାନେ ପ୍ରାୟ ଯେତେଟା ଧନର ଅଧିକାରୀ ନୁହନ୍ତି, ସେତେଟା ଧନ ସେମାନଙ୍କୁ ଅଧିକାର କରିଛି, ଅସୁରମାନେ ଧନକୁ ଦୀର୍ଘକାଳ ଧରି ସେମାନଙ୍କ କବଳରେ ରଖିଛନ୍ତି, ତା’ ଫଳରେ ଧନ ଉପରେ ଯେ ଗୋଟାଏ ଦୂଷିତ ପ୍ରଭାବର ଛାପ ରହିଛି, ସେଥିରୁ ଖୁବ୍ ଅଳ୍ପ ଲୋକେହିଁ ନିଜକୁ ପୂର୍ଣ୍ଣ ଭାବରେ ରକ୍ଷାକରି ପାରିଛନ୍ତି । ଏହି କାରଣରୁ ସକଳ ଅଧ୍ୟାତ୍ମ ମାର୍ଗ ଆତ୍ମସଂଯମ, ଅନାସକ୍ତି, ଏବଂ ତ୍ୟାଗ ଉପରେ ଏତେ ଜୋର୍ ଦେଇଛନ୍ତି ଏବଂ କହିଛନ୍ତି ଯେ ଅର୍ଥର ଯାବତୀୟ ବନ୍ଧନରୁ ମୁକ୍ତ ହୁଅ, ନିଜ ପାଇଁ ଓ ଅହଂକାରର ସେବା ପାଇଁ ଏହାକୁ ଲାଭ କରିବାର ବାସନା ତ୍ୟାଗ କର । ଏପରିକି ଅନେକ ବ୍ୟକ୍ତି ଧନ ସଂପତ୍ତିକୁ ପାପ ବୋଲି ବିବେଚନା କରନ୍ତି ଏବଂ ଘୋଷଣା କରନ୍ତି ଯେ ଜୀବନରେ ଦାରିଦ୍ର୍ୟ ଓ ରିକ୍ତତାହିଁ ଆଧ୍ୟାତ୍ମିକ ଅବସ୍ଥାର ଏକମାତ୍ର ଅନୁକୂଳ ବସ୍ତୁ । କିନ୍ତୁ ଏହା ଗୋଟାଏ ଭ୍ରମ; ଏଥିରେ ଧନବଳ ଦାନବ ଶକ୍ତିର ହାତରେ ରହିଯାଏ । ଯେଉଁ ଅର୍ଥର ପ୍ରକୃତ ମାଲିକ ଭଗବାନ୍, ତାଙ୍କ ନିମନ୍ତେ ଅର୍ଥର ପୁନରୁଦ୍ଧାର, ଭାଗବତ ଜୀବନ ନିମନ୍ତେ ଭଗବତ୍ ଭାବରେ ତାହାର ବ୍ୟବହାର – ଏହାହିଁ ହେଲା ସାଧକ ପକ୍ଷରେ ଅତିମାନସର ପଥ ।’’

(‘ମା’ ପୁସ୍ତକ, ପୃଷ୍ଠା - ୧୫ ରୁ ୧୭) – ଶ୍ରୀଅରବିନ୍ଦ

ଇତିହାସର କେତୋଟି ମୁହୂର୍ତ୍ତ :

# ମୃତ୍ୟୁ-ପ୍ରାଙ୍ଗଣର ଶେଷବଳି

## ମନୋଜ ଦାସ

ଚତୁର୍ଥ-ପଞ୍ଚମ ଶତାବ୍ଦୀରେ ରୋମ ଥିଲା ଅତ୍ୟନ୍ତ ସମୃଦ୍ଧଶାଳୀ ନଗରୀ । ରୋମର ନାଗରିକମାନେ ଥିଲେ ଗଣତନ୍ତ୍ରରେ ବିଶ୍ୱାସୀ । କିନ୍ତୁ ଆଜିର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆଗରେ ରଖି ସେ ଯୁଗର ଗଣତନ୍ତ୍ର କଥା କଳ୍ପନା କଲେ ଅବଶ୍ୟ ଚଳିବ ନାହିଁ । ରାଷ୍ଟ୍ରର କୌଣସି ପଦକୁ ନିର୍ବାଚିତ ହେବାକୁ ହେଲେ ପ୍ରାର୍ଥୀ ଯେଉଁସବୁ ଗୁଣର ଅଧିକାରୀ ହେବା ପ୍ରୟୋଜନ ଥିଲା, ତହିଁ ଭିତରେ ତା'ର ଐଶ୍ୱର୍ଯ୍ୟ, ଶାରୀରିକ ଶକ୍ତି ଇତ୍ୟାଦି ଅନ୍ତର୍ଭୁକ୍ତ ରହିଥିଲା । ନିର୍ବାଚିତ ହେବା ପୂର୍ବରୁ ସେ ନାଗରିକମାନଙ୍କୁ ଆପ୍ୟାୟିତ କରିବା ଉଚିତ । ଯେଉଁ ପ୍ରମୋଦ ବ୍ୟବସ୍ଥା ଦ୍ୱାରା ରୋମର ନାଗରିକମାନେ ଆପ୍ୟାୟିତ ହେଉଥିଲେ, ତାହା କିନ୍ତୁ ଥିଲା ଅତ୍ୟନ୍ତ ଭୟଙ୍କର ।

ଚତୁର୍ଦ୍ଦିଗରେ ଉନ୍ନତ ବାଲକୋନି ଥାଇ ପ୍ରକାଣ୍ଡ ପ୍ରକାଣ୍ଡ ପ୍ରମୋଦ ପ୍ରାଙ୍ଗଣମାନ ପ୍ରସ୍ତୁତ କରାଯାଇଥିଲା । ବହୁତଳବ୍ୟାପୀ ସେହି ବାଲକୋନିମାନଙ୍କରେ ସହସ୍ର ସହସ୍ର ନରନାରୀ ବସୁଥିଲେ । ପ୍ରାଙ୍ଗଣ ମଧ୍ୟରେ ଖେଳ ଆରମ୍ଭ ହେଉଥିଲା । ସେହି ଖେଳର ଅନ୍ତର୍ଭୁକ୍ତ ଥିଲା ଯାଦୁବିଦ୍ୟା, ନୃତ୍ୟ ଇତ୍ୟାଦି । କିନ୍ତୁ ସେସବୁ ରୋମବାସୀମାନଙ୍କୁ ସନ୍ତୁଷ୍ଟ କରିପାରୁ ନଥିଲା । ପ୍ରାଙ୍ଗଣର ଚତୁର୍ଦ୍ଦିଗସ୍ଥ କୋଠରିମାନଙ୍କ ଭିତରେ ବନ୍ଦୀହୋଇ ରହିଥାଆନ୍ତି ବହୁଜାତୀୟ ବନ୍ୟପ୍ରାଣୀ । ନୃତ୍ୟ, ଯାଦୁଖେଳ ଇତ୍ୟାଦି ପରେ ସେହିସବୁ ଜାନୁଆରମାନଙ୍କୁ ପ୍ରାଙ୍ଗଣ ଭିତରକୁ ଛାଡ଼ି ଦିଆଯାଉଥାଏ । ବଳଶାଳୀ, ହିଂସ୍ରପ୍ରାଣୀମାନେ ଦୁର୍ବଳ ପ୍ରାଣୀମାନଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରୁଥା'ନ୍ତି । ଦୁର୍ବଳର କାତର ନିନାଦ ଓ ସବଳର ହିଂସ୍ର ରଡ଼ି ସହ ରକ୍ତର ହୋରି ଖେଳରେ ଯେଉଁ ବୀଭତ୍ସ ଦୃଶ୍ୟ ସୃଷ୍ଟି ହେଉଥାଏ, ରୋମବାସୀମାନେ ସେତକ ଉପଭୋଗ କରି ସନ୍ତୁଷ୍ଟ ରହୁଥିଲେ ବୋଲି ଭାବିବା ମଧ୍ୟ ଠିକ୍ ହେବ ନାହିଁ । ଜନ୍ତୁ ଜାନୁଆରଙ୍କ ଖେଳ ଶେଷ ହେବା ପରେ ହିଂସ୍ର ବ୍ୟାଘ୍ର, ସିଂହ ସହିତ ଲଢ଼େଇ କରିବା ନିମନ୍ତେ ମଣିଷମାନଙ୍କୁ ଛାଡ଼ି ଦିଆଯାଉଥାଏ । କହିବା ବାହୁଲ୍ୟ, କ୍ୱଚିତ୍ ହୁଏତ ଜଣେ ଅଧେ ମଣିଷ ତା'ର ପଶୁ ପ୍ରତିଦ୍ୱନ୍ଦ୍ୱୀକୁ ପରାହତ କରି କ୍ଷତବିକ୍ଷତ ଅବସ୍ଥାରେ ବଞ୍ଚି ରହିବାକୁ ସକ୍ଷମ ହେଉଥାଏ । ସାଧାରଣତଃ ସହସ୍ର ସହସ୍ର ଅଭିଜାତ ନରନାରୀଙ୍କ ଆମୋଦିତ ଆଖି ଆଗରେ ପଶୁହିଁ ଅସହାୟ ମଣିଷକୁ ବିଦୀର୍ଣ୍ଣ କରିଦିଏ । ଦେଶ ବିଦେଶରୁ ଆନୀତ ବନ୍ଦୀମାନଙ୍କୁହିଁ ଏହି ନିର୍ମମ ଖେଳ ଭିତରକୁ ବାଧ୍ୟ କରି ଠେଲି ଦିଆଯାଉଥାଏ । କେବଳ ପଶୁ ଓ ମଣିଷ ଭିତରେ ନୁହେଁ, ମଣିଷ ମଣିଷ ଭିତରେ ମଧ୍ୟ ପ୍ରାଣାନ୍ତକ ଲଢ଼େଇ ଥିଲା ସେହିସବୁ ପ୍ରମୋଦ ପ୍ରାଙ୍ଗଣର ନିତ୍ୟନୈମିତ୍ତିକ ଘଟଣା । ଦୁଇଜଣଙ୍କ ଭିତରେ ଲଢ଼େଇରେ ଜଣେ ଯେତେବେଳେ ମୁମୂର୍ଷୁ ଅବସ୍ଥାରେ ଭୂତଳଶାୟୀ ହୁଏ, ସେତେବେଳେ ତା' ଉପରେ ଛିଡ଼ାହୋଇ ଅପର ଜଣକ ଉପରିସ୍ଥ ବାଲକୋନି ଆଡ଼କୁ ଅନାଏ । ଯଦି ସମ୍ଭ୍ରାନ୍ତ ଦର୍ଶକମାନେ ସେମାନଙ୍କର ବୃଦ୍ଧାଙ୍ଗୁଷ୍ଠିମାନଙ୍କୁ ତଳକୁ ଦେଖାଇ ଦେଉଥିଲେ, ତେବେ ସେ ଇଙ୍ଗିତର ଅର୍ଥ ଥିଲା ଭୂପତିତ ବ୍ୟକ୍ତିର ମସ୍ତକ ଛେଦନ କରିବା । ନଚେତ୍ ସେମାନେ ଯଦି ହାତ ଉପରକୁ ଟେକି ଦେଉଥିଲେ, ତେବେ ଭୂପତିତ ବ୍ୟକ୍ତିକୁ ସେହିଭଳି ମୁମୂର୍ଷୁ ଅବସ୍ଥାରେ ପରିତ୍ୟାଗ କରିବାକୁ ହେବ ବୋଲି ବୁଝିବାକୁ ହେଉଥିଲା ।

ରୋମବାସୀମାନଙ୍କ ମନୋରଞ୍ଜନ ସକାଶେ ଏହିପରି ପ୍ରମୋଦ ବ୍ୟବସ୍ଥାର ଆୟୋଜନ କରିବାକୁ ପ୍ରତ୍ୟେକ ପ୍ରାର୍ଥୀ ବାଧ୍ୟ ଥିଲେ । ଯେଉଁ ପ୍ରାର୍ଥୀ ଯେତେ ଭୟଙ୍କର ଓ ବୀଭତ୍ସ ଭାବରେ ଏସବୁ କରିପାରୁଥିଲା, ତାହାର ନିର୍ବାଚନ ଥିଲା ସେତେ ନିଶ୍ଚିତ ।

ଜେରୁଜାଲେମ ଅଧିକାର କରି ଖ୍ୟାତି ଅର୍ଜନ କରିଥିବା ଭେସ୍‌ପାସିଆନ୍ ଓ ତାଙ୍କ ପୁଅ ଟାଇଟାସ୍ ବହୁ ସହସ୍ର ବନ୍ଦୀ ଇହୁଦୀଙ୍କୁ ଲଗାଇ ଯେଉଁ ବିଶାଳ ପ୍ରମୋଦ ଭବନ ନିର୍ମାଣ କରିଥିଲେ, ତାହାହିଁ ଥିଲା ସର୍ବବୃହତ୍ । ସାତ ଏକର ଜମି ପରିମିତ ପ୍ରାଙ୍ଗଣ ଚତୁର୍ଦ୍ଦିଗରେ ସିଧା ଭାବରେ ଗଢ଼ାଯାଇଥିଲା ଉନ୍ନତ ଅଟ୍ଟାଳିକା । ଏହା ଏଡ଼େ ବିଶାଳ ଓ ଏଡ଼େ ଦୃଢ଼ ଯେ ଆଜି ପର୍ଯ୍ୟନ୍ତ ଏହା ଅବିକଳ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ହାତୀ ଦାନ୍ତ ଓ ସ୍ୱର୍ଣ୍ଣ ଦ୍ୱାରା ନିର୍ମିତ ଏକ ବିଶେଷ ସ୍ଥାନ ସମ୍ରାଟ ଓ ତାଙ୍କ ଅମାତ୍ୟମାନଙ୍କ ଆସନ ପାଇଁ ଉଦ୍ଦିଷ୍ଟ

ଥିଲା । ସମଗ୍ର ବାଲକୋନିଗୁଡ଼ିକରେ ମୋଟ ପଞ୍ଚସ୍ତରି ହଜାର ଦର୍ଶକ ବସି ପାରିବାର ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରମୋଦ ଭବନର ନାମ 'କୋଲୋସିଅମ୍' ।

ଯେଉଁଦିନ ପ୍ରମୋଦର ବ୍ୟବସ୍ଥା ହେଉଥିଲା, ସେଦିନ ସକାଳୁ ରାତି ପର୍ଯ୍ୟନ୍ତ ତାହା ଅବ୍ୟାହତ ରହୁଥିଲା । ରୋମର ନାଗରିକମାନେ ସେମାନଙ୍କର ସମସ୍ତ ଦୟା, ମାୟା, ମମତା ବାହାରେ କାଢ଼ି ରଖି ତପୂରେ ସେହି ଭବନ ଭିତରକୁ ପ୍ରବେଶ କରୁଥିଲେ । ଶହ ଶହ ବନ୍ଦୀ ଦାସମାନଙ୍କୁ ପ୍ରାଙ୍ଗଣ ଭିତରକୁ ଅଣାଯାଇ ଲଢ଼େଇ କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲା । ବୀଭତ୍ସ, ଅକାରଣ ଓ କଞ୍ଚା ହତ୍ୟାହିଁ ଥିଲା ସେହି ଖେଳର ଏକମାତ୍ର ଲକ୍ଷ୍ୟ । ରୋମବାସୀମାନେ ଯଦିଓ ରକ୍ତପାତର ଦୃଶ୍ୟ ଭଲପାଉଥିଲେ, ରକ୍ତର ଗନ୍ଧ କିନ୍ତୁ ଭଲ ପାଉ ନଥିଲେ । ସେଥିପାଇଁ ତଳମହଲାରେ ମୂଲ୍ୟବାନ୍ ମଦରେ ନାନାପ୍ରକାର ମସଲା ପକାଇ ସେଇ ରକ୍ତକୁ ଫୁଟାଯାଉଥିଲା ଓ ପାଇପ୍ ସାହାଯ୍ୟରେ ତାର ଆମେଜ୍ ଉପରକୁ ଛଡ଼ାଯାଉଥିଲା । ତେବେ ରକ୍ତର ଗନ୍ଧ ଭଲ ନ ପାଇଲେ ମଧ୍ୟ କେହି କେହି ଅଭିଜାତ ରୋମବାସୀ ପ୍ରାଙ୍ଗଣ ନିକଟକୁ ଓହ୍ଲାଇ ଆସି ନିହତ ବ୍ୟକ୍ତିମାନଙ୍କ ଭିତରେ ଯେଉଁମାନେ ବିଶେଷ ବୀରତ୍ୱର ପରିଚୟ ଦେଇଥାଆନ୍ତି, ସେମାନଙ୍କର ରକ୍ତ ଆସ୍ୱାଦନ କରୁଥିଲେ ବୋଲି ଇତିହାସ ସାକ୍ଷ୍ୟ ଦିଏ ।

କ୍ରମେ ରୋମ ସାମ୍ରାଜ୍ୟର ପତନକାଳ ଆସନ୍ନ ହୋଇ ଆସିଲା । କାଳକ୍ରମେ ଅନେକ ରୋମବାସୀ ଖ୍ରୀଷ୍ଟଧର୍ମ ମଧ୍ୟ ଗ୍ରହଣ କଲେ । କିନ୍ତୁ ତଥାପି ସେମାନଙ୍କର ଏହି ହତ୍ୟା ଦୃଶ୍ୟ ଅବଲୋକନ କରିବାର ନିଶା ତୁଟିଲା ନାହିଁ ।

ପଞ୍ଚମ ଶତାବ୍ଦୀରେ ଦିନେ ସେହିଭଳି ଉତ୍ସବ ଚାଲିଥାଏ ।

ଦୁଇଦଳ ତାଲିମ ପ୍ରାପ୍ତ ବନ୍ଦୀଙ୍କୁ ପ୍ରାଙ୍ଗଣର ଦୁଇଦିଗରୁ ପରସ୍ପର ଆଡ଼କୁ ମାଡ଼ିଯିବା ସକାଶେ ନିର୍ଦ୍ଦେଶ ଦିଆଯାଇଥାଏ । ହଠାତ୍ ଆସନ୍ନ ରକ୍ତପାତର ଅବ୍ୟବହିତ ପୂର୍ବ-ମୁହୂର୍ତ୍ତରେ ବାଲ୍‌କୋନିରୁ କେହି ଜଣେ ବ୍ୟକ୍ତି ସେହି ଦୁଇଦଳ ମୃତ୍ୟୁ ପଥଗାମୀଙ୍କ ଭିତରକୁ ଡେଇଁପଡ଼ି ଉଦାତ୍ତ କଣ୍ଠରେ ଚିତ୍କାର କଲା, ''ବନ୍ଦକର ଏଇ ବୀଭତ୍ସ ତାମସା !''

କିନ୍ତୁ ଦର୍ଶକମାନେ ଏଇ ଆକସ୍ମିକ ପ୍ରତିରୋଧରେ ଉତ୍‌କ୍ଷିପ୍ତ ହୋଇ ଉଠିଲେ । ତେଣେ କିନ୍ତୁ ସେହି ଅପରିଚିତ ବ୍ୟକ୍ତିର କଣ୍ଠସ୍ୱର ସେମାନଙ୍କର ଉତ୍ତେଜନାକୁ ପ୍ରଶମିତ କରି ଦେଉଥାଏ; ଯେପରିକି ସେମାନଙ୍କ ଅନ୍ତଃସ୍ଥଳକୁ ଯାଇ ତାହା ତୀକ୍ଷ୍ଣ ଭାବରେ ସ୍ପର୍ଶ କରୁଥାଏ ।

ମୁହୂର୍ତ୍ତକ ସକାଶେ ସମସ୍ତ ଅନୁଷ୍ଠାନ ବନ୍ଦ ହୋଇଗଲା । ପରମୁହୂର୍ତ୍ତରେ କିନ୍ତୁ ସମବେତ ଜନତାର ପାଶବିକତା ଗର୍ଜନ କରିଉଠିଲା, ''ଲୋକଟାକୁ ଦଳି ଦିଅ !'' ତତ୍‌କ୍ଷଣାତ୍ ଖଣ୍ଡବିଖଣ୍ଡ ହୋଇ ଲୋକଟିର ଦେହ ପ୍ରାଙ୍ଗଣ ଭିତରେ ଲୋଟି ପଡ଼ିଲା ।

ଆଜି ପର୍ଯ୍ୟନ୍ତ ଇତିହାସ ସେ ଲୋକଟି ସମ୍ପର୍କରେ ବିଶେଷ କିଛି ସାକ୍ଷ୍ୟ ଦେଇପାରେ ନାହିଁ । ଏତିକି ଜଣାଯାଇଛି ଯେ ସେ ପ୍ରାଚ୍ୟ ଭୂଖଣ୍ଡର ଜଣେ ସନ୍ନ୍ୟାସୀ ପର୍ଯ୍ୟଟକ ଭାବରେ ରୋମକୁ ଯାଇଥିଲେ । ହୁଏତ ସେ ଲୋକଟି ଥିଲେ ସମଗ୍ର ମାନବିକତା ତଥା ବିବେକର ପ୍ରତୀକ । କାରଣ ସେହି ଦିନରୁ ରୋମବାସୀମାନଙ୍କ ଭିତରେ ଆସିଲା ନାହିଁ ନଥିବା ଭାବାନ୍ତର । କୋଲିସିଆମ୍‌ରେ ତହିଁପରଠାରୁ ସେହି ନୃଶଂସ ତାମସାର ପୁନରାବୃତ୍ତି ଆଉ ହୋଇ ନାହିଁ ।

('ମନୋଜ ଦାସ ପରିବେଷିତ
ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ)

❑❑❑

ସକଳ ବସ୍ତୁ ମଧ୍ୟରେ ଯାହା ସବୁଠାରୁ କଷ୍ଟକର ତାହା ହେଉଛି ଦିବ୍ୟ ଚେତନାକୁ ପାର୍ଥିବ ଜଗତ୍ ମଧ୍ୟକୁ ଉତାରି ଆଣିବା; ସେଇ କାରଣରୁ କ'ଣ ଏ ଦିଗରେ ପ୍ରୟାସକୁ ପରିତ୍ୟାଗ କରିବାକୁ ହେବ ? ନିଶ୍ଚୟ ନୁହେଁ ।

— ଶ୍ରୀମା

କ୍ଲାସରେ ଶ୍ରୀମା'ଙ୍କ କାହାଣୀ :

# ତୁଷାର କଣା ଓ ଲାଲ ଗୋଲାପ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତ୍ତୁଆର ଆନେକ୍ସ (Dortoir – Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣିଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ପରେ ନଳିନୀଦାଙ୍କୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ, ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୨ ମସିହା ଅଗଷ୍ଟ ୨୨ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

ସେ ଦୁହେଁ ଦୁଇ ଭଉଣୀ – ଜଣକର ନାମ ତୁଷାର କଣା ଓ ଅନ୍ୟଟିର ନାମ ଲାଲ ଗୋଲାପ । ଦୁଇଜଣଙ୍କ ମଧ୍ୟରେ ଜଣେ ତୁଷାର ପରି ସଫା ଧୋବ, ଅନ୍ୟ ଜଣକର ଗୋଲାପ ଫୁଲ ଭଳି ଟିକିଏ ଗୋଲାପୀ ଆଭା ରହିଛି । ମାଆ ତାଙ୍କର ବଡ଼ ଝିଅଟିକୁ ଡାକନ୍ତି 'ତୁଷା' ଓ ଛୋଟଟିକୁ ଡାକନ୍ତି 'ଗୋପା' ବୋଲି ।

ଉତ୍ତରାଞ୍ଚଳରେ ବନପ୍ରାନ୍ତକୁ ଲାଗି ସେମାନଙ୍କ ଘର । ମାଆ ଛଡ଼ା ସେମାନଙ୍କର ସଂସାରରେ ଆଉ କେହି ନାହିଁ । ମାଆ ମଧୁର ସ୍ୱଭାବ ବିଶିଷ୍ଟା ଓ ସ୍ନେହମୟୀ । ସେମାନଙ୍କର ଖିଆପିଆ, ପିନ୍ଧାପିନ୍ଧି ଓ ଶୋଇବା ଏପରିକି ଲେଖାପଢ଼ା ଓ ଖେଳାବୁଲା – ସବୁକଥାରେ ସାଙ୍ଗ ହେଉଛନ୍ତି ସେଇ ମାଆ; ସେମାନଙ୍କ ଘରର ତ୍ରିସୀମା ଭିତରକୁ କେବେହେଲେ ଗାଳି-ଗୁଲଜ, ରାଗକରିବା ବା କନ୍ଦାକନ୍ଦି ଆଦି ପଶି ନାହିଁ – ଏସବୁର ସେଠାରେ ସ୍ଥାନ ନାହିଁ । ଝିଅମାନେ ସଦାବେଳେ ହସଖୁସିରେ, କାମଦାମରେ ବ୍ୟସ୍ତ ଥାଆନ୍ତି । ଯାହାର ଯେଉଁ ଦିଗରେ ଝୁଙ୍କ, ମାଆ ତାଙ୍କର ତା'ର ବିପରୀତ ଦିଗରେ ଯିବା ପାଇଁ ବାଧ କରନ୍ତି ନାହିଁ, ତାଙ୍କର ଲକ୍ଷ୍ୟ ଖାଲି ପିଲାମାନେ ହୁଅନ୍ତୁ ଖାଣ୍ଟି କର୍ମକୁଶଳୀ, ହୁଅନ୍ତୁ ଧୀମାନ୍ ଓ ଅଧ୍ୟବସାୟୀ ।

ବଡ଼ ଝିଅ ତୁଷାରର ଇଚ୍ଛା ମାଆଙ୍କର ପାଖେ ପାଖେ ରହିବା, ନାନାପ୍ରକାର ବହି ପଢ଼ିବା, ଗଳ୍ପ ଶୁଣିବା; ଆଉ ସାନ ଝିଅ ଗୋଲାପର ଇଚ୍ଛା ସେ ଖୁବ୍ ବୁଲିବ, ଦେଖିବ, କାମ କରିବ ଓ ଏସବୁ ସହିତ ଖେଳାଖେଳି କରିବ । ମାଆ ସେଥିପାଇଁ ବଗିଚାଟିର ଦେଖାଶୁଣାର ଭାର ତାହାରି ଉପରେ ଛାଡ଼ିଛନ୍ତି । ଗୃହର ପ୍ରବେଶ ଦ୍ୱାରର ଦୁଇପାଖରେ ସେ ଲଗାଇଛି ଦୁଇଟି ଚମତ୍କାର ଗୋଲାପର ଗଛ । ମାଆ କହନ୍ତି – ତୁମେ ଦୁହେଁ ଯେପରି ଦୁଇ ଭଉଣୀ, ଏଇ ଗୋଲାପ ଗଛ ଦୁଇଟି ବି ସେଇଭଳି ଦୁଇ ଭଉଣୀ, ସେ ଦୁଇଟିକୁ ମିଶାଇଲେ ତୁମେ ଚାରି ଭଉଣୀ । ପିଲାଏ କହନ୍ତି, ''ଆଉ ତୁମେ ? ଆଉ ଆମର ଭୁଲୁ ?'' ମାଆ ହସି ହସି ଉତ୍ତର ଦିଅନ୍ତି, ''ଠିକ୍ ଅଛି – ଚାରି ଆଉ ମୋତେ ମିଶାଇ ପାଞ୍ଚ, ଆଉ ଭୁଲୁକୁ ମିଶାଇ ଛଅ – ଆମେ ସମସ୍ତେ ଛ'ଜଣ, ପୃଥିବୀର ଗୋଟାଏ କୋଣରେ ଛଅ ଜଣ ଆମେ ।''

ଭୁଲୁଟି ହେଉଛି ତୁଷାର କଣାର ସ୍ନେହ-ଆଦରର ବନ୍ଧୁ – ମେଣ୍ଢା ଛୁଆଟିଏ । ଏମାନେ ସମସ୍ତେ ସେଇ ଛୋଟ ଗୃହଟିରେ ଆନନ୍ଦରେ ଥାଆନ୍ତି । ତୁଷାର କହେ – ମାଆକୁ ଛାଡ଼ି ମୁଁ କେଉଁଆଡ଼େ ଯିବି ନାହିଁ; ଗୋପା କହେ, ''ଚାଲ ନା ବୁଲି ଆସିବା ବଡ଼ ବଗିଚାରୁ, ସନ୍ଧ୍ୟାବେଳେ ଯାଇଁ ଫେରିବା ।'' ମାଆ 'ହଁ' କରନ୍ତି, କେବେହେଲେ ବି ଗାଳି ଦିଅନ୍ତି ନାହିଁ; ଯଦି କେବେ ପିଲାମାନେ କିଛି ଅନ୍ୟାୟ ବା ଭୁଲ କରି ବସନ୍ତି ତେବେ ସିଏ ଖାଲି ମଧୁର ସ୍ୱରରେ କହନ୍ତି, ''ଏପରି କରିବା ଠିକ୍ ହୋଇ ନାହିଁ'' । ତେଣୁ ଭଉଣୀ ଦୁହେଁ ମାଆଙ୍କୁ ଡରନ୍ତି ନାହିଁ; ଭୁଲବଶତଃ କିଛି ଘଟିଗଲେ ସେମାନେ ଲୁଚାଇ ବସନ୍ତି ନାହିଁ; ସେମାନେ ଖୁସିରେ ଭୁଲଟିକୁ ସଂଶୋଧନ କରିବାକୁ ଲାଗିଯା'ନ୍ତି । ସେଥିପାଇଁ ଏକା ଭଳି ଭୁଲ୍ ସେମାନେ ଦ୍ୱିତୀୟ

ଥର କରନ୍ତି ନାହିଁ । ମାଆ କହନ୍ତି, ପ୍ରତିଦିନ କିଛି ସମୟ ବୁଲି ଆସିବା ଭଲ । ସେଥିପାଇଁ ତୁଷାର ଗୋଲାପକୁ ନେଇ ବଡ଼ ଉଦ୍ୟାନକୁ ବୁଲିଯାଏ । ଘରକୁ ଲାଗି ଯେଉଁ ବଡ଼ ଅରଣ୍ୟ ରହିଛି, ସେଇଟିକୁ ସେମାନେ ମଜାରେ 'ବଡ଼-ଉଦ୍ୟାନ' ବୋଲି କହୁଥିଲେ ।

ବଣ ଭିତରେ ପଶି ଏପାଖ ସେପାଖ ବୁଲି ସବୁ ଦେଖନ୍ତି, ଟିକିଏ ବି ଡର ଭୟ ନ ଥାଏ ତାଙ୍କର, ବଣର ପଶୁପକ୍ଷୀ ମଧ୍ୟ ଏମାନଙ୍କୁ ଦେଖି ଟିକିଏ ହେଲେ ସଂକୁଚିତ ହୁଅନ୍ତି ନାହିଁ । କାରଣ ଏମାନେ ମନରେ କାହାଠୁ ଭୟ ପାଇବା ଯେପରି ନାହିଁ, ସେଇପରି କାହାରିକୁ ଭୟଭୀତ କରାଇବା ବି ନାହିଁ । ଗଛ ଉପରୁ ଓହ୍ଲାଇ ଆସି ଗୁଣ୍ଡୁଚି ମୂଷା ଏମାନଙ୍କ ହାତରୁ ଖାଇବା ଜିନିଷ ନେଇ ଖାଏ, ବଣର ଛୋଟିଆ ଛୋଟିଆ ଚଢ଼େଇ ଏମାନଙ୍କ ଦେହକୁ ଲାଗି ଡିଆଡେଇଁ କରି ଖେଳନ୍ତି ଓ ରବ କରନ୍ତି ଚିକ୍, ଚିକ୍, ଚିକ୍; ଆଉ ଏ ଦୁହେଁ ବି ସେଇ ଶବ୍ଦର ଅର୍ଥ ବୁଝିପାରନ୍ତି ଓ ପକେଟରୁ କାଢ଼ି ଚୋପା ଥିବା ମଟର ଭଜା, ବାଦାମ ଭଜା ବିଛାଡ଼ି ଦିଅନ୍ତି । ପକ୍ଷୀମାନେ ଆସି ସେମାନଙ୍କ ଲମ୍ବା ଧାରୁଆ ଥଣ୍ଟରେ ସେଗୁଡ଼ିକୁ ଧରି ବସାକୁ ଉଡ଼ି ଯାଆନ୍ତି । ବଣର ଠେକୁଆ, ହରିଣ ଓ ମେଣ୍ଢା ପ୍ରଭୃତି ଏମାନଙ୍କୁ ଦେଖି ଦୌଡ଼ି ପଳାନ୍ତି ନାହିଁ । ସେସବୁ ଜୀବ-ଜନ୍ତୁଙ୍କ ସହିତ ସେମାନଙ୍କର ବନ୍ଧୁତା ଗଢ଼ି ଉଠିଛି । ଦିନେ ଖେଳିବୁଲି ଥକ୍କା ହୋଇ ସେ ଦୁହେଁ ସେଇ ବଡ଼ ବଗିଚାରେ ଶୋଇ ପଡ଼ିଲେ । କେତେ ଜନ୍ତୁ ଜାନୁୟାର ବାଘ ଭାଲୁ ଆଦି ଅଛନ୍ତି, ସାପ, ଗୋଧି ଆଦି ଅଛନ୍ତି, କିନ୍ତୁ କେହି ବି ଆସି କିଛି କ୍ଷତି କରି ନାହାନ୍ତି । ଏମିତିକି ଥରେ ଥରେ ରାତିଟା ସାରା ଶୋଇ ପଡ଼ିଛନ୍ତି ଓ ସକାଳ ହେବା ପରେ ନିଦ ଭାଙ୍ଗିବାରୁ ଘରକୁ ଫେରିଛନ୍ତି । ମାଆ ସେମାନଙ୍କୁ ସେଥିପାଇଁ ଗାଳିଗୁଲଜ କିଛି କରି ନାହାନ୍ତି ।

ଥରେ ବନସ୍ତ ମଝିରେ ଖେଳୁଖେଳୁ ଅନେକ ଦୂରକୁ ଚାଲିଗଲେ । ଅନ୍ଧାର ହୋଇ ଯିବାରୁ ସେଇଠି ଶୋଇ ପଡ଼ିଲେ । ପ୍ରଭାତ ହେବା ଆଗରୁ ସାମାନ୍ୟ ଫରଚା ହୋଇଛି କି ନାହିଁ ବଡ଼ ଝିଅ ତୁଷାରର ନିଦ ଭାଙ୍ଗିଗଲା, ଆଖି ଆଗରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲା, କୌତୂହଳବଶତଃ ସେ ସାନ ଭଉଣୀକୁ ଉଠାଇ କହିଲା, 'ଦେଖ ଦେଖ କି ମଜାର ଜିନିଷ' । ତୁଷାର ଚାହିଁ ଦେଖିଲା, ଗୋଲାପ ବି ଚାହିଁଲା – ଅପୂର୍ବ ଏକ ମନୁଷ୍ୟାକୃତି ଚେହେରା ସେଇମାନଙ୍କ ଦେହକୁ ଲାଗି ଶୋଇ ରହିଛି । ସେମାନଙ୍କ କଣ୍ଠ ଶବ୍ଦରେ ସେଇ ଚେହେରାଟି ଉଠି ଛୁଟି ଚାଲିଗଲା ଆଖି ପିଛୁଳାକେ; ଚାହୁଁ ଚାହୁଁ ବହୁତ ଦୂରକୁ ଓ ଅଦୃଶ୍ୟ ହୋଇଗଲା । ଭଉଣୀ ଦୁହେଁ କିଛି ବୁଝି ନ ପାରି ସବିସ୍ମୟେ ଉଠି ବସିଲେ, ପାଖକୁ ଚାହିଁ ଦେଖିଲେ ଯେଉଁଠି ସେମାନେ ଶୋଇଥିଲେ, ସେଇ ପାଖରୁ ତଳ ଯାଏଁ ଗଭୀର ଖାଲ । ବୁଝିପାରିଲେ ଚାଲିଚାଲି ସେମାନେ ଅନମନସ୍କ ଭାବରେ ସନ୍ଧ୍ୟା ବେଳେ ଏକ ପାହଡ଼ର ଉଚ୍ଚ ଜାଗାକୁ ଚାଲିଯାଇ ଥିଲେ ଏବଂ ତୀଖ ଧାରକୁ ଲାଗି ଶୋଇ ପଡ଼ିଥିଲେ । ଶୋଇବା ଅବସ୍ଥାରେ ସାମାନ୍ୟ ଅସାବଧାନ ବା ଅସତର୍କ ହୋଇଥିଲେ ସିଧା ଯାଇଁ ପାହାଡ଼ ତଳେ ପଡ଼ିଥା'ନ୍ତେ । ଘରକୁ ଫେରି ସେ ଦୁହେଁ ସେମାନଙ୍କ ମାଆଙ୍କ ଆଗରେ ସବୁକଥା ବଖାଣିଲେ, ସେଇ କୌତୁକିଆ ଲୋକଟିର କଥା, କେମିତି ସେଇ ଆଲୋକର ପୋଷାକ ପିନ୍ଧିଥିବା ଅଦ୍ଭୁତ ଲୋକଟି ଚାହୁଁ ଚାହୁଁ ଅଦୃଶ୍ୟ ହୋଇଗଲା, ଯିଏ ସେମାନଙ୍କ ପାଖରେ ରାତିସାରା ସେମାନଙ୍କୁ ଜଗି ଶୋଇଥିଲା । ମାଆ କହିଲେ – ସେଇଟି ହେଉଛି ଗୋଟିଏ ପରୀ, ବନ-ବନାନ୍ତରେ ରହିଥା'ନ୍ତି ସେମାନେ, ରାତିରେ ଶିଶୁମାନେ ଶୋଇ ପଡ଼ିଲେ ସେମାନେ ପହରା ଦିଅନ୍ତି ଯେମିତି ସେମାନଙ୍କ ଉପରେ କୌଣସି ବିପଦଆପଦ ନ ଆସେ । ସେତେବେଳେ ମାଙ୍କ କଥା ଶୁଣି ସେ ଦୁହେଁ ବୁଝି ପାରିଲେ କାହିଁକି ସେମାନେ ପାହାଡ଼ରୁ ତଳକୁ ଗଡ଼ି ପଡ଼ି ନାହାନ୍ତି ।

ଏଇପରି ଭାବରେ ସେମାନଙ୍କର ଦିନ କଟିଯାଏ । ଘରେ ବି ଅନେକ କାମ, ମାଆ ଘର ଯାକର ନାନା କାର୍ଯ୍ୟ ଯତ୍ନ କରି ଶିଖା'ନ୍ତି । ସେମାନେ ଘର ଓଳାଇବା, ବାସନ ମାଜିବା, ଲୁଗାପଟା କାଚି ସଫା କରିବା ଠାରୁ ଆରମ୍ଭ କରି ଘରକୁ ସଜାଇବା ଓ ଫୁଲଦାନିରେ କେମିତି ନାନାଜାତିର ଫୁଲ ସହ ପତ୍ର ସଜାଇବାକୁ ହେବ, ଘରେ ଥିବା ଆସବାବପତ୍ରର ଝଡ଼ାପୋଛା ଓ ପରିଚର୍ଯ୍ୟା କରିବା... ଇତ୍ୟାଦି କାମ ଶିଖିଗଲେ; ଯାହା ଫଳର ପ୍ରତିଟି କାମ ସବୁଦିଗରୁ ନିଖୁଣ ରୁଚିସମ୍ପନ୍ନ ହୋଇପାରିବ । ଏସବୁ ଛଡ଼ା ରୋଷାଇଶାଳରେ କିପରି ଆଞ୍ଚ ଦେବାକୁ ହୁଏ, ପରିବା କାଟିବାକୁ ହୁଏ, ମସଲା ପ୍ରସ୍ତୁତ କରିବାକୁ ହୁଏ ଏବଂ ନାନାପ୍ରକାର ରାନ୍ଧଣା ରାନ୍ଧିବାକୁ ହୁଏ ଏହା ମଧ୍ୟ ମାଆ ସେମାନଙ୍କୁ ବତାଇ ଦିଅନ୍ତି ।

ହଠାତ୍ ଦିନେ ରାତିରେ, ବେଶ୍ ଗଭୀର ରାତି ହେବ, ସେମାନଙ୍କ ଘରର ସଦର ଦରଜାରେ କିଏ ଯେପରି ଆଘାତ

କଲା । ସେମାନେ ମା'ଙ୍କୁ ଘେରି ବସି ତାଙ୍କଠାରୁ ଗଳ୍ପ ଶୁଣୁଥିଲେ । ହଠାତ୍ ଦୁଆରରେ ଆଘାତ ହେବାର ଶବ୍ଦ ଶୁଣି ଗୋଲାପ ଆଗେ ଦୌଡ଼ିଗଲା ଦେଖିବାକୁ । ଦରଜାଟି ଖୋଲିବା କ୍ଷଣି ଯାହା ତା'ର ଆଖିରେ ପଡ଼ିଲା, ସେ କଥା ବର୍ଣ୍ଣନା କରିବାକୁ ତା'ର ଭାବ ଓ ଭାଷା ଅଣ୍ଟିଲା ନାହିଁ, ଖାଲି ମୁହଁରୁ 'ମାଲୋ' ବୋଲି ଭୟବିହ୍ୱଳିତ କଣ୍ଠରେ ସେ ଡାକ ଛାଡ଼ିଲା ଓ ସେଇପରି ଉର୍ଦ୍ଧ୍ୱଶ୍ୱାସରେ ଘର ଭିତରକୁ ପଳାଇ ଆସିଲା । ହଠାତ୍ ଯେପରି ଘରର ଶାନ୍ତ ପରିବେଶଟି ଥରି ଉଠିଲା । ଭୁଲୁଟା ମଧ୍ୟ ଅଧାନିଦରୁ ଉଠି 'ବ୍ୟା''ବ୍ୟା' କରି ଡାକ ଛାଡ଼ିବାକୁ ଲାଗିଲା, ତୁଷାର ମଧ୍ୟ ଭୟରେ ସଂକୁଚିତ ହୋଇ କ'ଣ କରିବ କିଛି ଭାବି ପାରିଲା ନାହିଁ । ସେମାନଙ୍କର ମାଆ ଏଇ ପ୍ରଥମ ଥର ଲାଗି ଘରେ ଭୟର ବାତାବରଣ ପ୍ରବେଶ କରିଥିଲା ଲକ୍ଷ୍ୟ କଲେ । ଯେଉଁ ଭୟଭୀତିର ପବନ ତାଙ୍କ ପିଲାଙ୍କଠାରୁ ସବୁଦିନ ପାଇଁ ଦୂରେଇ ଯାଇଛି ବୋଲି ତାଙ୍କର ଧାରଣା ଥିଲା ତାହା ଯେ ସତ ନୁହେଁ, ଏହା ତାଙ୍କର ଅନୁଭବ ହେଲା । ମାତ୍ର ବ୍ୟାପାରଟା କ'ଣ ? ଭୟର କାରଣଟା କ'ଣ ? ସବୁକଥା ସ୍ପଷ୍ଟ ବୁଝିବା ଆଗରୁ ସେ ଦେଖିଲେ ଏକ କଳାକିଟିକିଟିଆ ପ୍ରକାଣ୍ଡ ଭାଲୁ ଆସି ଦରଜାରେ ଆଘାତ କରିଛି । ତାହାର ବିପୁଳକାୟ ବପୁ, ପ୍ରଚଣ୍ଡ ଦୈତ୍ୟ ଭଳି ଚେହେରା ଦେଖି ବୁଝିଲେ ପିଲାଙ୍କ ଜୀବନରେ ଏପରି ଦୃଶ୍ୟ ପ୍ରଥମ କରି ଘଟିଛି – ଗୋଟାଏ କଳା ବିରାଟ ବଣୁଆ ଭାଲୁ ଦରଜା ଠେଲି ତାଙ୍କର ନିଆଁ ପୁହାଁଇବାର ଜାଗା ଯାଏଁ ଚାଲିଆସିଛି । ଅଥଚ କି ଆଶ୍ଚର୍ଯ୍ୟ ଭାଲୁଟା ଏକେବାରେ ଶାନ୍ତ ନିରୀହ; ନିଆଁ ପାଖରେ ବସି ମଣିଷ ଭଳି ମିଠା ସ୍ୱରରେ ସେମାନଙ୍କୁ ଚାହିଁ କହିଲା, ''ମୋତେ ଡର ନାହିଁ, ମୁଁ ତୁମ୍ଭମାନଙ୍କର କୌଣସି କ୍ଷତି କରିବି ନାହିଁ । ଶୀତରାତିରେ ଏତେ ଭୟଙ୍କର ବରଫ ପଡୁଛି ଯେ ମୋତେ ଲାଗିଲା ମୁଁ ଜମାଟ ବାନ୍ଧି ଯିବି । ଏଇ ଘରେ ଆଲୁଅ ଜଳୁଛି ଦେଖି ମନରେ ଆସିଲା ଟିକିଏ ନିଆଁ ପୁହାଇବାକୁ ମିଳିବ; ନ ହେଲେ ବଞ୍ଚିବା ଅସମ୍ଭବ ହୋଇପଡ଼ିବ । ତୁମ୍ଭେମାନେ ନିଆଁର ତାପଟା ଟିକିଏ ବଢ଼ାଇ ଦିଅ, ମୋ ପିଠିରେ ଓ ମୁଣ୍ଡରେ ଥିପ୍ପା ହୋଇଥିବା ବରଫଖଣ୍ଡକୁ ଝାଡ଼ି କାଢ଼ି ପକାଅ ।'' ମାଆ ତା'ର କଥା ଶୁଣି ଝିଅ ଦୁହିଁଙ୍କୁ ଡାକିଲେ, ''ଆସ ଆସ ବିଚରାଟିର ଦେହରୁ ବରଫଖଣ୍ଡ ସବୁ ଅଲଗା କରିଦିଅ, ସଫା ହୋଇଯାଉ ତା'ର ଦେହଟା'' – ଏହା କହି ସେ ଜଳନ୍ତା ନିଆଁରେ ଆହୁରି କାଠଖଣ୍ଡ ପକାଇ ଦେଲେ ଓ ବିଞ୍ଚିବାକୁ ଲାଗିଲେ । ହୁ ହୁ ହୋଇ ଜଳିଉଠିଲା ସେଇ ନିଆଁଟା । ମାଆଙ୍କ କଥାରେ ଭରସା ପାଇ ଝିଅ ଦୁହେଁ ବେଶ୍ ବଡ଼ ଗୋଟିଏ ଧୂଳିଝଡ଼ା ହେଉଥିବା ଝାଡୁ ଧରି ପିଟି ପିଟି ଭାଲୁ ଦେହରୁ ବରଫ ଖଣ୍ଡ ସବୁ ଝଡ଼ାଇବାକୁ ଲାଗିଗଲେ । ନିଆଁ ଝାସରେ ସେଗୁଡ଼ିକ ଟିକିଏ ନରମ ହୋଇଯାଇ ଥିଲା ସେଥିପାଇଁ ସହଜରେ ଖସି ଗଲା । ତା'ପରେ ଭାଲୁଟା ବେଶ୍ ଆରାମରେ ସେଠି ଶୋଇପଡ଼ି ଘୁଙ୍ଗୁଡ଼ି ମାରିଲା । ଏହା ଭିତରେ ଭାଲୁଟା ଯେ ସେମାନଙ୍କୁ କାମୁଡ଼ିବ ନାହିଁ ବା କିଛି କ୍ଷତି କରିବ ନାହିଁ – ଏଇ ବିଶ୍ୱାସ ସେମାନଙ୍କର ଆସିଯାଇଛି । ମାତ୍ର ଏଇ ବିଶ୍ୱାସ ହେତୁ ବିଚରା ଭାଲୁକୁ ସେମାନଙ୍କ ପାଖରୁ ଅତ୍ୟାଚାର ସହିବାକୁ ପଡ଼ିଲା । ଦୁଇଜଣ ଯାକ ତା' ପିଠି ଉପରେ ଲଦି ହୋଇ ତା' ଦେହରୁ ବଡ଼ ବଡ଼ ଲୋମ ଧରି ଟାଣିବାକୁ ଲାଗିଲେ, ଫଳରେ ଭାଲୁଟି ବ୍ୟସ୍ତ ହୋଇ ପଡ଼ିଲା, ତା' ସାଙ୍ଗରେ ପିଲାଦୁହିଁଙ୍କର ନରମ ହାତର ସ୍ପର୍ଶ ପାଇ ଖୁସି ହେବାକୁ ଲାଗିଲା । ତା'ପରେ ଉଭୟ ପକ୍ଷରୁ ଖେଳ ଆରମ୍ଭ ହୋଇଗଲା । ସେମାନେ ତାକୁ ଖେଞ୍ଚାଖେଞ୍ଚି କରି ଟାଣି ଯେମିତି ପିଲାଳିଆମିର ଚୂଡ଼ାନ୍ତ ଖେଳ ଦେଖାଇବାକୁ ଲାଗିଲେ । ମଝିରେ ମଝିରେ ସେମାନଙ୍କ ମାଆ ଆସି ଉଭୟଙ୍କୁ ଶାସନ କଲେ – ଆରେ, ବିଚରାଟି ଭଲ ଜୀବଟିଏ ବୋଲି ତା' ଉପରେ ଏମିତି ଅତ୍ୟାଚାର କରିବା କ'ଣ ଠିକ୍ ହେଉଛି ? ଝିଅଦୁହେଁ ମଜାରେ ମାତି ମାଆଙ୍କ କଥାକୁ କାନ ଦେଉ ନ ଥା'ନ୍ତି । ଭାଲୁଟି କ୍ରମଶଃ ସେମାନଙ୍କର ପରମ ବନ୍ଧୁ ହୋଇଉଠିଲା । ବେଳେବେଳେ ଭାଲୁଟି ସେମାନଙ୍କର ସ୍ନେହର ଅତ୍ୟାଚାରରେ ଅତିଷ୍ଠ ହୋଇ ଉଠି କହି ପକାଏ – ମୋତେ ପୂରାପୂରି ମାରିଦିଅ ନାହିଁ । ଝିଅ ଦୁହେଁ ତା' କଥାରେ ହସି ଉଠନ୍ତି । ସେଦିନ ରାତିରେ ଏମିତି ଅନେକ ସମୟ ଧରି ଖେଳ ଚାଲିଲା । ରାତି ପାହିଲା, ସକାଳୁ ଉଠି ସେମାନେ ଦେଖିଲେ ଭଲ୍ଲୁକଟି ନିରୀହ ଶିଶୁଟିଏ ଭଳି ତାଙ୍କ ଅଗଣାରେ ଶୋଇ ଘୁଁଙ୍ଗୁଡ଼ି ମାରୁଛି । ଭାଲୁର ନିଦ ଭାଙ୍ଗଗଲା, ସେ ଡିଆଁଡେଇଁ କରିବାରେ ଲାଗିଲା ତୁଷାର ଓ ଗୋଲାପଙ୍କ ସାଙ୍ଗରେ, ବିଶାଳକାୟ ନୂଆ ଗୋଟାଏ ସାଙ୍ଗ ପାଇ ସେମାନେ ବି ଅନେକ ଖୁସି । ଏମିତି ଭାବରେ କିଛିଦିନ କଟିଗଲା । ଶୀତର ପ୍ରକୋପ କମିଲାରୁ ଭାଲୁ କହିଲା, ''ଥଣ୍ଡା ତ କମିଗଲାଣି, ଏବେ ମୁଁ ବଣକୁ ଚାଲିଯିବି ।'' ତୁଷାର ଓ ଗୋଲାପ ଦୁହିଁଙ୍କର ଆପତ୍ତି କାହିଁରେ କ'ଣ – ଏ କେମିତି କଥା, ଆମେ କ'ଣ ତୁମ ସହିତ କିଛି ଖରାପ ବ୍ୟବହାର କରିଛୁ ? ଭାଲୁ ଉତ୍ତର ଦେଲା

— ମୁଁ ତ ବନସ୍ତର ପ୍ରାଣୀ, ମଣିଷଙ୍କ ଘରେ ରହିଲେ ମୋ ସ୍ୱାସ୍ଥ୍ୟ ଭାଙ୍ଗିଯିବ ଯେ, ତା' ଛଡ଼ା ମୋର ନିଜର କାମଦାମ ରହିଛି । ଉଭୟପକ୍ଷର କଥା କଟାକଟି; ମାଆଙ୍କର ମଧ୍ୟସ୍ଥତାରେ ସେମାନଙ୍କ ଗୋଟାଏ ରଫା ହେଲା, ସେ ଭାଲୁକୁ କହିଲେ — ତୁମେ ପ୍ରତିଦିନ ରାତିରେ ଆସି ନିଆଁ ପୁହାଇବ ଓ ତୁମ ବନ୍ଧୁମାନଙ୍କ ସହ କିଛି ସମୟ ଖେଳିବ । କଥାଟା ସମସ୍ତଙ୍କ ମନକୁ ପାଇଲା, ଭାଲୁ ମଧ୍ୟ ରାଜି ହେଲା । ପ୍ରତିଦିନ ସନ୍ଧ୍ୟା ହେଲେ ତୁଷାର ଓ ଗୋଲାପ ଅପେକ୍ଷା କରି ରହନ୍ତି, କେତେବେଳେ ତାଙ୍କର ବନ୍ଧୁ ଆସିବ । ସେ ନ ଆସିବା ଯାଏଁ ସେମାନେ ତାଙ୍କ ଘରର ସଦର ଦରଜାଟି ଖୋଲା ରଖିଥା'ନ୍ତି ରାତି ହେବା ପର୍ଯ୍ୟନ୍ତ । ଭାଲୁଟି ମଧ୍ୟ ନିୟମିତ ରାତ୍ରିର ପ୍ରଥମ ପ୍ରହରରେ ଆସି ତୁଷାର ଓ ଗୋଲାପଙ୍କ ପାଖରେ ବସି ନିଆଁ ପୁଆଁଏ, ସେମାନଙ୍କ ସହିତ ବଣଜଙ୍ଗଲର ଗଳ୍ପ କରେ ଆଉ ସେମାନଙ୍କର ପିଲାଳିଆ ଅତ୍ୟାଚାରରୁ ବର୍ତ୍ତିବାର ଉପାୟ ଖୋଜି ନ ପାଇ ବେଶ୍ ଆମୋଦ-ପ୍ରମୋଦ ସହ ସହ୍ୟ କରିଯାଏ ।

ଏହିପରି ଭାବରେ କିଛିଦିନ କଟିଗଲା । ଶୀତକାଳ ଚାହୁଁ ଚାହୁଁ ଶେଷ ହୋଇ ଆସିଲା, ବସନ୍ତ ଋତୁର ସ୍ପର୍ଶ କିଛିକାଳ ଆଗରୁ ମିଳିଯାଉଥିଲା । ତୁଷାର ପ୍ରଭୃତିଙ୍କର ଘରକୁ ଲାଗି ବଡ଼ ଉଦ୍ୟାନରେ ଗଛରେ ଗଛରେ ନୂଆ ପତ୍ରଫୁଲ ଦେଖା ଦେଲାଣି — ସତେ ଯେମିତି ବନସ୍ତରେ ମହୋତ୍ସବ ଘଟିବାକୁ ଯାଉଛି — ଚାରିଆଡ଼େ ନବୀନତାର ଆଭାସ; ବନଦେବତୀ ଯେପରି ସବୁ ବୃକ୍ଷକୁ ଡାକ ଦେଇ କହିଯାଇଛନ୍ତି — ପୁରାତନକୁ ଛାଡ଼ି ଆଗେଇ ଯାଅ, ଆହୁରି ଆଗେଇ ଚାଲ । ଭଲ୍ଲୁକମାନେ ମଣିଷ ଅପେକ୍ଷା ଅନେକ ପୂର୍ବରୁ ସେଇ ଆହ୍ୱାନର ସ୍ପନ୍ଦନରେ ଜାଗିଉଠିଛନ୍ତି, କାରଣ ସେମାନେ ବଣର ବାସିନ୍ଦା, ପ୍ରକୃତିର ପ୍ରାଣକେନ୍ଦ୍ର ସହିତ ସେମାନଙ୍କ ପ୍ରାଣ ନିବିଡ଼ଭାବେ ସଂଯୁକ୍ତ, ପ୍ରକୃତିର ପ୍ରତ୍ୟେକଟି ଆଦେଶ ସେମାନେ ମାନି ଚଳନ୍ତି ମା'ର ଅନୁଗତ ସନ୍ତାନ ଭଳି । ଭାଲୁଟି ଦିନେ ଆସି କହିଲା, ତୁମମାନଙ୍କ ସଙ୍ଗେ ଆଜି ଶେଷ ରାତ୍ରି । ତୁଷାର ଆଦି ପଚାରି ବସିଲେ, ଏହାର ଅର୍ଥ କ'ଣ ? ଭଲ୍ଲୁକ ଉତ୍ତର ଦେଲା — କାଲିଠାରୁ ବନସ୍ତର ଏଆଡ଼କୁ ମୁଁ ଆଉ ଆସିପାରିବି ନାହିଁ । ମୋତେ ଦୂରକୁ, ବହୁ ଦୂରକୁ ଚାଲି ଯିବାକୁ ହେବ, ମୋ ଜମିଦାରୀ ଆଡ଼କୁ । ଗୋଲାପ ଓ ତୁଷାରଙ୍କୁ କଥାଟା ଶୁଣି ବହୁତ ବାଧିଲା — ଏକାବେଳେକେ ଚାଲିଯିବାକୁ ହେବ କାହିଁକି, ପ୍ରତି ରାତିରେ ତ ବେଶ୍ ଆସୁଥିଲ, ସେମିତି ଆସୁନା କାହିଁକି ? ଭଲ୍ଲୁକ ଜବାବ ଦେଲା — ଏବେ ଆଉ ତାହା ସମ୍ଭବ ନୁହେଁ । ଏବେ ତ ଶୀତ ଗଲାଣି, ଗରମ ପଡ଼ିଗଲାଣି । ମୋର ବହୁତ ସମ୍ପତ୍ତି ମାଟି ତଳେ ଲୁଚାହୋଇ ରହିଥିଲା, ବରଫର ଆସ୍ତରଣ ତାକୁ ଜବରଦସ୍ତିଆ ପହରା ଦେଉଥିଲା; ବରଫ ତରଳି ନଦୀ ଜଳରେ ମିଶି ବହୁ ଦୂରକୁ ସାଗରରେ ମିଶିବାକୁ ବହିଗଲାଣି । ମୋର ସମ୍ପଦମାନ ଏମିତି ପଡ଼ି ରହିଛି ବିନା ପହରାରେ, ଦେଖିବାକୁ କେହି ନାହିଁ । ଆମର ଶତ୍ରୁ ବହୁତ, ସେମାନେ ଆସି ଲୁଟପାଟ କରି ନେଇଯିବେ । ସେଇ କାରଣରୁ ଏ ପଟକୁ ଆସିବା ମୋ ପକ୍ଷେ ଆଉ ସମ୍ଭବ ନୁହେଁ । ଯିବାକୁହିଁ ପଡ଼ିବ ମୋତେ । ଭଉଣୀ ଦୁହେଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ — ତୁମର ପୁଣି ସମ୍ପତ୍ତି କହିଲେ କ'ଣ, ଜମିଦାରୀ କ'ଣ ? ତୁମେ ତ ଭାଲୁ, ରୁହ ବଣବୁଦାର ଆଢୁଆଳରେ, ଗଛତଳେ; ଭୋକ ଲାଗିଲେ ଖାଅ, ନିଦ ଲାଗିଲେ ଶୋଇପଡ଼ । ଏଇଭଳି ତ ତୁମର ଜୀବନ । ଆମ୍ଭମାନଙ୍କ ଭଳି କ'ଣ ଘରବାଡ଼ି ରହିଛି, ସମ୍ପତ୍ତି ବା ଜମିଦାରୀ ରହିଛି ତୁମର ? ଭଲ୍ଲୁକଟି କହିଲା — ଆଜି ନୁହେଁ, ଏ ଗଳ୍ପ ପରେ କହିବି — ପରେ ଯେବେ ପୁଣି ଶୀତକାଳ ଆସିବ, ସେତେବେଳେ ଯଦି ପୁଣି ଦରଜା ଖୋଲା ରଖିଥିବ ମୁଁ ଆସିବି ତୁମ ସାଙ୍ଗରେ ନିଆଁ ପାଖରେ ବସି ଆରାମରେ ନିଆଁ ପୁହାଇବାକୁ, ସେ ସମୟରେ ସବୁକଥା କହିବି ।

ଭାଲୁଟି ଚାଲିଗଲା ।

(କ୍ରମଶଃ)

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ ❑

କଳ୍ପନା ହେଉଛି ଜୀବନର ସାଧାରଣ ଅଭିଜ୍ଞତାସବୁକୁ ଅତିକ୍ରମ କରି ଚିନ୍ତା କରିବାର ଶକ୍ତି । ଏହା ପରିଶେଷରେ 'ସୃଜନଶୀଳ ପ୍ରେରଣା' ହୋଇଯାଏ ଯେତେବେଳେ ଏହା ଉର୍ଦ୍ଧ୍ୱତର ସ୍ଥିତିକୁ ଆରୋହଣ କରେ ।

— ଶ୍ରୀଅରବିନ୍ଦ

# ଅମାୟିକ ଅଥଚ ଦୃଢ଼ପ୍ରତିଜ୍ଞ ଭୋଳେଶ୍ୱର ବାବୁ

(୧୫.୦୭.୪୧ - ୨୫.୦୨.୨୦୨୨)

ଓଡ଼ିଶାରୁ ୧୯୬୯-୭୦ ମସିହାରେ ସ୍ୱଳ୍ପଦିନ ବ୍ୟବଧାନରେ ତିନି ଜଣ ମାତୃପ୍ରେମୀ ଯୁବକ ଆଶ୍ରମରେ ଆସି ପହଞ୍ଚିଲେ; ଶ୍ରୀମା'ଙ୍କ ଅନୁମତି ଓ ଆଶୀର୍ବାଦ ଲାଭ କରି ଆଶ୍ରମର ଅନ୍ତେବାସୀ ହେଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ତିନି ଜଣଯାକ ଡିପ୍ଲୋମାଧାରୀ ଇଞ୍ଜିନିୟର – ବାଲେଶ୍ୱରରୁ ଆଗତ ମେକାନିକାଲ୍ ଇଞ୍ଜିନିୟର ଯଜ୍ଞେଶ୍ୱର ପାତ୍ର, କଟକରୁ ଆଗତ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଦେବେନ୍ଦ୍ର ଦଳାଇ ଏବଂ ମୟୂରଭଞ୍ଜରୁ ଆଗତ ସିଭିଲ ଇଞ୍ଜିନିୟର ଭୋଳେଶ୍ୱର ଭୂୟାଁ ।

ଶ୍ରୀମା'ଙ୍କ ଅନୁମତି କ୍ରମେ ଯଜ୍ଞେଶ୍ୱର କର୍ମ କଲେ ଉଦାରଙ୍କର ହରପାଗନ ୱାର୍କସପ୍‌ରେ, ଦେବେନ୍ଦ୍ର କର୍ମ କଲେ ଶମ୍ଭୁ-ଦା'ଙ୍କର ଇଲେକ୍ଟ୍ରିକ୍ ଡିପାର୍ଟମେଣ୍ଟରେ ଏବଂ ଭୋଳେଶ୍ୱର ବାବୁ କର୍ମ କଲେ ନବଜ୍ୟୋତି କାର୍ଯ୍ୟାଳୟରେ ।

ଭୋଳେଶ୍ୱର ବାବୁଙ୍କର ପ୍ରଥମ କର୍ମ ହେଲା ନବଜ୍ୟୋତି ପ୍ରେସ୍‌ରେ ହାତ କମ୍ପୋଜିଂ । ଏହି କର୍ମରୁହିଁ ଆମେ ତାଙ୍କର ସହଜାତ ପ୍ରତିଭାର ଆଭାସ ପାଇଥିଲୁ । ଖୁବ୍ ଶୀଘ୍ର, କହିବାକୁ ଗଲେ ତିନି ଦିନ ଭିତରେହିଁ ସେ କମ୍ପୋଜିଂ କାମ ଶିଖିଗଲେ ଯାହାକି ଆମମାନଙ୍କ ସକାଶେ କଳ୍ପନାତୀତ ଥିଲା । ତାଙ୍କର ଶିଖିବାର ଧାରା ଏକେବାରେ ନିଆରା । ପରବର୍ତ୍ତୀ କାଳରେ ଆମେ ହୃଦୟଙ୍ଗମ କଲୁ ଯେ ସେ ଯେକୌଣସି କର୍ମ ହାତକୁ ନେଉଥିଲେ ପ୍ରତିଟି କର୍ମରେ ସେ ତାଙ୍କର ସେହି ନିଆରା ପଦ୍ଧତି ଯୋଗୁଁ ଖୁବ୍ ଶୀଘ୍ର ପାରଦର୍ଶିତା ଅର୍ଜନ କରି ପାରୁଥିଲେ । 'ହଠଯୋଗ' ଶିକ୍ଷାରେ ହେଉ, ଗୃହ ନିର୍ମାଣର ପରିକଳ୍ପନାରେ ହେଉ, ଶାରୀରିକ ଶିକ୍ଷାର ପ୍ରଶିକ୍ଷଣ (Captainship)ରେ ହେଉ ବା 'ପ୍ରାକୃତିକ ଚିକିତ୍ସା'ର ମୌଳିକ ଜ୍ଞାନ ଅର୍ଜନରେ ହେଉ ବା ସର୍ବୋପରି କମ୍ପ୍ୟୁଟର ପ୍ରୋଗ୍ରାମିଂରେ ହେଉ – ସର୍ବତ୍ର ସେ ଥିଲେ ଦୃଢ଼ପ୍ରତିଜ୍ଞ, ଅନନ୍ୟ କର୍ମବୀର ।

ଭୋଳେଶ୍ୱର ବାବୁ ଥିଲେ ଅମାୟିକ, ବିସ୍ମରଣଶୀଳ (ଭୋଳା), ନିର୍ଲିପ୍ତ ଓ ଉଦାସୀନ ସାଧକ-କର୍ମୀ; ସକଳ ପରିସ୍ଥିତିରେ ନିରୁଦ୍‌ବିଗ୍ନମନା । ଏଭଳି ସରଳ ଅମାୟିକ ସ୍ୱଭାବର ବ୍ୟକ୍ତିଗଣ ପ୍ରାୟତଃ ତଥାକଥିତ ସାମାଜିକ ତଥା ଗୋଷ୍ଠୀବଦ୍ଧ ଜୀବନଧାରାରେ ପ୍ରତି ପଦକ୍ଷେପରେ ପ୍ରତାରିତ ହୋଇଥା'ନ୍ତି । ଶ୍ରୀମାଶ୍ରୀଅରବିନ୍ଦଙ୍କର ଅଭିନବ ଯୋଗ-ପଦ୍ଧତିରେ ନିର୍ମିତ ଆମର ଏହି ଆଶ୍ରମ-ପରୀକ୍ଷାଗାରଟିରେ ସେହି ଧରଣର ବାଧାବିପତ୍ତି ଆସିବା ସ୍ୱାଭାବିକ । କେବଳ ସେହି ଭକ୍ତବୃନ୍ଦହିଁ ଏଥିରୁ ଉଦ୍ଧାର ପାଇଯା'ନ୍ତି ଯେଉଁମାନେ ସର୍ବାନ୍ତଃକରଣରେ ଶ୍ରୀମା'ଙ୍କର ଶରଣ ପଶିଥା'ନ୍ତି । ଭୋଳେଶ୍ୱର ବାବୁ ତନ୍ମଧ୍ୟରୁ ଥିଲେ ଅନ୍ୟତମ । ତାଙ୍କୁ କେବେ ବି କୌଣସି ବାଧା ବା ପ୍ରତିବନ୍ଧକ ପ୍ରକୃତରେ ଦୋହଲାଇ ପାରି ନଥିଲା ।

ନବଜ୍ୟୋତି କାର୍ଯ୍ୟାଳୟରେ ତାଙ୍କର ଅନବଦ୍ୟ ସୃଷ୍ଟି ହିସାବରେ ନବଜ୍ୟୋତି ପ୍ରେସ୍‌ର କମ୍ପୋଜିଂ ଛାଉଣୀ ଘର ତଥା ପରବର୍ତ୍ତୀ କାଳରେ ସେହି ସ୍ଥାନରେ ନବନିର୍ମିତ ପ୍ରେସ୍ ଅଟ୍ଟାଳିକା ଓ ଅତିଥିଶାଳା, ନବଜ୍ୟୋତିର ଉପର ମହଲା, ରାସବିହାରୀ ବାବୁଙ୍କ ବାସଭବନର ଉପର ମହଲା, ଓଡ଼ିଆ ନିଳୟମ, ରାମକୃଷ୍ଣ ଭବନ, ଅତିଥି ଭବନ ଇତ୍ୟାଦି ଅନ୍ୟତମ ।

ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ଆମେ ଏହି ଜୀବନରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଜାଣି ପାରିଛୁ, ତାଙ୍କରି ଶରଣରେ ଆସି ପାରିଛୁ ଏବଂ ତାଙ୍କର କର୍ମରେ ବ୍ରତୀ ହୋଇ ପାରିଛୁ । ଏକଥା ବି ନିରାଟ ସତ ଯେ ଆମେ ପ୍ରତ୍ୟେକେ ତାଙ୍କରି ଭବ ରଙ୍ଗମଞ୍ଚରେ ନିଜ ନିଜର ଅଭିନୟଟିକୁ ସାରି କାଳ-ବଳରେ ସ୍ୱ-ଗୃହକୁ ପୁଣି ବାହୁଡ଼ି ଯିବୁ । ଆଉ ଆମମାନଙ୍କର ସ୍ୱ-ଗୃହ ତ କେବଳ ଏ ଜୀବନ ପାଇଁ ନୁହେଁ, ଭବିଷ୍ୟତର ଜୀବନ ସବୁ ସକାଶେ ''ମା'ଙ୍କର କୋଳ'' ।

ତେଣୁ ଦୁଃଖ କ'ଣ ପାଇଁ ? ଆଜି ଭୋଳେଶ୍ୱର ବାବୁ ତ ସ୍ୱ-ଗୃହକୁ ବାହୁଡ଼ି ଯାଇଛନ୍ତି ମାତ୍ର ।

(ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା) ❑

ଚେତନାର ଦିଗ୍‌ବଳୟ :

# ‘‘ଜୀବନ ପାତ୍ର ମୋ ଭରିଛ କେତେ ମତେ...’’

***ପ୍ରଶ୍ନ :** ଭଗବାନଙ୍କର ଇଚ୍ଛାରେ ସଂସାରରେ ଯଦି ସବୁ କିଛି ସଂଘଟିତ ହେଉଛି, ତାହାହେଲେ ଆମେ ତାଙ୍କୁ କିଛି ମାଗିବା ଉଚିତ କି ? ଯଦି ଆମେ ମାଗିବା ତେବେ ତାହା ତ ଆମ ଇଚ୍ଛା ହୋଇଯିବ । କେତେବେଳେ ଆମ ଇଚ୍ଛା ତାଙ୍କ ବିରୋଧରେ ଯାଇପାରେ । ଆମେ କିଛି ମାଗିବା କି ନାହିଁ ?*

**ଉତ୍ତର :** ଆପଣଙ୍କ ପ୍ରଶ୍ନର ଉତ୍ତର ଗୋଟିଏ ମାତ୍ର ଅକ୍ଷର : ‘‘ନା’’ ।

କିନ୍ତୁ ଯେଉଁ ଚେତନାରେ ଥିଲେ ଏଭଳି ଉତ୍ତର ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତାଙ୍କ ପାଇଁ ବାସ୍ତବ ହେବ, ଏ କ୍ଷେତ୍ରରେ ଏ ଉତ୍ତରଦାତା ଜଣକ ସେ ଚେତନାରେ ନାହିଁ । ଆପଣ ମଧ୍ୟ ନାହାନ୍ତି ବୋଲି ମୋର ଧାରଣା – ଯେହେତୁ ଆପଣ ‘‘ଯଦି’’ ଶବ୍ଦ ବ୍ୟବହାର କରିଛନ୍ତି । ବସ୍ତୁତଃ ସେ ଚେତନାରେ ଥିବା ବ୍ୟକ୍ତି – ଅର୍ଥାତ୍ ଯିଏ ସମ୍ପୂର୍ଣ୍ଣ ଭାବରେ ଭାବଗତ ଚେତନା ସହ ଏକୀଭୂତ ହୋଇଥିବ, ତା’ ମନକୁ ଏଭଳି ପ୍ରଶ୍ନ ଆସିବ ନାହିଁ ।

କିନ୍ତୁ ବୋଧଶକ୍ତିର ଯେଉଁ ସ୍ତରରେ ଆମେ ରହିଛୁଁ, ସେହି ସ୍ତରରୁ ବିଚାର କଲେ ଉତ୍ତର ଅତି ସଂକ୍ଷେପରେ ଏମିତି : ଭଗବାନଙ୍କ ଇଚ୍ଛାରେ ସବୁ କିଛି ସଂଘଟିତ ହେଉଛି କଥାଟିକୁ ସାଧାରଣ ଅର୍ଥରେ ସ୍ୱୀକାର କରିନେଲେ ଆମକୁ ମାନିବାକୁ ହେବ ଯେ ଯିଏ ଯେତେ ଅନ୍ୟାୟ ଓ ଜଘନ୍ୟ କର୍ମ କରୁଛି, ଜଗତରେ ଯେତେ ପ୍ରକାର ବିଭୀଷିକା ଘଟୁଛି, ସବୁ ଭଗବାନଙ୍କ ଇଚ୍ଛାରହିଁ ଫଳ । କିନ୍ତୁ ଭଗବାନ୍ ବୋଇଲେ ଆମେ ଯାହା ବୁଝୁଁ, ତାହା ସହିତ ଏଭଳି ସିଦ୍ଧାନ୍ତର ସଂହତି ରହୁଛି କି ?

ପୂର୍ବରୁ ଥରେ ଲେଖିଥିଲି, ଆମେ ଭଗବାନଙ୍କଠାରୁ ବିଯୁକ୍ତ । ବିଯୁକ୍ତ ହେବା ମୁହୂର୍ତ୍ତରେ ଭଗବାନ୍ ଆମ ଚେତନାକୁ ଦେଇଥିଲେ ଅଧମ, ମଧ୍ୟମ ବା ଉତ୍ତମ ହେବାର ସ୍ୱାଧୀନତା; ସଙ୍ଗେ ସଙ୍ଗେ ଦେଇଥିଲେ ଏସବୁ ସ୍ତର ଭିତରେ ପାର୍ଥକ୍ୟ ନିରୂପଣ କରିବାର ଶକ୍ତି । ଏହି ମୌଳିକ ଅର୍ଥରେ କୁହାଯାଇପାରେ ଯେ ସବୁକିଛି ଭଗବାନଙ୍କ ଇଚ୍ଛାରେ ହେଉଛି । ଅର୍ଥାତ୍ ଭଗବାନ୍ ଆମକୁ ସ୍ୱାଧୀନତା ଦେଇଥିବା ଯୋଗୁଁ ଆମେ ଯାବତୀୟ ଅସାଧୁ ଓ ବର୍ବର କର୍ମ କରୁଛୁଁ ।

କିନ୍ତୁ ଏକ ସର୍ତ୍ତ ରହିଛି । ଭଗବାନଙ୍କଠାରୁ ବିଯୁକ୍ତ ଆମକୁ ପୁଣି ତାଙ୍କ ସହ ଯୁକ୍ତ ହେବାକୁ ପଡ଼ିବ ଜନ୍ମଜନ୍ମାନ୍ତର ଅନ୍ତେ । ସେଥିରୁ ଅବ୍ୟାହତି ନାହିଁ । ଭଗବାନ୍ ସତ୍ୟ, ଶିବ ଏବଂ ସୁନ୍ଦର । ତାଙ୍କ ସହ ଯୁକ୍ତ ହେବାକୁ ହେଲେ ଆମେ ଆମ ଚେତନାକୁ ସେହିସବୁ ଗୁଣରେ ସମୃଦ୍ଧ କରିବା ନିମନ୍ତେ ଆସ୍ପୃହା କରିବାକୁ ପଡ଼ିବ; ଦିବ୍ୟ ଶକ୍ତି ପାଖରେ ଆପଣାକୁ ସମର୍ପଣ କରି ଆମକୁ ପରମ ଲକ୍ଷ୍ୟ ଦିଗରେ ଅଗ୍ରସର କରାଇ ନେବା ନିମନ୍ତେ ତାଙ୍କ ସହାୟତା ଭିକ୍ଷା କରିବାକୁ ପଡ଼ିବ । ଅନ୍ୟ ଭାଷାରେ କହିଲେ, ବିଯୋଗକୁ ଯୋଗମୁଖୀ କରିବାକୁ ପଡ଼ିବ । ଯିଏ ସଚେତନ ଭାବରେ ଏହା କରୁଥିବ, ସିଏ ସୁଖ, ସମ୍ପଦ, ଦୀର୍ଘାୟୁ, ଯଶ ପରିବର୍ତ୍ତେ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଅନୁକୂଳ ପରିବେଶ ଓ ସାହାଯ୍ୟ ମାଗୁଥିବ । ଯେହେତୁ ଅନ୍ୟ ସଭିଙ୍କ ଭଳି ଜଣେ ଅଧ୍ୟାତ୍ମ ପିପାସୁ ମଧ୍ୟ ଗୋଟିଏ ଧାତୁରେ ଗଢ଼ା ନୁହେଁ, ତା’ ଭିତରେ ମଧ୍ୟ ଭଗବତ୍ ବ୍ୟାକୁଳତା ସଙ୍ଗେ ସଙ୍ଗେ ବହୁ ଦୁର୍ବଳତା, ଆସକ୍ତି ଥାଏ, ତେଣୁ ତାକୁ ମଧ୍ୟ ଜୀବନରେ ବହୁ ଧକ୍କା ପାଇବାକୁ ପଡ଼ିବାରେ । ସେ କିନ୍ତୁ ସଚେତନ ଭାବରେ ବୁଝୁଥିବ ଯେ ସେସବୁ ଅଭିଜ୍ଞତା ତାକୁ ମୋହମୁକ୍ତ କରିବା ନିମନ୍ତେ ଆବଶ୍ୟକ ଥିଲା । ସେସବୁ ଭଗବାନଙ୍କ ସମ୍ମତିକ୍ରମେ ହେଉଛି ବୋଲି ଯଦି ସେ ହୃଦୟଙ୍ଗମ କରୁଥିବ, ତେବେ ତା’ ଜୀବନରେ ସବୁ କିଛି ଭଗବାନଙ୍କ ଇଚ୍ଛାରେ ହେଉଛି ବୋଲି ସେ କହିବାକୁ ହକଦାର । ସେତକ କହିପାରିବା ଅବସ୍ଥାକୁ ଆସିବା ବେଳକୁ ନିଜ ଦୁଃଖ ଯନ୍ତ୍ରଣା ବାବଦରେ ତା’ ମନରେ କୌଣସି ବିକ୍ଷୋଭ ନଥିବ ।

ଆଜି ଯାହାର ଏ ଜ୍ଞାନ ନାହିଁ, ବହୁ ଘାତ-ପ୍ରତିଘାତ ଦେଇ ତା’ ଭିତରେ ଦିନେ, ବହୁ ଜନ୍ମ ପରେ ଏ ଜ୍ଞାନ ଉନ୍ମୀଳିତ ହେବ ।

କିନ୍ତୁ ଜୀବନରେ ତୀବ୍ର ହାତାଶା-ପୀଡ଼ିତ ହୋଇ ପ୍ରବଳ ବିକ୍ଷୋଭବଶତଃ ଆମର ଅନ୍ୟତମ ତୁଙ୍ଗ ସାହିତ୍ୟିକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଳି ଜଣେ ଯଦି ଭଗବାନଙ୍କୁ

କହିପାରିବେ, ''ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ, ଯାହା ଦେଇଥିଲ ସବୁ ତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ ।'', ତେବେ ଆମକୁ ବୁଝିବାକୁ ହେବ ଯେ (୧) ସେ ଭଗବାନଙ୍କ ଉପରେ ଅକୁଣ୍ଠ ବିଶ୍ୱାସୀ ଏବଂ ଭଗବାନଙ୍କ ସହ ନିଜ ଅନ୍ତରଙ୍ଗତାହିଁ ତାଙ୍କୁ ଏଭଳି ଅଭିମାନ ଶାଣିତ ଅଭିଯୋଗ କରିବାର ଅଧିକାର ଦେଇଛି, ତଥା (୨) ସୂକ୍ଷ୍ମ ସ୍ତରରେ ସେ ବିକ୍ଷୋଭରୁ ଉତ୍ତୀର୍ଣ୍ଣ । ସାର୍ଥକ ହୋଇଛି ତାଙ୍କ ଜୀବନରେ ଦୁଃଖ ଯନ୍ତ୍ରଣାର ଅଭିଜ୍ଞତା ।

ଅର୍ଥାତ୍ ଭଗବାନଙ୍କ ଉପରେ ଏହି ସ୍ତରର ବିଶ୍ୱାସ ସହକାରେ ଯଦି ଜଣେ ତାଙ୍କୁ କିଛି ମାଗୁଥାଏ, ତେବେ ସେ ମାଗୁଣି ପ୍ରାର୍ଥୀର ଚେତନାଗତ ପ୍ରଗତିରେ ଅନ୍ତରାୟ ନ ହେଲେ ଭଗବାନ୍ ତାହା ମଞ୍ଜୁର କରିପାରନ୍ତି; ଯଦି ନ କରିବେ ତେବେ କିନ୍ତୁ ପ୍ରାର୍ଥୀ ମନରେ ହତାଶା ଆସିବ ନାହିଁ । ସାମୟିକ ହତାଶା ଆସିଲେ ମଧ୍ୟ ମାଗୁଣି ମଞ୍ଜୁର ନ ହେବାହିଁ ଶୁଭଙ୍କର ହୋଇଛି ବୋଲି ପ୍ରାର୍ଥୀ ଯଥା ସମୟରେ ବୁଝିପାରିବ ।

ପ୍ରଶ୍ନର ପରବର୍ତ୍ତୀ ଦିଗକୁ ଆସନ୍ତୁ । ଆମେ ଭଗବାନଙ୍କୁ କିଛି ମାଗିବା କି ନାହିଁ । ଆପଣ ଯଦି ଆମ ମହାନ୍ କବି ବୈକୁଣ୍ଠନାଥଙ୍କ ଭଳି ଅନୁଭୂତି-ସମୃଦ୍ଧ ହୋଇ କହିପାରିବେ ''ଜୀବନ ପାତ୍ର ମୋ ଭରିଛ କେତେ ମତେ, ନ ଦେଲ ବୋଲି କିଛି କହିବି କି ହେ ଆଉ'', ତେବେ କିଛି ମାଗିବାର ପ୍ରଶ୍ନ ଉଠିବ ନାହିଁ । କବି ତାଙ୍କ ଦୈନନ୍ଦିନ ଜୀବନରେ ସର୍ବଦା ଏଭଳି ଚେତନାରେ ଥିଲେ କି ନାହିଁ ଆମେ ଜାଣୁନା, କିନ୍ତୁ ପ୍ରେରଣାର ଏକ ଦେବ ମୁହୂର୍ତ୍ତରେହିଁ ଏଭଳି ବାକ୍ୟଟିଏ ଉଚ୍ଚାରିତ ହେବା ସମ୍ଭବ । କବି ଆମରି ଭଳି ସାମାଜିକ ଜୀବନଯାପନ କରୁଥିଲେ; ଜଣେ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷକ ରୂପେ, ପରିବାରର କର୍ତ୍ତା ରୂପେ ତାଙ୍କୁ ଗତାନୁଗତିକ ବହୁ ସମସ୍ୟାକୁ ସାମନା କରିବାକୁ ପଡ଼ିଥିବ । କିନ୍ତୁ ଏହା ଲେଖିବାବେଳେ ସେ ଥିଲେ ଋଷି-ପ୍ରାଣୋଚିତ ଚେତନାରେ ।

ତେବେ କାନ୍ତକବି ଓ ବୈକୁଣ୍ଠନାଥଙ୍କ ଦୃଷ୍ଟାନ୍ତ ଅନ୍ତର୍ଭୁକ୍ତ ମାଗିବା, ନ ମାଗିବା ଏବଂ ବଞ୍ଚିତ ହୋଇ ଅଭିମାନ ଅଭିଯୋଗ କରିବାର ସ୍ତର ଯେ ମାମୁଲି ନୁହେଁ, ଏକଥା କହିବା ବାହୁଲ୍ୟ । ମାମୁଲି ସ୍ତରରେ ଲୋକେ ଜଣେ କ୍ଷମତାଶୀଳ ପଦାଧିକାରୀଠାରୁ କିଛି ସୁବିଧା ପାଇବା ନିମନ୍ତେ ଯେମିତି ନିଷ୍ପ୍ରାଣ ସ୍ତୁତି ଶୁଣାନ୍ତି ଅଥବା ଭେଟି ଦିଅନ୍ତି, ଦିଅଁଙ୍କ ପାଖରେ ମଧ୍ୟ ପ୍ରାୟ ସେମିତି କରିଥା'ନ୍ତି । ଏମିତି ବି ଘଟିପାରେ; ଜଣେ ବିତ୍ତବାନ୍ ଭଦ୍ରଲୋକ ତାଙ୍କ ଗାଁ ଠାକୁରାଣୀଙ୍କ ପାଖକୁ ଗୁମାସ୍ତାଙ୍କୁ ପଠାଇବା ଅବସରରେ କହୁଛନ୍ତି, ''ପୂଜାରୀଙ୍କୁ କହିବ, ଆମ କାମଟି ହୋଇଗଲେ ଗଣ୍ଡାଏ ଛେଳି ବଳି ଦେବା !'' ଗୁମାସ୍ତା ବାହାରି ଯିବାବେଳକୁ ଭଦ୍ରଲୋକଙ୍କ ସୁପତ୍ନୀ ଗୁମାସ୍ତାଙ୍କୁ ଚୁପି ଚୁପି ପରାମର୍ଶ ଦେଉଛନ୍ତି, ''ଗଣ୍ଡାଏ ନୁହେଁମ, ଯୋଡ଼ିଏ ବୋଲି କହିବ !'' ଭଦ୍ରମହିଳା ଭାବିଥିବେ, ଗାଁ ଠାକୁରାଣୀଙ୍କର ଆଶା ବା କେତେ ହୋଇଥିବ !

ଏଭଳି ମାଗୁଣି ସହ ଭକ୍ତି, ସମର୍ପଣ ବା ମହତ୍ତର ଭାବାବେଗର ସମ୍ପର୍କ ନାହିଁ । କେବେ କେବେ ଦିଅଁଙ୍କ ପାଖରେ ଚାତୁର୍ଯ୍ୟର ପରାକାଷ୍ଠା ମଧ୍ୟ ପ୍ରଦର୍ଶିତ ହୁଏ । (ଯେମିତି ଏକ ତରୁଣୀର ଅଳି : ''ଦେବୀ ! ମୋ ନିଜ ପାଇଁ କିଛି ମାଗୁ ନାହିଁ; ତେବେ ମୋ ମାଆର ଲୋଡ଼ା ଜଣେ ଉତ୍ତମ ଜାମାତା; ଦରମା ଓ ଉପୁରି ମନ୍ଦ ହୋଇ ନ ଥିବ !'') ଅନେକ ସମୟରେ ଅଜ୍ଞ ଲାଳସା ଚାଳିତ, କେବେ କେବେ ଅନ୍ୟର ଅନିଷ୍ଟକାମୀ ମାଗୁଣିମାନ ମଧ୍ୟ ଦେବାଳୟ ଭିତରେ ପେସ କରାହୁଏ । ସେସବୁରୁ ମଜା ଉଠାଇବା ନିମନ୍ତେ ଅନେକ ଅତିଭୌତିକ ଦୁଷ୍ଟ ଶକ୍ତି ଉତ୍ସୁକ ଥା'ନ୍ତି । ପ୍ରାୟତଃ ପ୍ରାର୍ଥୀ ମନରେ ସେସବୁ ପୂରଣ ହେବାର ସୂଚନା ଦେଇ ସେମାନେ ପରେ ତାକୁ କଲବଲ କରନ୍ତି । ସେତିକିରେ ସେମାନଙ୍କର ତୃପ୍ତି । ତେବେ ଅଜ୍ଞତା ବହୁ ସମୟରେ ନିରୀହତା ବି ହୋଇଥାଇ ପାରେ । ତେଣୁ ପ୍ରତ୍ୟେକଙ୍କ ବ୍ୟାପାର ସ୍ୱତନ୍ତ୍ର ।

ସାଧାରଣ ଭାବରେ ଏତିକି କୁହାଯାଇ ପାରେ, ଯଦି ଭଗବାନଙ୍କ ଉପରେ ଆପଣଙ୍କର ବିଶ୍ୱାସ ଥିବ, ତେବେ ଯେପର୍ଯ୍ୟନ୍ତ ଆପଣ ସ୍ୱତଃସ୍ଫୂର୍ତ୍ତ ଭାବରେ କିଛି ମାଗିବାର ଆବଶ୍ୟକତାରୁ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ମାଗିବାରେ କୌଣସି କ୍ଷତି ନାହିଁ । ଅନ୍ତତଃ ମାଗିବା ବେଳେ ଆମେ ତାଙ୍କୁ ସ୍ମରଣ କରିବାକୁ ତ ବାଧ୍ୟ । ଆପଣଙ୍କ ବିଶ୍ୱାସର ମାତ୍ରା ଉଚ୍ଚ ହୋଇଥିଲେ ଆପଣଙ୍କ ମାଗୁଣି ମଞ୍ଜୁର ନ ହେଲେ ମଧ୍ୟ ଭଗବାନଙ୍କ ସହ ଆପଣଙ୍କ ସମ୍ପର୍କରେ ମାଧୁର୍ଯ୍ୟରେ କିଛି ହେଲେ ବ୍ୟତିକ୍ରମ ହେବ ନାହିଁ ।

**– ମନୋଜ ଦାସ** ❑

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935 / 9442249355
Email :sales@ayurlabsindia.com
Website: www.ayurlabsindia.com

**Vol. LIII, No. 4** **R.N.I. No. 18163/70.**
Navaprakash (Monthly), April, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**